# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୯/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, January 19/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 57 | ମୂଲ୍ୟ ₹୭/-



## ଶ୍ରୀ ରାମ ଜନ୍ମଭୂମି ମନ୍ଦିର, ଅଯୋଧ୍ୟା

# ରାମଲାଲା ପ୍ରାଣ ପ୍ରତିଷ୍ଠା ଉତ୍ସବ

ପୌଷ ଶୁକ୍ଳ ଦ୍ୱାଦଶୀ, ବିକ୍ରମ ସମ୍ବତ୍ ୨୦୮୦
ସୋମବାର, ୨୨ ଜାନୁଆରୀ ୨୦୨୪, ସମୟ: ଅପରାହ୍ନ ୧୨.୨୦



## ସଦୟ ଉପସ୍ଥିତି

**ମହନ୍ତ ନିତ୍ୟ ଗୋପାଳଦାସ ଜୀ ମହାରାଜ**
ଅଧ୍ୟକ୍ଷ, ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର

**ମାନ୍ୟବର ନରେନ୍ଦ୍ର ଭାଇ ମୋଦୀ ଜୀ**
ପ୍ରଧାନମନ୍ତ୍ରୀ, ଭାରତ ସରକାର

**ଡକ୍ଟର ମୋହନରାଓ ଭଗବତ୍ ଜୀ**
ସରସଂଘଚାଳକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ

**ଆନନ୍ଦିବେନ୍ ପଟେଲ ଜୀ**
ରାଜ୍ୟପାଳ, ଉତ୍ତରପ୍ରଦେଶ

**ଯୋଗୀ ଆଦିତ୍ୟନାଥ ଜୀ ମହାରାଜ**
ମୁଖ୍ୟମନ୍ତ୍ରୀ, ଉତ୍ତରପ୍ରଦେଶ

ପ୍ରାୟ ୧୨୫ ଭାରତୀୟ ପରମ୍ପରାର ସନ୍ଥ ଏବଂ ସିଦ୍ଧ ପୁରୁଷଗଣ ତଥା ବିଭିନ୍ନ କ୍ଷେତ୍ରର ୨୫୦୦ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏହି ଅବସରରେ ଉପସ୍ଥିତ ରହିବେ

ଆସନ୍ତୁ, ଆମେ ସମସ୍ତେ ମଧ୍ୟ ଆମ ନିଜର ଗ୍ରାମ / ସ୍ଥାନୀୟ ଅଞ୍ଚଳ / କଲୋନୀକୁ ରାମ ମୟୀ କରିବା।

ଏହି ଐତିହାସିକ ମୁହୂର୍ତ୍ତଗୁଡ଼ିକରେ
ଭଜନ କୀର୍ତ୍ତନ ଗାନ କରି ଭାରତକୁ ରାମ ମୟୀରେ ରଙ୍ଗିନ କରି
ଆମ ଘରମାନଙ୍କର ଦ୍ୱାରମୁହଁମାନଙ୍କରେ ପ୍ରଦୀପ ପ୍ରଜ୍ୱଳନ କରି

## ଆନନ୍ଦ ଉତ୍ସବ ପାଳନ କରନ୍ତୁ ଏବଂ ରାମ ଲାଲାଙ୍କୁ ସ୍ୱାଗତ କରନ୍ତୁ

- ଆପଣଙ୍କର ନିକଟବର୍ତ୍ତୀ ମନ୍ଦିର ପ୍ରାଙ୍ଗଣରେ ମକର ସଂକ୍ରାନ୍ତିଠାରୁ ୨୨ ଜାନୁଆରୀ ପର୍ଯ୍ୟନ୍ତ ଏକ ସ୍ୱଚ୍ଛତା ଅଭିଯାନ ଚଳାଇ ରଖନ୍ତୁ।
- ଆପଣଙ୍କର ନିକଟବର୍ତ୍ତୀ ଏକ ମନ୍ଦିରରେ ୨୨ ଜାନୁଆରୀ ଦିନ ସାମୂହିକ ଭାବରେ ରାମ ନାମ ସଂକୀର୍ତ୍ତନ ପରିବେଷଣ କରନ୍ତୁ।
- ଆପଣଙ୍କର ନିକଟବର୍ତ୍ତୀ ମନ୍ଦିରରେ ଏକ ଟିଭି / ଏଲ୍ଇଡି / ପରଦା ଟାଙ୍ଗି ସାମୂହିକ ଭାବରେ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ଦେଖନ୍ତୁ।
- ପ୍ରାଣ ପ୍ରତିଷ୍ଠା ପରେ ଆପଣଙ୍କର ଗ୍ରାମ / କଲୋନୀ / ସ୍ଥାନୀୟ ଅଞ୍ଚଳରେ ପ୍ରସାଦ ବଣ୍ଟନ କରନ୍ତୁ।
- ପ୍ରାଣ ପ୍ରତିଷ୍ଠା ଦିବସରେ ସନ୍ଧ୍ୟା ସମୟରେ ଆପଣଙ୍କ ଘରର ଦ୍ୱାରମୁହଁ ଏବଂ କର୍ମସ୍ଥଳୀ / ଦୋକାନର ଦ୍ୱାରମୁହଁରେ ନିହାତି କମ୍‌ରେ ପାଞ୍ଚ ଗୋଟି ପ୍ରଦୀପ ପ୍ରଜ୍ୱଳନ କରନ୍ତୁ।
- ପ୍ରାଣ ପ୍ରତିଷ୍ଠା ଦିବସ ପରେ ଦର୍ଶନ ପାଇଁ ଆପଣଙ୍କର ସୁବିଧା ଅନୁସାରେ ଯେ କୌଣସି ସମୟରେ ଅଯୋଧ୍ୟା ଭ୍ରମଣରେ ଆସନ୍ତୁ।

Regd. 76/1683 | PAN. AAZTS6197B

## ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର

କ୍ୟାମ୍ପ ଅଫିସ୍: ମନ୍ଦିର ନିର୍ମାଣ କାର୍ଯ୍ୟଶାଳା, ରାମଘାଟ ଚୌରାହ, ଅଯୋଧ୍ୟା-୨୨୪୧୨୩

ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୯/୨୦୨୪
Bhubaneswar, Friday, January 19/2024



ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୯/୨୦୨୪
Bhubaneswar, Friday, January 19/2024

DADLS-84

# ଜୟ ଜଗନ୍ନାଥ






ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ
ସମ୍ପୂର୍ଣ୍ଣ ହୋଇଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ











ବିଶ୍ୱର ଅଗଣିତ ଜଗନ୍ନାଥପ୍ରେମୀ ଭକ୍ତବୃନ୍ଦଙ୍କୁ ଶୁଭେଚ୍ଛା ଓ ଶୁଭକାମନା

OIPR-15001/13/0271/2324

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପାପ କଲେ ପେଟ ପୂରଇ ନାହିଁ**
**ଆଶା ଥିଲେ ଶୋଷ ମେଣ୍ଟଇ ନାହିଁ।**

ସାଧାରଣତଃ ଅର୍ଜିଥିବା ପାପଧନ କୌଣସି ସତ୍‌କର୍ମରେ ଲାଗି ନ ଥାଏ। ଏହା ଅସଲ ବେଳରେ କାମ ନ ଦେବା ସହ ବ୍ୟକ୍ତିଙ୍କୁ ଭୋଗ ହୋଇ ନ ଥାଏ। ଏହା ହିଁ ଚିରନ୍ତନ ସତ୍ୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପୁଅ କାହାର ଝିଅ କାହାର**
**ବାଇଦ ବାଜୁଛି ଆରତିଆର।**

ସଂସାରରେ ପ୍ରତି ଘରର ପୁଅ ଝିଅ ବଦଳ ରୀତିରେ ଉପସ୍ଥାପିତ ହୋଇଥାନ୍ତି। ଅର୍ଥାତ୍ ବୈବାହିକ ରୀତିରେ ଜୀବନ ନିର୍ବାହ କରିଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଝିଅ ପାଇଁ ମନ୍ଦିର ଗଢ଼ିଲେ ଦମ୍ପତି

କାଳିପଦା,୧୮।୧(ରାଜଶ୍ରୀ ପାଣିଗ୍ରାହୀ)


ହରିଦ୍ରା ଗଣେଶଙ୍କ ପ୍ରତିମୂର୍ତ୍ତି ନିକଟରେ ଦମ୍ପତି ଓ ଝିଅ, ପୁଅ।

କନ୍ୟାରତ୍ନ କର ଯତ୍ନ। ଏଭଳି ସ୍ଲୋଗାନ ଦିଆଯାଇ ଲୋକଙ୍କୁ ସଚେତନ କରାଯାଉଥିଲେ ମଧ୍ୟ ଅନେକ ସମୟରେ ଝିଅମାନଙ୍କୁ ହତାଦର କରାଯାଉଥିବା ନଜିର ଦେଖିବାକୁ ମିଳେ। ହେଲେ ବାଲେଶ୍ୱର ଜିଲା ବସ୍ତା ବ୍ଲକ ଇଡ଼ିଦା ପଞ୍ଚାୟତରେ ରାଜୁଆପଡ଼ା ଗ୍ରାମର ଏକ ଦମ୍ପତି କନ୍ୟାପ୍ରାପ୍ତି ପରେ ମାନସିକ ପୂରଣ ଉଦ୍ଦେଶ୍ୟରେ ଏକ ମନ୍ଦିର ଗଢ଼ି ସମାଜ ପାଇଁ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି।

ଇଞ୍ଜିନିୟର ଅଶ୍ୱିନୀ ପଣ୍ଡା ଓ ତାଙ୍କ ସହଧର୍ମିଣୀ ଅଞ୍ଜନା ପଣ୍ଡାଙ୍କର ପ୍ରଥମେ ଗୋଟିଏ ପୁତ୍ର ସନ୍ତାନ ଥିଲା। ମାତ୍ର ଝିଅଟିଏ ପାଇଁ ସେ ଗଣେଶଙ୍କ ପାଖରେ ମାନସିକ କରିଥିଲେ। ତାଙ୍କର କନ୍ୟାସନ୍ତାନ ପ୍ରାପ୍ତ ହେବା ପରେ ଦମ୍ପତି ନିଜ ଉଦ୍ୟମ ଓ ଅର୍ଥ ଖର୍ଚ୍ଚ କରି ନିଜର ମାନସିକ ପୂରଣ ପାଇଁ ଗ୍ରାମରେ ଏକ ଗଣେଶ ମନ୍ଦିର ପ୍ରତିଷ୍ଠା କରିଛନ୍ତି। ରାଜୁଆପଡ଼ାର ଗ୍ରାମବାସୀ ଏଥିରେ ପୂର୍ଣ୍ଣ ସହଯୋଗ କରିଛନ୍ତି। ୧୫ ତାରିଖ ସୋମବାର ଅଙ୍କୁରାରୋପଣ ଅଧିବାସ, ୧୬ ତାରିଖ ମଙ୍ଗଳବାର ମନ୍ଦିର ପ୍ରାଙ୍ଗଣରେ ରୁଦ୍ରାଭିଷେକ, ୧୭ତାରିଖ ଗ୍ରାମର ଶତାଧିକ ମହିଳା ଭକ୍ତଙ୍କ କଳସ ଶୋଭାଯାତ୍ରା ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଥିଲା। ଆଧ୍ୟାତ୍ମିକ ବାତାବରଣ ପରିସରରେ ହୋମଯଜ୍ଞ ସଂକୀର୍ତ୍ତନ ଓ ବ୍ରାହ୍ମଣମାନଙ୍କ ବେଦ ପାଠରେ ପ୍ରକମ୍ପିତ ହୋଇଉଠିଥିଲା ଆଖପାଖ ଅଞ୍ଚଳ। ଗୁରୁବାର ନବଗ୍ରହ ପ୍ରତିଷ୍ଠା ଓ ପୂର୍ଣ୍ଣ ଆହୁତି ଦିଆଯାଇଛି। ଦମ୍ପତିଙ୍କ ଏଭଳି ପ୍ରୟାସକୁ ସମସ୍ତେ ଭୂରି ପ୍ରଶଂସା କରିଛନ୍ତି। ଆୟୋଜିତ ମହୋତ୍ସବରେ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରସାଦସେବନ କରିଥିଲେ।

# ଅଧା ଓଡ଼ିଶାରେ ଘନକୁହୁଡ଼ି

**ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ**

ଭୁବନେଶ୍ୱର,୧୮।୧(ଅନିଲ ଦାସ)

ଶୀତର ପ୍ରକୋପ ନ ଥିବା ବେଳେ ସମଗ୍ର ରାଜ୍ୟକୁ କୁହୁଡ଼ି କବଳିତ କରିଛି। ଦିନ ୧୦ଟା ଯାଏ ବାୟୁମଣ୍ଡଳ ଧୂମମୟ ହୋଇ ରହୁଛି। ବର୍ଷାର ଭ୍ରମ ସୃଷ୍ଟି ହେଉଛି। ଚାରିଆଡ କୁହୁଡ଼ିର ଧଳା ଆସ୍ତରଣରେ ଢାଙ୍କିହୋଇ ଯାଉଛି। ଖାଲି ଆଖିରେ ୫୦ ମିଟର ଦେଖିବା କଷ୍ଟକର ହୋଇପଡୁଛି। ଗତ କିଛିଦିନ ହେବ ଓଡ଼ିଶାର ଅଧା ଜିଲାକୁ ଏଭଳି ଭାବେ କୁହୁଡ଼ି ଘେରି ରହୁଛି। ଆହୁରି ସପ୍ତାହେ ଯାଏ ରାଜ୍ୟର ଅଧିକାଂଶ ଜିଲାରେ ଘନକୁହୁଡ଼ି ହେବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଓଡ଼ିଶା ଉପକୂଳ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗୁରୁଚାପ ବଳୟ ପ୍ରଭାବରେ ରାଜ୍ୟରେ କୁହୁଡ଼ି ପରିମାଣ ବୃଦ୍ଧି ପାଇଛି। ଆନ୍ଧ୍ର ଉପକୂଳ ଦେଇ ଓଡ଼ିଶାକୁ ଜଳୀୟକଣା ମିଶା ବାୟୁ ପ୍ରବାହିତ ହେଉଛି। ଏହାର ପ୍ରଭାବରେ ଉପକୂଳ ଓଡ଼ିଶା ସମେତ ରାଜ୍ୟର ଅଧିକାଂଶ ଜିଲାରେ ଘନକୁହୁଡ଼ି ସୃଷ୍ଟି ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା, କଟକ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ବଲାଙ୍ଗୀର, ସୋନପୁର ଏବଂ ବୌଦ୍ଧ ଜିଲାର କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ଏହି ଜିଲାରେ ଦୃଶ୍ୟମାନ ୨୦୦ ମିଟରରୁ କମ୍ ରହିବ। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୨୦ ତାରିଖରେ କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର ଏବଂ ନୟାଗଡ଼ ଜିଲାରେ ପ୍ରବଳ କୁହୁଡ଼ି ହେବ। ୨୧ ତାରିଖରେ ମଧ୍ୟ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, ବଲାଙ୍ଗୀର, ବୌଦ୍ଧ ଏବଂ ସୋନପୁର ଜିଲାରେ ପ୍ରବଳ କୁହୁଡ଼ି ହେବ ବୋଲି ସତର୍କ ସୂଚନା ଜାରି କରାଯାଇଛି। ଘନକୁହୁଡ଼ିକୁ ଦୃଷ୍ଟିରେ ରଖି ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ନେବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଘନକୁହୁଡ଼ି ଯାତାୟାତରେ ବାଧା ସୃଷ୍ଟି କରିବ। ଏହାକୁ ଦୃଷ୍ଟିରେ ରଖି ପୋଲିସ ଓ ପରିବହନ ବିଭାଗ ଜାତୀୟ ରାଜପଥରେ ଗାଡ଼ି ଚଳାଚଳକୁ ନିୟନ୍ତ୍ରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୁହୁଡ଼ି ଯୋଗୁ ରାଜ୍ୟରେ ଶୀତ ହ୍ରାସ ପାଇଛି। ବୁଧବାର କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୯.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ଅଭିଯୋଗ

ବାରିପଦା,୧୮।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅଧୀନ ଲହଣ୍ଡାକଟା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳାଙ୍କୁ ତାଙ୍କ ସମ୍ପର୍କୀୟ ବଳାତ୍କାର ପରେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ନେଇ ମୃତ ମହିଳାଙ୍କ ସ୍ୱାମୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୨୦/୨୪) ରୁଜୁ କରି ଜଣଙ୍କୁ ଥାନାରେ ଅଟକ ରଖିଛି। ସାଇଣ୍ଟିଫିକ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରିଥିବା ବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇଛି। ମୃତ ମହିଳା ଜଣକ ହେଲେ ବୋଲାଇ ମୁର୍ମୁଙ୍କ ସ୍ତ୍ରୀ ମିନତୀ।

ସୂଚନାଯୋଗ୍ୟ, ବୁଧବାର ରାତିରେ ମକର ମେଳା ଦେଖିବା ପାଇଁ ସ୍ୱାମୀ ବୋଲାଇ ନିକଟସ୍ଥ ଗାଁକୁ ଯାଇଥିଲେ। ବିଳମ୍ବିତ ରାତିରେ ଘରକୁ ଫେରି ସ୍ତ୍ରୀ ମିନତୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିରହିଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ପୂର୍ବରୁ ମିନତୀଙ୍କୁ ତାଙ୍କ ଦିଅର ଓ ପୁତୁରା ଡାହାଣୀ ସନ୍ଦେହ କରି ଆସୁଥିଲେ। ଏନେଇ ଅନେକ ସମୟରେ ଗଣ୍ଡଗୋଳ ଲାଗି ରହୁଥିଲା। ଡାହାଣୀ ସନ୍ଦେହରେ ମିନତୀଙ୍କୁ ହତ୍ୟା କରାଯାଇଥିବା ନେଇ ସ୍ୱାମୀ ବୋଲାଇ ସନ୍ଦେହ କରି ସୋସିଆଲ ମିଡିଆରେ ପ୍ରକାଶ କରିଛନ୍ତି। ମାତ୍ର ଅଭିଯୋଗରେ ଏପରି କୌଣସି ଘଟଣା ସମ୍ପର୍କରେ ଲିଖିତ ଭାବେ ଦର୍ଶାଯାଇ ନ ଥିବା ତଦନ୍ତକାରୀ ଅଧିକାରୀ ପ୍ରକାଶ କରିଛନ୍ତି।

# ଥାନା ସୀମାକୁ ନେଇ ୪ ଘଣ୍ଟା ପଡ଼ିରହିଲା ମୃତଦେହ

**ପୋଲ ତଳକୁ ଖସି ୨ବାଇକ୍ ଆରୋହୀଙ୍କ ମୃତ୍ୟୁ**

ସୁନ୍ଦରଗଡ଼,୧୮।୧
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ମାନମୁଣ୍ଡା ନିକଟ ଏକ ପୋଲ ତଳକୁ ବୁଧବାର ସନ୍ଧ୍ୟାରେ ଭାରସାମ୍ୟ ହରାଇ ଏକ ବାଇକ୍ ଖସିପଡିବାରୁ ୨ ଆରୋହୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ବିଜୁଲିଖମଣ ଗ୍ରାମର ଅଜୁ ମାଝି(୨୧) ଓ ସାବିନ୍ଦ୍ର କିଷାନ(୨୪)। ଏନେଇ ସଦର ଥାନା ପୋଲିସ ଏକ ମାମଲା (ନଂ ୩୧/୨୪) ରୁଜୁ କରି ଘଟଣାର ତଦନ୍ତ କରୁଛି। ତେବେ ଦୁର୍ଘଟଣା ଘଟିଥିବା ସ୍ଥାନଟି କେଉଁ ଥାନା ଅଧୀନରେ ଯାଉଛି, ସେ ନେଇ ନିଷ୍ପତ୍ତି ହୋଇ ନ ପାରିବାରୁ ମୃତଦେହ ୪ଘଣ୍ଟା ପଡିରହିଥିଲା। ବୁଧବାର ଅଜୁ ଓ ସାବିନ୍ଦ୍ର ଫୁଟ୍‌ବଲ ଖେଳିବା ପାଇଁ ବଡ଼ଗାଁ ଅଞ୍ଚଳକୁ ଯାଇଥିଲେ। ସନ୍ଧ୍ୟାରେ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଏକ ପୋଲ ତଳକୁ ଖସିପଡିଥିଲେ। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଦୁହେଁ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ହେଁ ସେମାନଙ୍କୁ ପାଇ ନ ଥିଲେ। ଗୁରୁବାର ସକାଳେ ଜଣେ ପାଣି ଭିତରେ ଓ ଅନ୍ୟ ଜଣେ ନାଳ କୂଳରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ସେମାନଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଧରୁଆଡିହି ଥାନା ପୋଲିସକୁ ଖବର ଦେଇଥିଲେ। ମାତ୍ର ଦୁର୍ଘଟଣା ସ୍ଥାନଟି ସୁନ୍ଦରଗଡ଼ ସଦର ଥାନା ଅଞ୍ଚଳରେ ହୋଇଥିବାରୁ ଧରୁଆଡିହି ପୋଲିସ ସଦର ଥାନା ପୋଲିସକୁ ଖବର ଦେଇଥିଲା। ୪ଘଣ୍ଟା ପରେ ସଦର ଥାନା ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା।

# ପରିକ୍ରମା ମାର୍ଗ ପ୍ରଦକ୍ଷିଣକଲେ ୧୦ ହଜାର ଭକ୍ତ

**ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ପରିକ୍ରମା ପ୍ରକଳ୍ପ ଯାତ୍ରା**

ପୁରୀ, ୧୮।୧(ଅଜିତ ମହାନ୍ତି)


ପରିକ୍ରମା ପ୍ରକଳ୍ପ ଯାତ୍ରାରେ ଶ୍ରଦ୍ଧାଳୁ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରେ ଗୁରୁବାର ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ପରିକ୍ରମା ପ୍ରକଳ୍ପ ଯାତ୍ରା ଆରମ୍ଭ ହୋଇଛି। ପୁରୀ ବୀରହରେକୃଷ୍ଣପୁର ଛକରୁ ଏହି ଯାତ୍ରା ଆରମ୍ଭ ହୋଇ ଶ୍ରୀକ୍ଷେତ୍ରରେ ପହଞ୍ଚିଥିଲା। ଏହି ସମୟରେ ପାରମ୍ପରିକ ବାଦ୍ୟ, ସଂକୀର୍ତ୍ତନ ସହିତ ଜୟ ଜଗନ୍ନାଥ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଏଥିରେ ସମସ୍ତ ଜିଲାରୁ ୧୦ ହଜାରରୁ ଅଧିକ ଛାତ୍ର ଓ ଯୁବ ବିଜେଡି କର୍ମୀ, ନେତା ସାମିଲ ହୋଇଥିଲେ।

ସଂକୀର୍ତ୍ତନ ସମେତ ଘଣ୍ଟ, ବାଦ୍ୟ ଓ ମେଢ଼ ନୃତ୍ୟରେ ଭକ୍ତମାନେ ଚାରିନଳା, ଅଠରନଳା, ମେଡିକାଲ ଛକ, ବଡ଼ଦାଣ୍ଡ, ମାର୍କେଟ ଛକ ଦେଇ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ପରିକ୍ରମା ପ୍ରକଳ୍ପ ମାର୍ଗ ପ୍ରଦକ୍ଷିଣ କରିଥିଲେ। ସେହିପରି କେତେଜଣ ବିଧାୟକଙ୍କ ସମେତ ବିଜୁ ଛାତ୍ର ଓ ଯୁବ ଜନତା ଦଳର କର୍ମକର୍ତ୍ତା ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ମହାପ୍ରଭୁଙ୍କ କୃପା ତଥା ଆଶିଷରୁ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ସଫଳତାର ସହ ସୁରୁଖୁରୁରେ ସମ୍ପନ୍ନ ହେଲା। ଭକ୍ତଙ୍କ ପାଇଁ ପରିକ୍ରମା ମାର୍ଗ ଖୋଲାଯାଇଛି। ଏବେ ଭକ୍ତମାନେ ସୁବିଧାରେ ଶ୍ରୀମନ୍ଦିର ଚାରିପଟେ ପ୍ରଦକ୍ଷିଣ କରିପାରିବେ। ଆମେମାନେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରି ନିଜକୁ ଧନ୍ୟ ମନେକରିବା ସହ ଖୁସି ଅନୁଭବ କରୁଛୁ ବୋଲି ଏହି କାର୍ଯ୍ୟକ୍ରମରେ ସାମିଲ ଥିବା ଅନେକ ଭକ୍ତ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା, ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ, ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ଏବଂ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ରାଜ୍ୟ ଯୁବ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆ ଏବଂ ବିଜେଡି ନେତା ନାରାୟଣ ସ୍ୱାଇଁ ପରିଚାଳନା କରିଥିଲେ।


ଲାଇନଚ୍ୟୁତ ହୋଇଥିବା ମାଲବାହୀ ଟ୍ରେନ୍।

# କମଳାଙ୍ଗ ଷ୍ଟେଶନ ନିକଟରେ ମାଲଗାଡ଼ି ଲାଇନଚ୍ୟୁତ

ଢେଙ୍କାନାଳ,୧୮।୧(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆ ଥାନା କମଳାଙ୍ଗ ରେଳଷ୍ଟେଶନ ନିକଟରେ ଗୁରୁବାର ଭୋର ୪ଟାରେ ମାଲ୍‌ଗାଡ଼ିର ଇଞ୍ଜିନ ସହିତ ୬ଟି ଡବା ଲାଇନଚ୍ୟୁତ ହୋଇଥିଲା। ଫଳରେ ଦୀର୍ଘସମୟ ଧରି ରେଳ ଚଳାଚଳ ବହୁ ବାଧାପ୍ରାପ୍ତ ହୋଇଥିଲା। ପ୍ରକାଶ ଯେ, ଯାଜପୁର ଜିଲା ଢୁବୁରୀରେ କୋଇଲା ଖାଲିକରି ଏକ ମାଲଗାଡ଼ି କମଳାଙ୍ଗ ଓ ବୁଢାପଙ୍କ ଷ୍ଟେଶନ ଦେଇ ତାଳଚେର ଫେରୁଥିବା ବେଳେ କମଳାଙ୍ଗ ଷ୍ଟେଶନ ଅତିକ୍ରମ କରିବା ପରେ ଲାଇନଚ୍ୟୁତ ହୋଇଥିଲା। ଖବରପାଇ ରେଳୱେ ଏଡିଆରଏମ୍ କଲ୍ୟାଣ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ମାଲ୍‌ବାହୀ ଟ୍ରେନ୍‌ଟି କୌଣସି କାରଣବଶତଃ ଭୁଲ ଲାଇନରେ ଚାଲିଯିବାରୁ ଏଭଳି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ତାଳଚେରସ୍ଥିତ ବିଭାଗୀୟ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରାଯିବା ସହିତ ଇଞ୍ଜିନ ଚାଳକଙ୍କୁ ପଚରାଉଚରା ଜାରି ରହିଛି। ରେଳୱେ ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ମରାମତି କାର୍ଯ୍ୟ ଚାଲୁ ରଖିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅନୁକୂଳ ଗ୍ରହସ୍ଥିତି ହେତୁ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। ପରିବାର ଭିତରେ କେତେକ ପୁରୁଣା ସମସ୍ୟା ବିଷୟରେ ଆଲୋଚନା କରିବେ। ସ୍ୱାସ୍ଥ୍ୟ ସମସ୍ୟା, ବ୍ୟବସାୟିକ ସ୍ଥିତି, ବନ୍ଧୁମନାନ୍ତରାଦି ଦୁଶ୍ଚିନ୍ତାର କାରଣ ହୋଇପାରେ। ଚିଡ଼ା ସ୍ୱଭାବ ପାଇଁ ପରିବାର ଲୋକମାନେ କ୍ଷୁବ୍ଧ ହୋଇପାରନ୍ତି।

**ବୃଷ**
ପାପଗ୍ରହ ମଧ୍ୟସ୍ଥ ହେଲେ ମଧ୍ୟ ଗୁରୁଯୁକ୍ତ ଚନ୍ଦ୍ର ହେତୁ ମାନସିକ ଭାରସାମ୍ୟ ରଖିବାରେ ସମର୍ଥ ହେବେ। ଅଫିସଆଲି କାମରେ ଟେନସନ୍ କମିଯିବ। ବନ୍ଧୁ ଓ ପରିଜନଙ୍କ ସହାୟତାରେ ତୀର୍ଥାଟନ କଥା ଚିନ୍ତା କରିପାରନ୍ତି। ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ କରିବା ସହ କେତେକ କ୍ଷେତ୍ରରେ ସମସ୍ୟା ଜଡିତ ହୋଇପାରନ୍ତି।

**ମିଥୁନ**
ଏକାଧିକ ଗ୍ରହ ଦୃଷ୍ଟ ଆପଣଙ୍କ ରାଶି କାର୍ଯ୍ୟହାସଲରେ ସମର୍ଥ ହେବାର ସୂଚନା ପ୍ରଦାନ କରୁଛି। କିନ୍ତୁ ଆରଦ୍ରା ନକ୍ଷତ୍ର ବିଭିନ୍ନ ସମସ୍ୟାରେ ଚଳୁଥିବାରୁ ଦୁର୍ଭାବନା ବଢ଼ିଚାଲିବ । ରାଜନୀତିରେ ଉଚ୍ଚ ପଦାଧିକାରୀଙ୍କ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। କର୍ମକ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ସୁଯୋଗ ପାଇବେ।

**କର୍କଟ**
ଭାଗ୍ୟାଧିପ ଯୁକ୍ତ ଚନ୍ଦ୍ର ଯୋଗୁ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଆଲୋଚନା ପରିସରରେ ସାଧାରଣ କଥାରୁ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟ, ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବନ୍ଧୁମିଳନ ଓ ପିଲାଙ୍କ ସହ ଖୁସିଗପର ମଉକା ଜୁଟିବ।

**ସିଂହ**
କର୍ମାଧିପ ମଙ୍ଗଳ ଯୁକ୍ତ ହେତୁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ବନ୍ଧୁଙ୍କ ପରାମର୍ଶରେ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ସାମାନ୍ୟ ଶାରୀରିକ ପୀଡ଼ା ଅନୁଭବ କରିବା ସହ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସାମାଜିକ ସ୍ତରରେ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା**
ରାହୁ ସପ୍ତମରେ ଏବଂ ରାଶିରେ କେତୁ ଯୋଗୁ ରୋଗରେ କଷ୍ଟ ପାଇବେ। କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହି ନାସ୍ତିସୂଚକ ବାଣୀ ଶୁଣାଇପାରନ୍ତି। ଅଫିସରେ ଉଚ୍ଚ ପଦାଧିକାରୀ ସାହାଯ୍ୟ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ଆତ୍ମୀୟସ୍ୱଜନଙ୍କ ବିବାଦୀୟ ଘଟଣାର ପରିସମାପ୍ତି ପାଇଁ ଚିନ୍ତା ବଢ଼ିପାରେ।

**ତୁଳା**
ଚନ୍ଦ୍ର ଓ ବୃହସ୍ପତି ଏକତ୍ର ସପ୍ତମସ୍ଥ ହେତୁ ଯାତ୍ରା, ବାଣିଜ୍ୟ, ବ୍ୟବସାୟରୁ ଲାଭବାନ ହେବେ। ମତାନ୍ତର ଜନିତ ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗିରହିବ। ଆର୍ଥିକ ଅନଟନ, ପାରିବାରିକ ଅସନ୍ତୋଷ, କାର୍ଯ୍ୟହାନି ସକାଶେ ମନ ଅସ୍ଥିର ରହିବ। ଦୈହିକ ଦୁର୍ବଳତା ଯୋଗୁ ମନବଳ କମି ଯାଇପାରେ।

**ବିଛା**
କୋଣଭାବରେ ରାହୁଙ୍କ ଯୋଗୁ କେତେବେଳେ କେଉଁ ସମସ୍ୟା ଆସିଯାଇପାରେ। ଅସାମାଜିକ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଧାର ସୂତ୍ରରେ ଅର୍ଥ ଆଣିବେ ଓ ଏଥିପାଇଁ ବହୁତ ଫନ୍ଦିଫିକର କରିବାକୁ ପଡ଼ିବ। ବ୍ୟବସାୟ, ପରିବହନ, ଆଇନ ଅଦାଲତ ଓ ପ୍ରଶାସନିକ ସ୍ତରରେ ସନ୍ତୋଷଜନକ ଫଳ ପାଇବେ।

**ଧନୁ**
ଅଷ୍ଟମସ୍ଥ ଗୁରୁ ଯୁକ୍ତ ଯୋଗୁ କୌଣସି କଥା ନ ବୁଝି ପ୍ରତ୍ୟେକ କଥାରେ ହଁ ଭରିବା ସମସ୍ୟାର କାରଣ ହୋଇପାରେ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହୋଇପାରନ୍ତି। ଆକସ୍ମିକ ଭାବେ ଘରକୁ ବନ୍ଧୁ କେହି ଆସିପାରନ୍ତି। ବ୍ୟବସାୟିକ ପରିସ୍ଥିତି ପ୍ରାୟତଃ ଏକ ପ୍ରକାର ଭଲ ରହିବ।

**ମକର**
ଯେକୌଣସି ପ୍ରକାରେ ହେଉନା କାହିଁକି ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ସ୍ୱସ୍ଥାନ ହନ୍ତା ବୃହସ୍ପତି ଚତୁର୍ଥସ୍ଥ ଯୋଗୁ ଧୀରେ ଧୀରେ ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ବ୍ୟବସାୟିକସ୍ଥିତି କେତେକାଂଶରେ ପ୍ରାୟତଃ ଭଲ ରହିବ।

**କୁମ୍ଭ**
ନିଜ ରାଶିରେ ଶନି ମିତ୍ରଙ୍କ ସହ ରହିଥିବାରୁ ଭବିଷ୍ୟତରେ ଆଶା ଓ ଅଭିଳାଷ ଅବଶ୍ୟ ପୂରଣ ହୋଇଯିବ। ମନବଳ ଖୁବ୍ ଟାଣ ରହିଲେ ମଧ୍ୟ ଜିଦ୍‌ରେ ଅଟଳ ରହି କର୍ମକ୍ଷେତ୍ରରେ ଅଶାନ୍ତି ସୃଷ୍ଟି କରିପାରନ୍ତି। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପରିବାରରେ ସନ୍ତାନଙ୍କ ସକାଶେ ବ୍ୟସ୍ତତା ବଢ଼ିପାରେ।

**ମୀନ**
ଏକାଧିକଗ୍ରହ ରାଶିସ୍ଥ ଯୋଗୁ କର୍ମକ୍ଷେତ୍ରରେ କୌଣସି ଅସୁବିଧା ନ ଥିଲେ ମଧ୍ୟ ମନ ବ୍ୟତିବ୍ୟସ୍ତ ରହିପାରେ। ପାରିବାରିକ ବୁଝାମଣା ଠିକ୍ ରହିବା ହେତୁ ସାମୟିକ ମନ ଖୁସି ରହିବ। ଅଟକି ରହିଥିବା ଓ ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟରେ ଉପନୀତ ହେବ। ଆର୍ଥିକ ଅନଟନ ଥିଲେ ମଧ୍ୟ ଧାରକରଜ କରି କାମ ଚଳାଇ ନେବାକୁ ବାଧ ହେବେ।

ଆଜି ଜାନୁଆରୀ ୧୯ ତାରିଖ, ପୌଷ ଶୁକ୍ଳ ନବମୀ ଶୁକ୍ରବାର, ରାଶି ନକ୍ଷତ୍ର- ଦ୍ୱିଜା/ମେଷ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୭ ଗତେ ଘ.୦୭।୧୧ ମଧ୍ୟେ, ଘ.୦୭।୫୫ ଗତେ ଘ. ୦୯।୧୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୩୪ ଗତେ ଘ.୧୧।୫୭ ମଧ୍ୟେ ରାହୁ କାଳ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୧୯/୨୦୨୪ | Bhubaneswar, Friday, January 19/2024 | ପୃଷ୍ଠା-୧




**ବିଯୁକ୍ତ ୧ ଡିଗ୍ରୀରେ ପହଁଚିଲେ ସୁସ୍ମିତା**

ଅଭିନେତ୍ରୀ ସୁସ୍ମିତା ସେନ୍ ଆଜରବୈଜାନରେ ବିଯୁକ୍ତ ୧ ଡିଗ୍ରୀ ତାପମାତ୍ରାରେ ପୁଲ୍‌ରେ ପହଁଚିବାର ମଜା ନେଉଥିବାର ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।


୦୮ | ୧୨


**ଗାୟତ୍ରୀଙ୍କୁ ରୌପ୍ୟ ପଦକ**

ଜାତୀୟ ସ୍କୁଲ କ୍ରୀଡ଼ା ୧୯ ବର୍ଷରୁ କମ୍ ଜୁଡୋ ପ୍ରତିଯୋଗିତାରେ ଛାତ୍ରୀ ଗାୟତ୍ରୀ ସବର ରୌପ୍ୟ ପଦକ ହାସଲ କରିଛନ୍ତି।



## ୨୨ରେ ଅଧାଛୁଟି
### କେନ୍ଦ୍ର ପରେ ରାଜ୍ୟ ସରକାର ଘୋଷଣାକଲେ

ଭୁବନେଶ୍ୱର,୧୮।୧(ଅନିଲ ଦାସ)

ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଅଧାଦିନ ଛୁଟି ଘୋଷଣା କରିଛନ୍ତି। ଅପରାହ୍ନ ୨ଟା ୩୦ ମିନିଟ ଯାଏ ସମସ୍ତ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଏ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଅଧାଦିନ ଛୁଟି ଘୋଷଣା ପରେ ସରକାରୀ କର୍ମଚାରୀମାନେ ଘରେ ରହି ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବର ସିଧାପ୍ରସାରଣ ଦେଖିପାରିବେ। ପ୍ରଧାନମନ୍ତ୍ରୀ ଉତ୍ସବର ପ୍ରସ୍ତୁତି ସମ୍ପର୍କରେ ମନ୍ତ୍ରୀମାନଙ୍କଠାରୁ ଅବଗତ ହେବା ସହ ସେମାନଙ୍କୁ ଘରେ ଦୀପ ଜଳାଇବା ଏବଂ ଗରିବଙ୍କୁ ଖାଦ୍ୟ ଦେବା ପାଇଁ ପରାମର୍ଶ ଦେଇଛନ୍ତି। ଉକ୍ତ ଦିନକୁ ଦୀପାବଳି ଭାବେ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ନିବେଦନ କରିଛନ୍ତି। ୨୨ ତାରିଖ ଉତ୍ସବ ପରେ ମନ୍ଦିର ସର୍ବସାଧାରଣଙ୍କ ପାଇଁ ଖୋଲିଲେ ମନ୍ତ୍ରୀମାନେ ସେମାନଙ୍କ ☞ପୃଷ୍ଠା-୬

**ଆଜିର ସମ୍ପାଦକୀୟ**

**ସାମାଜିକ ନୀତି ନିୟମ ଓ ମହିଳା ନିଯୁକ୍ତି**

# ୧୬ ବର୍ଷରୁ କମ୍ ପିଲାଙ୍କୁ କୋଚିଂ ମନା

**କୋଚିଂ ସେଣ୍ଟରଗୁଡ଼ିକ ୧୬ ବର୍ଷରୁ କମ୍ ବୟସର ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇପାରିବେ ନାହିଁ। ସେମାନେ ପିଲାମାନଙ୍କୁ ଭଲ ର‍୍ୟାଙ୍କ୍ କିମ୍ବା ଅଧିକ ନମ୍ବର ପ୍ରଦାନର ମିଥ୍ୟା ପ୍ରତିଶ୍ରୁତି ଦେଇପାରିବେ ନାହିଁ। ଦେଶରେ ଛତୁ ଫୁଟିଲା ଭଳି ଖୋଲୁଥିବା କୋଚିଂ ସେଣ୍ଟରଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ବୁଧବାର ଜାରି କରିଥିବା ନୂଆ ଗାଇଡ୍‌ଲାଇନ୍‌ରେ ଏହା ଉଲ୍ଲେଖ କରାଯାଇଛି। ପ୍ରଥମ ଥର ଏହି ନିୟମାବଳୀର ଉଲ୍ଲଂଘନ କଲେ ସମ୍ପୃକ୍ତ କୋଚିଂ ସେଣ୍ଟରକୁ ୨୫,୦୦୦ ଟଙ୍କା ଜରିମାନା କରାଯିବ। ଦ୍ୱିତୀୟ ଥର ଉଲ୍ଲଂଘନକାରୀଙ୍କୁ ୧ ଲକ୍ଷ ଟଙ୍କା ଜରିମାନା ଏବଂ ତୃତୀୟ ଥର ଅବଜ୍ଞା କଲେ ସମ୍ପୃକ୍ତ କୋଚିଂ ସେଣ୍ଟରର ପଞ୍ଜୀକରଣ ରଦ୍ଦ କରାଯିବ ବୋଲି ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। କୋଚିଂ ସେଣ୍ଟରଗୁଡ଼ିକରେ ବିଭିନ୍ନ ସମୟରେ ଆତ୍ମହତ୍ୟା, ଅଗ୍ନିକାଣ୍ଡ ଓ ରାଗିଂ ଭଳି ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ବିଶେଷକରି ରାଜସ୍ଥାନର କୋଟାରେ ଥିବା କୋଚିଂ ସେଣ୍ଟରଗୁଡ଼ିକରେ ଚାପଗ୍ରସ୍ତ ଛାତ୍ରୀଛାତ୍ର ଅଧିକ ଆତ୍ମହତ୍ୟା କରୁଛନ୍ତି। ୨୦୨୩ରେ କୋଟାରେ ୨୬ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିଲେ, ଯାହାକି ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଅଧିକ। ସେତେବେଳେ ରାଜସ୍ଥାନରେ କଂଗ୍ରେସ ସରକାର କ୍ଷମତାସୀନ ଥିଲା। ଗତ ଡିସେମ୍ବରରେ ଭାଜପା ସରକାର ଗଢ଼ିବା ପରେ ଏବେ କେନ୍ଦ୍ରର ଏହି ନୂଆ ଗାଇଡ୍‌ଲାଇନ୍ ଆସିଛି।**

## ଶିକ୍ଷା ମନ୍ତ୍ରଣାଳୟର ନୂଆ ଗାଇଡ୍‌ଲାଇନ

ନୂଆଦିଲ୍ଲୀ,୧୮।୧

କୋଚିଂ ସେଣ୍ଟରଗୁଡ଼ିକରେ ଆବଶ୍ୟକ ସୁବିଧାର ଅଭାବ ସାଙ୍ଗକୁ ଦୁର୍ବଳ ଶିକ୍ଷା ପଦ୍ଧତି ନେଇ ସରକାର ଅଭିଯୋଗ ପାଇବା ପରେ ଗାଇଡ୍‌ଲାଇନ ଆଣିଛନ୍ତି। ଉକ୍ତ ଗାଇଡ୍‌ଲାଇନ ଅନୁଯାୟୀ କୌଣସି କୋଚିଂ ସେଣ୍ଟର ସ୍ନାତକରୁ କମ୍ ଶିକ୍ଷାଗତ ଯୋଗ୍ୟତା ଥିବା ଶିକ୍ଷକଙ୍କୁ ନିଯୁକ୍ତି ଦେଇପାରିବେ ନାହିଁ। ପିଲାଙ୍କୁ ନାମ ଲେଖାଇବା ପାଇଁ ସେମାନଙ୍କ ଅଭିଭାବକମାନଙ୍କୁ କୋଚିଂ ସେଣ୍ଟର ବିଭ୍ରାନ୍ତିକର ପ୍ରତିଶ୍ରୁତି କିମ୍ବା ଭଲ ର‍୍ୟାଙ୍କ୍ ବା ମାର୍କ ଦେବାର ଗ୍ୟାରେଣ୍ଟି ଦେଇପାରିବେ ନାହିଁ। ୧୬ ବର୍ଷରୁ କମ୍ ବୟସର ପିଲା ନାମ ଲେଖାଇ ପାରିବେ ନାହିଁ। କେବଳ ମାଧ୍ୟମିକ ସ୍କୁଲ ଶିକ୍ଷା ଶେଷ କରିବା ପରେ ଜଣେ କୋଚିଂ ପାଇଁ ନାମ ଲେଖାଇପାରିବେ ବୋଲି ଗାଇଡ୍‌ଲାଇନରେ କୁହାଯାଇଛି। କୋଚିଂ ସେଣ୍ଟରଗୁଡ଼ିକର ଗୁଣବତ୍ତା କିମ୍ବା ସୁବିଧା ଅଥବା ସେଠାରେ ପଢ଼ିଥିବା ପିଲାମାନଙ୍କ ଫଳାଫଳକୁ ନେଇ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ବିଭ୍ରାନ୍ତିକର ବିଜ୍ଞାପନ ପ୍ରକାଶ କରାଯାଇପାରିବେ ନାହିଁ। ନୈତିକ ଅସଦାଚରଣରେ ସମ୍ପୃକ୍ତ ଥାଇ କୌଣସି ଅପରାଧରେ ଦୋଷୀସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କୁ କୋଚିଂ ସେଣ୍ଟର ଶିକ୍ଷକ ଭାବେ ନିଯୁକ୍ତି ଦେଇପାରିବେ ନାହିଁ। ଗାଇଡ୍‌ଲାଇନର ଆବଶ୍ୟକତା ଅନୁଯାୟୀ କାଉନସେଲିଂ ବ୍ୟବସ୍ଥା ନ ଥିଲେ ଉକ୍ତ କୋଚିଂ ସେଣ୍ଟର ପଞ୍ଜୀକୃତ ହେବ ନାହିଁ। କୋଚିଂ ସେଣ୍ଟରଗୁଡ଼ିକ ନିଜସ୍ୱ ୱେବ୍‌ସାଇଟ୍ ଖୋଲି ଶିକ୍ଷକମାନଙ୍କ ଯୋଗ୍ୟତା, ପାଠ୍ୟକ୍ରମ, ଶିକ୍ଷାଦାନ ଅବଧି, ହଷ୍ଟେଲ ସୁବିଧା ଓ ଦେୟ ସମ୍ପର୍କରେ ସବିଶେଷ ତଥ୍ୟ ଦେବେ ବୋଲି ଗାଇଡ୍‌ଲାଇନରେ କୁହାଯାଇଛି। କଡ଼ା ପ୍ରତିଯୋଗିତା ଏବଂ ଛାତ୍ରୀଛାତ୍ରଙ୍କ ଉପରେ ଶିକ୍ଷା ଚାପ ପଡୁଥିବାରୁ କୋଚିଂ ସେଣ୍ଟରଗୁଡ଼ିକ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ପାଇଁ ପଦକ୍ଷେପ ନେବେ ଏବଂ ଅନାବଶ୍ୟକ ଚାପ ବିନା ପାଠ ପଢ଼ାଇବେ। ଚାପରେ ଥିବା ଛାତ୍ରୀଛାତ୍ରଙ୍କୁ ସହାୟତା ପାଇଁ ତୁରନ୍ତ ହସ୍ତକ୍ଷେପ ନିମନ୍ତେ କୋଚିଂ ସେଣ୍ଟରଗୁଡ଼ିକ ବ୍ୟବସ୍ଥା କରିବାକୁ କୁହାଯାଇଛି। କୋଚିଂ ସେଣ୍ଟର ଦ୍ୱାରା କାଉନସେଲିଂ ବ୍ୟବସ୍ଥାର ବିକାଶ ହୋଇଛି କି ନାହିଁ, ତାହା ସୁନିଶ୍ଚିତ କରିବାରେ ଉପଯୁକ୍ତ ☞ପୃଷ୍ଠା-୬

## ମିଶ୍ର ପ୍ରତିକ୍ରିୟା

ଭୁବନେଶ୍ୱର,୧୮।୧ (ଅସମାପିକା ସାହୁ)

କୋଚିଂ ସେଣ୍ଟର ଗାଇଡ୍‌ଲାଇନକୁ ଓଡ଼ିଶା ଅଭିଭାବକ ମହାସଂଘ ସ୍ୱାଗତ କରିଛି। ଏ ନେଇ ମହାସଂଘ ସଭାପତି ବାସୁଦେବ ଭଟ୍ଟ କହିଛନ୍ତି, ଏହି ଗାଇଡ୍‌ଲାଇନ ବର୍ତ୍ତମାନ ପାଇଁ ଅତି ଜରୁରୀ ଥିଲା। ପୂର୍ବରୁ ବିଭିନ୍ନ ସମୟରେ କୋଚିଂ ସେଣ୍ଟରଗୁଡ଼ିକରେ ଅଗ୍ନିକାଣ୍ଡ, ନିର୍ଯାତନା, ଆର୍ଥିକ ଶୋଷଣ ଆଦି ଅନେକ ଘଟଣା ସାମ୍ନାକୁ ଆସିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାଜସ୍ଥାନ କୋଟାରେ ପ୍ରତିବର୍ଷ ଅନେକ ମେଧାବୀ ଛାତ୍ରୀଛାତ୍ର ମାନସିକ ଚାପ ଓ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କରୁଛନ୍ତି। ଅପରପକ୍ଷରେ ବେଆଇନ ଭାବେ କୋଚିଂ ସେଣ୍ଟର କରି ଅନେକେ ମାଲାମାଲ ହେଉଛନ୍ତି। ଏହି କୋଚିଂ ସେଣ୍ଟରଗୁଡ଼ିକ ଉପରେ ଅଙ୍କୁଶ ରହିଲେ ଶିକ୍ଷା ବ୍ୟବସ୍ଥାର ବ୍ୟବସାୟୀକରଣ ଓ ମୁନାଫାଖୋରୀରେ କିଛି ପରିମାଣରେ ଅଙ୍କୁଶ ଆସିବ। ଛାତ୍ରୀଛାତ୍ର ଶିକ୍ଷା ଚାପରୁ ଅନ୍ତତଃ ରକ୍ଷା ପାଇପାରିବେ। ଭୁବନେଶ୍ୱରସ୍ଥିତ ଏକ ☞ପୃଷ୍ଠା-୬

# ହାତୀ ବନ୍ଦକଲା ୪ ସ୍କୁଲ
## ବାରିପଦା ସହରରେ ଦନ୍ତା ଆତଙ୍କ



ବାରିପଦା ସହରର ଏମ୍‌କେସି ହାଇସ୍କୁଲ ନିକଟରେ ହାତୀ।

ବାରିପଦା,୧୮।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହରରେ ହାତୀ ଆତଙ୍କ ଦେଖାଦେଇଛି। ଗୁରୁବାର ସକାଳେ ଏକ ଦନ୍ତାହାତୀ ବାଟବଣା ହୋଇ ସହର ମଧ୍ୟକୁ ପଶି ଆସିଥିଲା। ଏମ୍‌କେସି ହାଇସ୍କୁଲ ପାଚେରି ଭାଙ୍ଗି ଉତ୍ପାତ ଚଳାଇଥିଲା। ଛାତ୍ରାବାସରେ ରହୁଥିବା ପିଲାମାନେ ଭୟଭୀତ ହୋଇପଡ଼ିଥିଲେ। ଆଖପାଖରେ ଥିବା ୪ ସ୍କୁଲକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଗୁରୁବାର ସକାଳେ ଛୁଟି ଘୋଷଣା କରିଥିଲେ। ହାତୀଟି ସ୍କୁଲରୁ ବାହାରି ନିକଟସ୍ଥ ପେଟ୍ରୋଲ ପମ୍ପ ପାଖରେ ଲୋକଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିବାରୁ ଲୋକେ ପ୍ରାଣ ଭୟରେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ହାତୀକୁ ଦେଖିବା ପାଇଁ ପ୍ରବଳ ଭିଡ଼ ଜମିବାରୁ ବନବିଭାଗକୁ ନାକେଦମ ହେବାକୁ ପଡ଼ିଥିଲା। ବନ କର୍ମଚାରୀମାନେ ହାତୀର ଗତିବିଧି ଉପରେ ନଜର ରଖିଥିବା ବେଳେ ଆଖପାଖ ଅଞ୍ଚଳର ଲୋକମାନଙ୍କୁ ସଚେତନ କରୁଛନ୍ତି।

ଏହି ଦନ୍ତା ଖାଦ୍ୟ ଅନ୍ୱେଷଣରେ ଶିମିଳିପାଳ ଅଭୟାରଣ୍ୟରୁ ଚାଲି ଆସିଥିବା ଜଣାପଡ଼ିଛି। ହାତୀଟି ଫେରିବା ବାଟ ନ ପାଇ ସହର ମଧ୍ୟରେ ଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ର ଦେଇ ବଡ଼ବଜାର ଅଞ୍ଚଳରେ ଅଟକି ରହିଥିଲା। ବାରିପଦା ବନଖଣ୍ଡର କର୍ମଚାରୀ ଓ ପୋଲିସ ଅଧିକାରୀମାନେ ପହଞ୍ଚି ଲୋକଙ୍କୁ ଘରୁ ନ ବାହାରିବାକୁ ପରାମର୍ଶ ଦେଇଥିଲେ। ପରେ ହାତୀଟି ବୁଢ଼ାବଳଙ୍ଗ ନଦୀ ପାର ହୋଇ ବୁଢ଼ାରାଉଳ ମଠ ଦେଇ ଜଙ୍ଗଲ ମଧ୍ୟରେ ଅଟକି ରହିଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ ହାତୀ ବାରିପଦା ସହରରେ ପ୍ରବେଶ କରୁଥିବା ନଜିର ରହିଛି। ପାଚିଲା ଧାନ କ୍ଷେତରୁ ଧାନ ଖାଇ ସହର ମଧ୍ୟକୁ ☞ପୃଷ୍ଠା-୬




“ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା’ର ଆଧ୍ୟାତ୍ମିକ ପ୍ରବୃତ୍ତିକୁ ନେଇ ଯେତେ ଯାହା କରିଛି ସେତିକି ସେ କେବେ କରିପାରି ନ ଥାନ୍ତା। ଏପରି ଭାବିବା ବଡ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋତ୍ସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧ୍ୟାତ୍ମିକତା ବିକଶିତ ହୋଇପାରେ। –ଶ୍ରୀଅରବିନ୍ଦ



# ସାମାଜିକ ନୀତିନିୟମ ଓ ମହିଳା ନିଯୁକ୍ତି



ଅଶ୍ୱିନୀ ଦେଶ୍‌ପାଣ୍ଡେ

ଚାଇନାରେ ଛୋଟ ଝିଅମାନଙ୍କ ରୂପ ବଦଳାଇବା ଲାଗି ସେମାନଙ୍କ ପାଦକୁ ବାନ୍ଧି ଦିଆଯିବାର ଏକ ଯନ୍ତ୍ରଣାଦାୟକ ପ୍ରଥା ଥିଲା। ଏହା ଦଶମ ଶତାବ୍ଦୀରେ ଆରମ୍ଭ ହୋଇ ଅନେକ ଶହ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା। ୧୯୧୧ରେ ଏହି ପ୍ରଥାକୁ ନିଷିଦ୍ଧ କରାଯାଇଥିଲେ ବି ଏହା ସମ୍ପୂର୍ଣ୍ଣ ଶେଷ ହୋଇ ନ ଥିଲା। ୧୯୪୯ରେ ଚାଇନାରେ ପିପୁଲ୍ସ ରିପବ୍ଲିକ ଗଠନ ହେବା ପରେ ଏହାର ଅନ୍ତ ଘଟିଥିଲା। ପରେ ଚାଇନାର ମହିଳା ଶ୍ରମଶକ୍ତି ଭାଗୀଦାରି ହାର ୧୯୯୦ ସୁଦ୍ଧା ୭୩%ରେ ପହଞ୍ଚିଥିଲା, ଯାହା ଅର୍ଗାନାଇଜେଶନ ଫର୍ ଇକୋନୋମିକ କୋଅପରେଶନ ଆଣ୍ଡ୍ ଡେଭଲପ୍‌ମେଣ୍ଟ (ଓଇସିଡି) ପ୍ରତିଶତଠାରୁ ଯଥେଷ୍ଟ ଅଧିକ। ପଞ୍ଚଦଶ ଶତାବ୍ଦୀର ୟୁରୋପରେ ମହିଳାମାନେ କର୍ସେଟ (ଅଣ୍ଟାକୁ ଭିନ୍ନ ଆକାର ଦେବା ଲାଗି ବାନ୍ଧନ୍ତି) ପିନ୍ଧିବା ଆରମ୍ଭ କଲେ। ଶରୀରକୁ ଏକ ଭି (V)ଆକାର ଦେବା ପାଇଁ ଏହାର ପରିକଳ୍ପନା କରାଯାଇଥିଲା। ତେବେ ଚାଲିବା ଲାଗି ଆରାମଦାୟକ ପୋଷାକ ବିଂଶ ଶତାବ୍ଦୀରେ ଫ୍ୟାଶନକୁ ଆସିଥିଲା। ଏବେ ୟୁରୋପୀୟ ଦେଶଗୁଡ଼ିକ ବିଭିନ୍ନ କ୍ଷେତ୍ରରେ ଲିଙ୍ଗଗତ ସମାନତା ଦୃଷ୍ଟିରୁ ସର୍ବାଧିକ ମାନ୍ୟତା ପାଇଛନ୍ତି। ମହିଳାଙ୍କ ପାଦ ବାନ୍ଧିବା ଏବଂ ଅଣ୍ଟା ବାନ୍ଧିବା ଭଳି ଉଭୟ ପ୍ରଥା ମଧ୍ୟବିତ୍ତ ଏବଂ ନିମ୍ନ ଶ୍ରେଣୀକୁ ବ୍ୟାପିବା ପୂର୍ବରୁ ଆଭିଜାତ୍ୟ ବର୍ଗଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା। ଏହାକୁ ଦେଖିଲେ ଏହା ନିଶ୍ଚିତ ଯେ, ସୌନ୍ଦର୍ଯ୍ୟ ନିୟମ ପାଳନ କରିବା ଦ୍ୱାରା ମହିଳାମାନେ ଅର୍ଥନୈତିକ କିମ୍ବା ଉତ୍ପାଦନକାରୀ କାର୍ଯ୍ୟରେ ଅଂଶଗ୍ରହଣ କରିବା କଷ୍ଟକର ଥିଲା। ଚାଇନା ଏବଂ ୟୁରୋପ ମଧ୍ୟରେ ସାଂସ୍କୃତିକ ପ୍ରଭେଦ ରହିଥିଲେ ମଧ୍ୟ ମହିଳାଙ୍କୁ ସମାନ ଢଙ୍ଗରେ ସହାୟିକା ଭୂମିକାରେ କାର୍ଯ୍ୟ କରିବାକୁ ଉଭୟେ ପ୍ରେରଣ କରିଥିଲେ। ସେହିପରି ଭାବରେ ଉଭୟ ସମାଜ ପ୍ରତିବନ୍ଧକମୂଳକ ସାମାଜିକ ନୀତିନିୟମ ଦୂର କରିବାକୁ ସକ୍ଷମ ହୋଇଥିଲେ (ଯେଉଁଥିରୁ ଶାରୀରିକ ପରିବର୍ତ୍ତନ କେବଳ ଗୋଟିଏ ଉଦାହରଣ) ଏବଂ ଲିଙ୍ଗଗତ ସମାନତା ଉପରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଥିଲେ।

ଏହା କିପରି ଘଟିଲା ତାହା ବୁଝିବା ଜରୁରୀ। ବିଶେଷକରି ଅନ୍ତର୍ଜାତୀୟ ସଂଗଠନ ଏବଂ ଶିକ୍ଷାବିତ୍‌ମାନେ ଲିଙ୍ଗଗତ ସମାନତା ହାସଲ କରିବା ପାଇଁ ସାମାଜିକ ନୀତି ବଦଳାଇବା ଉପରେ ଅଧିକ ଧ୍ୟାନ ଦେଇଛନ୍ତି। ଏହା ସହ ନୂତନ ମନୋଭାବ ଏବଂ ଅଭ୍ୟାସ ପ୍ରତି ବ୍ୟକ୍ତିବିଶେଷଙ୍କୁ ଉତ୍ସାହିତ କରିବା ପାଇଁ କୌଶଳ ଏବଂ ପଦକ୍ଷେପ ପ୍ରସ୍ତୁତ କରୁଛନ୍ତି। କିନ୍ତୁ ସେମାନେ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାକୁ ମନେରଖିବା ଉଚିତ ଯେ, ସାମାଜିକ ନୀତିଗୁଡ଼ିକ ଭୌତିକ ବାସ୍ତବତାର ସୃଷ୍ଟି ହୁଏ। ଫଳରେ ହଠାତ୍ ଚାହିଁଲେ ବି ସେହି ଅବସ୍ଥାରେ ପରିବର୍ତ୍ତନ ଆଣିବା ସମ୍ଭବ ହୁଏ ନାହିଁ। ସାମାଜିକ ନୀତିଗୁଡ଼ିକର ଜଟିଳ ବିବର୍ତ୍ତନକୁ ବୁଝିବା ପାଇଁ ଇତିହାସକୁ ଏକ ଲମ୍ବା ସମୟ ଧରି



ଅନୁଧ୍ୟାନ କରିବା ଆବଶ୍ୟକ। ନୋବେଲ ବିଜେତା ଅର୍ଥନୀତିଜ୍ଞ କ୍ଲାଉଡିଆ ଗୋଲ୍‌ଡିନଙ୍କ କାର୍ଯ୍ୟ ଏହି ଦୃଷ୍ଟିକୋଣରୁ ଏକ ଉଦାହରଣ। ଆମେରିକା ଉପରେ ଅନୁଧ୍ୟାନ କରି ଗୋଲ୍‌ଡିନ ଜାଣିବାକୁ ପାଇଲେ ଯେ ଦୀର୍ଘ ଦିନ ଧରି ମହିଳାମାନଙ୍କର ଭାଗୀଦାରି ଚାକିରିର ପରିବର୍ତ୍ତନ ସ୍ଥିତି ଯୋଗୁ ଅଧିକ ହେଲା। ଉଦାହରଣ ସ୍ୱରୂପ, ସାମାଜିକ ନୀତି ଏବଂ ପ୍ରବୃତ୍ତି ପରିବର୍ତ୍ତନ ନ କରି କାର୍ଯ୍ୟର ସମୟ ହ୍ରାସ ଓ ଉଚ୍ଚ ବେତନଯୁକ୍ତ କୌଶଳଭିତ୍ତିକ କାର୍ଯ୍ୟର ବୃଦ୍ଧି ଯୋଗୁ ଏହା ଘଟିଲା। ଏହି ଦୃଷ୍ଟିକୋଣ ଭାରତ ପାଇଁ ବିଶେଷ ଉପଯୋଗୀ। କାରଣ ବିଗତ ଦୁଇ ଦଶନ୍ଧି ମଧ୍ୟରେ ଅର୍ଥନୈତିକ ଅଭିବୃଦ୍ଧି ଏବଂ ଦ୍ରୁତ ଦାରିଦ୍ର୍ୟ ହ୍ରାସ ସତ୍ତ୍ୱେ ବେତନଯୁକ୍ତ କାର୍ଯ୍ୟରେ ମହିଳାଙ୍କ ଅନୁପାତ ବହୁତ କମ୍ ରହିଛି। କେଉଁ ସାମାଜିକ ନୀତିନିୟମ ମହିଳା ଶ୍ରମଶକ୍ତିର ଭାଗୀଦାରିକୁ ରୋକୁଛି ଏବଂ ସେଗୁଡ଼ିକ ଏଥିପାଇଁ କେବଳ ଦାୟୀ କି ନାହିଁ, ଏଭଳି ଅସଙ୍ଗତିକୁ ନେଇ ବିତର୍କ ସୃଷ୍ଟି ହୋଇଛି। ସମସ୍ୟା ସୃଷ୍ଟି କରୁଥିବା ସେହି ନୀତିନିୟମଗୁଡ଼ିକୁ ଆମ ନୂତନ ଅଧ୍ୟୟନ ଚିହ୍ନଟ କରିଛି। ଗୁରୁତ୍ୱପୂର୍ଣ୍ଣ ହେଉଛି ରୋଷେଇ, ଜାଳେଣି ସଂଗ୍ରହ, ଜଳ ଆଣିବା, ଘରର ରକ୍ଷଣାବେକ୍ଷଣ, ଶିଶୁ ଏବଂ ବୟସ୍କଙ୍କ ଯତ୍ନ ସହିତ ଘରୋଇ କାର୍ଯ୍ୟ ଉପରେ ଭାରତୀୟ ମହିଳାଙ୍କ ଅତ୍ୟଧିକ ଦାୟିତ୍ୱ ଅଛି। ଭାରତୀୟ ମହିଳାମାନେ ଏହି କାର୍ଯ୍ୟକଳାପରେ ପୁରୁଷଙ୍କ ତୁଳନାରେ ୧୦ଗୁଣ ଅଧିକ ସମୟ ବିତାଉଛନ୍ତି। ଏଭଳି ସମୟ ପାର୍ଥକ୍ୟ ବିଶ୍ୱର ବିଭିନ୍ନ ଦେଶର କାର୍ଯ୍ୟ ସମୟ ମଧ୍ୟରେ ସର୍ବାଧିକ। ଅଧିକନ୍ତୁ, ବିଶ୍ୱସ୍ତରରେ ବିବାହ କରି ପୁତ୍ର ପ୍ରାପ୍ତିର ଆଶା ଅଧିକ ରହିଛି। ଭାରତରେ ଯୁବତୀମାନେ ବିଶ୍ୱର ଅନ୍ୟାନ୍ୟ ସ୍ଥାନ ତୁଳନାରେ ଶୀଘ୍ର ବିବାହ ଏବଂ ମାତୃତ୍ୱ ଲାଭ କରି ଏକ ପୁରୁଷ ଉତ୍ତରାଧିକାରୀ ପାଇଁ ଆଶା କରନ୍ତି। ଏହିସବୁ ନୀତିନିୟମର ସୀମିତ ପ୍ରଭାବ ଥିଲେ ମଧ୍ୟ ମହିଳାମାନେ ହାସଲ କରିପାରି ନ ଥିବା ବେତନଯୁକ୍ତ କାର୍ଯ୍ୟ ସମ୍ପର୍କରେ ଆମ ତଥ୍ୟ ପ୍ରକାଶ କରିଛି। ମହିଳାମାନେ ସ୍ୱଳ୍ପ ସମୟ ମଧ୍ୟରେ ବେତନ ପ୍ରାପ୍ତ ଚାକିରି କରନ୍ତି ଓ ତାହାକୁ ଛାଡ଼ନ୍ତି। ଏହା ସୂଚିତ କରେ ଯେ, ଏଭଳି କାମ ଯେତେବେଳେ ଉପଲବ୍ଧ ହୁଏ, ସେମାନେ ତାହା କରିବାକୁ ଇଚ୍ଛା କରିଥା’ନ୍ତି। ଜାତି ବ୍ୟବସ୍ଥା ଦ୍ୱାରା ଏହାର ଗତିଶୀଳତା ବାଧାପ୍ରାପ୍ତ ହୋଇଥାଏ। ନିମ୍ନ ଜାତିର ମହିଳାମାନେ ଐତିହାସିକ ଭାବରେ ଶ୍ରମ ବଜାରରେ ଅଧିକ ପ୍ରତିଶତ ଅଂଶଗ୍ରହଣ କରୁଛନ୍ତି ଏବଂ ଅତ୍ୟଧିକ ପରିବର୍ତ୍ତନ ଦରକାର ବୋଲି କହନ୍ତି, ଯାହା ଉପଲବ୍ଧ କାର୍ଯ୍ୟର ଅନିଶ୍ଚିତତାକୁ ସୂଚିତ କରେ।

ଭାରତରେ ବେତନଯୁକ୍ତ ରୋଜଗାରରେ ମହିଳାମାନଙ୍କର ଅନୁପାତ କମ୍ ରହିବା ଏକ ଗମ୍ଭୀର ଚିନ୍ତାର ବିଷୟ। ନୀତି ନିର୍ଦ୍ଧାରକମାନେ ସାମାଜିକ ନୀତିନିୟମ ବା ମାନଦଣ୍ଡ ବଦଳାଇବା ପରିବର୍ତ୍ତେ ମହିଳା ଶ୍ରମିକର ଚାହିଦା ସୃଷ୍ଟି ଉପରେ ଅଧିକ ଧ୍ୟାନ ଦେବା ଉଚିତ। ଅର୍ଥାତ୍, ବେତନଯୁକ୍ତ କାର୍ଯ୍ୟର ନିୟମିତ ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ କରିବା, ଯଦ୍ୱାରା ମହିଳାମାନେ ନିଯୁକ୍ତି ପାଇପାରିବେ ଏବଂ ନିଯୁକ୍ତିଦାତାମାନେ ସେମାନଙ୍କୁ ନିଯୁକ୍ତି ଦେବା ପାଇଁ ଉତ୍ସାହିତ ହେବେ। ଭାରତର ଅନେକ ରାଜ୍ୟ ସରକାରୀ କ୍ଷେତ୍ର ନିଯୁକ୍ତିରେ ଲିଙ୍ଗଗତ କୋଟା ଲାଗୁ କରିସାରିଲେଣି। କିନ୍ତୁ ଅସଂଗଠିତ କ୍ଷେତ୍ରରେ ମୋଟ ଭାରତୀୟ ଶ୍ରମିକଙ୍କ ମଧ୍ୟରୁ ୯୦% ଅଛନ୍ତି ଓ ସେଠାରେ ମହିଳା ଶ୍ରମଶକ୍ତି ଭାଗୀଦାରି ପ୍ରତିଶତକୁ ଏଭଳି କୋଟା ଅଧିକ ପ୍ରଭାବିତ କରିନାହିଁ। ଘରୋଇ ନିଯୁକ୍ତିଦାତାମାନେ ମହିଳାମାନଙ୍କୁ ରୋଜଗାର ଦେଇ ଉତ୍ସାହିତ କରିବା ଦରକାର। ଟେକ୍ ମହିନ୍ଦ୍ରା, ୱିପ୍ରୋ, ହିରୋ ମୋଟୋକର୍ପ ଏବଂ ଡକ୍ଟର ରେଡ୍ଡୀଙ୍କ ଲାବରେଟୋରି ସମେତ କେତେକ ଅଗ୍ରଣୀ କମ୍ପାନୀ ମହିଳା ଶ୍ରମିକ ଭାଗୀଦାରି ବୃଦ୍ଧି ପାଇଁ ପଦକ୍ଷେପ ନେବା ଆରମ୍ଭ କରିସାରିଲେଣି। ଅନ୍ୟମାନେ ସେମାନଙ୍କ ନେତୃତ୍ୱକୁ ଅନୁସରଣ କରିବା ଉଚିତ।

ଭାରତରେ ଅଧିକ ଲୋକ ଗ୍ରାମାଞ୍ଚଳରେ ରହନ୍ତି। ସେମାନଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଖାଦ୍ୟ ପ୍ରକ୍ରିୟାକରଣ, ବୟନଶିଳ୍ପ, ଚମଡ଼ା ସାମଗ୍ରୀ ଏବଂ କ୍ଷୁଦ୍ର, ଲୋ-ଟେକ୍ ମ୍ୟାନୁଫାକ୍‌ଚରିଂ ଭଳି ଶ୍ରମଭିତ୍ତିକ କ୍ଷେତ୍ରଗୁଡ଼ିକରେ ମହିଳାମାନଙ୍କ ପାଇଁ ପାରିଶ୍ରମିକ ପ୍ରାପ୍ତିର ଏକ ସୁଯୋଗ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଅନୁଧ୍ୟାନରେ ବହୁ ସଂଖ୍ୟକ ଗ୍ରାମୀଣ ମହିଳା ଦର୍ଶାଇଛନ୍ତି ଯେ, ଭାରତରେ ସେମାନେ ନିଜର ଜୀବିକା ଅର୍ଜନ କରିବାକୁ ଚାହାନ୍ତି। ଏମାନଙ୍କ ସଂଖ୍ୟା କାନାଡ଼ା ଏବଂ ଅଷ୍ଟ୍ରେଲିଆର ମିଳିତ ଜନସଂଖ୍ୟାଠାରୁ ଅଧିକ। ସେମାନେ ଏକ ଦୀର୍ଘମିଆଦୀ ତଥା ବିଶ୍ୱର ସର୍ବବୃହତ୍ ଯୋଜନା ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀରେ ଯୋଗ ଦେଇଛନ୍ତି। ଉତ୍ପାଦନ ଏବଂ ପାରିଶ୍ରମିକଯୁକ୍ତ ମହିଳା ସ୍ୱନିଯୁକ୍ତିକୁ ପ୍ରୋତ୍ସାହିତ କରିବାରେ ଏହାର ଅପାର ସମ୍ଭାବନା ରହିଛି।

ପୂର୍ବ ଏସିଆରେ ଗ୍ରାମୀଣ ଅଣକୃଷି ନିଯୁକ୍ତିର ଉପଲବ୍ଧତା ମହିଳାମାନଙ୍କୁ ଦରମା ପ୍ରାପ୍ତ ଶ୍ରମିକ ଭାବେ ପ୍ରବେଶ ପାଇଁ ଅଧିକ ଉତ୍ସାହିତ କରିଥିଲା ଏବଂ ଏହାର ପ୍ରତିକ୍ରିୟାରେ ସାମାଜିକ ନୀତିନିୟମ ପରିବର୍ତ୍ତନ ହେବାକୁ ଲାଗିଲା। ଏ ଦୃଷ୍ଟିରୁ ଭାରତକୁ ଅଲଗା ବୋଲି ବିଶ୍ୱାସ କରିବାର କୌଣସି କାରଣ ନାହିଁ। ନୀତି ନିର୍ଦ୍ଧାରକମାନେ ଭୁଲ୍ କାମ କରିବା ଉଚିତ ନୁହେଁ। ସମାନତାର ଏକ ନୂତନ ସଂସ୍କୃତି ସୃଷ୍ଟି କରିବା ପ୍ରୟାସରେ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରିବା ପୂର୍ବରୁ ମହିଳା ନିଯୁକ୍ତି ପାଇଁ ଏକ ପରିବେଶ ସୃଷ୍ଟି କରନ୍ତୁ।

**ଅର୍ଥନୀତି ପ୍ରାଧ୍ୟାପିକା ତଥା ପ୍ରତିଷ୍ଠାତା ନିର୍ଦ୍ଦେଶକ,
ସେଣ୍ଟର ଫର୍ ଇକୋନୋମିକ ଡାଟା ଆଣ୍ଡ୍ ଆନାଲିସିସ୍**

## ଦେଖା ଶିଖା ମଣିଷ



ଅଲେଖ ଚନ୍ଦ୍ର ମିଶ୍ର

ମଣିଷର ପୂର୍ବଜ ବୋଲି ବିଶ୍ୱାସ କରାଯାଉଥିବା ମାଙ୍କଡ଼ମାନେ ଅନୁକରଣପ୍ରିୟ ବୋଲି ପ୍ରାୟ ସମସ୍ତେ ଜାଣନ୍ତି। ସେଥିପାଇଁ ବୋଧହୁଏ ବୁଦ୍ଧି, ବିବେକ ଓ ଜ୍ଞାନର ଅଧିକାରୀ ହୋଇ ବି ମଣିଷର ଅନୁକରଣ ପାଇଁ ଏକ ସହଜାତ ପ୍ରବୃତ୍ତି ଥାଏ, ଯାହା ବେଳେ ବେଳେ ବିଚାରବିହୀନ ଅନ୍ଧାନୁକରଣର ରୂପ ନିଏ। କୌଣସି କଥା ପ୍ରତି ଆଗ୍ରହ କିମ୍ବା ଆନ୍ତରିକତା ନ ଥାଇ ଖାଲି ଅନୁକରଣ କରିଦେଲେ ସଫଳତା ତ ମିଳେନା ବରଂ ନିଜର ଯାହା କିଛି ଥାଏ ଚାଲିଯାଏ ଏବଂ ତା’ର ସ୍ଥାନ ନିଏ ନୈରାଶ୍ୟ ଓ ହୀନମନ୍ୟତା। ଆଶ୍ଚର୍ଯ୍ୟ ହେବାକୁ ପଡ଼େ ଯେ ମାଙ୍କଡ଼ଙ୍କ ପରି ମଣିଷମାନେ ବି ବେଳେ ବେଳେ କେବଳ କୌତୂହଳବଶତଃ ଅନ୍ୟକୁ ଅନୁକରଣ କରନ୍ତି। କିଳୋତ୍ପାଟକ ବାନର କଥାରେ ନିଜର କୌତୂହଳକୁ ସମ୍ଭାଳି ନ ପାରି ଅଧାଚିରା କାଠ ଫାଙ୍କରେ ଦିଆଯାଇଥିବା କିଳାକୁ ଓପାଡ଼ି ମାଙ୍କଡ଼ଟିର ଯେଉଁ ଦଶା ହୋଇଥିଲା ଏଭଳି ମଣିଷଙ୍କର ଅବସ୍ଥା ଠିକ୍ ସେହିପରି ହୁଏ। ସିନେମା, ଟିଭି, ରିଆଲିଟି ଶୋ, ଷ୍ଟଣ୍ଟ, ସର୍କସ ଦେଖି ହେଉ କିମ୍ବା ନାନା ବିପଜ୍ଜନକ ଖେଳ ଯଥା ଚୋକିଂ ଗେମ, ବ୍ଲୁହ୍ୱେଲ, ସିନାମନ ଚାଲେଞ୍ଜ, ହଫିଙ୍ଗ୍ ଆଦିକୁ ଦେଖି ହେଉ ଠିକ୍ ସେହିଭଳି କରିବାକୁ ଉତ୍ସାହିତ ହୋଇ ମଣିଷ କିପରି ସର୍ବସ୍ୱାନ୍ତ ହୁଏ ଅଥବା ଅକାଳ ମୃତ୍ୟୁକୁ ସ୍ୱାଗତ କରେ ଏଭଳି ଅଘଟଣ ଆଜିକାଲି ପ୍ରାୟ ଦେଖିବାକୁ, ଶୁଣିବାକୁ ଓ ପଢ଼ିବାକୁ ମିଳୁଛି। ଅନୁକରଣର ରୂପାନ୍ତର ନକଲି। ନକଲ କରିବା ଆଜିକାଲି ଏତେ ବ୍ୟାପକ ହୋଇଗଲାଣି ଯେ ପରୀକ୍ଷା, ଚାଲିଚଳନ, ଭାଷା, କଳା, ସାହିତ୍ୟ, ପ୍ରସାଧନ, ଗହଣା ଇତ୍ୟାଦି ଛଡ଼ା ମଣିଷ ନିଜେ ବି ନକଲି ରୂପ ଧାରଣ କରୁଛି। ଏ ବିଷୟରେ ପ୍ରଖ୍ୟାତ ଆରବ୍ୟ ରଜନୀର କାହାଣୀରେ ସ୍ଥାନିତ ଆଲିବାବା ଆଣ୍ଡ ଫର୍ଟି ଥିଭ୍‌ସ ଗଳ୍ପରେ ଆଲିବାବାକୁ ଅନ୍ଧାନୁକରଣ କରି କାସିମର ଶେଷ ଗତି କିପରି ଭୟାନକ ହୋଇଥିଲା ତାହା ତ ପ୍ରାୟ ସମସ୍ତଙ୍କୁ ଜଣା।

ପୁରା କାଳରେ ପାଟଳିପୁତ୍ର ଜନପଦରେ ଥିଲା ମହିଳାରୋପ୍ୟ ନାମକ ନଗରୀଟିଏ। ସେଠାରେ ବାସ କରୁଥିଲେ ମଣିଭଦ୍ର ନାମରେ ଜଣେ ଶ୍ରେଷ୍ଠି। ଯୌବନରେ ପ୍ରଭୂତ ଧନ ସମ୍ପଦର ଅଧିକାରୀ ହୋଇଥିଲେ ବି କର୍ମ ଅବଳକୁ ଉତ୍ତର ଜୀବନରେ ସେ ସବୁରୁ ବଞ୍ଚିତ ହୋଇ ଦରିଦ୍ର ହୋଇଗଲେ। ସେ ଚିନ୍ତାକଲେ ଏଭଳି ଜୀବନ ବଞ୍ଚିବା ଅପେକ୍ଷା ବରଂ ଆତ୍ମହତ୍ୟା କରିବା ଭଲ। ଏହିପରି ଭାବୁ ଭାବୁ ଯେତେବେଳେ ତାଙ୍କୁ ଛାଇନିଦ ଲାଗିଆସିଛି ହଠାତ୍ ଏକ ସ୍ୱପ୍ନ ଦେଖିଲେ। ଜଣେ ଜୀନ ତାଙ୍କ ପାଖରେ ଠିଆହୋଇ କହୁଥିଲେ, ବତ୍ସ ମଣିଭଦ୍ର! ଉଠ। ଯୌବନରେ ତୁମେ କିଛି ଦାନ ଧ୍ୟାନ କରିଥିଲ, ତା’ର ପ୍ରତିଦାନ ଦେବା ପାଇଁ ମୁଁ ତୁମ ପାଖକୁ ଆସିଛି। ସକାଳୁ ଉଠିଲେ ଦେଖିବ ଜଣେ ଜୀନ (ଜୈନ ସନ୍ନ୍ୟାସୀ) ତୁମ ଘର ଆଡ଼କୁ ଆସୁଥିବେ। କିଛି ନ ଭାବି ତୁମେ ତାଙ୍କ ମୁଣ୍ଡରେ ଏକ ଶକ୍ତ ପାହାର ଦେବ। ସେ ସଙ୍ଗେ ସଙ୍ଗେ ତଳେ ପଡି ଯାଇ ଏକ ସୁବର୍ଣ୍ଣ ପ୍ରତିମାରେ ପରିଣତ ହୋଇଯିବେ। ତତ୍‌କ୍ଷଣାତ୍ ତୁମେ ତାଙ୍କୁ ଘର ଭିତରକୁ ନେଇଯିବ। ତୁମର ଦାରିଦ୍ର୍ୟ ଘୁଞ୍ଚିଯିବା ପାଇଁ ତାହା ଯଥେଷ୍ଟ ହେବ। ଛାୟାମୂର୍ତ୍ତିଟି ଅପସରି ଗଲା। ନିଦ ମଳ ମଳ ଆଖିରେ ଉଠିବସିଲେ ମଣିଭଦ୍ର। ଆଉ ନିଦ ହେଲାନି। କିଛି ସମୟ ପରେ ରାତି ପାହିଲା। ବାହାରକୁ ଆସି ଦେଖିଲେ ସତକୁ ସତ ଜଣେ ଜୀନ ତାଙ୍କ ଆଡ଼କୁ ଆସୁଛନ୍ତି। ହଠାତ୍ ତାଙ୍କ ମୁଣ୍ଡରେ ସେ ଏକ ଯଷ୍ଟି ପ୍ରହାର କଲେ। ଲୋକଟି ତଳେ ପଡିଯାଇ ଏକ ସ୍ୱର୍ଣ୍ଣମୂର୍ତ୍ତି ପାଲଟି ଗଲା। କାଳ ବିଳମ୍ବ ନ କରି ସେ ତାକୁ ଭିତରକୁ ନେଇ ଗଲେ। କିନ୍ତୁ କ୍ଷୌରାଦି କର୍ମ କରିବା ପାଇଁ ତାଙ୍କ ଘରକୁ ଆସିଥିବା ନାପିତଟିଏ ଘଟଣାଟିକୁ ଦେଖିଦେଲା। ତାକୁ ମୂର୍ତ୍ତିର ଆଙ୍ଗୁଠିଟିଏ ଦେଇ ବିଦା କରିଦେଲେ ମଣିଭଦ୍ର। ନିଜ ଆଖିକୁ ବିଶ୍ୱାସ କରି ପାରିଲାନି ନାପିତଟି। ହେ ଭଗବାନ, ଜୀନମାନଙ୍କୁ ମାରିଦେଲେ ସେମାନେ ସୁନାର ମୂର୍ତ୍ତି ହୋଇଯାନ୍ତି ଏକଥା ଆଗରୁ ଯାହା ଜାଣି ପାରିଲିନି। ସେଇଦିନ ନିକଟସ୍ଥ ଏକ ଜୈନ ମଠକୁ ଯାଇ ସେ କିଛି ଜୀନଙ୍କୁ ପ୍ରଲୋଭିତ କରି ଭୋଜନ ଦେବାକୁ କହି ନିଜ ଘରକୁ ନିମନ୍ତ୍ରଣ କରି ଆଣିଲା ଏବଂ ଗୋଟିଏ ଘରେ ପୂରେଇ ଦେଇ ପିଟିବାକୁ ଲାଗିଲା। ସେମାନଙ୍କର ଚିତ୍କାର ଶୁଣି ସେ ବାଟରେ ଯାଉଥିବା କଟୁଆଳ ତାଙ୍କୁ ଉଦ୍ଧାର କଲା ଏବଂ ନାପିତକୁ ଧରିନେଇ ରାଜ ଦଣ୍ଡରେ ଦଣ୍ଡିତ କଲା।

ଅନୁକରଣ କରିବା ସବୁ କ୍ଷେତ୍ରରେ ଖରାପ ନୁହେଁ କାରଣ ଏହାର କିଛି ସକାରାତ୍ମକ ଦିଗ ବି ରହିଛି ଯଥା ମିମିକ୍ରି, କ୍ୟାରିକେଚର୍, କମେଡି ଶୋ, ଲଘୁ ପରିହାସ ଇତ୍ୟାଦି। କିନ୍ତୁ କିଛି ନ ବୁଝି ନ ଶୁଝି ପରଠୁ ଦେଖା ଶିଖା କଲେ ଅବସ୍ଥା ଠିକ୍ ଏହିପରି ହୁଏ।

**ଶାସ୍ତ୍ରୀନଗର, ଭୁବନେଶ୍ୱର
ମୋ: ୯୪୩୮୬୭୩୮୯୮**

## ଏଇ ଭାରତରେ

ଦୃଢ଼ ଇଚ୍ଛାଶକ୍ତି ଥିଲେ ଲକ୍ଷ୍ୟ ହାସଲରେ ଅର୍ଥାଭାବ କିମ୍ବା ଅନ୍ୟ କୌଣସି ସମସ୍ୟା ବାଧକ ହୋଇପାରେ ନାହିଁ, ଯାହା ଦେଖାଯାଇଛି ହିମାଚଳ ପ୍ରଦେଶର ବଲ୍‌ଜିତ କୌରଙ୍କ ଜୀବନରେ। ସେ ପ୍ରଥମ ଭାରତୀୟ ମହିଳା ଭାବେ ୩୦ ଦିନରୁ କମ୍ ସମୟ ମଧ୍ୟରେ ଅନ୍ନପୂର୍ଣ୍ଣା, କାଞ୍ଚନଜଙ୍ଘା, ଏଭରେଷ୍ଟ ଏବଂ ଲୋତ୍ସେ ପର୍ବତ ସଫଳତାର ସହ ଆରୋହଣ କରି ବିରଳ କୃତିତ୍ୱ ହାସଲ କରିଛନ୍ତି। ସେ ବିନା ସପ୍ଲିମେଣ୍ଟ ଅକ୍ସିଜେନରେ ୮,୦୦୦ ମିଟର ଉଚ୍ଚ ପର୍ବତ ଚଢ଼ିଛନ୍ତି। ବଲ୍‌ଜିତଙ୍କ ବୟସ ଏବେ ୨୭। ପିଲାଦିନେ ସେ ତାଙ୍କ ଗାଁ ନିକଟରେ ଥିବା ପାହାଡ଼ ଚଢୁଥିଲେ। ପଢ଼ିବାବେଳେ ଏକ ଏନ୍‌ସିସି କ୍ୟାମ୍ପରେ ଉଚ୍ଚ ପାହାଡ଼ ଚଢ଼ିବା ଆରମ୍ଭ କରିଥିଲେ। ସେତେବେଳେ ତାଙ୍କ ବୟସ ଥିଲା ୨୦। କଲେଜ ଛାଡ଼ିବା ପରେ ସେ ଅନ୍ୟମାନଙ୍କ ଘରେ କାମ କରି ପରିବାର ଚଳାଇବା ସହ ନିଜକୁ ଫିଟ୍ ରଖିବା ଲାଗି ପ୍ରସ୍ତୁତି ଜାରି ରଖିଥିଲେ। ଏପରିକି ପାହାଡ଼ ଚଢ଼ିବା ଲାଗି ସେ ନିଜ ମା’ଙ୍କ ସହ ଲୋକମାନଙ୍କଠାରୁ ଦାନ ସଂଗ୍ରହ କରିଥିଲେ। ଏଭଳି ସଂଘର୍ଷମୟ ଜୀବନ ମଧ୍ୟରେ ବଲ୍‌ଜିତ ମାସକ ମଧ୍ୟରେ ୪ଟି ଶୃଙ୍ଗର ଶିଖରରେ ପହଞ୍ଚିବାକୁ ସକ୍ଷମ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୯ ଜାନୁଆରୀ ୧୯୭୫**

- ଚାନ୍ଦବାଲି ନିକଟରେ ବୈତରଣୀ ନଦୀରେ ଏକ ଶୋଚନୀୟ ନୌକା ଦୁର୍ଘଟଣା ଘଟି ୧୨ ଶିଶୁ ଓ ମହିଳାଙ୍କ ମୃତ୍ୟୁ।
- କଟକ ବହତ୍ତର ଉନ୍ନୟନ ସଂସ୍ଥା ଦ୍ୱାରା ୩୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅରୁଣୋଦୟ ମାର୍କେଟ୍ ଉଦ୍‌ଘାଟିତ।
- କେନ୍ଦ୍ର ଶିକ୍ଷା ଓ ସମାଜ କଲ୍ୟାଣ ମନ୍ତ୍ରଣାଳୟ ଆରବୀ ଓ ପାର୍ସି ଭାଷାର ସଂରକ୍ଷଣ ଓ ବିକାଶ ନିମନ୍ତେ ଦୁଇଟି ଯୋଜନା ଆରମ୍ଭ କରିଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | 1 | | | | | | |
| 3 | | | | | | 5 | | |
| | | | | 9 | 5 | | | 3 |
| | 1 | | | | 3 | | 6 | |
| | | 8 | 9 | | | | 5 | |
| | | | | | | 4 | | 2 |
| | | 9 | | 4 | | 6 | | |
| | 7 | | 6 | 5 | | 8 | | 1 |
| | | | | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 4 | 5 | 7 | 1 | 2 | 9 | 6 |
| 6 | 9 | 5 | 4 | 2 | 3 | 1 | 7 | 8 |
| 1 | 7 | 2 | 8 | 6 | 9 | 4 | 3 | 5 |
| 5 | 8 | 3 | 6 | 4 | 2 | 9 | 1 | 7 |
| 9 | 1 | 7 | 3 | 8 | 5 | 6 | 4 | 2 |
| 4 | 2 | 6 | 9 | 1 | 7 | 5 | 8 | 3 |
| 7 | 4 | 9 | 2 | 5 | 8 | 3 | 6 | 1 |
| 3 | 5 | 1 | 7 | 9 | 6 | 8 | 2 | 4 |
| 2 | 6 | 8 | 1 | 3 | 4 | 7 | 5 | 9 |

ଗତକାଲିର ଉତ୍ତର

# ଏଣୁ ମାରିଲେ ଗୋହତ୍ୟା...



ପ୍ରଦୀପ୍ତ କୁମାର ମିଶ୍ର

ଏବେ ପ୍ରତିଦିନ ଜୀବନରେ ଆମେ ଏହି ସମସ୍ୟାକୁ ସର୍ବଦା ସାମ୍ନା କରୁଛନ୍ତି ; ଯାହା ଆମକୁ ସର୍ବଦା ତ୍ରିଶଙ୍କୁ ଅବସ୍ଥାରେ ରଖିଦେଉଛି। କ’ଣ କରିବା କ’ଣ ନ କରିବା ଏହି ଭାବନା ସର୍ବଦା ବଳବତ୍ତର ରହି ଆମକୁ ହତାଶ କରି ଚାଲିଛି। ଯେପରି ଦୁଇଟି ଚୁମ୍ବକ ମଧ୍ୟରେ ଚୁମ୍ବକୀୟ ବସ୍ତୁଟି ଅସ୍ଥିରତା ହରାଇଥାଏ ସେହିପରି ଆମେ ହଁ ଏବଂ ନା ମଧ୍ୟରେ ରହି କେବଳ ଭୁଲ୍ ହିଁ କରିଥାନ୍ତି। ଏମିତି ଅନେକ କଥା ଆମଜୀବନରେ ପ୍ରାୟସର୍ବଦା ଘଟୁଥାଏ।

ଆମେ ଭାବନ୍ତି ଏଇଟା କରିଥିଲେ ଭଲ ହୋଇଥାନ୍ତା ଏଇଟା କଲେ ଭୁଲ୍ ହୋଇଗଲା, ଯାହା ଆମ ଚିନ୍ତନରେ କୋଉଠି ଭୁଲ୍ ରହିଗଲା। ଜୀବନ ତ ଭୁଲ୍ ଠିକ୍‌ର ସମାହାର। କେତେକେ କହନ୍ତି, ଭୁଲ୍‌କରିବା ଭଲ କାରଣ ଭୁଲ୍ ହିଁ ଠିକ୍ କରିବାର ସ୍ରଷ୍ଟା। ଛୁଆଟିଏ ଭୁଲ୍ କରି କରି ଠିକ୍ କରେ, ସେହି ଭୁଲ୍‌ରୁ ସେ ଭଲ ହୁଏ।

ଶିଳ୍ପର ଚାହିଦା ବେରୋଜଗାର ଦୂର କରେ, ଅର୍ଥନୈତିକ ଅଭିବୃଦ୍ଧି କରି ବଞ୍ଚିବାର ସୁଖଦ ଅନୁଭୂତି ପ୍ରଦାନ କରେ। କିନ୍ତୁ ତା’ ପରିବର୍ତ୍ତେ ଆମକୁ ଦିଏ ପ୍ରଦୂଷଣ। ସତ କହିବାକୁ ଗଲେ ଶିଳ୍ପ ଓ ରାସ୍ତାର ଅଗ୍ରଗତିରେ ଗୋଟିଏ ଦେଶ ତା’ର ସବୁଥିରେ ଅଭିବୃଦ୍ଧି ଦେଇଥାଏ, ଏହା ଏକାନ୍ତ ଆବଶ୍ୟକ। ପୁଣି ଏକାନ୍ତ ପରିବେଶର ସୁରକ୍ଷାପାଇଁ ଚିନ୍ତା କରିବା ଆବଶ୍ୟକ। ପରିବେଶ ଏକ ପ୍ରାକୃତିକ ବଳୟ। ଏହା ଆମକୁ ସୁରକ୍ଷା ଦିଏ, ତେଣୁ ଏହାର ସୁରକ୍ଷା ଆମ ପାଇଁ ଜରୁରୀ। କିନ୍ତୁ ଅତିମାତ୍ରାରେ ପରିବେଶ ପ୍ରଦୂଷଣ ଆସନ୍ତାକାଲି ପାଇଁ ମଧ୍ୟ ଏକ ଆହ୍ୱାନ। ଏଠାରେ ଯଦି ଉଭୟଙ୍କ ମଧ୍ୟରେ ସନ୍ତୁଳନ ରହେ ତାହାହେଲେ ଆମେ ଉନ୍ନତିର ସୀମାକୁ ଆକଳନ କରିପାରିବା।

ଏବେ ଆଲୋଚନା ହେଉଛି ଡିପ୍‌ଫେକ କଥା। ଏଥିରେ ବଲିଉଡ୍ ନାୟିକା ନାୟକଙ୍କ ଠାରୁ ଆମ ପ୍ରଧାନମନ୍ତ୍ରୀ ପର୍ଯ୍ୟନ୍ତ ଶିକାର ହେଲେଣି। ସାଧାରଣ ଲୋକଟିଏ ଏଥିରେ ଶିକାର ହେଲେ ଭାଗ୍ୟକୁ ନିନ୍ଦିବା ସାରହୁଏ। ସହଜରେ ମୁକୁଳି ପାରେନି ସେ ଏହି କଦର୍ଯ୍ୟତାରୁ। କୃତ୍ରିମ ବୁଦ୍ଧିମତ୍ତା ଆମ ପାଇଁ ବରଦାନ ହୋଇପାରେ କିନ୍ତୁ ତାହା କିଛିଦିନ ମଧ୍ୟରେ ମଥାବ୍ୟଥାର କାରଣ ହୋଇପାରେ। ଏହା ଏମିତି ସମସ୍ୟା ସୃଷ୍ଟି କରିପାରେ ଯେ ଆସନ୍ତା ସମୟରେ ଏହା ନିଶ୍ଚିତ ବିପଦ ସୃଷ୍ଟି କରିବ। ଯାହା ନୁହେଁ ତାହା ଦେଖିବା ଶୁଣିବା ଭୟଭୀତ ହେବା ପ୍ରମୁଖତା ପାଲଟିଯିବା। ନେତା, ବୁଦ୍ଧିଜୀବୀ ଓ ଅନ୍ୟମାନଙ୍କୁ ବଦ୍‌ନାମ କରିବା ପାଇଁ ଏହା ପ୍ରମୁଖ ଅସ୍ତ୍ର ହୋଇଯିବ। ଏପଟେ ସାମାଜିକ ଗଣମାଧ୍ୟମ ଆମ ପାଇଁ ବରଦାନ ହୋଇଥିବା ବେଳେ ଏହା ହିଁ ଅଭଦ୍ରତା ସୃଷ୍ଟି କରିବ। କ’ଣ ଅବା କରାଯାଇପାରେ, ଏଣୁ ମାଇଲେ ଗୋହତ୍ୟା ତେଣୁ ମାଇଲେ ବ୍ରହ୍ମହତ୍ୟା। ସବୁଠାରେ ମିଛର ସ୍ୱାକ୍ଷର, ଯାହା କିଛିଦିନ ମଧ୍ୟରେ ସାଧାରଣ ମଣିଷ ପାଇଁ କ୍ଷତିକାରକ।

ସେହିପରି ସାଇବର ଅପରାଧୀମାନେ ସେହି ଅନୁପାତରେ ଲୋକମାନଙ୍କୁ ଶୋଷଣ କରୁଛନ୍ତି,




ଯେଉଁ ଅନୁପାତରେ ଲୋକଟି ବିଭିନ୍ନ ବିଷୟରେ ଜାଣିବାର ସୁଯୋଗ ପାଉଛି। ସାଧାରଣ ଲୋକଟିଏ ସବୁ ଜାଣିବା ତା’ର ସ୍ୱତଃ ଅଧିକାର। କିନ୍ତୁ ଅଧିକାର ଯଦି ବୋଝ ହୋଇଯାଏ ତାହାହେଲେ ସେ ଚିନ୍ତା କ’ଣ ଅବା କରିପାରିବ। ଆମେ ଯେତେ ଶିକ୍ଷା ସଚେତନତା ପାଇ ଚେତୁଛନ୍ତି, ସେତେ ଦୁର୍ବଳତା ଓ ଅନ୍ଧବିଶ୍ୱାସ ଆମକୁ ଘେରିଯାଉଛି। କେବଳ କିଛି ବିକୃତ ମାନସିକସମ୍ପନ୍ନ ବ୍ୟକ୍ତିମାନେ ଏହାର ନକାରାତ୍ମକ ଦିଗଟିକୁ ଖୋଜି ଦେଉଛନ୍ତି। ଡିପ୍‌ଫେକ ଓ ଅଶ୍ଳୀଳ ଭିଡିଓ ହେବାଦ୍ୱାରା ସାଧାରଣ ଲୋକଟିଏ ସାମାଜିକ ଗଣମାଧ୍ୟମରେ ନିନ୍ଦିତ ହେଉଛି। ସମୟ ଓ ସୁଯୋଗ ଯଦି ଅଧିକାର ହୁଏ ଏସବୁ ତା’ପାଇଁ ‘ଗାଈ ମାଇଲେ ମଲି ଗାଈ କି ମାରିଲେ ମଲି’ର ଅବସ୍ଥା। ଏସବୁର ଦୂରୀକରଣ ଏକାନ୍ତ ଆବଶ୍ୟକ।

ବିଜ୍ଞାନ ଆଜି ମଣିଷକୁ ଏକ ସ୍ୱତନ୍ତ୍ର ସ୍ଥାନକୁ ନେବାବେଳେ ସେହି ବିଜ୍ଞାନକୁ ଉପଯୋଗ କରି ଆମେରିକାରେ ବଡ଼ ଆକାରରେ ଉଗ୍ରପନ୍ଥୀ ଆକ୍ରମଣ ହୋଇଗଲା। ଲୋକଙ୍କୁ ଭୀତତ୍ରସ୍ତ କରି ବନ୍ଧୁକ ଗୁଳି ଓ ଅନ୍ୟାନ୍ୟ ବିଜ୍ଞାନ ସାମଗ୍ରୀ ବ୍ୟବହାର କରି ଏହି ଉଗ୍ରବାଦୀମାନେ ସ୍ୱତନ୍ତ୍ର ଶାସନ କରିବା ଉଦ୍ୟମରେ ଦେଶର ସାଧାରଣ ଲୋକଙ୍କୁ ଭୀତତ୍ରସ୍ତ କରୁଛନ୍ତି। ଏହା ହମାସ୍ ଓ ଇସ୍ରାଏଲ ଯୁଦ୍ଧରୁ ଆମେ ସ୍ପଷ୍ଟ ଅନୁଭବ କରୁଛନ୍ତି। ବୈଷୟିକ ବିଜ୍ଞାନ ସହାୟତାରେ ଆଜି ଚନ୍ଦ୍ରରେ ପାଦଦେଇ ସାରା ବିଶ୍ୱକୁ ଆଶ୍ଚର୍ଯ୍ୟ ଚକିତ କଲାବେଳେ ଏଥିପାଇଁ ପରିବେଶ ଓ ନିରୀହ ଜୀବମାନଙ୍କ ଉପରେ ଖରାପ ପ୍ରଭାବ ପକାଇଚାଲିଛେ। ତେଣୁ ବୈଷୟିକ ବିଜ୍ଞାନ ଆମ ପାଇଁ ନିହାତି ଜରୁରୀ, କାରଣ ଏହା ଆମକୁ ବିଶ୍ୱାୟନ ଦିଗରେ ଗତିଶୀଳ ହେବାକୁ ସାହାଯ୍ୟ କରିଛି।

ମଣିଷର ପ୍ରତ୍ୟେକ ସ୍ଥିତିରେ ସେ ତ୍ରିଶଙ୍କୁ ଅବସ୍ଥାରେ ପ୍ରପୀଡ଼ିତ ହୁଏ। ଛୋଟ ମୋଟ କଥା ସମାଧାନ ତା’ ମଧ୍ୟରେ ହୋଇଯାଉଥିବା ବେଳେ ବଡ଼ ବଡ଼ ସମସ୍ୟା ସର୍ବଦା ତ୍ରିଶଙ୍କୁ ଭଳି ତାକୁ ଝୁଲେଇଦିଏ। ଯେତେବେଳେ ତା’ର ବିବେକ ମନ ଉପରେ ପ୍ରତିପତ୍ତି ରଖିଥାଏ ସେତେବେଳେ ସେ ଠିକ୍ କଥାଟିକୁ ଗ୍ରହଣ କରେ ଅନ୍ୟଥା ସେ ଭୁଲ୍ କରିବସେ। ଏମିତି ଅନେକ ସମୟରେ ଭୁଲ୍ ପାଇଁ ସେ ପଶ୍ଚାତ୍ତାପ କଲାବେଳେ ଠିକ୍ ପାଇଁ ଲେଡ଼ିଗୁଡ଼ କହୁଣିକୁ ବୋହିଯାଇଥାଏ। ସେହିପରି ଅନେକ ପରିବେଶ ସଂକ୍ରାନ୍ତୀୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ଭୁଲ୍ କରି କେବଳ ପଶ୍ଚାତ୍ତାପ କରିବା ସାର ହୁଏ। ଆଣବିକ ପରୀକ୍ଷଣ ସମାଜ ପାଇଁ ଅନେକ ଅବଦାନ ଥାଇ ମଧ୍ୟ ଏହାର ବିପଜ୍ଜନକ ଅବସ୍ଥା ମଣିଷ ତଥା ପରିବେଶ ପାଇଁ ଘାତକ ହୁଏ। ଯେମିତି ଶବ୍ଦ ସଂସ୍ଥାନ ଆମର ସଭା ସମିତି ପାଇଁ ଆବଶ୍ୟକ ଥିବାବେଳେ ଏହାର ବହୁଳ ବ୍ୟବହାର ଶବ୍ଦ ପ୍ରଦୂଷଣର ମୁଖ୍ୟ କାରଣ ହୋଇଥାଏ।

ଅତଏବ ଆମ ଭାବନାରେ ସର୍ବଦା ଥିବା ସର୍ତ୍ତ ‘ଗାଈ ମାରିଲେ ମଲି ଗାଈକୁ ମାଇଲେ ମଲି’ ଏକ ସତ୍ୟର ଉପସ୍ଥାପନା, ତେଣୁ ସର୍ବଦା ମାନବିକ ମୂଲ୍ୟବୋଧ ସମ୍ପୂର୍ଣ୍ଣ ବିବେକର ବ୍ୟବହାର କଲେ ଅନେକ ଖରାପ ଅବସ୍ଥାରୁ ମୁକ୍ତି ପାଇପାରିବା ଏହା ନିଃସନ୍ଦେହ।

**ଅରେଇ, ଯାଜପୁର
ମୋ:୯୬୫୮୬୧୪୭୨୮**

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଆ ଭାଷାର ଗୌରବହାନି ହେଉ ନାହିଁ କି

ମହାଶୟ,

ଆମ ମାତୃଭାଷା ଓ ସାହିତ୍ୟ ଅତ୍ୟନ୍ତ ସମୃଦ୍ଧ ଓ ଗାମ୍ଭୀର୍ଯ୍ୟପୂର୍ଣ୍ଣ। ଭାରତବର୍ଷର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ହେଉଛି ଓଡ଼ିଶା। ଆଧୁନିକ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ଆମ ଆଭିଜାତ୍ୟସମ୍ପନ୍ନ ଏହି ଶାସ୍ତ୍ରୀୟ ଭାଷାର ଗୌରବକୁ ଆମେ କ୍ଷୁଣ୍ଣ କରିଚାଲିଛେ। ଆଧୁନିକ ଓଡ଼ିଶାର ଇତିହାସ ବିଦ୍ୟାଳୟରେ ପଢ଼ା ହେଉ ନ ଥିବାରୁ ଶହେ ବର୍ଷ ତଳେ ଓଡ଼ିଶା ବା ଉତ୍କଳ ବୋଲି ଏକ ରାଜ୍ୟ ଥିଲା ବୋଲି ଏ ପିଢ଼ିର ପିଲାମାନେ ଜାଣନ୍ତି ନାହିଁ। ମଧୁସୂଦନ ଥିଲେ ନବ ଉତ୍କଳର ନିର୍ମାତା। ସେ ଦାବି ହାସଲ ପାଇଁ ବୈଧାନିକ ପନ୍ଥାରେ ପ୍ରତିବାଦ କରିବାରେ ବିଶ୍ୱାସ କରୁଥିଲେ। ମଧୁବାବୁଙ୍କ ପାଇଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଥିଲା ପ୍ରଥମ ଓ ଅନ୍ତିମ ଲକ୍ଷ୍ୟ। ଓଡ଼ିଆ ଭାଷା ତା’ର ଜନ୍ମ ଏବଂ କର୍ମ ମାଟିରେ କ୍ରମେ ଅପାଂକ୍ତେୟ ହୋଇପଡୁଥିବା ଭଳି ଆଶଙ୍କା ସୃଷ୍ଟି ହେଲାଣି। ଓଡ଼ିଆ ଭାଷା ଏ ପର୍ଯ୍ୟନ୍ତ ସବୁସ୍ତରରେ ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହୋଇପାରି ନାହିଁ। ପୋଲିସ ଗାଡ଼ି ସମେତ ଗ୍ରାମରକ୍ଷୀଙ୍କଠାରୁ ଆରମ୍ଭ କରି ଉଚ୍ଚ ଅଫିସରଙ୍କ ପୋଷାକରେ ସେମାନଙ୍କ ପରିହିତ ବ୍ୟାଜ ଇଂଲିଶରେ ଲିଖିତ। ଏପରିକି ‘ମୋ ବସ୍’ ବି ଓଡ଼ିଆରେ ଲେଖା ନ ହୋଇ ଇଂଲିଶରେ ଲେଖାହୋଇଛି। ଦୁଃଖର ବିଷୟ, ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ ଛକଠାରେ ଆଇ ଲଭ୍ ଭୁବନେଶ୍ୱର ଲେଖାହୋଇଥିବା ଫଳକ ଓଡ଼ିଆମାନଙ୍କୁ ଉପହାସ କରୁଛି। ପ୍ରତ୍ୟେକ ଓଡ଼ିଆ ଜାତୀୟ ସ୍ୱାର୍ଥ ରକ୍ଷା ପ୍ରତି ସତର୍କ ହେଲେ ଓଡ଼ିଆ ଭାଷାର ସର୍ବାଙ୍ଗୀନ ବିକାଶ ହେବ। ସର୍ବୋପରି ଓଡ଼ିଆ ଜାତିର ଉନ୍ନତି ସାଧିତ ହେବ।

**–ଦେବବ୍ରତ୍ତି ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ରଖ ଗୋ ରଖ ମୋତେ ବାନ୍ଧି କୋମଳ ଭୁଜେ
ନ ଜାଣେ ତୁମ ବିନୁ ଆନ ପ୍ରେୟସୀ ମୁଁ ଯେ,
ବସନ୍ତ ଫୁଲବନେ
ପାହାନ୍ତିଆ ପବନେ
ବାନ୍ଧ କୋମଳ ଭୁଜେ
ନା ଜାଣେ ଆନ ମୁଁ ଯେ।

–(ଆଶ୍ୱାସନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ଶୁଭାରମ୍ଭ

■ ୩୦ ଜିଲ୍ଲାରୁ ୮୦ ସୁପର ପ୍ରିମିୟମ୍ ବସ୍ ଚାଲିବ

■ ମହିଳାଙ୍କ ପାଇଁ ଅଧା ଦାମ୍ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୧(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ରାଜ୍ୟରେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବାର ଶୁଭାରମ୍ଭ କରିଛନ୍ତି। ଏହି ବସଗୁଡ଼ିକ ଜିଲା ସଦରମହକୁମାରୁ ଭୁବନେଶ୍ୱର ଦେଇ ଶ୍ରୀକ୍ଷେତ୍ର ପୁରୀକୁ ଚାଲିବ। ୫-ଟି ଉପକ୍ରମରେ ଆରମ୍ଭ ହୋଇଥିବା ଲକ୍ଷ୍ମୀବସ୍ ସେବା ଯୋଜନା ଅଧୀନରେ ଏହି ବସ୍ ସେବା ଆରମ୍ଭ ହୋଇଛି। ରାଜ୍ୟର ୩୦ ଜିଲାରୁ ୮୦ଟି ସୁପର ପ୍ରିମିୟମ୍ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ଏହି ଯୋଜନାରେ ଚଳାଚଳ କରିବ। ପ୍ରଥମ ପର୍ଯ୍ୟାୟରେ ୧୨ ଜିଲାରୁ ଏହି ସେବା ଆରମ୍ଭ ହୋଇଛି। ସେହି ଜିଲାଗୁଡ଼ିକ ହେଲା ବଲାଙ୍ଗୀର, ବରଗଡ଼, ଗଞ୍ଜାମ, ଝାରସୁଗୁଡ଼ା, କୋରାପୁଟ, କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମା'ମାନଙ୍କ ପାଇଁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍‌ରେ ଟିକେଟର ମୂଲ୍ୟ ମାତ୍ର ୫୦ ପ୍ରତିଶତ ରହିବ। ଲକ୍ଷ୍ମୀବସ୍ ଯୋଜନାରେ ମହିଳାମାନଙ୍କ ପାଇଁ ଟିକେଟ ଦାମ୍ ମାତ୍ର ୫ ଟଙ୍କା ରହିଛି। ଏହା ମା'ମାନଙ୍କ ପାଇଁ ବହୁ ସୁବିଧା ଆଣିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟବାସୀ ପୁରୀଧାମ ଆସି ମହାପ୍ରଭୁଙ୍କ ଦିବ୍ୟଦର୍ଶନ ଲାଭ କରିବା ପାଇଁ ଏହି ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍‌ସେବା ଆରମ୍ଭ ହୋଇଛି। ସମସ୍ତେ ଏହାର ସୁଯୋଗ ନେବା ସହ ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମହାପ୍ରଭୁଙ୍କ ଇଚ୍ଛାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଧବାର ଲୋକାର୍ପିତ ହୋଇଛି। ଏହି ପ୍ରକଳ୍ପ ଦ୍ୱାରା ମନ୍ଦିରର ଆହୁରି ଶୋଭାବର୍ଦ୍ଧନ ହେବା ସହିତ ପରିବେଶକୁ ଭକ୍ତିମୟ କରିଛି। ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ପାଇଁ ସୁବିଧା ଦର୍ଶନର ବ୍ୟବସ୍ଥା କରାଯାଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆରାମଦାୟକ ବସ୍‌ସେବା ଆରମ୍ଭ ହୋଇଛି। ଜନସାଧାରଣ ସୁବିଧାରେ ପୁରୀ ଆସି ମହାପ୍ରଭୁଙ୍କ କୃପାଲାଭ କରିବେ ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସ ରଖିଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଏବେ ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ପ୍ରସାର ପାଇଁ ପଦକ୍ଷେପ ନିଆଯାଉଛି। ଲୋକପ୍ରିୟ ଲକ୍ଷ୍ମୀବସ୍ ଯୋଜନାରେ ପଞ୍ଚାୟତକୁ ବ୍ଲକ ସଦର ମହକୁମା ସହିତ ଯୋଡ଼ା ଯାଇଛି। ଯୋଗାଯୋଗ କ୍ଷେତ୍ରରେ ଲକ୍ଷ୍ମୀବସ୍ ଏବେ ରୂପାନ୍ତର ଆଣିଛି। ଜିଲା ସଦର ମହକୁମାରୁ ଶ୍ରୀକ୍ଷେତ୍ରକୁ ସିଧାସଳଖ ବସ୍ ବ୍ୟବସ୍ଥା ଦ୍ୱାରା ରାଜ୍ୟର ଗମନାଗମନ ଓ ଯୋଗାଯୋଗ ବ୍ୟବସ୍ଥା ଦୃଢ଼ ହେବ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ, ଭକ୍ତ ଓ ଜଗନ୍ନାଥପ୍ରେମୀଙ୍କୁ ମହାପ୍ରଭୁଙ୍କ ଦିବ୍ୟଦର୍ଶନ ଲାଭ କରିବାର ସୌଭାଗ୍ୟ ଅର୍ଜନ କରିବାରେ ଏହି ବସ୍‌ସେବା ସହାୟତା ପ୍ରଦାନ କରିବ। ମହାପ୍ରଭୁଙ୍କ ଆଶୀର୍ବାଦ ଓ ଜନସାଧାରଣଙ୍କ ସହଯୋଗରେ ଓଡ଼ିଶା ବିକାଶର ଶିଖରରେ ପହଞ୍ଚିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀରରେ ଉପସ୍ଥିତ ଥିବା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ସାଧାରଣ ଲୋକଙ୍କ ପ୍ରତିଶ୍ରୁତି ପୂରଣ କରିବାରେ ମୁଖ୍ୟମନ୍ତ୍ରୀଙ୍କ ତୁଳନା ନାହିଁ। ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ଏ କ୍ଷେତ୍ରରେ ଆଉ ଏକ ମାଇଲଷ୍ଟୋନ୍। ମୁଖ୍ୟମନ୍ତ୍ରୀଙ୍କ ସବୁ କାର୍ଯ୍ୟକ୍ରମ ମହିଳାଙ୍କୁ ଅଧିକ ସଶକ୍ତ କରୁଛି। ମୁଖ୍ୟମନ୍ତ୍ରୀଙ୍କ ସମସ୍ତ କାର୍ଯ୍ୟକ୍ରମର ମଙ୍ଗ ଧରି ୫-ଟି ଅଧ୍ୟକ୍ଷ ସବୁ ଯୋଜନା ସଫଳ କରୁଛନ୍ତି ବୋଲି ସେ କହିଛନ୍ତି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ବିଧାୟକ ଭୂପିନ୍ଦର ସିଂ, ଉନ୍ନୟନ କମିଶନର ଅନୁ ଗର୍ଗ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବାର ଶୁଭାରମ୍ଭ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

# ୪ ଶ୍ରମିକଙ୍କ ଜୀବନ ନେଲା ବୋରୱେଲ ଗାଡ଼ି




ଦୁର୍ଘଟଣା ଘଟାଇଥିବା ବୋରୱେଲ ଖନନ ଗାଡ଼ି।

■ ଶୋଇଥିବାବେଳେ ଶ୍ରମିକଙ୍କ ଉପରେ ମାଡ଼ିଗଲା

■ ଡ୍ରାଇଭରଙ୍କୁ ଅଟକ ରଖି ପୋଲିସର ତଦନ୍ତ ଜାରି

ମଥୁରାନଗରୀ,୧୮।୧ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ବିର୍ଜାମ ଗ୍ରାମରେ ବୁଧବାର ବିଳମ୍ବିତ ରାତ୍ରିରେ ଏକ ଅଭାବନୀୟ ଘଟଣା ଘଟିଛି । ଗ୍ରାମ ଉପକଣ୍ଠ ଚାଷଜମି ପାଖରେ ଗଭୀର ନଳକୂପ (ଡିପ୍ ବୋରୱେଲ) ଖନନ ପାଇଁ ଆସିଥିବା ଏକ ଗାଡ଼ି (ନଂ.କେଏ୦୧ବି/୫୫୧୩) ଚାପାରେ ୪ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକମାନେ ହେଲେ ମଧ୍ୟପ୍ରଦେଶ ରାଜ୍ୟ ବାଲଘାଟ ଜିଲା କୋହକା ପଞ୍ଚାୟତ କୋନକ ଗ୍ରାମ ୱାର୍ଡ ନଂ-୫ ନିବାସୀ ଫଗନ ସିଂ ଧୁବେ(୩୪), ଅଜଗରା ଗ୍ରାମର ବିଷ୍ଣୁ ମେରଭାଇ(୨୩), ଆମଝୁର ନିବାସୀ ଶଙ୍କର ଆଦାବାସୀ(୨୧) ଏବଂ ଛତିଶଗଡ଼ ରାଜ୍ୟ କାୱାର୍ଦ୍ଧା ନିକଟ ଆମାକୋଦ୍ରାର ରାଜେଶ କୁମାର ନେତମ(୨୦)। ସେହିପରି ଅନ୍ୟ ଜଣେ ଶ୍ରମିକ ମଧ୍ୟପ୍ରଦେଶ ଦୁମ୍ଭୁ ଜିଲା ଆଟା ନିବାସୀ ଦମରବାଲେ ହୀରା(୨୫) ଗୁରୁତର ହୋଇଛନ୍ତି। ତାଙ୍କୁ ବୁର୍ଲା ଭିମସାର୍‌ରେ ଭର୍ତ୍ତି କରାଯାଇଛି। ଗଭୀର ନଳକୂପ ଖନନ ଦାୟିତ୍ୱ ନେଇଥିବା ମଧ୍ୟପ୍ରଦେଶ ବାଲଘାଟ ଜିଲା ବିସର ଥାନା ଅଜଗର ନିବାସୀ ଅମୋଲି ମେରିଭି(୪୦)ଙ୍କ ଏତଲାକ୍ରମେ ପୋଲିସ ମେଲଛାମୁଣ୍ଡା ଥାନାରେ ଦଫା ୨୭୯, ୩୩୭, ୩୩୮(ଏ), ଆଇପିସିରେ ଏକ ମାମଲା (ନଂ.୧୭/୨୪) ରୁଜୁ କରିଛି। ସେହିପରି ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ତାମିଲନାଡୁ ରାଜ୍ୟ କାଲ୍ଲୁପାଲିର ଶ୍ରୀନବାସ ସୀଥାରମଣ(୪୯)ଙ୍କୁ ଅଟକ ରଖି ପୋଲିସ ଅଧିକ ତଦନ୍ତ କରୁଛି । ପ୍ରକାଶ ଯେ, ବୁଧବାର ବିର୍ଜାମ ଗ୍ରାମ ଚାଷୀଙ୍କ ଜମି ନିକଟରେ ଗଭୀର ନଳକୂପ ଖନନ ପାଇଁ ବୁଧବାର ୨ଟି ଗାଡ଼ି ପହଞ୍ଚିଥିଲା। ସେଥିମଧ୍ୟରୁ ଗୋଟିଏ ଗାଡ଼ି ଗଭୀର ନଳକୂପ ଖନନ କରୁଥିବାବେଳେ ଅନ୍ୟ ଗାଡ଼ିରେ ଆନୁଷଙ୍ଗିକ ସାମଗ୍ରୀ ରହିଥିଲା । ତେବେ ରାତିରେ ଗୋଟିଏ ଗାଡ଼ି ପ୍ରଥମ ପର୍ଯ୍ୟାୟ ଗଭୀର ନଳକୂପ ଖନନ କରୁଥିଲା ଏବଂ ଅନ୍ୟ ଗାଡ଼ିଟି ଡିଜେଲ ଭରିବା ପାଇଁ ବାହାରକୁ ଯାଇଥିଲା। ସମ୍ପୃକ୍ତ ଗାଡ଼ ଡିଜେଲ ପକାଇବା ସହିତ ଅନ୍ୟ ଗାଡ଼ିରେ ଭରିବା ପାଇଁ ଡିଜେଲ ଧରି ଗଭୀର ନଳକୂପ ଖନନସ୍ଥଳକୁ ଆସୁଥିଲା। ଏହି ସମୟରେ ଗଭୀର ନଳକୂପ ଖନନରେ ନିୟୋଜିତ ୪ ଶ୍ରମିକ ପାଖ ଜମିରେ ଶୋଇଥିବା ବେଳେ ଡିଜେଲ ଧରି ଆସୁଥିବା ଗାଡ଼ିଟି ସେମାନଙ୍କ ଉପରେ ଚଢ଼ିଯାଇଥିଲା । ଫଳରେ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ହୋଇଥିଲା। ମେଲଛାମୁଣ୍ଡା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ୨୦ରେ ରାଜ୍ୟର ସମସ୍ତ ଉଠାଦୋକାନ, ଭେଣ୍ଡିଂଜୋନ୍ ବନ୍ଦ

ଭୁବନେଶ୍ୱର, ୧୮।୧ (ବନ୍ଦନା ସେଠୀ)

ଆସନ୍ତା ୨୦ ତାରିଖରେ ରାଜ୍ୟର ସମସ୍ତ ଉଠାଦୋକାନ ଏବଂ ଭେଣ୍ଡିଂଜୋନ୍ ବନ୍ଦ ରହିବ। ପ୍ରତିବର୍ଷ ଜାନୁଆରୀ ୨୦କୁ ଦେଶରେ ଜାତୀୟ ଉଠାଦୋକାନୀ ଦିବସ ଭାବେ ପାଳନ କରାଯାଇଥାଏ। ଚଳିତବର୍ଷ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ୍ ସୁରକ୍ଷା ଟ୍ରଷ୍ଟ ଏବଂ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ମିଳିତ ସହଯୋଗରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଉଠାଦୋକାନୀ ଦିବସ ପାଳନ କରାଯିବ। ତେଣୁ ଏହିଦିନ ସମସ୍ତ ଦୋକାନ ବନ୍ଦ ରହିବା ନେଇ ସଂଗଠନ ସଭାପତି ପ୍ରତାପ କୁମାର ସାହୁ ସୂଚନା ଦେଇଛନ୍ତି। ଏହି ଅବସରରେ ରାଜମହଲ ଛକରୁ ଏକ ରାଜ୍ୟସ୍ତରୀୟ ମହାସମାବେଶ ବାହାରି ୟୁନିଟ-୧ ଫଳ ଭେଣ୍ଡିଂଜୋନ୍‌ଠାରେ ପହଞ୍ଚିବା ପରେ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଉଠାଦୋକାନୀମାନେ ଗ୍ରାହକଙ୍କୁ ସାଧାରଣତଃ ମୌଳିକ ସେବା ଯୋଗାଇଥାନ୍ତି। ତେବେ ୨୦ ତାରିଖରେ ଏହି ସେବା ଯୋଗାଇପାରୁ ନ ଥିବାରୁ ଦୁଃଖ ପ୍ରକାଶ ହେବା ସହ ଖାଉଟିମାନେ ସହଯୋଗ କରିବାକୁ ସାହୁ ଅନୁରୋଧ କରିଛନ୍ତି।

# ଜଳକାରୁ ଡଲ୍‌ଫିନ୍ ଉଦ୍ଧାର



ନଦୀରୁ ଧରାଯାଇଥିବା ଡଲଫିନ।

ରୂପସା, ୧୮।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଗୋଠଗଡ଼ିଆ ନିକଟ ଦେଇ ପ୍ରବାହିତ ଜଳକା ନଦୀରୁ ଗୁରୁବାର ଏକ ଡଲଫିନ ଉଦ୍ଧାର ହୋଇଛି। ସକାଳେ ସ୍ଥାନୀୟ ଅଞ୍ଚଳର କିଛି ପିଲା ନଦୀପାଖକୁ ଶୌଚ ପାଇଁ ଯାଇଥିବା ବେଳେ ନଦୀରେ ଉକ୍ତ ମାଛ ପହଁରୁଥିବା ଦେଖି ଗ୍ରାମବାସୀଙ୍କୁ ଡାକିଥିଲେ। ଗ୍ରାମବାସୀ ଏହି ମାଛକୁ କୌଣସି ହିଂସ୍ର ଜନ୍ତୁ ଭାବି ଭୟଭୀତ ହୋଇପଡିଥିଲେ। ଏହାପରେ କୌତୁହଳ ସହକାରେ ସେହି ମାଛକୁ ଜାଲ ସାହାଯ୍ୟରେ ଧରାଯାଇଥିଲା। ପରେ ଏହାକୁ ନଳବାହାର ଚନ୍ଦନ ପୋଖରୀରେ ଛଡ଼ାଯାଇଥିଲା। ଖବରପାଇ ବାଲେଶ୍ୱର ବନବିଭାଗ ଅଧିକାରୀ ପହଞ୍ଚି ଉକ୍ତ ପୋଖରୀରୁ ମାଛକୁ ଧରିବା ପାଇଁ ଚେଷ୍ଟା ଜାରି ରଖିଥିଲେ। ଏ ସମ୍ପର୍କରେ ବନବିଭାଗ ରେଞ୍ଜର ଗଣେଶ ପ୍ରସାଦ ଲେଙ୍କା କହିଛନ୍ତି, ଡଲଫିନ ଛଡାଯାଇଥିବା ପୋଖରୀ ନିକଟରେ ଏକ ଟିମ୍ ଜଗି ରହିଛି। ଶୁକ୍ରବାର ପୋଖରୀ ମଧ୍ୟରୁ ଉଦ୍ଧାର କରାଯିବ। ଡଲଫିନକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କର ପ୍ରବଳ ଭିଡ଼ ଲାଗିରହିଛି।

# ମାଓବାଦୀ ରତନ କଶ୍ୟପ ନିହତ

ମାଲକାନଗିରି,୧୮।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡା ଜିଲାରେ ପୋଲିସ-ମାଓବାଦୀ ଗୁଳି ବିନିମୟ ଘଟି ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ଜଣେ ମାଓବାଦୀ ନିହତ ହୋଇଥିବା ବେଳେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ମୃତ ମାଓବାଦୀ ଜଣଙ୍କ ମିଲିସିଆ ପ୍ଲାଟୁ ଡେପୁଟି କମାଣ୍ଡର ରତନ କଶ୍ୟପ। ସୂଚନା ଅନୁଯାୟୀ, ଦାନ୍ତେୱାଡା ଜିଲା ବାରସୁର ଥାନା ଅଞ୍ଚଳ ମଙ୍ଗନାର ଜଙ୍ଗଲରେ ୧୦ ରୁ ୧୫ ଜଣ ସଶସ୍ତ୍ର ମାଓବାଦୀଙ୍କ ଉପସ୍ଥିତି ଥିବା ଖବର ପାଇ ଡିଆରଜି ଓ ବସ୍ତର ଫାଇଟର୍ସ, ଦାନ୍ତେୱାଡା ଏବଂ ସିଆରପିଏଫ୍ ୧୯୫ ବାହିନୀ ଉକ୍ତ ଜଙ୍ଗଲରେ କୋମ୍ବିଂ ଆରମ୍ଭ କରିଥିଲେ। ସୁରକ୍ଷା ବାହିନୀ ଆସୁଥିବା ଜାଣି ମାଓବାଦୀମାନେ ସୁରକ୍ଷା ବାହିନୀଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ସୁରକ୍ଷା ବାହିନୀ ମଧ୍ୟ ଗୁଳି ଚାଳନା କରିଥିଲେ। ପ୍ରାୟ ୧ ଘଣ୍ଟା ପର୍ଯ୍ୟନ୍ତ ଗୁଳି ଚାଳନା ପରେ ସୁରକ୍ଷା କର୍ମୀଙ୍କ ଗୁଳିର ସାମ୍ନା କରି ନ ପାରି ଜଙ୍ଗଲ ଭିତରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ସର୍ଚ୍ଚ ଅପରେଶନ କରୁଥିବା ବେଳେ ଜଣେ ମାଓବାଦୀଙ୍କ ମୃତଦେହ ଜବତ କରିଥିଲେ । ଏହି ମାଓବାଦୀଙ୍କ ନାମରେ ସରକାରଙ୍କ ତରଫରୁ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିବା ପୋଲିସ ସୂଚନା ଦେଇଛି। ଏଥିସହ ଘଟଣାସ୍ଥଳରୁ ଔଷଧ, ମାଓବାଦୀ କପଡ଼ା, ବନ୍ଧୁକ, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଆଦି ଜବତ କରାଯାଇଛି।

# ଯବାନ-ମାଓବାଦୀ ଗୁଳି ବିନିମୟ

କନ୍ଧମାଳ,୧୮।୧(ଆଦିତ୍ୟଶ୍ୱର ମିଶ୍ର)

ବୌଦ୍ଧ ଜିଲା କନ୍ଧମାଳ ଥାନା ବୁଢ଼ାଖୋଲ ଜଙ୍ଗଲରେ ଗୁରୁବାର ସ୍ପେଶାଲ ଅପରେଶନ ଗ୍ରୁପ୍ (ଏସ୍‌ଓଜି) ଯବାନ ଓ ମାଓବାଦୀଙ୍କ ମଧ୍ୟରେ ୨-୩ ଘଣ୍ଟା ଗୁଳି ବିନିମୟ ହୋଇଛି। ଫଳରେ ଛତ୍ରଭଙ୍ଗ ଦେଇଛନ୍ତି ମାଓବାଦୀ। ଘଟଣାସ୍ଥଳରୁ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ ହୋଇଛି। ଜବତ ସାମଗ୍ରୀ କନ୍ଧମାଳ ଜିଲାକୁ ନିଆଯାଇଥିବା ସୂଚନା ମିଳିଛି। ତେବେ ୩ମାସ ମଧ୍ୟରେ ୩ଟି ମାଓବାଦୀ କ୍ୟାମ୍ପ ଧ୍ୱଂସ କରିବା ସହ ବିପୁଳ ସାମଗ୍ରୀ ଜବତ ହୋଇଛି। ବୌଦ୍ଧ ଓ କନ୍ଧମାଳ ଜିଲାର ସୀମାନ୍ତ ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ଲକ୍ଷ୍ୟ କରାଯିବା ପରେ ଘନଘନ କୋମ୍ବିଂ ଅପରେଶନ ଜାରି ରହିଛି। ଏହା ମାଓବାଦୀଙ୍କ ନିଦ ହଜାଇ ଦେଇଛି। ଗତ ଦୁଇ ମାସ ମଧ୍ୟରେ ଦୁଇଥର ମାଓବାଦୀଙ୍କ କ୍ୟାମ୍ପ ଧ୍ୱଂସ ଓ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରିଛନ୍ତି ଏସ୍‌ଓଜି ଯବାନ। ତେବେ ଚଳିତ ମାସ ୫ରେ ମନମୁଣ୍ଡା ଠାରେ ମାଓବାଦୀଙ୍କ ପୋଷ୍ଟର ଲାଗିଥିବାବେଳେ କୋମ୍ବିଂ ଜୋର୍‌ଦାର କରାଯାଇଥିଲା।

# ୫ ଲକ୍ଷ କ୍ଷତିପୂରଣ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ

ମୁକୁଳା ଟ୍ରାନ୍ସଫର୍ମର ଲାଗି ଯୁବକଙ୍କ ମୃତ୍ୟୁ ଘଟଣା

ଭବାନୀପାଟଣା,୧୮।୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅଧାମୁଣ୍ଡା ଗ୍ରାମରେ ୨୦୨୨ ଅକ୍ଟୋବର ୧୫ରେ ବ୍ୟାୟାମ ସାରି ଫେରୁଥିବା ଗ୍ରାମର ଲକ୍ଷ୍ମଣ ଗୌଡ(୨୨) ନାମକ ଜଣେ ଯୁବକ କୁକୁର କାମୁଡାରୁ ବର୍ତ୍ତିବା ପାଇଁ ଦୌଡୁଥିବା ସମୟରେ ନିକଟରେ ଥିବା ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଥିଲେ। ଏହି ଘଟଣାରେ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସି (ଜାତୀୟ ମାନବାଧିକାର କମିଶନ) ନୋଟିସ ଜାରି କରିଛନ୍ତି। ଆସନ୍ତା ୮ସପ୍ତାହ ମଧ୍ୟରେ ଏହାର ରିପୋର୍ଟ ଦାଖଲ କରିବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁଃଖଦ ଘଟଣାକୁ ନେଇ ଭବାନୀପାଟଣାର ମାନବାଧିକାର କର୍ମୀ ଦିଲୀପ କୁମାର ଦାସ ଏନ୍‌ଏଚ୍‌ଆର୍‌ସିଠାରେ ଏକ ଲିଖିତ ଅଭିଯୋଗ ଦେଇଥିଲେ। ଏହାପରେ କମିଶନ ଏହାର ଏକ ମାମଲା (ନଂ.୪୩୩୦/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

# ଜିଲାପାଳ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନୋଟିସ

ଭବାନୀପାଟଣା,୧୮।୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବୋରିଆ ପଞ୍ଚାୟତର ଖଜୁରୀପଡା ଛକରେ ଥିବା ଅରିହନ୍ତ ରାଇସମିଲ୍ ଓ ସମଲେଶ୍ୱରୀ ରାଇସମିଲ୍ ସମେତ ଚିର୍ଲା ଓ କେନ୍ଦୁପଡା ଗ୍ରାମ ମଧ୍ୟରେ ଥିବା ଦାଦିଜୀ ଅର୍ଣ୍ଣପୂର୍ଣ୍ଣା ରାଇସ୍ ମିଲ ଦ୍ୱାରା ବାୟୁ ପ୍ରଦୂଷଣ ତଥା ଜଳ ଉତ୍ସ ପ୍ରଦୂଷଣ ହେତୁ ସ୍ଥାନୀୟ ୬ଟି ଗ୍ରାମର ପ୍ରାୟ ୬ହଜାର ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଏହସହ ୨୬ନଂ ଜାତୀୟ ରାଜପଥରେ ଦୁର୍ଘଟଣା ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ନେଇ ଭବାନୀପାଟଣା ସହରର ମାନବାଧିକାରୀ କର୍ମୀ ଦିଲୀପ କୁମାର ଦାଶ ରାଜ୍ୟ ମାନବାଧିକାର କମିଶନ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ଏହି ମାମଲାର ଶୁଣାଣି କରି କମିଶନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ପିସିବି) ଓ କଳାହାଣ୍ଡି ଜିଲାପାଳଙ୍କୁ ନୋଟିସ ଜାରିକରି ସବିଶେଷ ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଏପ୍ରିଲ ୩୦ ସୁଦ୍ଧା ସରିବ ନାଟମଣ୍ଡପ ମରାମତି

କଟକ,୧୮।୧ (କାର୍ତ୍ତିକ ସାହୁ)

ଶ୍ରୀମନ୍ଦିର ନାଟମଣ୍ଡପ ମରାମତି କାର୍ଯ୍ୟ ଆସନ୍ତା ଏପ୍ରିଲ ୩୦ ତାରିଖ ସୁଦ୍ଧା ଶେଷ ହେବ ବୋଲି ଆମିକସ୍‌କ୍ୟୁରି ହାଇକୋର୍ଟରେ ଗୁରୁବାର ରିପୋର୍ଟ ଦାଖଲ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ନିଯୁକ୍ତ ଆମିକସ୍‌କ୍ୟୁରି ନାଟମଣ୍ଡପ ମରାମତି କାର୍ଯ୍ୟ ଅନୁଧ୍ୟାନର ରିପୋର୍ଟ ଦେଇଛନ୍ତି। ଗତ ୧୦ ତାରିଖରେ କୋର୍ କମିଟି ଓ ଏଏସ୍‌ଆଇର ମିଳିତ ବୈଠକ ବସି ନାଟମଣ୍ଡପ ବିମ୍ ଡିଜାଇନ୍ ଚୂଡ଼ାନ୍ତ ହୋଇଥିବା ଏଏସ୍‌ଆଇ ଆମିକସ୍‌କ୍ୟୁରିଙ୍କୁ ଜଣାଇଛନ୍ତି। ଏଥିସହ ନାଟମଣ୍ଡପ କାମ ଅବିରତ ଚାଲିଛି ବୋଲି ଆମିକସ୍‌କ୍ୟୁରି ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ପରବର୍ତ୍ତୀ ଶୁଣାଣି ପୂର୍ବରୁ ଏପ୍ରିଲ ୩୦ ସୁଦ୍ଧା ନାଟମଣ୍ଡପ ମରାମତି କାର୍ଯ୍ୟ ସାରିବା ନେଇ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ସପ୍ତାହରେ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

**ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ମାମଲା**

**ଚୂଡ଼ାନ୍ତ ହୋଇଛି ନାଟମଣ୍ଡପ ବିମ୍ ଡିଜାଇନ୍**



ସୂଚନା ଅନୁସାରେ, ହାଇକୋର୍ଟ ଗତ ନଭେମ୍ବର ୧୫ ତାରିଖ ଶୁଣାଣିରେ ନାଟମଣ୍ଡପ ମରାମତି କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେଇଥିଲେ। ଏହି ମରାମତି କାର୍ଯ୍ୟ ଦିନକୁ ୬ ଘଣ୍ଟା ଲେଖାଏ କରି ୧୨୦ ଦିନରେ ଶେଷ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆମିକସ୍‌କ୍ୟୁରି ଏହି କାର୍ଯ୍ୟର ଅନୁଧ୍ୟାନ କରି ପ୍ରତି ୧୫ ଦିନରେ ହାଇକୋର୍ଟଙ୍କୁ ରିପୋର୍ଟ ପ୍ରଦାନ କରିବେ। ଶ୍ରୀମନ୍ଦିର ପ୍ରଶାସନ ଏଥିପାଇଁ ଏଏସ୍‌ଆଇକୁ ସହଯୋଗ ଯୋଗାଇ ଦେବ। ଏଥିସହ ଶ୍ରଦ୍ଧାଳୁମାନେ ଯେପରି ଠାକୁର ଦର୍ଶନ କରିବା ନେଇ ଅସୁବିଧାରେ ନପଡ଼ନ୍ତି ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା କରିବ। ନାଟମଣ୍ଡପ ମରାମତି ଓ ଠାକୁର ଦର୍ଶନ ଉଭୟ କାର୍ଯ୍ୟ ଠିକ୍ ଭାବେ ସମ୍ପନ୍ନ ଲାଗି ଶ୍ରୀମନ୍ଦିର ପ୍ରଶାସନ ଉଭୟ ମଧ୍ୟରେ ସମନ୍ୱୟ ରକ୍ଷା କରିବ ବୋଲି ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଗତ ନଭେମ୍ବର ୧୭ ତାରିଖରୁ ନାଟମଣ୍ଡପ ମରାମତି କାର୍ଯ୍ୟ ଆରମ୍ଭ ହୋଇ ଅବିରତ ଚାଲିଛି। କଟକର ଅଭିଷେକ ଦାସଙ୍କ ଦ୍ୱାରା ରୁଜୁ ଜନସ୍ୱାର୍ଥ ମାମଲାକୁ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଲୋକ କୁମାର ମହାପାତ୍ର ପରିଚାଳନା କରୁଛନ୍ତି।

# ଚତୁର୍ଥ ଶ୍ରେଣୀ ଛାତ୍ରଙ୍କୁ ବିଷ ଖୁଆଇଲେ ଯୁବକ

■ ସାଂଘାତିକ ଅଭିଯୋଗ ଆଣିଲେ ପିତା

■ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

ବଲାଙ୍ଗୀର/ତରଭା,୧୮।୧ (ବୀରେନ୍ଦ୍ର କୁମାର ଝାଙ୍କର/ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ଥାନା ସିଲାଟିମୁଣ୍ଡା ଗାଁର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କୁ ସେହି ଗାଁର ଜଣେ ଯୁବକ ଖାଦ୍ୟରେ ବିଷ ମିଶାଇ ଖୁଆଇ ଦେବା ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ ଛାତ୍ର ଆୟୁଷ ବାଘ(୧୦)ଙ୍କ ଅବସ୍ଥା ଗୁରୁତର ହୋଇଛି। ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଏମ୍‌ସିଏଚ୍‌ରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ଗୁରୁତର ରହିଛି। ରାଜନୈତିକ ଶତ୍ରୁତାରୁ ପୁଅକୁ ବିଷ ଖୁଆଇ ମାରିଦେବାକୁ ଉଦ୍ୟମ କରାଯାଇଥିବା ଆୟୁଷଙ୍କ ବାପା ଲମ୍ବୋଦର ବାଘ ତରଭା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଜଣେ ନାବାଳକଙ୍କୁ ବିଷ ଖୁଆଇ ମାରିବା ଉଦ୍ୟମ ଘଟଣା ଖବର ପ୍ରଚାରିତ ହେବା ପରେ ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲାରେ ହଇଚଇ ସୃଷ୍ଟି ହୋଇଛି।

ଲମ୍ବୋଦରଙ୍କ ଅଭିଯୋଗ ମୁତାବକ, ଗୁରୁବାର ସିଲାଟିମୁଣ୍ଡା ଗାଁ ସ୍କୁଲକୁ ଆୟୁଷ ପଢ଼ିବା ପାଇଁ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ସାମୟିକ ବିରତିରେ ସ୍କୁଲରୁ ବାହାରିଥିବା ଆୟୁଷଙ୍କୁ ସେହି ଗାଁର ଜଣେ ଯୁବକ ଡାକି ପାନମୁହୁରି ଓ ବିସ୍କୁଟ ଖାଇବାକୁ ଦେଇଥିଲେ। ଏହାର କିଛି ସମୟ ପରେ ଛାତ୍ର ଜଣକ ଚେତାଶୂନ୍ୟ ହୋଇପଡିଥିଲେ। ତାଙ୍କୁ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଥିଲା। ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଚିକିତ୍ସା ପରେ ଛାତ୍ରଙ୍କ ବାନ୍ତି ହୋଇଥିଲା ଓ ଚେତା ଫେରିଥିଲା। ଗାଁର ଜଣେ ଯୁବକ ତାଙ୍କୁ ପାନମୁହୁରି ଏବଂ ବିସ୍କୁଟରେ କିଛି ମିଶାଇ ଖୁଆଇବା ପରେ ତାଙ୍କ ଅବସ୍ଥା ବିଗିଡିଥିବା କହିଥିଲେ। ଗତ ପଞ୍ଚାୟତ ନିର୍ବାଚନ ସମୟରେ ଲମ୍ବୋଦରଙ୍କ ସହ ସମ୍ପୃକ୍ତ ଯୁବକଙ୍କର କୁଆଡେ ଝଗଡା ହୋଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ସେ ବିରୋଧ କରିଆସୁଥିଲେ ଏବଂ ଶେଷରେ ପ୍ରତିଶୋଧ ପରାୟଣ ହୋଇ ତାଙ୍କ ଏକମାତ୍ର ପୁଅକୁ ବିଷ ଖୁଆଇ ମାରିଦେବାକୁ ଚେଷ୍ଟା କରିଥିବା ସେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ସ୍ୱାମୀଙ୍କ କାଠ ଫାଳିଆ ମାଡ଼ରେ ସ୍ତ୍ରୀ ମୃତ

ଖଡ଼ିଆଳ,୧୮।୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ଥାନା ଅନ୍ତର୍ଗତ ବଡମୂଲା ଗ୍ରାମରେ ସ୍ୱାମୀ ଅଚ୍ୟୁତ ଠେଲା(୪୫)ଙ୍କ କାଠ ଫାଳିଆ ମାଡ଼ରେ ସ୍ତ୍ରୀ କୁନ୍ତୀ ଠେଲା(୪୩)ଙ୍କ ମୃତ୍ୟୁ ଘଟିଛି। ଖଡିଆଳ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରି ସ୍ୱାମୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସ୍ତ୍ରୀ କୁନ୍ତୀ ନିଜ ମା' ଘରେ ରହିଥିବା ବେଳେ ଗତ ସୋମବାର ଗ୍ରାମକୁ ଫେରିଥିଲେ। ଅଚ୍ୟୁତଙ୍କ ୨ପୁଅ ଓ ୨ଝିଅ ଅଛନ୍ତି। ଗ୍ରାମର କିଛି ଦୂରରେ ଏକ ପ୍ରଧାନମନ୍ତ୍ରୀ ଆବାସ ଗୃହରେ ସମସ୍ତ ପରିବାର ସ୍ୱାମୀ ସ୍ତ୍ରୀଥିଲେ। ବୁଧବାର ରାତିରେ ସ୍ତ୍ରୀଙ୍କୁ ସନ୍ଦେହ ଚକ୍ଷୁରେ ଦେଖି କାଠ ଫଳିଆରେ ମୁଣ୍ଡ, ହାତରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା ବୋଲି ଖଡ଼ିଆଳ ପୋଲିସ ପ୍ରକାଶ କରିଛି। ଖଡିଆଳ ଥାନା ଅଧିକାରୀ ପ୍ରଦୀପ କୁମାର ଧାରୁଆ ଏବଂ ବୈଜ୍ଞାନିକ ଦଳ ତଦନ୍ତ କରୁଛନ୍ତି।

### ଆମ୍ବ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହାୟତା ପ୍ରଦାନ

କର୍ଲାମୁଣ୍ଡା,୧୮।୧(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଆମ୍ବ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀକୁ ସଷ୍ୟପୁଞ୍ଜି(ସିଡ୍ସ ମୋନି) ଭାବେ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ବିପିନ ବାରିକ, ବ୍ଲକ ପ୍ରକଳ୍ପ ସହ ସଂଯୋଜକ ତଥା ହିସାବ ରକ୍ଷକ ନେତ୍ରାରାଜ ତାଣ୍ଡି, ଏଟିଏମ ଶ୍ୟାମ ପଦ ଭଞ୍ଜ, ଓଁମ ପ୍ରକାଶ ମିଶ୍ର, ମିଲନ କୁମାର ଗୋଛାୟତ, ବ୍ଲକ ମିଲେଟ୍ସ ମିଶନ ପ୍ରକଳ୍ପର ଅତିରିକ୍ତ ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ଆମ୍ବ ପକ୍ଷରୁ ଦିଆଯାଉଥିବା ସହାୟତା ରାଶିର ସୁିନିଯୋଗ ଉପରେ ପରାମର୍ଶ ଦେଇଥିଲେ। ଏଥିରେ ବ୍ଲକର ବିଭିନ୍ନ ଦଳଗୁଡିକୁ ଆମ୍ବ ପକ୍ଷରୁ ସହାୟତା ରାଶି ପାଇଥିବା ମିଶନ ଶକ୍ତି ବିପିସି ବିପିନ ବାରିକ ସୂଚନା ଦେଇଛନ୍ତି।

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ତୁଣ୍ଡଲା,୧୮।୧(ଫିରୋଜ କୁମାର ଦାଶ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କୁ ନେଇ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଇଂଲିଶ ଅଧ୍ୟାପକ ବିଭୁଦେନ୍ଦୁ ମହାନ୍ତି ଓ ଅଧ୍ୟାପକ ସଞ୍ଜୀବ କୁମାର ପାଣିଗ୍ରାହୀ କିପରି ନିଜକୁ ନିରାପଦ ରଖି ପାରିବେ ସେ ବିଷୟରେ ଛାତ୍ରୀଙ୍କୁ ବୁଝାଇଥିଲେ। ସଂଯୋଜକ ସନ୍ତୋଷ କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମାଷ୍ଟର ଟ୍ରେନର ଭାବେ କେସିଙ୍ଗା ମହାବିଦ୍ୟାଳୟ ଛାତ୍ରୀ ତପସ୍ୱିନୀ ମାଝି ଯୋଗଦେଇଥିଲେ। ଏଥିରେ ୬୦ଜଣ ଛାତ୍ରୀ ତାଲିମ ନେବେ ବୋଲି ଅଧ୍ୟକ୍ଷ କହିଛନ୍ତି।

# ୮ ବର୍ଷ ପରେ ବି ଜମି ଚିହ୍ନଟ ହେଉନି

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ହିତାଧିକାରୀ

ନୂଆପଡ଼ା,୧୮।୧(ମକାରୁ ବେମାଲ)



ଦାବିପତ୍ର ଦେବା ପାଇଁ ଆସିଥିବା ହିତାଧିକାରୀ।

ସରକାର ଗରିବ ଭୂମିହୀନମାନଙ୍କୁ ଜମି ଓ ବାସଗୃହ ଯୋଗାଇ ଦେବା ପାଇଁ ଯୋଜନା କରିଛନ୍ତି। ଏ କ୍ଷେତ୍ରରେ ଆଦିବାସୀଙ୍କୁ ଅଗ୍ରାଧିକାର ଦେଇଥିବା ବେଳେ ନୂଆପଡା ଜିଲାରେ ବ୍ୟତିକ୍ରମ ଦେଖାଦେଇଛି। ନୂଆପଡା ଜିଲା କୋମନା ବ୍ଲକ ଅଧୀନସ୍ଥ ବୃଦ୍ଧିକୋମନା ଗାଁର ହିତାଧିକାରୀଙ୍କୁ ଘରଡିହ ଜମି ପଟ୍ଟା ମିଳି ନ ଥିବାରୁ ଗୁରୁବାର ଜିଲାପାଳଙ୍କୁ ଜମି ଚିହ୍ନଟ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କୋମନା ବ୍ଲକ ବୃଦ୍ଧିକୋମନା ଗାଁର ୧୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ୪ ଡିସମିଲ ଲେଖାଏ ଘରଡିହ ଜମିପଟ୍ଟା ପାଇଛନ୍ତି। ହେଲେ ଅଦ୍ୟାବଧି ଜମି ମିଳିନାହିଁ। ହିତାଧିକାରୀମାନେ ଅନେକ ଥର ପ୍ରଶାସନଙ୍କୁ ଲିଖିତ ଭାବରେ ଜଣାଉଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ସରପଞ୍ଚ ପ୍ରତିନିଧି ଭୁବନ ବାଗଙ୍କ ନେତୃତ୍ୱରେ ଗ୍ରୀନ କାର୍ଡ ଧାରି ସୁବଳୟା ତାଣ୍ଡି, ରଜନୀ ଦୀପ, ଗୁଡଦେଇ ରାଉତ, ଆଶାରାମ ଠାକୁର, କବିସିଂ ଚିନ୍ଦା, ବୁଧୁ ଠାକୁର, ରାଧାକାନ୍ତ ସିଂ, ନନ୍ଦକିଶୋର ଶବର ପ୍ରମୁଖ ଜିଲାପାଳ ହେମକାନ୍ତ ସାଏଙ୍କୁ ସାକ୍ଷାତ କରି ଜମି ଚିହ୍ନଟ ପାଇଁ ନିବେଦନ କରିଛନ୍ତି। ସୂଚନାଯାଯୀ ଭୂମିହୀନ ହିତାଧିକାରୀମାନେ ଦୀର୍ଘ ବର୍ଷ ହେବ ବସବାସ କରି ଆସୁଥିଲେ। ଘରଡିହ ନ ଥିବାରୁ କୋମନା ତହସିଲଦାରଠାରେ ଆବେଦନ କରିଥିଲେ। ପରେ ଗାଁ ୧୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୪ ଡିସମିଲ ଲେଖାଏ ଘରଡିହ ଜମିପଟ୍ଟା ୨୦୧୫-୧୬ରେ ପ୍ରଦାନ କରାଯାଇଥିଲା। ଆଜକୁ ପ୍ରାୟ ୮ ବର୍ଷ ବିତି ଯାଇଥିଲେ ମଧ୍ୟ ଜମି ଚିହ୍ନଟ ହୋଇ ପାରିନାହିଁ। ଗାଁର ଖାଲିପଡିଥିବା ଜମି ଦେଖି ହିତାଧିକାରୀମାନଙ୍କୁ ଜମି ଚିହ୍ନଟ କରିବା ପାଇଁ ତତ୍କାଳୀନ ତହସିଲଦାର ବୃଦ୍ଧିକୋମନା ରାଜସ୍ୱ ନିରିକ୍ଷକଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। କିନ୍ତୁ ଅଦ୍ୟାବଧି ଜମି ଚିହ୍ନଟ ହୋଇନାହିଁ। ଶୀଘ୍ର ଜମି ଚିହ୍ନଟ କରା ଗଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାଇଥିବା ହିତାଧିକାରୀ ଗୃହ ନିର୍ମାଣ କରିବୁ। ଜଜମି ଚିହ୍ନଟ ନ ହେବାରୁ ଗୃହ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଶୀଘ୍ର ଘରଡିହ ଜମି ଚିହ୍ନଟ କରାଯାଉ ବୋଲି ଦାବି କରିଛନ୍ତି।

# ରବି ଚାଷ ପାଇଁ ଜଳସେଚନ ଦାବି କଲେ ଚାଷୀ



ଚାଷୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

କୋକସରା/ବେହେରା,୧୮।୧(ଦୁଷ୍ମନ୍ତ କୁମାର ପାଇଯୋଶୀ/ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ତହସିଲ ଅଧୀନ ଟିପିଗୁଡା ଓ କାଂକେରି ଅଞ୍ଚଳର ଚାଷୀମାନେ ଗୁରୁବାର ଇନ୍ଦ୍ରାବତୀ ବାମ କେନାଲ କୁସୁମଖୁଣ୍ଟି ଅଧିକ୍ଷଣ ଯନ୍ତ୍ରୀଙ୍କୁ ଚଳିତ ରବି ଡାଲୁଅ ଧାନ ଚାଷ ପାଇଁ ବାମ କେନାଲରୁ ଜଳସେଚନ ଯୋଗାଇ ଦେବାକୁ ଦାବି କରିଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁସାରେ ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲ ଟିପିଗୁଡା ଓ କାଂକେରି ଦେଇଯାଇଥିବା ବେଳେ କେନାଲରୁ ଏହି ଅଞ୍ଚଳର ଚାଷୀ ଜଳସେଚନ ସୁବିଧାରୁ ବଞ୍ଚିତ ରହୁଛନ୍ତି। ପୂର୍ବରୁ ମଧ୍ୟ ଅନେକ ସମୟରେ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ସତ୍ତ୍ୱେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରା ଯାଇନାହିଁ। ଓଡିଶା ପ୍ରଦେଶ କଂଗ୍ରେସ ସମ୍ପାଦକ ଦିଗାମ୍ବର ଦୁରିଆ, କଂଗ୍ରେସ ନେତା ସନ୍ତୋଷ ପାଢ଼ୀ ଓ ଗୋବିନ୍ଦ ଜାଲଙ୍କ ନେତୃତ୍ୱରେ ନିଳାମ୍ବର ନାଏକ, ବିରଞ୍ଚି ନାଏକ, ବେଣୁଧର ନାଏକ, ଜବାହାର ଗୋପାଳ, ତ୍ରିଲୋଚନ ନାଏକ, ଉପେନ୍ଦ୍ର ନାଏକ, ପଞ୍ଚମୁ ନାଏକ, ଉପେନ୍ଦ୍ର ନାଏକ, ଗୋକୁଳ ନାଏକ, କୃତିବାସ ନାଏକ ଓ ଅନ୍ୟ ଚାଷୀମାନେ ଅଧିକ୍ଷଣ ଯନ୍ତ୍ରୀଙ୍କ ଅନୁପସ୍ଥିତ କାରଣରୁ ସହକାରୀ ଯନ୍ତ୍ରୀ ଆଦିତ୍ୟ ପଟ୍ଟନାୟକଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ବିଭାଗୀୟ ଅଧିକାରୀ ଜଳସେଚନ ପାଇଁ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

# କଳାହାଣ୍ଡି, ନୂଆପଡ଼ାରୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍ ସେବା ଆରମ୍ଭ



ଭବାନୀପାଟଣା ଜିଲାପାଳଙ୍କ ଅଫିସ ଆଗରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବ।



ନୂଆପଡ଼ରେ ଲକ୍ଷ୍ମୀବସକୁ ଶୁଭାରମ୍ଭ କରାଯାଉଛି।

ଭବାନୀପାଟଣା,୧୮।୧(ଉତ୍ତମ କୁମାର ଦାଶ)

ରାଜ୍ୟ ସରକାରଙ୍କ ଲକ୍ଷ୍ମୀ ବସ ଯୋଜନା ଅନ୍ତର୍ଗତ ଜଗନ୍ନାଥ ଏକ୍ସପ୍ରେସ ବସ ସେବା ଗୁରୁବାରଠାରୁ ଶୁଭାରମ୍ଭ ହୋଇଛି। ଅପରାହ୍ନରେ ଭର୍ଚୁଆଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୨ଟି ଜିଲାରେ ଏହି ବସ ସେବା ଆରମ୍ଭ କରାଯାଇଛି। କଳାହାଣ୍ଡି ଜିଲାରୁ ମଧ୍ୟ ଏହି ସେବା ଆରମ୍ଭ ହୋଇଛି। ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ପରିସରରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜି., ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଓ ପୌରଅଧ୍ୟକ୍ଷା ସଂଯୁକ୍ତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଭର୍ଚୁଆଲରେ ପ୍ରଥମେ ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ଉଷା ପାଢୀ ସ୍ୱାଗତ ଜଣାଇବା ସହ ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ଏହି ଯୋଜନାର ଉଦ୍ଦେଶ୍ୟ ଉପରେ ସଂକ୍ଷିପ୍ତ ବକ୍ତବ୍ୟ ଦେଇଥିଲେ। ସେହିପରି ସିଏମଡି, ଓଏସଆର୍‌ଟିସି ଦିପ୍ତେଶ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠିତ ସଭାରେ ଆରଟିଓ ଗତିକୃଷ୍ଣ ସାମନ୍ତରାୟ, ଓ.ଏସ.ଆର.ଟି ସି. ଜି.ଏମ. ରବୀନ୍ଦ୍ର ବେହେରା, ଲକ୍ଷ୍ମୀ ବସ ଯୋଜନା ପ୍ରବନ୍ଧକ ବିଶ ରଞ୍ଜନ ମହାନ୍ତି, ଡିଆଇପିଆରଓ ମନୋଜ ବେହେରାଙ୍କ ସହ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

**ନୂଆପଡ଼ା,(ମକାରୁ ବେମାଲ):** ନୂଆପଡା ସଦର ମହକୁମାରେ ଜିଲାପାଳ ହେମକାନ୍ତ ସାଏ, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗତରାମ ମାଝି, ଜିଲା ପରିଷଦ ଅଧ୍ୟକ୍ଷା ଦୀପିକା କୌଶଲ୍ୟା ପ୍ରମୁଖ ଉପସ୍ଥିତ ରହି ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ବସ୍ ସେବା ବସସେବା ଶୁଭାରମ୍ଭ କରିଥିଲେ। ଶୁଭାରମ୍ଭ ସମୟରେ ବିଧାୟକ ପ୍ରତିନିଧି ଜୟ ଢୋଲକିଆ, ଜିଲା ପରିଷଦ ଭାନୁ ପ୍ରତାପ ସିଂ ମାଝି, ଭରତ ଲାଲ ରାଉତ, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ମାନା ସିଂ, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପରିବା ଚାଷୀଙ୍କ ଟଙ୍କା ଆତ୍ମସାତ ଅଭିଯୋଗ

## ଭିଜିଲାନ୍ସ ତଦନ୍ତ ଦାବି

ଛତିକୁଡ଼ା,୧୮।୧(ଦୀପକ ସାହୁ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ପଲମ ଗ୍ରାମପଞ୍ଚାୟତ କେନ୍ଦୁବାହାଲି, ମହଗାଁ, ପଲମ ଆଦି ଗ୍ରାମରେ ୨୦୨୦-୨୧ରୁ ସିଡିପି ଯୋଜନାରେ ଚାଷୀଙ୍କ ଆର୍ଥିକ ସ୍ଥିତି ବୃଦ୍ଧି କରିବା ନିମନ୍ତେ ଉଦ୍ୟାନ ବିଭାଗ ଜରିଆରେ ମେଗା ଲିଫ୍ଟ ଅଧୀନରେ ପ୍ରତି ପରିବା ଚାଷୀଙ୍କୁ ୨୨ ହଜାର ଟଙ୍କା ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି। ହେଲେ ଚାଷୀଙ୍କ ଅର୍ଥକୁ ଜଣେ ବିଭାଗୀୟ ମହିଳା କର୍ମଚାରୀ ଦଲାଲ ଜରିଆରେ ଚାଷୀଙ୍କ ୨୨ ହଜାର ଟଙ୍କାରୁ ୧୧ ହଜାର ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ ଦାବି ହୋଇଛି। ପ୍ରାପ୍ତସୂଚନା ଅନୁଯାୟୀ ୩ଶହରୁ ଊର୍ଦ୍ଧ୍ୱ ଚାଷୀଙ୍କ ୧୧ ହଜାର ହେଲେ ବାର୍ଷିକ ୩୩ ଲକ୍ଷ ଟଙ୍କା ଘୋଟାଲା ହୋଇଥିବା ଆକଳନ କରାଯାଇଛି। ଏହା ୩ବର୍ଷକୁ ପାଖାପାଖି ୧ କୋଟି ଟଙ୍କା ଚାଷୀଙ୍କ ପ୍ରୋତ୍ସାହନ ରାଶି ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଏଭଳି କି ଚାଷୀ ଚାଷ ନ କରି ଅଧା ଟଙ୍କା ପାଉଥିବା ବେଳେ ବାକି ଟଙ୍କା ବିଭାଗୀୟ ଅଧିକାରୀ ଓ କର୍ମଚାରୀ ନେଉଥିବା ବାରମ୍ବାର ଅଭିଯୋଗ କରିଥିଲେ। କୌଣସି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ନ ହେବାରୁ ଅଭିଯୋଗକାରୀମାନେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ତୁରନ୍ତ ସମ୍ପୃକ୍ତା ମହିଳା କର୍ମଚାରୀଙ୍କୁ ଏଠାରୁ ଅନ୍ୟତ୍ର ବଦଳି ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ମହିଳା କର୍ମଚାରୀଙ୍କୁ ୬ ମାସ ହେଲା ବଦଳି କରାଯାଇଛି। କିନ୍ତୁ ସମ୍ପୃକ୍ତା ମହିଳା କର୍ମଚାରୀ ଅଦ୍ୟାବଧି ବ୍ଲକର ସମ୍ପୂର୍ଣ୍ଣ ଚାର୍ଜ ହସ୍ତାନ୍ତର କରି ନ ଥିବା ଅଭିଯୋଗ ହୋଇଛି। ଏ ନେଇ ସହକାରୀ ଉଦ୍ୟାନ ଅଧିକାରୀ ଅନନ୍ତ ପଣ୍ଡାଙ୍କୁ ପଚାରିବାରୁ ଏ ସମ୍ପର୍କରେ ସେ କିଛି ଜାଣି ନ ଥିବା ପ୍ରକାଶ କରିଥିବା ବେଳେ ପ୍ରକୃତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

# ନୂଆପଡାରେ ନାଟକ ହୃଦୟ ପଥଗାମୀ ମଞ୍ଚସ୍ଥ

ନୂଆପଡ଼ା,୧୮।୧(ମକାରୁ ବେମାଲ)



ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

ନୂଆପଡ଼ା ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ମାରାଗୁଡା ମଣ୍ଡପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବସରରେ ହୃଦୟ ପଥଗାମୀ ନାଟକ ମଞ୍ଚସ୍ଥ ହୋଇଯାଇଛି। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ, ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ମାହାର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଦୀପ କୁମାର ସେଠ, ଶିକ୍ଷାବିତ କ୍ଷୀରୋଦ ନିବାସ ପଣ୍ଡା, ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୁଲାପ ସାହୁ ପ୍ରମୁଖ ଓ ଅନ୍ୟଅତିଥିମାନେ ପୂଜା ଅର୍ଚ୍ଚନା କରି ଶୁଭାରମ୍ଭ କରିଥିଲେ। ନାଟ୍ୟକାର କେଶବ ରଞ୍ଜନ ପ୍ରଧାନଙ୍କ ରଚିତ ଓ ପ୍ରଧାପକ ରବି ରଞ୍ଜନ ବେହେରାଙ୍କ ନିର୍ଦ୍ଦେଶିତ ନାଟକ ହୃଦୟ ପଥଗାମୀକୁ ନୁଆପଡା ଜିଲା ବୋଡେନ ବ୍ଲକ କେରାପଦର ଗାଁର କଳାକାରମାନେ ମଞ୍ଚସ୍ଥ କରିଥିଲେ। କୋଶଲି ଭାଷାରେ ନାଟକ ପରିବେଷିତ ହୋଇଥିଲା। ଏହାକୁ ନାଟକ ମାଧ୍ୟମରେ ନିଖୁଣ ରୂପେ ପରିବେଷଣ କରାଯାଇଥିଲା। ବରିଷ୍ଠ ସହାୟକ ବିଭୁଦତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସାମାଜିକ ସମୀକ୍ଷା ଜନଶୁଣାଣି

କେସିଙ୍ଗା,୧୮।୧(ଦୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦରେ ବୁଧବାର ଓ ଗୁରୁବାର ୨ଦିନ ଧରି ସ୍ଥାନୀୟ ପରିଚୟ ଗୃହ, ବିଜୁ ଆଦର୍ଶ କଲୋନୀ, ୱାର୍ଡ ନଂ-୦୮ରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ହିତାଧିକାରୀଙ୍କ ପାଇଁ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଜନଶୁଣାଣି କାର୍ଯ୍ୟକ୍ରମରେ ପରିଷଦ ଅଧ୍ୟକ୍ଷ ନୃପରାଜ ଯାଦବ, ଉପାଧ୍ୟକ୍ଷା ସରସ୍ୱତୀ ସାହା, କାର୍ଯ୍ୟନିର୍ବାହୀ ଅଧିକାରିଣୀ କିରଣ ବେହେରା, ଓଏମଏଏସ.ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ନାରାୟଣ ସେନ, ଏମଆଇଏସ, ମୋହନ କୁମାର ସାହୁ, ୱାର୍କ ସରକାର ଶଙ୍କର ପ୍ରାସଦ ଦାଶ, ସିଏଲଟିସି କର୍ମଶାଳା ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ଲାଇଫ ଏକାଡେମୀ ଅଫ ଭୋକେସନାଲ ଷ୍ଟଡିଜର କର୍ମକର୍ତ୍ତା ମୁରଲୀଧର ବରାଡ କର୍ମଶାଳାରେ ଉପସ୍ଥିତ ସମସ୍ତ ୱାର୍ଡ ପରିଷଦ ସଭ୍ୟ, ସଭ୍ୟା, ହିତାଧିକାରୀ, ପରିଷଦ କର୍ମଚାରୀ, ୱାର୍ଡର ବାସିନ୍ଦାମାନଙ୍କୁ ବିସ୍ତୃତ ଭାବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମ ଅନ୍ତର୍ଗତ ସାମାଜିକ ସମୀକ୍ଷା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୨୧-୨୨ ହିତାଧିକାରୀମାନେ ସେମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ କରିବା ସହିତ ଯୋଜନାର ଉପକାରିତା ଉପରେ ଆଲୋଚନା କରିବେ। ଏଥିସହିତ ହିତାଧିକାରୀମାନେ ସମ୍ପୂର୍ଣ୍ଣ କରିଥିବା କିଛି ଆବାସ ଗୃହ କର୍ମଚାରୀମାନେ ବୁଲି ତଦାରଖ କରିବା ସହିତ ହିତାଧିକାରୀଙ୍କ ସହିତ ମତବିନିମୟ କରିଲେ।

# ଆତ୍ମସୁରକ୍ଷା ତାଲିମ ଉଦ୍‌ଘାଟିତ



ବେହେରା,୧୮।୧(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରାସ୍ଥିତ ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମହିଳାଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଗୁରୁବାର ଉଦଘାଟିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆତ୍ମ ସୁରକ୍ଷା ତାଲିମ ଉଦଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ରଞ୍ଜନ କୁମାର ପଣ୍ଡା, ଅକ୍ଷୟ ପଟ୍ଟନାୟକ, ନିକୁଞ୍ଜ ବିହାରୀ ସାହୁ, ମୋହନ ଚରଣ ବିଷି, ଫକିର ଚଣ୍ଡି ପ୍ରମୁଖ ମଞ୍ଚାସୀନଥିଲେ। ପ୍ରଶିକ୍ଷିକା ଭାବେ ମାଳତୀ ପଟେଲ ଯୋଗଦେଥିଲେ। ଖେଳ ଶିକ୍ଷକ ସୁରେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଶୋକ ଚଣ୍ଡି ଓ ସାନ୍ଧୁର୍ଯ୍ୟ ଗୋପାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଏକାଦଶ ଶ୍ରେଣୀର ୯୪ଜଣ ଛାତ୍ରୀ ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିଥିଲେ।

# ଭଣ୍ଡାର କ୍ରିକେଟ ଟୁର୍ନାମେଣ୍ଟ: ବିଜେପୁର ଚାମ୍ପିୟନ

ସିନାପାଲି,୧୮।୧(ମନଫୁଲ ମେହେର)





ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି।

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଲିଟିଗୁଡା ପଞ୍ଚାୟତ କୋକପଦରରେ ସ୍ଥାନୀୟ ପାହାର ଭଣ୍ଡାର ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ମା' ପାହାର ଭଣ୍ଡାର କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦଯାପିତ ହୋଇଯାଇଛି। କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଓ ନୂଆପଡ଼ା ଜିଲା ବିଜେପୁର ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବିଜେପୁର ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ବିଜେପୁର ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୬୭ ରନ ସଂଗ୍ରହ କରିଥିଲା। ଗୋଲାମୁଣ୍ଡା ୧୨.୪ ଓଭରରେ ସମସ୍ତ ଉଇକେଟ ହରାଇ ୯୮ ରନ ସଂଗ୍ରହ କରି ପରାଜୟ ହୋଇଥିଲା। ଉଦ୍‌ଯାପନୀ ମ୍ୟାଚରେ ସଚିନ ଯୋଶୀ ଓ ଧନଞ୍ଜୟ ମେହେର ଖେଳ ପରିଚାଳନା କରିଥିଲେ। ଉଦଘୋଷକ ଭାବେ ଭୀମରାଜ ତାଣ୍ଡି, ମହେଶ ଦୀପ, ପ୍ରକାଶ ପାତ୍ର, ହେମନ୍ତ ଯାଦବ, ନରେଶ ମାଝି ଖେଳର ଧରାବିବାରଣୀ ପ୍ରଦାନ କରିଥିଲେ। ଧବଳେଶ୍ୱର ନାଗ, ଟଙ୍କ ହରପାଳ ଓ ଓମପ୍ରକାଶ ବାଗ ସ୍କୋରିଂ ଦାୟିତ୍ୱ ନିର୍ବାହ କରିଥିଲେ। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ସମ୍ମାନିତ ଅତିଥି ଭାବେ ଭାଜପା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅଭିନନ୍ଦନ ପଣ୍ଡା, ସ୍ଥାନୀୟ ସରପଞ୍ଚ ରଶ୍ମିତା ଚିନାଗୁନ, ସମିତି ସଭ୍ୟ ମନୀଷ ପଟେଲ, ଭରୁଆମୁଣ୍ଡା ସରପଞ୍ଚ ବିରଞ୍ଚି ଜଗତ, ଡା. ଅରିଗଞ୍ଜନ ଯୋଶୀ ପ୍ରମୁଖ ମଞ୍ଚସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଖିରାମ ବାଗ, ପଦ୍ମନ ମହନନ୍ଦ, ବୈଦ୍ୟନାଥ ଚିନାଗୁନ, ମଧୁସୂଦନ ସୁନାନୀ, ମଦନ ମହାନନ୍ଦ, ମାଧବ ହରପାଳ, ଶରତ ଚିନାଗୁନ, ବୈଲୋଚନ ଚିନାଗୁନ, କୈଳାଶ ନାଗ, ଚୁଡାମଣି ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟ ଆୟୋଜନ କମିଟି ସଭାପତି ସତୀଶ ଯୋଶୀ, ଉପସଭାପତି ଦୀନବନ୍ଧୁ ବାଗ, ସମ୍ପାଦକ ପୀତାମ୍ବର ନାଗ, ଯୁଗ୍ମ ସମ୍ପାଦକ ନିରଞ୍ଜନ ଘିଭେଲା, କୋଷାଧ୍ୟକ୍ଷ ଗଜିନ୍ଦ୍ର ବାଗଙ୍କ ସମେତ ସମସ୍ତ ସଭ୍ୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଟୁର୍ନାମେଣ୍ଟର ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟ ପରିଚାଳନାରେ ଆୟୋଜକ କମିଟି ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଜିଲାବ୍ୟାପୀ ବୁଲିବ ୧୪ଟି ଇଭିଏମ୍ ସଚେତନତା ରଥ

ଭବାନୀପାଟଣା,୧୮।୧(ଉତ୍ତମ କୁମାର ଦାଶ)





ଇଭିଏମ୍ ସଚେତନତା କେନ୍ଦ୍ର ଉଦ୍‌ଘାଟନ ସମୟରେ ଜିଲାପାଳ ଓ ଅନ୍ୟମାନେ।

- ସାଧାରଣ ନିର୍ବାଚନ ପୂର୍ବରୁ ଜିଲା ପ୍ରଶାସନର ବ୍ୟାପକ ପ୍ରସ୍ତୁତି
- ଇଭିଏମ୍-ଭିଭିପିଏଟି ବ୍ୟବହାର ଉପରେ ଲୋକଙ୍କୁ କରିବ ସଚେତନ

କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ଭବାନୀପାଟଣା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ଇଭିଏମ-ଭିଭିପିଏଟି ଉପରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ ଇଭିଏମ ଓ ଭିଭିପିଏଟି ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ତନ୍ମୟ ଦରୱାନ, ତ୍ରିଲୋଚନ ପାତ୍ର, ଧର୍ମଗଡ଼ ଉପଜିଲାପାଳ ବିରଞ୍ଚି ନାରାୟଣ ଦରୱାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଜିଲା ନିର୍ବାଚନ ଶାଖା ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ରମେଶ ପଣ୍ଡା, ଆସିଷ୍ଟାଣ୍ଟ କଲେକ୍ଟର ମମତା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଇଭିଏମ ଓ ଭିଭିପିଏଟି ପ୍ରଦର୍ଶନ କେନ୍ଦ୍ର ଜିଲାପାଳ ଉଦଘାଟନ କରିଥିଲେ। ସେହିପରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗୋଟିଏ ଇଭିଏମ ଓ ଭିଭିପିଏଟି ପ୍ରଦର୍ଶନ କେନ୍ଦ୍ରକୁ ଅତିରିକ୍ତ ଉପ ଜିଲାପାଳ ଜୟଦେବ ଦାସଙ୍କ ଉପସ୍ଥିତିରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଉଦଘାଟନ କରିଥିଲେ। ଗୁରୁବାରଠାରୁ ଆସନ୍ତା ଫେବୃୟାରୀ ୨୯ ତାରିଖ ପର୍ଯ୍ୟନ୍ତ ଜିଲାର ୧୩ଟି ବ୍ଲକର ସମସ୍ତ ପଞ୍ଚାୟତ, ଜୁନାଗଡ଼, କେସିଙ୍ଗା, ଧର୍ମଗଡ଼ ଏନଏସି ତଥା ଭବାନୀପାଟଣା ପୌରାଞ୍ଚଳରେ ୧ଟି ଇଭିଏମ ଓ ଭିଭିପିଏଟି ସଚେତନତା ରଥ ପରିକ୍ରମା କରିବା ସହିତ ଲୋକଙ୍କୁ ଇଭିଏମରେ ଭୋଟଦାନ ଓ ଭିଭିପିଏଟିର ବିଶ୍ୱସନୀୟତା ସମ୍ପର୍କରେ ସଚେତନ କରାଇବ ବୋଲି ଜିଲା ନିର୍ବାଚନ ଶାଖା ସୂତ୍ରରୁ ଜଣାପଡ଼ିଛି।

## ସଂକ୍ଷେପରେ

### ବୌଦ୍ଧ ପଞ୍ଚାୟତ କଲେଜରେ ନୂଆ ଓ କାର୍ଯ୍ୟକ୍ରମ



ବୌଦ୍ଧ,୧୮।୧(ଅଜିତ କୁମାର ବାରିକ)

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଗୁରୁବାର ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ ଛାତ୍ର ସମାଜ ପାଇଁ ଓଡ଼ିଆ ସାହିତ୍ୟର ଉପଯୋଗିତା ବିଷୟରେ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ସୁଜାତା ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଡ. ଶରତ ଚନ୍ଦ୍ର ପତି ଓଡ଼ିଆ ସାହିତ୍ୟର ଉପଯୋଗିତା ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ପ୍ରତାପ ରଥ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଅଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱପ୍ନା ମେହେର, ସରିତା ଜେନା, ଶ୍ରୁତି ସାଇ ପାଢୀ, ସ୍ମୃତି ପଟ୍ଟନାୟକ, ଲିଟଲ ମେହେର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ଅର୍ଚ୍ଚିତା

ସୋନପୁର,୧୮।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଉଠାଜଳସେଚନ ବିଭାଗ ତରଫରୁ ଚାଲିଥିବା ଜିଲାସ୍ତରୀୟ ପ୍ରକଳ୍ପ ପ୍ରଦର୍ଶନୀ ପ୍ରତିଯୋଗିତାରେ ସୋନପୁର ବ୍ଲକ ବଲାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଅର୍ଚ୍ଚିତା ସାହୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସୁବର୍ଣ୍ଣପୁର ଜିଲାରୁ ଏକମାତ୍ର ପ୍ରତିଯୋଗୀ ଭାବରେ ସେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଅର୍ଚ୍ଚିତା ବ୍ଲକସ୍ତରୀୟ ଓ ଡିଭିଜନସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ। ଛାତ୍ରୀଙ୍କ ସଫଳତାରେ ପ୍ରଧାନଶିକ୍ଷକ ଡ଼ା ଭରଦ୍ୱାଜ ଦାସ, ଗାଇଡ ଶିକ୍ଷକ ସମୀର ପଣ୍ଡା, ଶିକ୍ଷକ ଘନଶ୍ୟାମ ମିଶ୍ର, ଶିବନାରାୟଣ ମିଶ୍ର, ଭାରତୀ ମିଶ୍ର, ଜୟନ୍ତୀ ଜେନା, ବିଶଭୂଷଣ ନାୟକ ଓ କ୍ରୀଡା ଶିକ୍ଷକ ପ୍ରମୋଦ ନାୟକ ଶୁଭେଚ୍ଛା ଜଣାଇବା ସହ ଛାତ୍ରୀଙ୍କ ପିତା ବିରେନ ସାହୁଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି।



ପ୍ରକଳ୍ପ ସହିତ ଛାତ୍ରୀ ଅର୍ଚ୍ଚିତା।

### ମା'ଦୁର୍ଗା ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପୁରୀ ସନ୍ଥ ମହାରାଜ ବଂଶୀଧର ଦାସ

ବିନିକା,୧୮।୧ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଚାଲିଥିବା ମା' ଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଗୁରୁବାର ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହେଉଛି। ଶ୍ରୀକ୍ଷେତ୍ର ପୁରୀ ରାମଜୀ ମଠର ମହନ୍ତ ମହାରାଜ ବଂଶୀଧର ଦାସଙ୍କ ତତ୍ତ୍ୱାବଧାନରେ ପରିଚାଳିତ ପ୍ରତିଷ୍ଠା ପୂଜାରେ ବ୍ରହ୍ମା ଭାବେ ଭାସ୍କର ପୁରୋହିତ, ଆଚାର୍ଯ୍ୟ ସୁବାଷ ଚନ୍ଦ୍ର ବଡ଼ପଣ୍ଡା, ହରିଶ୍ଚନ୍ଦ୍ର ହୋତା, ଜୟନାରାୟଣ ପାଢ଼ୀ, ସଞ୍ଜିବ ପାଢ଼ୀ, ଅଶ୍ୱିନୀ ମିଶ୍ର, ସର୍ଜନ ନାୟକ, ବାଳଗୋପାଳ ପୁରୋହିତ, ଉମାବଲ୍ଲଭ ଷଡ଼ଙ୍ଗୀ, ଭକ୍ତରାମ ପାଣିଗ୍ରାହୀ, ସଦାନନ୍ଦ ପାଣ୍ଡିଆ, ଦେବାଶିଷ ପୁରୋହିତ, ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି। କର୍ତ୍ତା ଭାବେ ସୁକନ୍ୟା ପାତ୍ର, ସୁନୀଲ ପାତ୍ର, ତପସ୍ୱିନୀ ମହାନ୍ତି, କୈବର୍ତ୍ତ ମହାନ୍ତି, ଦିବ୍ୟାଲୋକା ମହାପାତ୍ର, ଗୌରବ ପାଢ଼ୀ, ଅଳିମା ପାଢ଼ୀ, ଘାସିରାମ ପଣ୍ଡା, ଶ୍ୟାମବାଇ ଅଗ୍ରୱାଲ, ଶ୍ୟାମସୁନ୍ଦର ଅଗ୍ରୱାଲା, ଶ୍ରୁତି ଅଗ୍ରୱାଲ, ଅନନ୍ତ ଅଗ୍ରୱାଲ, ରୀନା ସୁବୁଦ୍ଧି, ଦିଲ୍ଲୀପ ସୁବୁଦ୍ଧି, କମଳିନୀ ପୂଜାରୀ, ପ୍ରଶାନ୍ତ ପୂଜାରୀ, ସୁଜାତା ମେହେର, ଘନଶ୍ୟାମ ମେହେର, ବିଜୟଲକ୍ଷ୍ମୀ ନାଏକ, ଦୁଃଖୀରାମ ନାଏକ, ଲକ୍ଷ୍ମୀ ଅଗ୍ରୱାଲା, ପବନ ଅଗ୍ରୱାଲ, ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଧର୍ମପତ୍ନୀ ବୀଣାପାଣି ପୂଜାରୀ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ସଭାପତି ସନ୍ତୋଷ କୁମାର ପଣ୍ଡା ସମସ୍ତଙ୍କର ସହଯୋଗ କାମନା କରିଥିଲେ।

# ସାମୂହିକ ଛୁଟି ନେଲେ ୨୩ ପ୍ରାଣୀ ଚିକିତ୍ସକ

ସୋନପୁର,୧୮।୧(ମୃତ୍ୟୁଞ୍ଜୟ ଶତପଥୀ)

ପ୍ରାଣୀ ଚିକିତ୍ସକଙ୍କର ଦୀର୍ଘଦିନର ଦାବିଗୁଡିକ ପ୍ରତି ରାଜ୍ୟ ସରକାର ଅଣଦେଖା କରି ଆସୁଛନ୍ତି। ସରକାରୀ ଉଦାସୀନତା ପ୍ରତିବାଦରେ ସୁବର୍ଣ୍ଣପୁର ଜିଲାର ସମସ୍ତ ୨୩ ଜଣ ପ୍ରାଣୀ ଚିକିତ୍ସକ ଗୁରୁବାର ସାମୂହିକ ଛୁଟି ନେଇଛନ୍ତି। ଏ ସମ୍ପର୍କରେ ଜିଲାର ପ୍ରାଣୀ ଚିକିତ୍ସକମାନେ ଜିଲାପାଳ, ଏସ୍‌ପି ଓ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ହସ୍ତକ୍ଷେପ କରିବାକୁ ପ୍ରାଣୀ ଚିକିତ୍ସକମାନେ ନିବେଦନ କରିଛନ୍ତି। ଓଡ଼ିଶାର ପ୍ରାଣୀପାଳକମାନଙ୍କ ହିତ ଓ ନିଜର ସାମାଜିକ ସୁରକ୍ଷାର ସମ୍ମାନ ପାଇଁ ପ୍ରାଣୀ ଚିକିତ୍ସକମାନେ ସରକାରଙ୍କ ପାଖରେ ଦୀର୍ଘଦିନରୁ ଦାବି ଉପସ୍ଥାପନ କରି ଆସୁଛନ୍ତି। ଗତ ବର୍ଷ ଫେବୃଆରୀରେ ପ୍ରାଣୀ ଚିକିତ୍ସକମାନେ କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟ କରିଥିଲେ। ଦାବି ପୂରଣ ନ ହେବାରୁ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ଆହ୍ୱାନ କ୍ରମେ ସୁବର୍ଣ୍ଣପୁର ଜିଲାର ପ୍ରାଣୀ ଚିକିତ୍ସକମାନେ ମେ ୪ ତାରିଖରେ ସମୂହ ଇସ୍ତଫା ଦେଇଥିଲେ। ତେବେ ପ୍ରତିଶୃତି ପରେ ସଂଘ ଆନ୍ଦୋଳନ ପ୍ରତ୍ୟାହାର କରିଥିଲା। ମାତ୍ର ଦାବି ପୂରଣ ନ ହେବାରୁ ଜାନୁଆରୀ ୧୮ ଗୁରୁବାର ଠାରୁ ଦାବି



ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାଣୀ ଚିକିତ୍ସକମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛନ୍ତି।

**ଦାବି ପ୍ରତି ରାଜ୍ୟ ସରକାରଙ୍କ ଅଣଦେଖାର ପ୍ରତିବାଦ**

ପୂରଣ ନ ହେବା ପର୍ଯ୍ୟନ୍ତ ସାମୂହିକ ଛୁଟି ନେଇଛନ୍ତି। ଏହି ସମୟରେ ଜୀବଜନ୍ତୁ, ପ୍ରାଣୀ ସମ୍ପଦ ଓ ପକ୍ଷୀଙ୍କ ଅସୁବିଧା ପାଇଁ ସରକାର ଦାୟୀ ରହିବେ ବୋଲି ପ୍ରାଣୀ ଚିକିତ୍ସକ ସଂଘ ପକ୍ଷରୁ କୁହାଯାଇଛି। ପ୍ରାଣୀଚିକିତ୍ସା ସେବା ବ୍ୟବସ୍ଥାର ବ୍ୟାପକ ରୂପାନ୍ତରଣ ଯଥା ୨୪ ଘଣ୍ଟିଆ ପ୍ରାଣୀ ଚିକିତ୍ସା ସେବା, ବିଶେଷଜ୍ଞ ଚିକିତ୍ସା, ରେଫେରାଲ ସୁବିଧା, ପ୍ରାଣୀ ରୋଗ ନିଦାନ ସୁବିଧା, ଦ୍ୱାର ଦେଶରେ ମାଗଣା ପ୍ରାଣୀ ଚିକିତ୍ସା ସୁବିଧା, କାର୍ଯ୍ୟ ସମୟ ଓ କାର୍ଯ୍ୟସାରଣୀ ନିର୍ଦ୍ଧାରଣ, ଓଡ଼ିଶାର ପ୍ରାଣୀଚିକିତ୍ସକମାନଙ୍କୁ କେନ୍ଦ୍ର ସରକାରଙ୍କ ଅଧିନରେ କାର୍ଯ୍ୟରତ ପ୍ରାଣୀଚିକିତ୍ସକମାନଙ୍କ ସହ ସମାନ ପଦୋନ୍ନତି(ବିଏସିପି) ସୁବିଧା, କେନ୍ଦ୍ର ସରକାରଙ୍କ ଅଧିନରେ କାର୍ଯ୍ୟରତ ପ୍ରାଣୀଚିକିତ୍ସକମାନଙ୍କ ହାରରେ ଏନ୍‌ପିଏ, ରାଜ୍ୟରେ ପ୍ରାଣୀଗଣନା ଓ ଜନସାଧାରଣଙ୍କ ଆବଶ୍ୟକତା ଆଧାରରେ ଡାକ୍ତର ପଦବୀ ସୃଷ୍ଟି, ଡାକ୍ତର ନିଯୁକ୍ତି ଓ କ୍ୟାଡର ପୁନର୍ଗଠନ ଦାବିରେ ପ୍ରାଣୀ ଚିକିତ୍ସକମାନେ ସରକାରଙ୍କ ନିକଟରେ ଅନୁରୋଧ କରି ଆସୁଛନ୍ତି। ସୋନପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦୁର୍ଗା ପ୍ରସାଦ ତ୍ରିପାଠୀ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁଧୀର ପଣ୍ଡା, ବୀରମହାରାଜପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅଜୟ କୁମାର ସାହୁ, ଜିଲା ପ୍ରାଣୀ ଚିକିତ୍ସାଳୟର ଉପ ନିର୍ଦ୍ଦେଶକ ଡା. ସୁନାକର ସାମଲ, ଡୁଙ୍ଗୁରିପାଲି ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶୁଭେନ୍ଦୁ ସୁଧା ଷଡଙ୍ଗୀ, ଉଲୁଣ୍ଡା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁବ୍ରତ ପୁରୋହିତ, ତରଭା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶ୍ୟାମସୁନ୍ଦର ପାଣ୍ଡେ, କମସରା ପ୍ରାଣୀ ଚିକିତ୍ସକ ଡା. ଶୁଭକାଂକ୍ଷୀ ବେହେରା ଓ ଝସକେତନ ପଶାୟତଙ୍କ ସମେତ ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ ଛୁଟିରେ ଯାଇଥିବା ଜଣାପଡିଛି।

# ଭାଷା, ସାହିତ୍ୟ, ସୃଜନଶୀଳତା ଉତ୍ସବ

ଖୁଣ୍ଟିଗୋରା, ୧୮।୧(ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ଜନତା ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ସୃଜନଶିଳତା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁକଦେବ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ମୋ ସ୍କୁଲ ଅଭିଯାନ ସଭାପତି ଦେବେନ୍ଦ୍ର ରଣା, କଣ୍ଟାମାଳ ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା, ପୂର୍ବତନ ପ୍ରଧାନ ଶିକ୍ଷକ ଦେବରାଜ ସାହୁ, ଉମା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କଷ୍ଟଶ୍ୱର ଭୋଇ, ଉମା ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଦବ୍ୟାସ ପୁଟା, ପୁରାତନ ଛାତ୍ର କୁବେର ରଣା, ପ୍ରତାପ ରଣା, ଆମ୍ବଗାଁ ସରପଞ୍ଚ ପ୍ରତିମା ରଣା, କୁଲୁଡାଯୋର ସରପଞ୍ଚ ତୁମୁକି ଭୋଇ ଯୋଗ ଦେଇଥିଲେ। ଅତିଥିମାନେ ଭାଷା ସାହିତ୍ୟ ଉପରେ ନିଜର ମତବ୍ୟକ୍ତ କରିଥିଲେ। ଦେବାଶୀଷ ଥାନାପତି ମଞ୍ଚ ପରିଚାଳନା କରିଥିଲେ। ଲକ୍ଷ୍ମଣ ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୭୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ଦଧିବାମନ କ୍ରିକେଟ: ଲୁତୁରପଙ୍କ ସେମିରେ



ବିଜୟୀ ଲୁତୁରପଙ୍କ ଦଳର ଖେଳାଳି।

ଅମରପାଲି,୧୮।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦରସ୍ଥିତ ଖେଳ ପଡ଼ିଆରେ ହେଉଥିବା ପ୍ରଥମ ଦଧିବାମନ କ୍ରିକେଟ କପର ଗୁରୁବାର ମ୍ୟାଚରେ ସାହାଜଲଥାକୁ ହରାଇ ଲୁତୁରପଙ୍କ ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ ବଡ଼ମାଳ ଓ ଲୁତୁରପଙ୍କ ମଧ୍ୟରେ ହୋଇଥିଲା। ଏଥିରେ ବଡ଼ମାଳ ୮୨ ରନ କରିଥିବା ବେଳେ ଲୁତୁରପଙ୍କ ୮୩ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ତେଲିପାଲି ପ୍ରଥମେ ବ୍ୟାଟିଂ କରି ୮ଓଭରରେ ୮୫ ରନ କରିଥିବାବେଳେ ସାହାଜଲଥା ଦଳ ୭.୪ ଓଭରରେ ୮୬ ରନ କରି ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚର ବିଜେତା ଲୁତୁରପଙ୍କ ଓ ଦ୍ୱିତୀୟ ମ୍ୟାଚର ବିଜେତା ସାହାଜଲଥା ମଧ୍ୟରେ କ୍ୱାଟର ଫାଇନାଲ ହୋଇଥିଲା। ଏହି ମ୍ୟାଚରେ ଲୁତୁରପଙ୍କ ପ୍ରଥମେ ବ୍ୟାଟିଂ କରି ୮ ଓଭର ରେ ୧୨୯ ରନ କରିଥିବା ବେଳେ ସାହାଜଲଥା ନିର୍ଦ୍ଧାରିତ ୮ଓଭରରେ ୧୦୫ ରନ କରି ପରାସ୍ତ ହୋଇଥିଲା। ଫଳରେ ଲୁତୁରପଙ୍କ ଦଳ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କ୍ରୀଡାବିତ ପଙ୍କଜ ଧଳ, ନାରାୟଣ ଦନ୍ତା ଓ ହର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଲୁତୁରପଙ୍କର ରାକେଶ ପଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା।

# ଦୃଢ଼ ଆତ୍ମବିଶ୍ୱାସ ଲକ୍ଷ୍ୟସ୍ଥଳରେ ପହଞ୍ଚାଏ



ଅତିଥିମାନେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

ଅମରପାଲି,୧୮।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ବାଳକ ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ ତଥା ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଭାଷା ସାହିତ୍ୟ ଉତ୍ସବକୁ ବିଦ୍ୟାଳୟର ପୁରାତନ ଛାତ୍ର ସଂଘ ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ଭୂଷଣ ପାତ୍ର ଓ ପ୍ରଧାନ ଶିକ୍ଷକ ନିରଞ୍ଜନ ଦାସ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ ସଭାରେ ପୂର୍ବତନ ପ୍ରଧାନଶିକ୍ଷକ ଇନ୍ଦ୍ରଜିତ ପରୁଆ ଓ ଗଣପତି ଆଦର୍ଶ ଶିକ୍ଷା ନିକେତନର ପ୍ରଧାନଶିକ୍ଷକ ଶାନ୍ତନୁ ମହାକୁର ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରମାନେ ନିଜ ରଚିତ 'ମୋ କଥା, ମୋ କାହାଣୀ' ପୁସ୍ତକ ପ୍ରଦର୍ଶନ

**ବୀରମହାରାଜପୁର ବାଳକ ହାଇସ୍କୁଲର ବାର୍ଷିକ ଉତ୍ସବ**

କରିଥିଲେ। ଏଥିସହ କୌଶଳି, କ୍ରୀଡାଙ୍ଗନ ଓ ଜିଜ୍ଞାସା କାର୍ଯ୍ୟକ୍ରମରେ ଛାତ୍ରମାନେ ଅଂଶଗ୍ରହଣ କରି ନିଜ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ବିଦ୍ୟାଳୟର ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ସୋନପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ତରୁଣ କୁମାର ମିଶ୍ର ମୁଖ୍ୟଅତିଥି, ଓଡ଼ିଆ ବିଭାଗ ମୁଖ୍ୟ ଡ. ସୌରଭରଞ୍ଜନ ଖମାରୀ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରମାନଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେବା ସହିତ ଦୃଢ଼ ଆତ୍ମବିଶ୍ୱାସ ଲକ୍ଷ୍ୟସ୍ଥଳରେ ପହଞ୍ଚାଏ ବୋଲି ମତବ୍ୟକ୍ତ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ବ୍ୟଙ୍ଗକବି ରସରାଜ ଅଚ୍ୟୁତ ପୁରୋହିତ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଶାଶ୍ୱତ ତ୍ରିପାଠୀ ପିଲାମାନଙ୍କୁ ହସ ଖୁସିରେ ମସଗୁଲ କରିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ଇନ୍ଦ୍ରଜିତ ପରୁଆ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶିକ୍ଷକ ବୈକୁଣ୍ଠ ନାୟକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତି ବେହେରା ଓ ସୂର୍ଯ୍ୟକାନ୍ତି ବରିହା ଏଥିରେ ସହଯୋଗ କରିଥିଲେ। ଶେଷରେ ସ୍କୁଲର ଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ମା' ମାହେଶ୍ୱରୀ କଲେଜରେ ନୂଆ-ଓ କାର୍ଯ୍ୟକ୍ରମ

ବାଉଁଶୁଣୀ,୧୮।୧(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀଠାରେ ଥିବା ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (କଲେଜ)ରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ନୂଆ-ଓ ଓଡ଼ିଶା ସାହିତ୍ୟ ପ୍ରତିଯୋଗିତା ଓ ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଓଡ଼ିଆ ଅଧ୍ୟାପକ ଦେବାର୍ଚ୍ଚନ ବେହେରା ମୁଖ୍ୟବକ୍ତା ଭାବରେ ଯୋଗଦେଇ ଓଡ଼ିଶା ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ବିଶ୍ଳେଷଣାତ୍ମକ ବ୍ୟାଖ୍ୟା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଇତିହାସ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ମହାକୁଳ, ରାଜନୀତି ବିଜ୍ଞାନ ଅଧ୍ୟାପକ ପ୍ରଦୀପ କୁମାର ଭୁକ୍ତା, ଶିକ୍ଷା ବିଭାଗର ଅଧ୍ୟାପକ ଡଃ ଉମାକାନ୍ତ ବିଶାଳ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ସାହିତ୍ୟ ପ୍ରତିଯୋଗିତା ଓ ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ ଉପରେ ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ୩ଦିନ ଧରି ଚାଲୁ ରହିବ। ଏଥିରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରବନ୍ଧ,ଲିଖନ, ହସ୍ତାକ୍ଷର ଲିଖନ,କୁଇଜ, ଲୋକନୃତ୍ୟ, ଜଗନ୍ନାଥ ସଂସ୍କୃତି ଆଲୋଚନା,ଭଜନ ଆଦି ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବିଦ୍ୟାଳୟର ଅଧ୍ୟକ୍ଷ କହିଛନ୍ତି। ସଭାକୁ ଅଧ୍ୟାପକ ମକର ମହାରଣା ସଂଚାଳନ କରିଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ଭୈରବୀ ଉଚ୍ଚ ମାଧମିକ ବିଦ୍ୟାଳୟ ଛାତ୍ରୀମାନେ ଆତ୍ମରକ୍ଷା ତାଲିମ ନେଉଛନ୍ତି।

ତଳଗାଁ, ୧୮।୧ (କୁନା ବେହେରା )

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଭୈରବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ଧରିତ୍ରୀରାଣୀ କାନୁନଗୋଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟାପକ ପ୍ରଦୋଷ ପ୍ରଧାନ, ଦେବାଶିଷ ପାଣିଗ୍ରାହୀ, ଦେବାଶିଷ ସାହୁ, ଶରତ କୁମାର ନାୟକ, ଅଧ୍ୟାପିକା ନୌତଜିକା ବେହେରା, କ୍ରୀଡାଶିକ୍ଷକ ରଞ୍ଜନ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ମହିଳାମାନେ ନିଜକୁ ସୁରକ୍ଷା ଦେବା ସହିତ ସୁସ୍ଥ ସମାଜ ଗଠନ ଦିଗରେ କିପରି ସହାୟକ ହେବେ ଏ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ସୁପ୍ରିୟା ଦେହୁରି ଓ ଶିଳ୍ପାରାଣୀ ବେହେରା ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରୁଛନ୍ତି। ଅଧ୍ୟାପକ ପ୍ରଶାନ୍ତ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଶିକ୍ଷଣ ଶିବିର ୧୨ ଦିନ ଚାଲିବ।

# ମଞ୍ଚସ୍ଥ ହେଲା ଗୀତିନାଟ୍ୟ ଲକ୍ଷ୍ମୀପୁରାଣ



ଗୀତିନାଟ୍ୟ ଲକ୍ଷ୍ମୀପୁରାଣର ଏକ ଦୃଶ୍ୟ।

ସୋନପୁର,୧୮।୧(ମୃତ୍ୟୁଞ୍ଜୟ ଶତପଥୀ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ବୁଧବାର ରାତିରେ ମଞ୍ଚସ୍ଥ ହୋଇଛି ନାଟକ ଲକ୍ଷ୍ମୀପୁରାଣ। ସୋନପୁର ଟ୍ରେଣ୍ଡି ଏକାଡ଼େମୀ, ପାନିସିଆଲିର ମା' କଳାପାଟ କ୍ଲବ ଓ ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦର ମିଳିତ ଉଦ୍ୟମରେ ସୁବର୍ଣ୍ଣପୁର ଟାଉନ ହଲରେ କବି ବୈଷ୍ଣବ ପାଣି, ମହେଶ୍ୱର ଓ ମାଗୁଣି କବିଙ୍କ ଦ୍ୱାରା ରଚିତ ଗୀତିନାଟ୍ୟ ଲକ୍ଷ୍ମୀପୁରାଣ ମଞ୍ଚସ୍ଥ ହୋଇଥିଲା। ନାଟକ ପ୍ରାରମ୍ଭରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନ, ସମ୍ମାନିତ ଅତିଥି ଭାବରେ ପୌରାଧକ୍ଷା ତାମସୀ ତାମସ୍ମିତା ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ସହକାରୀ ଜିଲାପାଳ କେ.ରିଚିକୁମାର, ବରିଷ୍ଠ ଅଭିନେତା ରମେଶ ପ୍ରସାଦ ନାୟକ, ନାଟ୍ୟକାର ଶ୍ୟାମା ଓଁ ପ୍ରସାଦ ମିଶ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ନାଟ୍ୟ ନିର୍ଦ୍ଦେଶକ ଡକ୍ଟର ପୁରୁଷୋତ୍ତମ ମିଶ୍ର ଓ ଧନ୍ୟବାଦ ଅର୍ପଣ କରିଥିଲେ ଟ୍ରେଣ୍ଡି ଏକାଡ଼େମୀର ସମ୍ପାଦକ ସୁରେଶ ପ୍ରସାଦ ରଥ। ଜଗନ୍ନାଥ ସଂସ୍କୃତି ପ୍ରତି ସାଧାରଣ ଜନତା ଆକୃଷ୍ଟ ହୋଇ ଜଗନ୍ନାଥମୟ ହେବା ନିମନ୍ତେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ପ୍ରଯୋଜନାରେ ମଞ୍ଚସ୍ଥ ହୋଇଥିଲା ଶ୍ରୀଜଗନ୍ନାଥ ସମ୍ପର୍କିତ ନାଟକ। ସେହି କ୍ରମରେ ସୁବର୍ଣ୍ଣପୁରରେ ମଞ୍ଚସ୍ଥ ହୋଇଥିଲା ସମ୍ପୂର୍ଣ୍ଣ ପ୍ରାଚୀନ ଲୋକଶୈଳୀର ଗୀତିନାଟ୍ୟ ଲକ୍ଷ୍ମୀପୁରାଣ।

# ନଦୀଗର୍ଭ ବାଲିପଠାରେ ଲୁଚି ରହିଥିବା ପ୍ରେମୀ ଯୁଗଳ ଉଦ୍ଧାର

ସୋନପୁର,୧୮।୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ମହାନଦୀ ସେତୁ ନିକଟସ୍ଥ ଟାୱାର ଘାଟ ନିକଟରେ ଗୁରୁବାର ରାତିରେ ହାଇ ଡ୍ରାମା ଦେଖିବାକୁ ମିଳିଛି। ମହାନଦୀ ଗର୍ଭ ବାଲିପଠାରେ ଦୁଇ ଦିନ ଧରି ଲୁଚି ରହିଥିବା ପ୍ରେମୀ ଯୁଗଳଙ୍କୁ ସୋନପୁର ଟାଉନ ପୋଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ଅଗ୍ନିଶମ ବିଭାଗର କର୍ମଚାରୀମାନେ ନାବାଳିକା ପ୍ରେମିକାଙ୍କୁ ବିଦ୍ୟୁତ୍ ଟାୱାର ନିକଟସ୍ଥ ପଠାରୁ ଉଦ୍ଧାର କରି ସୋନପୁର ଟାଉନ ପୋଲିସକୁ ହସ୍ତାନ୍ତର କରିଛନ୍ତି । ଅନ୍ୟପକ୍ଷେ ପ୍ରେମିକ ତଥା ସୋନପୁର ସହର ପଟାଭାଡି ଅଞ୍ଚଳର ଶିବ ଶମ୍ଭୁ ମେହେର(୨୧)ଙ୍କୁ ପୋଲିସ ଅଟକ ରଖିଛି। ଏହି ଘଟଣା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ ନାବାଳିକାଙ୍କ ବାପା ବୁଧବାର ସକାଳେ ସୋନପୁର ଥାନାରେ ତାଙ୍କ ଝିଅ ଅପହରଣ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଶିବ ଶମ୍ଭୁ ନାବାଳିକାଙ୍କୁ ବୁଧବାର ଠାରୁ ନେଇ ମହାନଦୀ ଗର୍ଭର ବାଲିପଠାରେ ରଖିଥିଲେ। ଗୁରୁବାର ଶିବ ଶମ୍ଭୁ ମାର୍କେଟ୍‌କୁ ଖାଇବା ଆଣିବା ପାଇଁ ଯାଇଥିଲାବେଳେ ମୋବାଇଲ ଟ୍ରାକିଂ କରି ପୋଲିସ ତାଙ୍କୁ ଧରିଥିଲା। ପରେ ପୋଲିସ ନିକଟରୁ ସୂଚନା ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ନାବାଳିକାଙ୍କୁ ନଦୀଗର୍ଭରୁ ଉଦ୍ଧାର କରିଥିଲେ। ଥାନାରେ ପ୍ରେମୀ ଯୁଗଳଙ୍କ ପରିବାର ଉପସ୍ଥିତ ରହିଛନ୍ତି। ଏସଆଇ ସସ୍ମିତା ଭୁତିଆ ଏହି ଘଟଣାର ତଦନ୍ତ କରୁଛନ୍ତି।

# ସମାଜକୁ ଦିଗ୍‌ଦର୍ଶନ ଦିଅନ୍ତି ବରିଷ୍ଠ ନାଗରିକ

ଅମରପାଲି,୧୮।୧(ପୀତାମ୍ବର ସାହୁ)

ମଣିଷ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରଲମ୍ବିତ ପଥରେ ଉପଯୁକ୍ତ କର୍ମ ସମ୍ପାଦନ ପୂର୍ବକ ସମାଜକୁ ଦିଗ୍‌ଦର୍ଶନ ଦେବା ପ୍ରତ୍ୟେକଙ୍କ ନୈତିକ କର୍ତ୍ତବ୍ୟ। ଏହିକ୍ରମରେ ବରିଷ୍ଠ ନାଗରିକମାନଙ୍କର ଅବଦାନ ଅତୁଳନୀୟ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ବରିଷ୍ଠ ନାଗରିକ ସଙ୍ଗଠନର ୧୬ତମ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ଏହି ମତ ରଖିଛନ୍ତି। ବରିଷ୍ଠ ନାଗରିକ ସଙ୍ଗଠନ ସଭାପତି ଡ. ପ୍ରଫୁଲ୍ଲ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ତହସିଲଦାର ଅମୃତଲାଲ ବେହେରା ମୁଖ୍ୟ ଅତିଥି, ଉପଖଣ୍ଡୀୟ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ ସମ୍ମାନିତ ଅତିଥି ଏବଂ ଢ଼େଙ୍କାନାଳ ମହାବିଦ୍ୟାଳୟ ପ୍ରାକ୍ତନ ପ୍ରାଧ୍ୟାପକ ନିର୍ମଳ




ବରିଷ୍ଠ ନାଗରିକ ସଙ୍ଗଠନର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନର ବାର୍ଷିକ ଉତ୍ସବ**

କୁମାର ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇ ମତ ରଖିଥିଲେ। ଭୂଷଣ କୁମାର ପାତ୍ରଙ୍କ ସଂଯୋଜନାରେ ପରିଚାଳିତ ସଭାରେ ଦ୍ୱିତୀକୃଷ୍ଣ ପଣ୍ଡା ସ୍ୱାଗତ ଭାଷଣ ଓ ଅନୁଷ୍ଠାନ ସଦସ୍ୟ ଦୟାନିଧି ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୋନପୁର ଓ ବଲାଙ୍ଗୀର ଜିଲାର ବିଭିନ୍ନ ପ୍ରାନ୍ତରୁ ବରିଷ୍ଠ ନାଗରିକ ସଙ୍ଗଠନ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ଜ୍ୟୋତି ରଞ୍ଜନ ବହିଦାର, ଗୋରେଖ ନାଥ ସାହୁ, ଆର୍ତ୍ତତ୍ରାଣ ବାବୁ, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଜ୍ୟୋତ୍ସ୍ନାରାଣୀ ନନ୍ଦ ପ୍ରମୁଖ ବରିଷ୍ଠ ନାଗରିକ ସଙ୍ଗଠନର ଉଦ୍ଦେଶ୍ୟ ଓ ବରିଷ୍ଠ ନାଗରିକଙ୍କ ସମାଜ ପ୍ରତି କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସଙ୍ଗଠନର ସିଦ୍ଧାନ୍ତକ୍ରମେ ଆସନ୍ତା ୨୫ ତାରିଖରେ ସଂସଦର ସାଧାରଣ ନିର୍ବାଚନ କରାଯିବାକୁ ସମ୍ପାଦକ ସନ୍ତୋଷ କୁମାର ଷଡଙ୍ଗୀ ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ବାଇକ୍‌କୁ ଧକ୍କା ଦେଲା ବୋଲେରୋ, ଜଣେ ମୃତ

ସୁନ୍ଦରଗଡ,୧୮।୧(ଜୟ ନାରାୟଣ ମେଣ୍ଟୁଳି): ସୁନ୍ଦରଗଡ ଟାଉନ ଥାନା ଅନ୍ତର୍ଗତ ଭବାନୀ ପୁର ନିକଟରେ ଗୁରୁବାର ଏକ ବାଇକ୍‌କୁ ସମ୍ମୁଖ ଦିଗରୁ ଆସୁଥିବା ଏକ ବୋଲେରୋ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଥିବା ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତା ଯୁବତୀ ହେଲେ ଲକ୍ଷ୍ମୀ ଇନ୍ଦୁଆର(୨୨)। ଟାଉନଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ଏକ ଦୁର୍ଘଟଣା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଲକ୍ଷ୍ମୀ ଗତ ୨ ଦିନ ହେବ ସଦର ଥାନା ଅର୍ନ୍ତଗତ ଲେମଲେମା ଗ୍ରାମକୁ ମକର ଯାତ୍ରା ଦେଖିବାକୁ ଜଣେ ସାଙ୍ଗଙ୍କ ଘରକୁ ଯାଇଥିଲେ। ଗୁରୁବାର ସାଙ୍ଗଙ୍କ ଭାଇ ପ୍ରୋସେସନ ଓରାମ ତାଙ୍କୁ ଏକ ବାଇକ୍ ଯୋଗେ ତାଙ୍କ ଘର ଭବାନୀପୁରକୁ ଛାଡିବାକୁ ଆସୁଥିଲେ। ବାଟରେ ସମ୍ମୁଖ ଦିଗରୁ ଏକ ଧଳା ରଙ୍ଗର ବୋଲେରୋ ତାଙ୍କ ବାଇକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେମାନେ ବାଇକ୍‌ରୁ ଛିଟିକି ପଡିଥିଲେ। ଆହତ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୁନ୍ଦରଗଡ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ଲକ୍ଷ୍ମୀଙ୍କୁ ମୃତ ଘୋଷଣା କରିଥିଲେ।

### ଶିବିରରେ ୬୫ ଜଣଙ୍କ ଚକ୍ଷୁ ପରୀକ୍ଷା



ହେମଗିର,୧୮।୧ (ଚୈତନ୍ୟ ପଟେଲ): ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଲଇକେରା ପଞ୍ଚାୟତ କାର୍ଯ୍ୟାଳୟରେ ଏମସିଏଲ ବସୁନ୍ଧରା ଓ ଶ୍ରୀଶ୍ରୀ ପରମ ପ୍ରେମମୟ ପୁରୁଷୋତ୍ତମ (ଏସଏସପିପିପି) ଟ୍ରଷ୍ଟ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୬୫ଜଣଙ୍କ ଚିକିତ୍ସା କରାଯାଇଥିଲା। ସେଥିମଧ୍ୟରୁ ୨୪ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇ ଚିହ୍ନଟ କରାଯାଇଛି। ପ୍ରାୟ ଗୋଟିଏ ମାସ ଧରି ହେମଗିର ଅଞ୍ଚଳରେ ଚିକିତ୍ସା ଶିବିର କରି ମାଗଣା ଚକ୍ଷୁ ପରୀକ୍ଷା କରିବା ସହିତ ଔଷଧ ଓ ଚଷମା ପ୍ରଦାନ କରାଯାଇଛି। ମୋତିଆବିନ୍ଦୁ ରୋଗୀଙ୍କ ଅସ୍ତ୍ରୋପଚାର ପାଇ ସୁନ୍ଦରଗଡ ସରକାରୀ ଚିକିତ୍ସାଳୟରେ ଅସ୍ତ୍ରୋପଚାର କରାଯାଇଛି। ଏପର୍ଯ୍ୟନ୍ତ ୫୦୦ସହ ରୋଗୀଙ୍କ ଚିକିତ୍ସା ହୋଇ ସାରିଛି। ସେଥିମଧ୍ୟରୁ ୧୩୩ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ହୋଇଛି। ଏହି ଅବସରରେ ଏମସିଏଲର ବସୁନ୍ଧରା ଅଧିକାରୀଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି। ଏସଏସପିପିପି ଟ୍ରଷ୍ଟର ନିର୍ଦ୍ଦେଶକ ଅକ୍ଷୟ କୁମାର ହୋତା, ପରିଚାଳନା ଟ୍ରଷ୍ଟି ଆତ୍ତବନ୍ଧୁ ପାତ୍ର ଏହି ଶିବିରକୁ ଆୟୋଜନ କରିଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯାଇଥିଲା।

# ସୁନ୍ଦରଗଡ଼ରୁ ଗଡ଼ିଲା ଜଗନ୍ନାଥ ଏକ୍ସପ୍ରେସ୍

ସୁନ୍ଦରଗଡ,୧୮।୧ (ଜୟ ନାରାୟଣ ମେଣ୍ଟୁଳି)



ଅତିଥିମାନେ ସବୁଜ ପତକା ଦେଖାଇ ବସ୍‌ର ଶୁଭାରମ୍ଭ କରୁଛନ୍ତି।

ସୁନ୍ଦରଗଡ଼ରେ ଗୁରୁବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି ଜଗନ୍ନାଥ ଏକ୍ସପ୍ରେସ୍ ବସ୍। ଆଭାସୀ ମାଧ୍ୟମରେ ରାଜ୍ୟର ୧୨ଟି ଜିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବସ୍‌ର ଶୁଭାରମ୍ଭ କରିଛନ୍ତି। ଏହି ବସ୍ ସବୁ ଜିଲାର ସଦର ମହକୁମାରୁ ନୀଳାଚଳ ଧାମ ପୁରୀଯାଏ ଯାତ୍ରା କରିବ। ଏହା ଫଳରେ ରାଜ୍ୟର ଲକ୍ଷାଧିକ ଜଗନ୍ନାଥପ୍ରେମୀ ଭକ୍ତ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ସହଜରେ ଏବଂ ସୁବିଧାରେ କରିପାରିବେ। ଏହି କ୍ରମରେ ସୁନ୍ଦରଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା। ଏଥିରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ,ସୁନ୍ଦରଗଡ଼ ପୌରପାଳିକା ଅଧ୍ୟକ୍ଷା ତନୟା ମିଶ୍ର ଓ ଉପାଧକ୍ଷ ଲଲାଟେନ୍ଦୁ ପରିଡ଼ା, ଜିଲାପାଳ ଡ. ପରାଗ ଗଭାଲି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତଥା ଜିଲା ପରିଷଦ ମନୋଜ ମହାଜନ, ସୁନ୍ଦରଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ ସୁକାନ୍ତ ଦାସ ଏବଂ ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ବିଭବ ସାମନ୍ତସିଂହାର ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, କାଉନସିଲର ସୁମନ୍ତ ସାହୁ ଏବଂ ଜନସାଧାରଣ ଉପସ୍ଥିତ ଥିଲେ। ପରେ ଅତିଥିମାନେ ସବୁଜ ପତାକା ଦେଖାଇ ବସ୍‌ର ଶୁଭାରମ୍ଭ କରିଥିଲେ। ଏହି ବାତାନୁକୂଳିତ ବସ୍‌ରେ ୫୧ ସିଟ୍ ରହିଛି। ଏହି ବସ୍ ପ୍ରତ୍ୟେକଦିନ ସଂଧ୍ୟାରେ ସୁନ୍ଦରଗଡରୁ ବାହାରି ପରଦିନ ସକାଳେ ପୁରୀରେ ପହଞ୍ଚିବ। ସୁନ୍ଦରଗଡ଼ ସମେତ ଶୁଭାରମ୍ଭ ହୋଇଥିବା ମୋଟ ୧୨ ଜିଲା ଗୁଡ଼ିକ ହେଲା, ବଲାଙ୍ଗୀର, ବରଗଡ଼, ଗଞ୍ଜାମ, ଝାରସୁଗୁଡ଼ା, କୋରାପୁଟ, କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା ଏବଂ ସମ୍ବଲପୁର ।

## ଭାଷା ସାହିତ୍ୟ, ସୃଜନଶୀଳତା ଉତ୍ସବ

ବଡ଼ଗାଁ,୧୮।୧( ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବିଦ୍ୟାଳୟ ସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସାହିତ୍ୟ ସୃଜନୀ ପୁସ୍ତକ ମେଳା ଆୟୋଜିତ ହୋଇଥିଲା। ଏଥିପାଇଁ ଗଠିତ ୪ଟି କ୍ଲବ୍ ସାହିତ୍ୟ ସୃଜନୀ, କୌଶଳି, ଜିଜ୍ଞାସା ଓ କ୍ରୀଡାଙ୍ଗନା କ୍ଲବ୍ ନିଜ ନିଜର ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ମୋ କଥା ମୋ କାହାଣୀ ପୁସ୍ତକ ଓ ପୁସ୍ତକ ସମୀକ୍ଷା ସମସ୍ତ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଚିତ ହୋଇ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କବି ଛବିଳ ସେଠ୍, ଉପାଧ୍ୟାୟ ପାଣିଗ୍ରାହୀ, ସ୍କୁଲ୍ ପରିଚାଳନା କମିଟି ସଭାପତି ଅଦ୍ୱୈତ କୁମାର୍ ନାୟକ,ସ୍କୁଲ୍ ପରିଚାଳନା କମିଟି ସଦସ୍ୟ, ଅଭିଭାବକମାନେ ଯୋଗଦେଇଥିଲେ। ଉତ୍ସବରେ ସମସ୍ତ କ୍ଲବ୍ ଭଲ ପ୍ରଦର୍ଶନ କରିଥିବାରୁ ଅତିଥିମାନେ ସମସ୍ତ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସାହିତ୍ୟ ସୃଜନୀ କ୍ଲବ୍ ମେଣ୍ଟରର ଶିକ୍ଷକ ସ୍ୱର୍ଣ୍ଣଲତା ନାୟକ, ଜିଜ୍ଞାସା କ୍ଲବ୍ ମେଣ୍ଟରର ଶିକ୍ଷକ ରଶ୍ମିତା ନାଏକ, କୌଶଳୀ କ୍ଲବ୍ ମେଣ୍ଟରର ଶିକ୍ଷକ ନିରଞ୍ଜନ ତ୍ରିପାଠୀ ଓ କ୍ରୀଡାଙ୍ଗନା କ୍ଲବ୍ ମେଣ୍ଟରର ଶିକ୍ଷକ ପ୍ରଭାତ କୁମାର ଦ୍ୱାରୀଙ୍କ ସହିତ ସମସ୍ତ କ୍ଲବ୍‌ର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ମଣ୍ଟୁ ପ୍ରଧାନ ସଭା ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ଲାକ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯକ୍ରମ ପରିଚାଳିତ ହୋଇଥିଲା। ସାଗରିକା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।



ଉତ୍ସବରେ କବି ଛବିଳ ସେଠ୍ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

## ୱାକୋ ଓଡ଼ିଶା କିକ୍ ବକ୍ସିଂ ତାଲିମ ଶିବିର ଉଦ୍‌ଯାପିତ

ବନ୍ଧମୁଣ୍ଡା,୧୮।୧(ସୁବ୍ରତ ଦେ)

ଅନୁଗୁଳସ୍ଥିତ ମାରୱାଡି ଇନଡୋର ହଲରେ ଆୟୋଜିତ ୱାକୋ ଓଡିଶା କିକ୍ ବକ୍ସିଂର ୪ଦିନିଆ ଉଚ୍ଚ ସ୍ତରୀୟ ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ସୁନ୍ଦରଗଡ ଜିଲା କିକ୍ ବକ୍ସିଂର ୬ଟି କୋଚ ସମେତ ମୋଟ ୨୮ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ପରେ ସୁନ୍ଦରଗଡ ଦଳର ସମସ୍ତ ଖେଳାଳିଙ୍କୁ ଶିବିର ଆୟୋଜକ କମିଟି ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଦଳର ମୁଖ୍ୟ ତଥା ଆନ୍ତର୍ଜାତୀୟ କିକ୍ ବକ୍ସିଂ ରେଫରି ବିଚିତ୍ର ନାରାୟଣ ଜେନା କହିଛନ୍ତି, ଏହି ଶିବିରରେ ଖେଳାଳିମାନେ ଅଂଶଗ୍ରହଣ କରି କିକ୍ ବକ୍ସିଂ ସହ ଜଡିତ ଅନେକ ପ୍ରକାରର ଦକ୍ଷତା ଏବଂ କଳା କୌଶଳ ଶିଖିଛନ୍ତି,ଯାହା ସେମାନଙ୍କୁ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କିକ ବକ୍ସିଂ ଚାମ୍ପିୟନଶିପରେ ବିଜୟ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ। ସେ ଆହୁରି ମଧ କହିଛନ୍ତି, ଫେବୃଆରୀ ୭ରେ ଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ୱାକୋ ଇଣ୍ଡିଆ ଓପନ୍ ଇଣ୍ଟରନ୍ୟାଶନାଲ କିକ୍ ବକ୍ସିଂ ସେମିନାରରେ ଦଳର ସମସ୍ତ ଖେଳାଳି ଅଂଶଗ୍ରହଣ କରିବେ। ଶିବିରକୁ ଯାଉଥିବା ଖେଳାଳିଙ୍କ ମଧ୍ୟରେ ଦଳର ପ୍ରଶିକ୍ଷକ ବିଚିତ୍ର ନାରାୟଣ ଜେନା,ବିଲ୍ଲୁ ତିର୍କୀ, ରବିନ୍ଦ୍ର କୁମାର ସିଂ, ଅଶୋକ କୁନ୍‌ୱର, ଜ୍ୟୋତି ପ୍ରକାଶ ମହାନନ୍ଦ, ଧନଞ୍ଜୟ କୁମାର ଦାସଙ୍କ ସମେତ ୨୨ ଖେଳାଳି ସାମିଲ ହୋଇଥିଲେ। ଖେଳାଳିମାନେ ରାଉରକେଲାକୁ ଫେରିବା ପରେ କିକ ବକ୍ସିଂ ଇଣ୍ଟରନ୍ୟାଶନାଲ ରେଫରି ସଞ୍ଜୀବ ଖେସ୍ ସମେତ ବନ୍ଧମୁଣ୍ଡାର କ୍ରୀଡ଼ା ପ୍ରେମୀ ଦୀନେଶ କୁମାର, ଜ୍ୟୋତି ଭଗବାନ୍ ଜଗଦଲା, ରଣଜିତ କୁଜୁର, ମନୋଜ କୁମାର ପ୍ରଧାନ, ଛବିଲା ସିଂ, ସୁଜୟ ବାଉରୀ ଇତ୍ୟାଦି ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ନୂଆ– ଓ କାର୍ଯ୍ୟକ୍ରମ, ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର।

କୁତ୍ରା,୧୮।୧(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଝାରବେଡାସ୍ଥିତ ଡାଲମିଆ ମହାବିଦ୍ୟାଳୟରେ ନୂଆ ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡିଆ ସାହିତ୍ୟ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁକ୍ତ୨ ଓ ଯୁକ୍ତ ୩ ବିଭାଗର କବିତା ଲିଖନ,ବକ୍ତୃତା ଏବଂ କବିତା ପାଠ ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ହିରନ ଲୁଗୁନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅଧ୍ୟକ୍ଷା ଜଗନ୍ନାଥ ସଂସ୍କୃତି ଏବଂ ଏଥିରେ ନୂତନ ଭାବେ ଯୋଡି ହୋଇଥିବା ଶ୍ରୀମନ୍ଦିର ପରିକ୍ରମା ଯୋଜନାର ମହତ୍ତ୍ୱ ନେଇ ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ସଂଚିତା ମହାପାତ୍ର ଯୋଗଦେଇ ଦୈନନ୍ଦିନ ଜୀବନରେ ଓଡିଆ ଭାଷାର ଗୁରୁତ୍ୱ ନେଇ ମତ ଦେଇଥିବା ବେଳେ ସରୋଜିନୀ ସାହୁ ଓଡିଆ ଭାଷାର ସୁରକ୍ଷାର ଆବଶ୍ୟକତା ଥିବାନେଇ ମତ ରଖିଥିଲେ। ଅଧ୍ୟାପିକା ପଙ୍କଜିନୀ ପଟେଲ ସଭା ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଯୁବ ବର୍ଗ ଐତିହ୍ୟ, ସଂସ୍କୃତିର ସଂରକ୍ଷଣ ଦିଗରେ ବ୍ରତୀ ହୁଅ

ସୁନ୍ଦରଗଡ,୧୮।୧(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ–ଓଡିଶା ଆନୁକୂଲ୍ୟରେ ଐତିହ୍ୟ, କଳା, ସଂସ୍କୃତି, ସାହିତ୍ୟ ଶୀର୍ଷକ ଆଲୋଚନା ଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରକୁ ଅଧ୍ୟକ୍ଷା ଡ. ଇନ୍ଦିରା ଗଡନାୟକ ଉଦ୍‌ଘାଟନ କରି ଐତିହ୍ୟ, କଳା, ସଂସ୍କୃତି ଓ ସାହିତ୍ୟ ସମ୍ପର୍କିତ ଆଲୋଚନା ଯୁବ ବିଦ୍ୟାର୍ଥୀଙ୍କ ବୌଦ୍ଧିକ ବିକାଶରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ରାଉରକେଲା ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରଭାତ କୁମାର ମଲ୍ଲିକ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଓଡ଼ିଶାର ଐତିହ୍ୟ, ଭାଷା, ସଂସ୍କୃତିର ସରକ୍ଷଣ ଯୁବ ବର୍ଗଙ୍କ ଉତ୍ତରଦାୟିତ୍ୱ ହେବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ବକ୍ତାଭାବେ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଡ.ଗୌରୀ ଶଙ୍କର ପଟେଲ ଯୋଗଦେଇ ଓଡ଼ିଶାର ଐତିହ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା ଅଧ୍ୟାପିକା ସୁସ୍ମିତା ଭୋଇ ଯୋଗଦେଇ ଓଡ଼ିଶାର କଳା, ସ୍ଥାପତ୍ୟ ଓ ସାହିତ୍ୟ ସମ୍ପର୍କରେ ଆଲୋଚନା କରି ଯୁବ ବର୍ଗ ଓଡ଼ିଆ ଭାଷା ସାହିତ୍ୟ କଳା ସ୍ଥାପତ୍ୟ ସୃଜନ ସାଧନାରେ ବ୍ରତୀ ହୋଇ ରାଜ୍ୟର ଗୌରବ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଚିତ୍ରଶିଳ୍ପୀ ଅକ୍ଷୟ ସାମଲ ଯୋଗଦେଇ ଚିତ୍ରକଳା ସମ୍ପର୍କରେ ଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ଅମିତା ପ୍ରିୟଦର୍ଶିନୀ ବେହେରା ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୋଡାଲ ଅଫିସର ଅଧ୍ୟାପିକା ନୀଳିମା ଭିତ୍ରିଆ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅଧ୍ୟାପକ ପ୍ରଦୋଷ ଶେଖର ନାଏକ ସଭା ସଞ୍ଚାଳନା କରିଥିଲେ। ଅଧ୍ୟାପକ ଯୁଧିଷ୍ଠିର ପଟେଲ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

## ପାଣି ପଞ୍ଚାୟତ ପରିଚାଳନା ପରିଷଦ ଗଠନ

କୋଲାବିରା,୧୮।୧(ଚିନ୍ମୟ କୁମାର ବହିଦାର): ବିଜୁ କୃଷକ ବିକାଶ ଯୋଜନା ଅନ୍ତର୍ଗତ ଉଠା ଜଳସେଚନ ବ୍ୟବସ୍ଥାରେ ଆଉ ଏକ ପାଣି ପଞ୍ଚାୟତ ସାମିଲ ହୋଇଛି। ଏଥିପାଇଁ ପାଣି ପଞ୍ଚାୟତ ପରିଷଦ ଗଠନ କରାଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ବିଭାଗୀୟ ସହକାରୀ ଯନ୍ତ୍ରୀ ସତ୍ୟନାରାୟଣ ନାହକଙ୍କ ତତ୍ତ୍ୱାବଧାନରେ କୋଲାବିରା–୪ ପାଇଁ ଉଠାଜଳସେଚନ ସକାଶେ କମିଟି ଗଠନ କରାଯାଇଛି। କରୁଣାକର ପାଣି ପଞ୍ଚାୟତ ନାମରେ ଗଠନ କରାଯାଇଥିବା ଏହି ପରିଷଦ ପାଇଁ ସର୍ବ ସମ୍ମତିକ୍ରମେ କୀର୍ତ୍ତିଚନ୍ଦ୍ର ବହିଦାର ସଭାପତି ଓ ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଛି। ଅନ୍ୟ ସଦସ୍ୟ ଓଉପଦେଷ୍ଟା ଭାବେ ଗ୍ରାମର ଚେତାନନ୍ଦ ନଈ, ଗୋବିନ୍ଦ ଚନ୍ଦ୍ର ଭୋଇ, ଅମୃତ ସିଂହ, ବିଜୟ କୁମାର ପୂଜାରୀ, ବଂଶୀଧର ଗୁଲ୍ଲା, ଶିବ ଶଙ୍କର କୁତୁରା, ଶିବାନନ୍ଦ ହୋତା, ସୁକାନ୍ତ ଶେଖର ବହିଦାର, ସହଦେବ କରାଳୀ, ଧର୍ମେନ୍ଦ୍ର ମହାପାତ୍ର, ସ୍ମୃତିରଞ୍ଜନ ରାଏ ପ୍ରମୁଖଙ୍କୁ ଚୟନ କରାଯାଇଛି।

## ବିଦ୍ୟାର୍ଥୀମାନେ ସଂସ୍କାରସମ୍ପନ୍ନ ହେବା ଉଚିତ

କୁଆଁରମୁଣ୍ଡା,୧୮।୧(ମହେନ୍ଦ୍ର କୁମାର ସାହୁ)

ବିଦ୍ୟାର୍ଥୀମାନେ ପାଠ ପଢ଼ିବା ସହ ଭବିଷ୍ୟତରେ କିଭଳି ସଂସ୍କାର ସମ୍ପନ୍ନ ହୋଇପାରିବେ ସେଥିପ୍ରତି ଉଭୟ ଶିକ୍ଷକ ଓ ଅଭିଭାବକମାନେ ପ୍ରୟାସ କରିବା ପାଇଁ ଗୁରୁବାର ପୁଟ୍ରିଖମନ ହାଇସ୍କୁଲର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ ନିଜ ବକ୍ତବ୍ୟରେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସଦାନନ୍ଦ ପଧାନ ଓ ମୁଖ୍ୟବକ୍ତାଭାବେ ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଉମାକାନ୍ତ ପଣ୍ଡା ଓ ସମ୍ମାନିତ ଅତିଥିଭାବେ ପୁଟ୍ରିଖମନ ସରପଞ୍ଚ ନରେଶ ସୁରୀନ, ସମିତି ସଭ୍ୟ ଆଶିଷ ଟପ୍ପୋ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆର୍‌ସିସି ହୃଷୀକେଶ ତନ୍ତୀ ଓ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷା ପୂର୍ଣ୍ଣିମା କେରକେଟା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟା କେରକେଟା ଓ ବରିଷ୍ଠ ଶିକ୍ଷକ ନାୟକ କୁମାର ଖାଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସଭା କାର୍ଯ୍ୟକ୍ରମକୁ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତ ସଞ୍ଚାଳନ କରିଥିଲେ। ଶିକ୍ଷୟିତ୍ରୀ ମହିମା ସା ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଶେଷରେ ସ୍କୁଲର ବିଦ୍ୟାର୍ଥୀଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା।ଏଥିରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଏସଏମସି ସଭ୍ୟଙ୍କ ସହ ବହୁ ସଂଖ୍ୟାରେ ଅଭିଭାବକମାନେ ଉପସ୍ଥିତ ଥିଲେ। ଶିକ୍ଷକ ଦୟାନିଧି ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।



ପୁଟ୍ରିଖମନ ହାଇସ୍କୁଲର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ନବ ଦାସ ଫାଉଣ୍ଡେସନ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ

ସମ୍ବଲପୁର/ବ୍ରଜରାଜନଗର,୧୮।୧
(ବି.ଶଙ୍କର/ବିଜୟ ବରାଡ଼)

**ତିଥି ଅନୁସାରେ ନବ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ**

ତିଥି ଅନୁସାରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଗୁରୁବାର ନବ ଦାସ ଫାଉଣ୍ଡେଶନ ପକ୍ଷରୁ ଝାରସୁଗୁଡା ଜିଲାରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲାର ସମସ୍ତ ବୃଦ୍ଧାଶ୍ରମ, ଅନାଥ ଆଶ୍ରମ, କୁଷ୍ଠାଶ୍ରମ ସମେତ ଉପକାରାଗାରରେ କମ୍ବଳ ଓ ଫଳ ବଣ୍ଟନ କରାଯାଇଛି। ଝାରସୁଗୁଡ଼ା ବ୍ଲକ ଓ ବେଲପାହାଡ଼ ପୌର ପରିଷଦରେ ରୋଜାଲିନ ପଟେଲ, ନମିତା ନାଏକ, ଚିତ୍ରାଣୀ ପଟେଲ, ବେଲପାହାଡ଼ ପୌର ପରିଷଦ ଉପାଧ୍ୟକ୍ଷା ରୀନା ସୁନା ଯୋଗଦେଇ ସାମଗ୍ରୀ ବଣ୍ଟନ କରିଥିଲେ। ସେହିପରି ଝାରସୁଗୁଡ଼ା ପୌରାଞ୍ଚଳର ୱାର୍ଡ ନମ୍ବର ୭, ୯, ୧୦, ୧୪, ୨୧ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌର ଅଧ୍ୟକ୍ଷା ରାନୀ ହାତୀ, ସୂର୍ଯ୍ୟକାନ୍ତି ମହାପାତ୍ର, କାଜଲ ସିଂ, ରଜନୀ ପାଣ୍ଡେ ପ୍ରମୁଖ ସାମିଲ ଥିଲେ। ସୁନ୍ଦରଗଡ଼ ଜିଲାର ଧାରୁଆଡ଼ିହିସ୍ଥିତ ମନୋରୋଭା ଆଶ୍ରମରେ ଝାରସୁଗୁଡ଼ା ଜିଲା ପରିଷଦ ଅଧ୍ୟକ୍ଷା ଟୁଲାବତି ମିଞ୍ଜ, ସବିତା ବାଗ, ସୀତା ନାୟକ, ବ୍ରଜରାଜନଗର ପୌର ପରିଷଦରେ ଦୌପଦି ମେହେର, କିରନ ଛତ୍ରିଆ, ରୁନୁ ବାଗ, ନିକିତା ସେଠ, ରଜନୀ ପାଣ୍ଡେ, ଲଖନପୁର ବ୍ଲକରେ ହିତେଶ୍ୱରି ତିହିରିଆ, ପଙ୍କଜିନି ପ୍ରଧାନ ଯୋଗଦେଇଥିଲେ। ଝାରସୁଗୁଡ଼ା ଉପକାରାଗରରେ ତାପସ ରାୟ ଚୌଧୁରୀ, ତ୍ରିନାଥ ଗୁଆଳ, ସନ୍ଦିପ ଅବସ୍ତୀ ପ୍ରମୁଖ କମ୍ବଳ, ଫଳ, ବିସ୍କୁଟ ଆଦି ବଣ୍ଟନ କରିଥିଲେ। ବିଭିନ୍ନ ସେବାଶ୍ରମ, ବୃଦ୍ଧାଶ୍ରମରେ ମୋଟ ୧୬୮ ଜଣ ହିତାଧିକାରୀଙ୍କୁ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଝାରସୁଗୁଡ଼ା ଜିଲାବାସୀ ନବ ବାବୁଙ୍କୁ ଆଜି ବି ଖୁଜୁଛନ୍ତି। ନୂତନ ଝାରସୁଗୁଡ଼ା ନିର୍ମାଣ ପଥରେ ଦଳୀୟ କାର୍ଯ୍ୟକର୍ତ୍ତା ଓ ଜିଲାବାସୀ ନିଜକୁ ଆଗେଇ ନେବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।



ନବ ଦାସ ଫାଉଣ୍ଡେଶନ ପକ୍ଷରୁ ସାମଗ୍ରୀ ବଣ୍ଟନ କରାଯାଉଛି ।

## ଏଲ୍‌ଏନ୍ କଲେଜକୁ ସରକାରୀ ମାନ୍ୟତା ଦାବିରେ ଆନ୍ଦୋଳନ

ବ୍ରଜରାଜନଗର,୧୮।୧(ବିଜୟ ବରାଡ଼): ଝାରସୁଗୁଡ଼ା ସହରରେ ଥିବା ସର୍ବ ପୁରାତନ ଲକ୍ଷ୍ମୀନାରାୟଣ(ଏଲ୍‌ଏନ୍) କଲେଜକୁ ସରକାରୀ ମାନ୍ୟତା ଦାବିରେ ପୁରାତନ ଓ ବର୍ତ୍ତମାନ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ଗୁରୁବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ଶତାଧିକ ଛାତ୍ରୀଛାତ୍ର ହାତରେ ପ୍ଲାକାର୍ଡ ଧରି କଲେଜରୁ ୬କି.ମି. ଶୋଭାଯାତ୍ରା କରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଧାରଣାରେ ବସିଥିଲେ।ଜିଲାପାଳ ଆବୋଲି ସୁନୀଲ ନରୱାନେ ଧାରଣାସ୍ଥଳରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲେଖାଥିବା ଦାବିପତ୍ର ଗ୍ରହଣ କରିଥିଲେ। ଦୀର୍ଘ ୫୫ବର୍ଷ ବିତିଥିଲେ ମଧ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ମିଳୁନାହିଁ। ଝାରସୁଗୁଡ଼ା ଜିଲା ପ୍ରତି ସରକାରଙ୍କ ଏହା ପାତରଅନ୍ତର ନୀତି। ଆଗାମୀ ୧୫ଦିନ ଭିତରେ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଛାତ୍ରୀଛାତ୍ର ପ୍ରକାଶ କରିଥିଲେ।

## କୁଆଁରମୁଣ୍ଡା ମହିଳା ହକି ଦଳ ବିଜୟୀ

ସୁନ୍ଦରଗଡ,୧୮।୧(ଜୟ ନାରାୟଣ ମେଣ୍ଟୁଳି)

**ମହିଳା ହକି ପ୍ରତିଯୋଗିତା**

ସୁନ୍ଦରଗଡ ଜିଲା ପ୍ରଶାସନ ପକ୍ଷରୁ ଭବାନୀପୁର ସ୍ଥିତ କ୍ରୀଡ଼ା ହଷ୍ଟେଲଠାରେ ଆୟୋଜିତ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା କ୍ରୀଡ଼ା ଉତ୍ସବ ପକ୍ଷରୁ ମହିଳା ଓ ପୁରୁଷ ହକି ପ୍ରତିଯୋଗିତା ଚାଲିଛି। ଗୁରୁବାର ଏହି କ୍ରୀଡ଼ା ଉତ୍ସବରେ ଜିଲା ବିଜେଡି ଉପସଭାପତି ଜୟ ନାରାୟଣ ତ୍ରିପାଠୀ, ସମ୍ମାନିତ ଅତିଥି ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଏବଂ ଜିଲା ହକି ଆସୋସିଏଶନର କାର୍ଯ୍ୟକାରୀ ସଭାପତି ରାମେଶ୍ୱର ଟପ୍ପୋ ଯୋଗଦେଇ କୁତ୍ରା ବ୍ଲକ ଏବଂ କୁଆଁରମୁଣ୍ଡା ବ୍ଲକ ମହିଳା ହକି ଦଳ ମଧ୍ୟରେ ଖେଳା ଯିବାକୁ ଥିବା ହକି ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଏହି ସଂଘର୍ଷ ପୂର୍ଣ୍ଣ ଖେଳରେ କୁଆଁରମୁଣ୍ଡା ମହିଳା ହକି ଦଳ ୩–୦ଗୋଲରେ କୁତ୍ରା ମହିଳା ହକି ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ଏହି ଅବସରରେ ଡିଆରଡିଏ ଜିଲା ପ୍ରୋଗ୍ରାମୀଙ୍ଗ ଅଧିକାରୀ ସାମୁଏଲ ଟପ୍ପୋ ଏବଂ ଜିଲାର ବରିଷ୍ଠ ହକି କୋଚ ତେଜ କୁମାର ଖେସ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ହକି ଦଳରେ ଭାଗ ନେଇଥିବା ଖେଳାଳି।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ଅର୍ଚ୍ଚିତା

**ସୋନପୁର,୧୮।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଉଠାଜଳସେଚନ ବିଭାଗ ତରଫରୁ ଚାଲିଥିବା ଜିଲାସ୍ତରୀୟ ପ୍ରକଳ୍ପ ପ୍ରଦର୍ଶନୀ ପ୍ରତିଯୋଗିତାରେ ସୋନପୁର ବ୍ଲକ ବଲାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଅର୍ଚ୍ଚିତା ସାହୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସୁବର୍ଣ୍ଣପୁର ଜିଲାରୁ ଏକମାତ୍ର ପ୍ରତିଯୋଗୀ ଭାବରେ ସେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଅର୍ଚ୍ଚିତା ବ୍ଲକସ୍ତରୀୟ ଓ ଡିଭିଜନସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ। ଛାତ୍ରୀଙ୍କ ସଫଳତାରେ ପ୍ରଧାନଶିକ୍ଷକ ଡ଼ା ଭରଦ୍ୱାଜ ଦାସ, ଗାଇଡ ଶିକ୍ଷକ ସମୀର ପଣ୍ଡା, ଶିକ୍ଷକ ଘନଶ୍ୟାମ ମିଶ୍ର, ଶିବନାରାୟଣ ମିଶ୍ର, ଭାରତୀ ମିଶ୍ର, ଜୟନ୍ତୀ ଜେନା, ବିଶଭୂଷଣ ନାୟକ ଓ କ୍ରୀଡା ଶିକ୍ଷକ ପ୍ରମାଦ ନାୟକ ଶୁଭେଚ୍ଛା ଜଣାଇବା ସହ ଛାତ୍ରୀଙ୍କ ପିତା ବିରେନ ସାହୁଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି।


ପ୍ରକଳ୍ପ ସହିତ ଛାତ୍ରୀ ଅର୍ଚ୍ଚିତା।

### ମା' ଦୁର୍ଗା ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପୁରୀ ସନ୍ଥ ମହାରାଜ ବଂଶୀଧର ଦାସ

**ବିନିକା,୧୮ । ୧ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଚାଲିଥିବା ମା' ଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଗୁରୁବାର ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହେଉଛି। ଶ୍ରୀକ୍ଷେତ୍ର ପୁରୀ ରାମଜୀ ମଠର ମହନ୍ତ ମହାରାଜ ବଂଶୀଧର ଦାସଙ୍କ ତତ୍ତ୍ୱାବଧାନରେ ପରିଚାଳିତ ପ୍ରତିଷ୍ଠା ପୂଜାରେ ବ୍ରହ୍ମା ଭାବେ ଭାସ୍କର ପୁରୋହିତ, ଆଚାର୍ଯ୍ୟ ସୁବାଷ ଚନ୍ଦ୍ର ବଡ଼ପଣ୍ଡା, ହରିଶ୍ଚନ୍ଦ୍ର ହୋତା, ଜୟନାରାୟଣ ପାଢ଼ୀ, ସଞ୍ଜିବ ପାଢ଼ୀ, ଅଶ୍ୱିନୀ ମିଶ୍ର, ସର୍ଜନ ନାୟକ, ବାଳଗୋପାଳ ପୁରୋହିତ, ଉମାବଲ୍ଲଭ ଷଡ଼ଙ୍ଗୀ, ଭକ୍ତରାମ ପାଣିଗ୍ରାହୀ, ସଦାନନ୍ଦ ପାଣ୍ଡିଆ, ଦେବାଶିଷ ପୁରୋହିତ, ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି। କର୍ତ୍ତା ଭାବେ ସୁକନ୍ୟା ପାତ୍ର, ସୁନୀଲ ପାତ୍ର, ତପସ୍ୱିନୀ ମହାନ୍ତି, କୈବର୍ତ୍ତ ମହାନ୍ତି, ଦିବ୍ୟାଲୋକା ମହାପାତ୍ର, ଗୌରବ ପାଢ଼ୀ, ଅଲିମା ପାଢ଼ୀ, ଘାସିରାମ ପଣ୍ଡା, ଶ୍ୟାମବାଇ ଅଗ୍ରୱାଲ, ଶ୍ୟାମସୁନ୍ଦର ଅଗ୍ରୱାଲା, ଶ୍ରୁତି ଅଗ୍ରୱାଲ, ଅନନ୍ତ ଅଗ୍ରୱାଲ, ରୀନା ସୁବୁଦ୍ଧି, ଦିଲ୍ଲୀପ ସୁବୁଦ୍ଧି, କମଳିନୀ ପୂଜାରୀ, ପ୍ରଶାନ୍ତ ପୂଜାରୀ, ସୁଜାତା ମେହେର, ଘନଶ୍ୟାମ ମେହେର, ବିଜୟଲକ୍ଷ୍ମୀ ନାଏକ, ଦୁଃଖୀରାମ ନାଏକ, ଲକ୍ଷ୍ମୀ ଅଗ୍ରୱାଲା, ପବନ ଅଗ୍ରୱାଲ, ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଧର୍ମପତ୍ନୀ ବୀଣାପାଣି ପୂଜାରୀ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ସଭାପତି ସନ୍ତୋଷ କୁମାର ପଣ୍ଡା ସମସ୍ତଙ୍କର ସହଯୋଗ କାମନା କରିଥିଲେ।

### ବୌଦ୍ଧ ପଞ୍ଚାୟତ କଲେଜରେ ନୂଆ-ଓ କାର୍ଯ୍ୟକ୍ରମ



**ବୌଦ୍ଧ,୧୮।୧(ଅଜିତ କୁମାର ବାରିକ)**

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଗୁରୁବାର ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଅଧକ୍ଷ ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ ଛାତ୍ର ସମାଜ ପାଇଁ ଓଡିଆ ସାହିତ୍ୟର ଉପଯୋଗିତା ବିଷୟରେ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ସୁଜାତା ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଡ. ଶରତ ଚନ୍ଦ୍ର ପତି ଓଡିଆ ସାହିତ୍ୟର ଉପଯୋଗିତା ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ପ୍ରତାପ ରଥ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଅଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱପ୍ନା ମେହେର, ସରିତା ଜେନା, ଶ୍ରୁତି ସାଇ ପାଢୀ, ସ୍ମୃତି ପଟ୍ଟନାୟକ, ଲିଟଲ ମେହେର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ଦେବଗଡ଼ ପ୍ରଧାନପାଟ-୨୦୨୪ ଉତ୍ସବ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।


ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

# ନଗର ପରିକ୍ରମା କଲା ସାଂସ୍କୃତିକ ଶୋଭାଯାତ୍ରା

**ଦେବଗଡ଼,୧୮।୧(ଶଶାଙ୍କ ଶେଖର ଝାଙ୍କର)**

### ଉତ୍ସବ ପ୍ରଧାନପାଟ-୨୦୨୪ ଉଦ୍‌ଘାଟିତ

ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ତଥା ଦେବଗଡ ଜିଲାର ଗର୍ବ ଓ ଗୌରବ ପ୍ରଧାନପାଟ ଜଳପ୍ରପାତ ନିକଟସ୍ଥ ବଡବଗିଚା ପଡିଆଠାରେ ମୁକ୍ତାକାଶ ରଙ୍ଗମଞ୍ଚରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଗୁରୁବାର ସାଂସ୍କୃତିକ ମହୋତ୍ସବ 'ଉତ୍ସବ ପ୍ରଧାନପାଟ-୨୦୨୪' ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ପୌରହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥିଭାବେ ଇସ୍ପାତ ଓ ଖଣିଜ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିବାସହ ବାମଣ୍ଡାର କଳା, ସଂସ୍କୃତି ଓ ଐତିହ୍ୟ ଅନନ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଜିଲାପାଳ ଉପାଧ୍ୟାୟ ମୁଖ୍ୟ ଅତିଥି ମଲ୍ଲିକଙ୍କୁ ଉପଢୌକନ ଓ ମୋମେଂଟୋ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଘାଟନୀ ସଭାରେ ଉପ ଜିଲାପାଳ ପରକ୍ଷୀତ ସାହୁ ମଧ ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ସ୍କୁଲ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ସଭା ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିବାସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ସ୍ୱନାମଧନ୍ୟ ଓଡିଶୀ ନୃତ୍ୟଗୁରୁ ଗଜେନ୍ଦ୍ର ପଣ୍ଡା ଓ ଦଳ ଦ୍ୱାରା ଆକର୍ଷଣୀୟ ଓଡିଶୀ ନୃତ୍ୟ, ନୃତ୍ୟଶୀଳ୍ପି ସଂଚିତା ମୁନସୀଙ୍କ ଦ୍ୱାରା ଭାରତ ନାଟ୍ୟମ୍ ଓ କୋଲକାତା ଡ୍ୟାନ୍ସ ଗ୍ରୁପ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ଓର୍ମାସ୍ ପକ୍ଷରୁ ଆକର୍ଷଣୀୟ ରାଜ୍ୟ ସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜିତ ହେଉଥିବା ବେଳେ ଜିଲା ସ୍ତରୀୟ କୃଷିମେଳା ଓ ଉନ୍ନୟନ ପ୍ରଦର୍ଶନୀ ମଧ ଦର୍ଶକ ଏବଂ ଜଣସାଧାରଣଙ୍କ ନିମନ୍ତେ ବେଶ ଉପଭୋଗ୍ୟ ହୋଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତି ନିମନ୍ତେ ଜିଲା ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ



କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଓ ଜିଲାପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ସମେତ ବହୁ ସରକାରୀ ଅଧିକାରୀ ,ବିଶିଷ୍ଟ ବ୍ୟକ୍ତି, ନିର୍ବାଚିତ ଲୋକ ପ୍ରତିନିଧି ଓ ରାଜନୈତିକ ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଅପରାହ୍ନରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲାର ତିଲେଇବଣି, ରିଆମାଳ ଓ ବାରକୋଟ ବ୍ଲକ ଏବଂ ଦେବଗଡ ପୌରାଞ୍ଚଳରୁ ଆସିଥିବା ୪ଟି ମଶାଲକୁ ସ୍ଥାନୀୟ ମଠ ସାହି ସ୍ଥିତ ମା' କନକଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା କରିବାପରେ ବିଭିନ୍ନ ବାଦ୍ୟ ଓ ସଂକୀର୍ତନର ତାଳେ ତାଳେ ଏକ ଭବ୍ୟ ଶୋଭାଯାତ୍ରାରେ ପ୍ରଧାନପାଟ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ସେଠାରେ ଅଧିଷ୍ଠାତ୍ରୀ ଦେବୀ ମା' ପ୍ରଧାନୀଙ୍କ ନିକଟରେ ପୂଜାର୍ଚ୍ଚନା ସହ ମା'ଙ୍କ ଆଜ୍ଞାମାଳ ସଂଗ୍ରହ କରିବାପରେ ୪ଟି ମଶାଲର ଜ୍ୟୋତିକୁ ମୁଖ୍ୟ ମଶାଲରେ ଏକତ୍ରୀତ କରାଯାଇଥିଲା। ଏହାପରେ ଏହି ମଶାଲକୁ ଉତ୍ସବ ସ୍ଥଳରେ ସ୍ଥାପନା କରାଯାଇଥିଲା। ଏହି ମଶାଲ ଶୋଭଯାତ୍ରାରେ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପ ଜିଲାପାଳ ପରକ୍ଷିତ ସାହୁ, ଡେପୁଟୀ କଲେକ୍ଟର ହେମନ୍ତ କୁମାର ସିଂ, ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ,ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳୀ ସାମଲ, ଗୀତାଞ୍ଜଳି ପାଣି, ତିଲେଇବଣି ବ୍ଲକ ଉପାଧ୍ୟକ୍ଷା ଆରତୀ ପ୍ରଧାନ, ତିଲେଇବଣି ବ୍ଲକ ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ରିଆମାଳ ବ୍ଲକ ବିଡିଓ ଉଗ୍ରସେନ ଓରାମ, ବାରକୋଟ ବ୍ଲକ ବିଡିଓ ସ୍ମୃତିରଞ୍ଜନ ସାହୁ, ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଜିଲା ସରପଞ୍ଚ ସଂଘ ସଭାପତି ସତ୍ୟ ନାରାୟଣ ପାଣି, ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ଧିରେନ୍ଦ୍ର କୁମାର ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଅଂଶଗ୍ରହଣ କରିଥିଲେ।

### ଯୋଗଦେଲେ ନାହିଁ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ

ଉଦ୍‌ଘାଟନୀ ଉତ୍ସବରେ ବରେଣ୍ୟ ଅତିଥିଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲେ ହେଁ ସେ ଯୋଗ ଦେଇ ନ ଥିଲେ। ନିମନ୍ତ୍ରଣ ପତ୍ରରେ ତାଙ୍କର ନାମ ପ୍ରକାଶିତ ହୋଇଥିଲେ ମଧ ତାଙ୍କୁ ଫୋନ ଯୋଗେ କିମ୍ବା ବ୍ୟକ୍ତିଗତଭାବେ ଆନୁଷ୍ଠାନିକ ଭାବେ କେହି ନିମନ୍ତ୍ରଣ କରିବା ପରିବର୍ତ୍ତେ ସେ ଅନୁପସ୍ଥିତ ଥିବା ବେଳେ କେହି ତାଙ୍କ ଘରେ ନିମନ୍ତ୍ରଣ କାର୍ଡ ଦେଇ ଦାୟିତ୍ୱ ସାରିଦେଇଥିବା ବିଧାୟକ ପାଣିଗ୍ରାହୀ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିଛନ୍ତି। ଏଥିସହ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ 'ଉତ୍ସବ ପ୍ରଧାନପାଟ'କୁ ପ୍ରଶାସନ ବିଜେଡି ଦଳର ଦଳୀୟ କାର୍ଯ୍ୟକ୍ରମରେ ପରିଣତ କରିଛି ବୋଲି ସେ କ୍ଷୋଭର ସହିତ ଅଭିଯୋଗ କରିଛନ୍ତି ।

## ସମ୍ବଲପୁରରୁ ଶ୍ରୀକ୍ଷେତ୍ରକୁ ଗଡ଼ିଲା ଜଗନ୍ନାଥ ଏକ୍ସପ୍ରେସ୍

**ସମ୍ବଲପୁର,୧୮।୧(ପ୍ରମୋଦ ବହିଦାର)**

ରାଜ୍ୟର ବିଭିନ୍ନ ଜିଲାରୁ ପୁରୀ ଧାମ ଯିବା ପାଇଁ ସରକାର ଗୁରବାରଠାରୁ ଜଗନ୍ନାଥ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିଛନ୍ତି। ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଗନ୍ନାଥ ଏକ୍ସପ୍ରେସ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏଠାରେ ଉପସ୍ଥିତ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ଜିଲାପାଳ ଅନନ୍ୟା ଦାସ, ଜିଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ, ଜିଲାପରିଷଦ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଜିଲା ପରିବହନ ଅଧିକାରୀ ରାମଦାସ ଟୁଡୁ ପ୍ରମୁଖ ସବୁଜ ପତାକା ଦେଖାଇ ଏହି ବସ୍‌ର ଯାତ୍ରା ଅନୁକୂଳ କରିଥିଲେ। ଲକ୍ଷ୍ମୀ ବସ୍ ସେବା ଅଧୀନରେ ଜଗନ୍ନାଥ ଧାମ ଅଭିମୁଖେ ସମ୍ବଲପୁର ଓ ପୁରୀ ମଧ୍ୟରେ ଦୁଇଟି ୫୧ ଆସନ ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ବସ୍ ଉଭୟ ଦିଗରୁ ଚାଲିବ। ଏଥିରେ ଟିକେଟ୍ ମୂଲ୍ୟ ଜଣପିଛା ୮୬୧ ଟଙ୍କା ଧାର୍ଯ୍ୟ ଥିବାବେଳେ ମା'ମାନେ ୫୦ ପ୍ରତିଶତ ରିହାତି ମୂଲ୍ୟରେ ଯାତ୍ରା କରିବା ସୁବିଧା ପାଇବେ। ଏହି ନୂତନ ବସ୍‌ସେବାକୁ ନେଇ ସମ୍ବଲପୁରବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।


ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବାର ଶୁଭାରମ୍ଭ କରାଯାଉଛି।

## ମଞ୍ଚସ୍ଥ ହେଲା ଗୀତିନାଟ୍ୟ ଲକ୍ଷ୍ମୀପୁରାଣ

**ସୋନପୁର,୧୮।୧(ମୃତ୍ୟୁଞ୍ଜୟ ଶତପଥୀ)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ବୁଧବାର ରାତିରେ ମଞ୍ଚସ୍ଥ ହୋଇଛି ନାଟକ ଲକ୍ଷ୍ମୀପୁରାଣ। ସୋନପୁର ଶ୍ରେଷ୍ଠି ଏକାଡ଼େମୀ, ପାନିସିଆଲିର ମା' କଳାପାଟ କ୍ଲବ ଓ ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦର ମିଳିତ ଉଦ୍ୟମରେ ସୁବର୍ଣ୍ଣପୁର ଟାଉନ ହଲରେ କବି ବୈଷ୍ଣବ ପାଣି, ମହେଶ୍ୱର ଓ ମାଗୁଣି କବିଙ୍କ ଦ୍ୱାରା ରଚିତ ଗୀତିନାଟ୍ୟ ଲକ୍ଷ୍ମୀପୁରାଣ ମଞ୍ଚସ୍ଥ ହୋଇଥିଲା। ନାଟକ ପ୍ରାରମ୍ଭରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନ, ସମ୍ମାନିତ ଅତିଥି ଭାବରେ ପୌରାଧ୍ୟକ୍ଷା ତାମସୀ ତାମସ୍ମିତା ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ସହକାରୀ ଜିଲାପାଳ କେ.ଗିରିକୁମାର, ବରିଷ୍ଠ ଅଭିନେତା ରମେଶ ପ୍ରସାଦ ନାୟକ, ନାଟ୍ୟକାର ଶ୍ୟାମା ଓଁ ପ୍ରସାଦ ମିଶ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ନାଟ୍ୟ ନିର୍ଦ୍ଦେଶକ ଡକ୍ଟର ପୁରୁଷୋତ୍ତମ ମିଶ୍ର ଓ ଧନ୍ୟବାଦ ଅର୍ପଣ କରିଥିଲେ ଶ୍ରେଷ୍ଠି ଏକାଡ଼େମୀର ସମ୍ପାଦକ ସୁରେଶ ପ୍ରସାଦ ରଥ। ଜଗନ୍ନାଥ ସଂସ୍କୃତି ପ୍ରତି ସାଧାରଣ ଜନତା ଆକୃଷ୍ଟ ହୋଇ ଜଗନ୍ନାଥମୟ ହେବା ନିମନ୍ତେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ପ୍ରଯୋଜନାରେ ମଞ୍ଚସ୍ଥ ହୋଇଥିଲା ଶ୍ରୀଜଗନ୍ନାଥ ସମ୍ପର୍କିତ ନାଟକ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଲୋଚନାଚକ୍ର

**କମନକିରା,୧୮।୧(ରବୀନ୍ଦ୍ର ଦାନି)**

କୁଚିଣ୍ଡା ଉପଖଣ୍ଡ କୁଟୁରାଚୁଆଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଅଧକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ନୂଆ-ଓ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଚେତନା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା କଲେଜ ପରିଚାଳନା କମିଟି ସଭପତି ହୃଦାନନ୍ଦ ଶର୍ମା, ଆଠଗାଁସ୍ଥିତ ରୁଷିକୁଲ୍ୟା ଆଶ୍ରମ ସଂସ୍କୃତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ପଣ୍ଡା, ସାହିତିକ୍ୟ ଅଲେଖ ପତି, ଶିକ୍ଷାବିତ ସୁବାସ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଜଗନ୍ନାଥ ଚେତନା ଓ ସଂସ୍କୃତି ବିଷୟରେ ଆଲୋକପାତ କରିଥିଲେ। ବରିଷ୍ଠ ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ ସଂଯୋଜନା କରିଥିବାବେଳେ ଅଧ୍ୟାପକ ସତ୍ୟନାରାରଣ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ସୁଧୀର କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

## ନଦୀଗର୍ଭ ବାଲିପଠାରେ ଲୁଚି ରହିଥିବା ପ୍ରେମୀ ଯୁଗଳ ଉଦ୍ଧାର

**ସୋନପୁର,୧୮।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ମହାନଦୀ ସେତୁ ନିକଟସ୍ଥ ଟାୱାର ଘାଟ ନିକଟରେ ଗୁରୁବାର ରାତିରେ ହାଇ ଡ୍ରାମା ଦେଖିବାକୁ ମିଳିଛି। ମହାନଦୀ ଗର୍ଭ ବାଲିପଠାରେ ଦୁଇ ଦିନ ଧରି ଲୁଚି ରହିଥିବା ପ୍ରେମୀ ଯୁଗଳଙ୍କୁ ସୋନପୁର ଟାଉନ ପୋଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ଅଗ୍ନିଶମ ବିଭାଗର କର୍ମଚାରୀମାନେ ନାବାଳିକା ପ୍ରେମିକାଙ୍କୁ ବିଦ୍ୟୁତ୍ ଟାୱାର ନିକଟସ୍ଥ ପଠାରୁ ଉଦ୍ଧାର କରି ସୋନପୁର ଟାଉନ ପୋଲିସକୁ ହସ୍ତାନ୍ତର କରିଛନ୍ତି । ଅନ୍ୟପକ୍ଷେ ପ୍ରେମିକ ତଥା ସୋନପୁର ସହର ପଟାଭାଡି ଅଞ୍ଚଳର ଶିବ ଶମ୍ଭୁ ମେହେର(୨୧)ଙ୍କୁ ପୋଲିସ ଅଟକ ରଖିଛି। ଏହି ଘଟଣା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ ନାବାଳିକାଙ୍କ ବାପା ବୁଧବାର ସକାଳେ ସୋନପୁର ଥାନାରେ ତାଙ୍କ ଝିଅ ଅପହରଣ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଶିବ ଶମ୍ଭୁ ନାବାଳିକାଙ୍କୁ ବୁଧବାର ଠାରୁ ନେଇ ମହାନଦୀ ଗର୍ଭର ବାଲିପଠାରେ ରଖିଥିଲେ। ଗୁରୁବାର ଶିବ ଶମ୍ଭୁ ମାର୍କେଟ୍‌କୁ ଖାଇବା ଆଣିବା ପାଇଁ ଯାଇଥିଲାବେଳେ ମୋବାଇଲ ଟ୍ରାକିଂ କରି ପୋଲିସ ତାଙ୍କୁ ଧରିଥିଲା। ପରେ ପୋଲିସ ନିକଟରୁ ସୂଚନା ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ନାବାଳିକାଙ୍କୁ ନଦୀଗର୍ଭରୁ ଉଦ୍ଧାର କରିଥିଲେ। ଥାନାରେ ପ୍ରେମୀ ଯୁଗଳଙ୍କ ପରିବାର ଉପସ୍ଥିତ ରହିଛନ୍ତି। ଏସଆଇ ସସ୍ମିତା ଭୁଟିଆ ଏହି ଘଟଣାର ତଦନ୍ତ କରୁଛନ୍ତି।

## ସମାଜକୁ ଦିଗ୍‌ଦର୍ଶନ ଦିଅନ୍ତି ବରିଷ୍ଠ ନାଗରିକ

**ଅମରପାଲି,୧୮।୧(ପୀତାମ୍ବର ସାହୁ)**

ମଣିଷ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରଲମ୍ବିତ ପଥରେ ଉପଯୁକ୍ତ କର୍ମ ସମ୍ପାଦନ ପୂର୍ବକ ସମାଜକୁ ଦିଗ୍‌ଦର୍ଶନ ଦେବା ପ୍ରତ୍ୟେକଙ୍କ ନୈତିକ କର୍ତ୍ତବ୍ୟ। ଏହିକ୍ରମରେ ବରିଷ୍ଠ ନାଗରିକମାନଙ୍କର ଅବଦାନ ଅତୁଳନୀୟ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ବରିଷ୍ଠ ନାଗରିକ ସଙ୍ଗଠନର ୧୬ତମ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ଏହି ମତ ରଖିଛନ୍ତି। ବରିଷ୍ଠ ନାଗରିକ ସଙ୍ଗଠନ ସଭାପତି ଡ. ପ୍ରଫୁଲ୍ଲ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ତହସିଲଦାର ଅମୃତଲାଲ ବେହେରା ମୁଖ୍ୟ ଅତିଥି, ଉପଖଣ୍ଡୀୟ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ ସମ୍ମାନିତ ଅତିଥି ଏବଂ ଢେଙ୍କାନାଳ ମହାବିଦ୍ୟାଳୟ ପ୍ରାକ୍ତନ ପ୍ରାଧାପକ ନିର୍ମଳ



ବରିଷ୍ଠ ନାଗରିକ ସଙ୍ଗଠନର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

### ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନର ବାର୍ଷିକ ଉତ୍ସବ

କୁମାର ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇ ମତ ରଖିଥିଲେ। ଭୂଷଣ କୁମାର ପାତ୍ରଙ୍କ ସଂଯୋଜନାରେ ପରିଚାଳିତ ସଭାରେ ଦ୍ୱିତୀକୃଷ୍ଣ ପଣ୍ଡା ସ୍ୱାଗତ ଭାଷଣ ଓ ଅନୁଷ୍ଠାନ ସଦସ୍ୟ ଦୟାନିଧି ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୋନପୁର ଓ ବଲାଙ୍ଗୀର ଜିଲାର ବିଭିନ୍ନ ପ୍ରାନ୍ତରୁ ବରିଷ୍ଠ ନାଗରିକ ସଙ୍ଗଠନ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ଜ୍ୟୋତି ରଞ୍ଜନ ବହିଦାର, ଗୋରେଖ ନାଥ ସାହୁ, ଆର୍ତ୍ତତ୍ରାଣ ବାବୁ, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଜ୍ୟୋତ୍ସ୍ନାରାଣୀ ନନ୍ଦ ପ୍ରମୁଖ ବରିଷ୍ଠ ନାଗରିକ ସଙ୍ଗଠନର ଉଦ୍ଦେଶ୍ୟ ଓ ବରିଷ୍ଠ ନାଗରିକଙ୍କ ସମାଜ ପ୍ରତି କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସଙ୍ଗଠନର ସିଦ୍ଧାନ୍ତକ୍ରମେ ଆସନ୍ତା ୨୫ ତାରିଖରେ ସଂସଦର ସାଧାରଣ ନିର୍ବାଚନ କରାଯିବାକୁ ସମ୍ପାଦକ ସନ୍ତୋଷ କୁମାର ଷଡଙ୍ଗୀ ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ବିଜେଡି କର୍ମୀ ସମ୍ମିଳନୀ

ଦେଓଗାଁ,୧୮।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁରଠାରେ ଗୁରୁବାର ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଶୁଶିଲ କୁମାର ଚାନ୍ଦଙ୍କ ଆବାହକତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଓଡିଶା ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଜିଲା ପରିଷଦ ସଭ୍ୟା ମମତା କୁମୁରା, ବନ୍ଧପଡା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ବ୍ରାହ୍ମଣୀଯୋର ସରପଞ୍ଚ ମହେନ୍ଦ୍ର ମଲ୍ଲିକ ଯୋଗଦେଇଥିଲେ। ନିର୍ବାଚନ ପାଖେଇ ଆସୁଥିବାରୁ ପଞ୍ଚାୟତସ୍ତରରେ ସଙ୍ଗଠନକୁ ମଜଭୁତ କରିବା ସହ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରିବାକୁ ସିଂଦେଓ କର୍ମୀଙ୍କୁ ଆହ୍ୱାନ କରିଥିଲେ। ଏହି ଅବସରରେ କଂଗ୍ରେସ ଦଳର କେତେକ କର୍ମୀ ବିଜେଡିରେ ଯୋଗଦେଇଥିଲେ। ମନୋଜ ପଟେଲ, ଅଚ୍ୟୁତ ମିଶ୍ର, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ରାଜ ପ୍ରତାପ ସିଂଦେଓ, ଅଶୋକ ପଟେଲ, ଝସକେତନ ଧରୁଆ, ନରୋତ୍ତମ ଭାଟି, ସୁଶାନ୍ତ ବରାଡଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

### ନିଖୋଜ ବ୍ୟକ୍ତିଙ୍କ ଝୁଲନ୍ତା ଗଳିତ ମୃତଦେହ ଜବତ

ଲୋଇସିଂହା,୧୮।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ବଡତିକା-ଦୁମଦୁମି ରାସ୍ତାର ପଥରଗଡ



ଜଙ୍ଗଲରୁ ଜଣେ ନିଖୋଜ ବ୍ୟକ୍ତିଙ୍କ ଝୁଲନ୍ତା ଗଳିତ ମୃତଦେହ ସ୍ଥାନୀୟ ପୋଲିସ ଗୁରୁବାର ଜବତ କରିଛି। ମୃତକ ହେଲେ ଲୋଇସିଂହା ଥାନା ସିଆଳବାହାଲି ଗ୍ରାମର ଭିକାରୀ ଧରୁଆ। ମୃତଦେହ ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଆଇଆଇସି ଯାଜ୍ଞସିନୀ ନାୟକ କହିଛନ୍ତି। ପୋଲିସ ସୂଚନା ମତେ, ଲୋଇସିଂହା ଥାନା ବୁର୍ଡା ପଞ୍ଚାୟତ ସିଆଳବାହାଲି ଗ୍ରାମର ଭିକାରୀ ଧରୁଆ ୨୦୨୩ ନଭେମ୍ବର ୨୩ରୁ ବଜାର ଯାଉଛି କହି ଆଉ ଘରକୁ ଫେରି ନ ଥିଲେ । ଖୋଜାଖୋଜି କରି ନ ପାଇବାରୁ ଏହା ପରଦିନ ଭିକାରୀଙ୍କ ସ୍ତ୍ରୀ ହରିପ୍ରିୟା ଲୋଇସିଂହା ଥାନାରେ ଲିଖିତ ଜଣାଇଥିଲେ । ଏନେଇ ଏକ ନିଖୋଜ ମାମଲା(୨୬/୨୩) ରୁଜୁ କରି ପୋଲିସ ବିଭିନ୍ନ ଥାନାକୁ ସୂଚନା ଦେଇଥିଲା। ହେଲେ ଗୁରୁବାର ବଡତିକା-ଦୁମଦୁମି ରାସ୍ତାର ଘାଟି ଜଙ୍ଗଲ ନିକଟରେ ରାସ୍ତାଠାରୁ ମାତ୍ର ୧ ଶହ ମିଟର ଦୂରରେ ଏକ ଗଛରେ ଜଣ ବ୍ୟକ୍ତିଙ୍କ ମୃତଦେହ ଝୁଲୁଥିବା କୌଣସି ସୂତ୍ରରୁ ଖବର ପାଇ ଲୋଇସିଂହା ପୋଲିସ ଘଟଣାସ୍ଥଳକୁ ଯାଇଥିଲା। ମୃତଦେହ ପଚିସଢି ଯାଇଥିଲା। ଝୁଲନ୍ତା ଅବସ୍ଥାରେ ମୃତଦେହ ଥିବା ବେଳେ ଅଣ୍ଟାରୁ ପାଦ ପର୍ଯ୍ୟନ୍ତ ନଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହତ୍ୟା କରି ଗଛରେ ଟାଙ୍ଗି ଆତ୍ମହତ୍ୟାର ରୂପ ଦେଇଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଦାବି ହେଉଛି ।

# ଭୁବନେଶ୍ୱରରୁ ଲମ୍ୱିଛି ଜାଲ୍ ନିଯୁକ୍ତିପତ୍ର ଚେର



ଖବରଦାତା ସମ୍ମିଳନୀରେ ପୋଲିସ ଗିରଫ ଅଭିଯୁକ୍ତ ବୃନ୍ଦାବନ ମିନାକାଙ୍କୁ ହାଜର କରିଛି।



ଜବତ ନଗଦ ଦେଢ଼ ଲକ୍ଷ ଟଙ୍କା ଓ ମୋବାଇଲ।

ବଲାଙ୍ଗୀର,୧୮।୧(ବୀରେନ୍ଦ୍ର କୁମାର ଝାଙ୍କର)

**ଅଭିଯୁକ୍ତ ଶିକ୍ଷକ ଗିରଫ, ଦେଢ଼ଲକ୍ଷ ଟଙ୍କା ଜବତ**
- ତଦନ୍ତ ଜାରି
- ଆରଆଇ, ଡବ୍ଲ୍ୟୁଇଓ, ଏଏସ୍ଓ, ପୋଲିସ ଏସଆଇ ନିଯୁକ୍ତିପତ୍ର ମିଳୁଥିଲା

ଜାଲ୍ ନିଯୁକ୍ତି ପତ୍ର ର୍ୟାକେଟ ଉପରୁ ପରଦା ହଟାଇଛି ବଲାଙ୍ଗୀର ଟାଉନ୍ ଥାନା ପୋଲିସ। ଭୁବନେଶ୍ୱରରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଏହାର ଚେର ଲମ୍ୱିଛି। ଏହି ର୍ୟାକେଟରେ ସମ୍ପୃକ୍ତ ରାୟଗଡ଼ା ଜିଲା ସରକାରୀ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ରାୟଗଡା ଜିଲା ଗୁଣୁପୁର ଥାନା ନିଲମଗୁଡା ଗାଁର ବୃନ୍ଦାବନ ମିନାକା (୫୩)। ତାଙ୍କଠାରୁ ଦେଢ଼ଲକ୍ଷ ନଗଦ ଟଙ୍କା ଏବଂ ଏକ ମୋବାଇଲ ଜବତ କରାଯାଇଛି। ଜାଲ୍ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିଯୁକ୍ତି ପତ୍ର ଦେଇ ସେ ଜଣେ ଆଶାୟୀ ଯୁବତୀଙ୍କ ପିତାଙ୍କଠାରୁ ୧୩ ଲକ୍ଷ ୪୦ହଜାର ଟଙ୍କା ନେଇଥିଲେ। ବଲାଙ୍ଗୀର ସଦର ଏସ୍‌ଡିପିଓ ତୋଫାନ୍ ବାଗ ଗୁରୁବାର ଟାଉନ୍ ଥାନାରେ ଏକ ଖବରଦାତା ସମ୍ମିଳନୀ କରି ଘଟଣା ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି।

ଗତ ୧୬ ତାରିଖରେ ରାୟଗଡା ଜିଲା କଲ୍ୟାଣସିଂପୁର ଥାନା ଜଗନ୍ନାଥପୁର ଗାଁର ଅନନ୍ୟା ପରିଚ୍ଛା ନାମ୍ନୀ ଜଣେ ଯୁବତୀ ଏକ ନିଯୁକ୍ତିପତ୍ର ଧରି ବଲାଙ୍ଗୀର ଜିଲା ମଙ୍ଗଳ ଅଧିକାରୀ(ଡିବ୍ଲ୍ୟୁଓ)ଙ୍କ କାର୍ଯ୍ୟାଳୟକୁ ଆସି ତୁଷୁରା ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବେ ଯୋଗଦେବାକୁ ଆସିଥିବା କହିଥିଲେ। ସେ ଧରିଥିବା ନିଯୁକ୍ତି ପତ୍ରରେ ଏହା ଉଲ୍ଲେଖ ଥିଲା। ଯୁବତୀଙ୍କ ସହ ତାଙ୍କ ମାତାପିତା ମଧ୍ୟ ଆସିଥିଲେ। ନିଯୁକ୍ତି ପତ୍ର ଦେଖିବା ପରେ ବଲାଙ୍ଗୀର ଜିଲାରେ ଗୁଡଭେଲା ବ୍ଲକ୍ ରହିଥିବାବେଳେ ତୁଷୁରା ବ୍ଲକ୍ କିଭଳି ଲେଖାଗଲା ବୋଲି ଜିଲା ମଙ୍ଗଳ ଅଧିକାରୀଙ୍କ କର୍ମଚାରୀମାନେ ସନ୍ଦେହ କରିଥିଲେ। ଏନେଇ ଡିବ୍ଲ୍ୟୁଓ ଅଲେଖ ବିଶ୍ୱାଳ ଟାଉନ୍ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା (୪୫/୨୪) ରୁଜୁ କରି ଯୁବତୀଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା। ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରୀ ଏହା ପଛରେ ଏକ ଜାଲ୍ ନିଯୁକ୍ତି ପତ୍ର କାରବାର ର୍ୟାକେଟ ଥିବା ସନ୍ଦେହ କରି ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ବଲାଙ୍ଗୀର ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କ ନେତୃତ୍ୱରେ ଏକ ଟିମ୍ ଯାଇ ଅଭିଯୁକ୍ତ ବୃନ୍ଦାବନ ମିନାକାଙ୍କୁ ଉଠାଇ ଆଣିଥିଲା। ସରକାରୀ ଚାକିରି କରାଇଦେବା ନାଁରେ ଅଭିଯୋଗକାରୀ ଅନନ୍ୟା ପରିଚ୍ଛାଙ୍କ ପିତା ଶରତ ଚନ୍ଦ୍ର ପରିଚ୍ଛାଙ୍କଠାରୁ ଅଭିଯୁକ୍ତ ମିନାକା ଆଡଭାନ୍ସ ଆକାରରେ ୫ଲକ୍ଷ ଓ ଜାଲ ନିଯୁକ୍ତି ପତ୍ର ଦେବା ପରେ ୮ଲକ୍ଷ ୪୦ହଜାର ଟଙ୍କା ନେଇଥିଲେ। ମିନାକାଙ୍କୁ ପଚରାଉଚରା ପରେ ଜାଲ ନିଯୁକ୍ତି ପତ୍ର ର୍ୟାକେଟ ଭୁବନେଶ୍ୱରରୁ ଜିଲାସ୍ତରକୁ ଲମ୍ୱିଥିବା ଜଣାପଡିଛି। ଏହି ର୍ୟାକେଟ ରାଜ୍ୟରେ ରାଜସ୍ୱ ନିରୀକ୍ଷକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ସହକାରୀ ଯୋଗାଣ ଅଧିକାରୀ, ପୋଲିସ ସବ୍‌ଇନ୍ସପେକ୍ଟର ପଦବୀର ଜାଲ୍ ନିଯୁକ୍ତି ପତ୍ର କାରବାର କରୁଥିବା ଜଣାପଡିଛି। ଏନେଇ ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ବାଗ କହିଛନ୍ତି। ଗୁରୁବାର ଗିରଫ ଅଭିଯୁକ୍ତ ମିନାକାଙ୍କୁ କୋର୍ଟଚାଲାଣ କରାଯାଇଛି।

# ଶିରୋଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

ମୁରିବାହାଲ, ୧୮।୧(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଶିରୋଲ ଉନ୍ନତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଜୟ କୁମାର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ, ସମ୍ମାନୀତ ଅତିଥିଭାବେ ସିରୋଲ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଧୀର କୁମାର ନାଗ, ସିରୋଲ ପଞ୍ଚାୟତ ସରପଞ୍ଚ ଲୁଚନା ବଗର୍ତ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୈଳାସ ଭୋଇ, ମୁଖ୍ୟବକ୍ତାଭାବେ ଉପ ନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ବିଭାଗ ସଞ୍ଜୟ ଦୀପ ଯୋଗ ଦେଇଥିଲେ। ଶିକ୍ଷକ ଲିଲୁ ମୋହନ ପଧାନ ସଭା ସଂଯୋଜନା କରିଥିବା ବେଳେ ସରସ୍ୱତୀ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ହେଇଥିବା ବିଦ୍ୟାଳୟ ସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନୀଶିଳତା ଉତ୍ସବକୁ ପ୍ରାରମ୍ଭରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୋଦଣ୍ଡଧର ଭୋଇ ଉଦଘାଟନ କରିଥିଲେ। ଏହି ଉତ୍ସବରେ ବରିଷ୍ଠ ଶିକ୍ଷୟିତ୍ରୀ ରମଣୀ ସାହାଣୀ, ଜମିଦାତା ଜୟସିଂ ପ୍ରଧାନୀଙ୍କୁ ସମ୍ମାନୀତ କରାଯାଇଥିଲା। ଛାତ୍ରୀ ଜାଗ୍ରତୀ ବନଛୋରଙ୍କୁ ବେଷ୍ଟ ଷ୍ଟୁଡେଣ୍ଟ ପୁରସ୍କାର ଦିଆ ଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ମୋତିରାମ ମାଝି, ମୋହନ ପ୍ରଧାନୀ, ଜଗଦୀଶ ସୁନା, ଶ୍ୟାମସୁନ୍ଦର ପ୍ରଧାନ, ବିନୋଦ କୁମାର ବାରିକ, ଆଶିଷ କୁମାର ତ୍ରିପାଠୀ, ରୋହିତ ନାଗ, ଶୁଭ୍ରାଂଶୁ ତାଣ୍ଡି, ଆନନ୍ଦିନୀ ଥନାପତି ପ୍ରମୁଖ ସହଯୋଗ କରିଥିଲେ।



ବାର୍ଷିକ ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

# ଶିକ୍ଷା ସହ ସଂସ୍କାର ଆବଶ୍ୟକ

ମୁରିବାହାଲ,୧୮।୧(ଶ୍ରୀବତ୍ସ ବେହେରା)

**ହଳଦୀ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ମହୋତ୍ସବ**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ଉତ୍ସବ ଗୁରୁବାର ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଛି। ଶତବାର୍ଷିକ ମହୋତ୍ସବ କମିଟି ସଭାପତି ଚୈତନ୍ୟ ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ବିଡିଓ ପୂର୍ଣ୍ଣନନ୍ଦ ପୁଟେଲ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୋଦଣ୍ଡ ଧର ଭୋଇ, ଭାଜପା ନେତା ଲକ୍ଷ୍ମଣ ବାଗ, ହଳଦୀ ସରପଞ୍ଚ ସୋମିନା ସେଟ, ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଝାଙ୍କର, ପରିଚାଳନା କମିଟି ସଭାପତି ନରହରି ପଶାୟତ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତାଭାବେ ଶିକ୍ଷାବିତ୍ ଡା ଛାୟାକାନ୍ତ ଷଡଙ୍ଗୀ ତାଙ୍କ ବକ୍ତବ୍ୟରେ ଶିକ୍ଷା ସହ ସଂସ୍କାର ଜରୁରୀ। ତେଣୁ ବଡ଼ ମଣିଷ ହେବା ଅପେକ୍ଷା ଭଲ ମଣିଷ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ୨୧ଜଣ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ସେହିପରି ଦ୍ୱିତୀୟ ପର୍ଯ୍ୟାୟ ସାନ୍ଧ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ମହୋତ୍ସବ କମିଟି ସଂଯୋଜକ ଦିଲ୍ଲୀପ ପଶାୟତ, ଦୀପକ ରଞ୍ଜନ ବାଗ, ପୁରୁଷୋତ୍ତମ ବାଗ, ସୁବାସ ପୋଡ଼, ତରଣୀସେନ ଦୀପ, ରମାରଞ୍ଜନ ସେଟ, ଅଶ୍ୱନୀ ଭୁକ୍ତା ପ୍ରମୁଖ ସହଯୋଗ କରୁଛନ୍ତି।




ଶତବାର୍ଷିକ ସମାରୋହର ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି।

# ଜୋନସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ




ଉପରଝରରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ମଞ୍ଚାସୀନ ଦଳୀୟ ନେତୃବର୍ଗ।

ଦେଓଗାଁ,୧୮।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ମିନି ଷ୍ଟାଡିୟମରେ ୧୩ ନଂ ଜୋନର ଜୋନସ୍ତରୀୟ କର୍ମୀ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଯୋଗଦେଇ ଅଞ୍ଚଳର ବିକାଶରେ ବାଧା ସୃଷ୍ଟିକାରୀ ସାମନ୍ତବାଦୀ ଶକ୍ତି, ପର୍ଯ୍ୟଟକ ରାଜନେତାଙ୍କୁ ପରାସ୍ତ କରି ବଲାଙ୍ଗୀର ବିକାଶର ମାନଚିତ୍ରକୁ ଆଗେଇ ନେବାକୁ ହେବ ବୋଲି କହିଥିଲେ। ରାଜ୍ୟରେ କଂଗ୍ରେସ କ୍ଷମତାକୁ ଆସିଲେ ଧାନ କୁଇଣ୍ଟାଲ ପିଛା ୩୫୧୬ଟଙ୍କା, ଚାଷୀ ଓ ଏସ୍‌ଏଚ୍‌ଜିଙ୍କ ଋଣ ଛାଡ, ବୃଦ୍ଧାବୃଦ୍ଧଙ୍କ ଭତ୍ତା ୨୫ଶହ ଓ ୨ହଜାର ଟଙ୍କା ଦିଆଯିବ ବୋଲି ଘୋଷଣା କରିଥିଲେ । ଯେଉଁ ପରିବାରରୁ ଦିନେ ମୁଖ୍ୟମନ୍ତ୍ରୀ ଥିଲେ ସେହି ପରିବାରରେ ଆଜି ନାରୀ ନିର୍ଯାତିତ। ତେଣୁ ନାରୀକୁ ସମ୍ମାନ ଓ ସୁରକ୍ଷା କଥା କହୁଥିବା ବ୍ୟକ୍ତି ମହିଳାଙ୍କୁ କେଉଁ ସମ୍ମାନ ଦେଉଛନ୍ତି ଏଥିରୁ ସ୍ପଷ୍ଟ ବୁଝା ପଡୁଛି ବୋଲି ବିଧାୟକ କହିଥିଲେ । ସଭାରେ ବକ୍ତବ୍ୟ ରଖି ଏଆଇସିସି ସଭ୍ୟ ସମରେନ୍ଦ୍ର ମିଶ୍ର କହିଥିଲେ ୨୦୧୪ ମସିହାରୁ ବଲାଙ୍ଗୀର ବିଧାନସଭା କ୍ଷେତ୍ରରେ ନେତୃତ୍ୱ ପରିବର୍ତ୍ତନ ହେବା ପରେ ବିକାଶ ଧାରା ନିରନ୍ତରଭାବେ ଆଗେଇ ଚାଲିଛି । ବିଧାୟକଙ୍କ ଦୃଢ଼ ନେତୃତ୍ୱ ଓ ପ୍ରଗତିଶୀଳ ଚିନ୍ତାଧାରା ପାଇଁ ଏହି ୧୦ ବର୍ଷରେ ତାହା ସମ୍ଭବ ହୋଇଛି ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଡିସିସି ସଭାପତି ସ୍ମାରକ ରଞ୍ଜନ ମିଶ୍ର, ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ବିଧାୟକ ପ୍ରତିନିଧି କାନ୍ତେଶ୍ୱର ପଧାନ, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ବିଶ୍ୱଜିତ ପାତ୍ର, ବ୍ଲକ କିଷାନ କଂଗ୍ରେସ ସଭାପତି କୁନା ସାହୁ, ରାମଚନ୍ଦ୍ରପୁର ସରପଞ୍ଚ ପଦ୍ମିନୀ ମିଶ୍ର, ସାରସମାଲ ସରପଞ୍ଚ ଗୋପାଳକୃଷ୍ଣ ବାଗ, ମହଲେଇ ସରପଞ୍ଚ ଚିତ୍ତ ରଞ୍ଜନ ସାହୁ, ସମିତି ସଭ୍ୟା ସସ୍ମିତା ଭୋଇ, ଗାଇବାହାଲ ସମିତି ସଭ୍ୟା ସଂଯୁକ୍ତା ସେଠ, ଢୁମେରପିଟା ସମିତି ସଭ୍ୟ ସଂକୀର୍ତ୍ତନ ବାଗ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି ଉପସ୍ଥିତ ଥିଲେ। ଏହି ଅବସରରେ ଉପରଝର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରମିଳା ପଟେଲଙ୍କ ସମେତ କେତେକ ବ୍ୟକ୍ତି କଂଗ୍ରେସ ଦଳରେ ଯୋଗଦେଇଥିଲେ। କଂଗ୍ରେସ ଏସ୍‌ଟି ସେଲ ସଭାପତି ମୟ ପ୍ରଧାନୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଏସ୍‌ସି ସେଲ ସଭାପତି ମନବୋଧ ହରପାଲ ଧନ୍ୟବାଦ ଦେଇଥିଲେ।

### ‘ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ନ ହେଲେ ସମାଜ ଅନ୍ଧକାରମୟ ହେବ’

ବଲାଙ୍ଗୀର,୧୮।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ଚୁଡାପାଲିସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥିଭାବେ ଯୋଗଦେଇ ବିଧାୟକ ନରସିଂହ ମିଶ୍ର କହିଛନ୍ତି ଯେ, ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ନହେଲେ ସମାଜ ଅନ୍ଧକାରମୟ ହୋଇପଡିବ। ଏଠାକାର ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିବାକୁ ରାଜା ରାଜୁଡାଙ୍କ ଅମଳରୁ ଉଦ୍ୟମ ହୋଇଆସିଛି । ଶିକ୍ଷା କ୍ଷେତ୍ରରେ ବିଭିନ୍ନ କିସମର ଶିକ୍ଷକ, ଶିକ୍ଷକ କର୍ମଚାରୀ ତଥା ଅଣଶିକ୍ଷକ କର୍ମଚାରୀଙ୍କ ଅଭାବ ଏତେ ଉତ୍କଟ ରୂପ ନେଲାଣି ଯେ ଆଗାମୀ ପିଢିର ଭବିଷ୍ୟତ କଣ ହେବ କେହି ଜାଣିପାରୁନାହାନ୍ତି । ଜଣେ ଶିକ୍ଷକ ଗୋଟିଏ ଶ୍ରେଣୀଗୃହରେ ୪ଟି କ୍ଲାସର ବିଦ୍ୟାର୍ଥୀଙ୍କୁ ପାଠ ପଢାଉଛନ୍ତି। ଏପରି ପରିସ୍ଥିତିରେ ଆମ ପିଲାମାନେ ଉତ୍ତମ ଶିକ୍ଷା ପାଇବେ କିପରି ବୋଲି ବିଧାୟକ ମିଶ୍ର ପ୍ରଶ୍ନ କରିଥିଲେ। ମୁଖ୍ୟବକ୍ତାଭାବେ ସାମ୍ବାଦିକ ମନୋରଞ୍ଜନ ଯୋଷୀ ଯୋଗଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା. ତରୁଣ କୁମାର ଭୋଇ, ପ୍ରତାପ ଚନ୍ଦ୍ର ମହାନ୍ତି, ସମାଜସେବୀ ଲୋକନାଥ କୁମୁରା, ଦାମୋଦର ବିଶ୍ୱାଳ, ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ଘିଭେଲା ମଞ୍ଚାସୀନ ଥିଲେ। ଘାସିରାମ ବେହେରା, ଲମ୍ବୋଦର ପଟେଲ, ଶରତ ନନ୍ଦ, ଜୟକୃଷ୍ଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲ।

# ସୁରଧନୁ ହାଇସ୍କୁଲର ବାର୍ଷିକ ଉତ୍ସବ

ଦେଓଗାଁ,୧୮।୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ସୁରଧନୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ରାମନାରାୟଣ ପାଢୀ, ମୁଖ୍ୟବକ୍ତା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଜିତ ମିଶ୍ର, ସମ୍ମାନୀତ ଅତିଥି ବ୍ରାହ୍ମଣୀଯୋର ହାଇସ୍କୁଲ ପ୍ରଧାନଶିକ୍ଷକ ରତନ କୁମାର ମେହେର, ପୂର୍ବତନ ପ୍ରଧାନଶିକ୍ଷକ ଦାମୋଦର ନାୟକ, ପୂର୍ବତନ ହିନ୍ଦୀ ଶିକ୍ଷକ ବିଜୟ କୁମାର ମହାନ୍ତି, ସମାଜସେବୀ କୃଷ୍ଣଚନ୍ଦ୍ର ଚାନ୍ଦ, ଭାଗବତ ନାଏକ ଯୋଗଦେଇଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାହିତ୍ୟ ସୃଜନୀ, ଜିଜ୍ଞାସା, କୌଶଳୀ ଓ କ୍ରୀଡାଙ୍ଗନ ଦକ୍ଷତା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶେଷରେ ଖେଳ ଶିକ୍ଷକ ଗୋପାଳ ଚନ୍ଦ୍ର ବସ୍ତିଆ ଧନ୍ୟବାଦ ଦେଇଥିଲେ । ପରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସମଲେଇ ପ୍ରକଳ୍ପ ପାଇଁ ପହଞ୍ଚିଲା ନିମନ୍ତ୍ରଣ

ବଲାଙ୍ଗୀର,୧୮।୧(ବୀରେନ୍ଦ୍ର କୁମାର ଝାଙ୍କର)

ଆସନ୍ତା ୨୭ ତାରିଖରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଇଙ୍କ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବ। ଏହି ଉପଲକ୍ଷେ ପୀଠ ତରଫରୁ ବଲାଙ୍ଗୀରର ୧୦ଟି ମନ୍ଦିରକୁ ଗୁରୁବାର ନିମନ୍ତ୍ରଣ ଦିଆଯାଇଛି। ଏହି ଉତ୍ସବ ପାଇଁ ବଲାଙ୍ଗୀର, ତୁଷରା, ଲୋଇସିଂହା, ପାଟଣାଗଡ, ସଲେଭଟା, ଭାଲେରର ସମଲେଶ୍ୱରୀ ମନ୍ଦିର, ବଲାଙ୍ଗୀର ଏବଂ ପାଟଣାଗଡ଼ ପାଟଣେଶ୍ୱରୀ ମନ୍ଦିର, ଜରାସିଂହାର ପାଟଖଣ୍ଡା ମନ୍ଦିରକୁ ନିମନ୍ତ୍ରଣ ଦିଆଯାଇଛି। ଏହି ପରିକ୍ରମା ପ୍ରକଳ୍ପ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରର ସମୁଦାୟ ୧୩୭ ମନ୍ଦିରକୁ ନିମନ୍ତ୍ରଣ ଦିଆ ଯାଇଛି। ତେବେ ବଲାଙ୍ଗୀରର ନିମନ୍ତ୍ରିତ ମନ୍ଦିର ମାନଙ୍କ ପୂଜାରୀ ଓ ପ୍ରତିନିଧିମାନେ ପରିକ୍ରମା ପ୍ରକଳ୍ପ ଉଦଘାଟନ ଦିନ ମା’ ସମଲେଇଙ୍କ ମନ୍ଦିରକୁ ଯିବେ। ଜିଲା ପ୍ରଶାସନ ପକ୍ଷରୁ ଭବ୍ୟ ଆୟୋଜନ ପୂର୍ବକ ସମ୍ବଲପୁରରୁ ଆସିଥିବା ସେବାୟତ ଓ ଅଧିକାରୀଙ୍କୁ ସ୍ୱାଗତ କରାଯାଇଥିଲା। ପାରମ୍ପରିକ ସଂକୀର୍ତ୍ତନ ତାଳେ ତାଳେ ସେମାନଙ୍କୁ ପାଛୋଟି ନିଆଯାଇଥିଲା। ନିମନ୍ତ୍ରଣ ଦେବାକୁ ଆସିଥିବା ଦଳ ଧର୍ମସ୍ଥଳୀର ମୁଖ୍ୟଙ୍କୁ ନିମନ୍ତ୍ରଣ ପତ୍ର ଓ ଅନ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ପୂର୍ବାହ୍ନରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଏହି ନିମନ୍ତ୍ରଣ ଉତ୍ସବ ଅନୁଷ୍ଠିତ ହୋଇଛି। ନିମନ୍ତ୍ରଣ ପାଇଁ ସମ୍ବଲପୁରରୁ ଟ୍ରଷ୍ଟି ପ୍ରଫୁଲ୍ଲ ହୋତା, ପୂଜକ ବୀରେନ୍ଦ୍ର ରାୟ ଏବଂ ସୁଧୀର ରାୟ ଓ ଡେପୁଟି କଲେକ୍ଟର ସଜତ ମାର୍କେଙ୍କ ଦଳ ଆସିଥିଲେ। ଉକ୍ତ ଉତ୍ସବରେ ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ ଉପସ୍ଥିତ ଥିଲେ। ଏହି ଦଳ ୧୬ରୁ ବିଭିନ୍ନ ଜିଲା ବୁଲି ଦେବାଳୟ ମାନଙ୍କୁ ନିମନ୍ତ୍ରଣ ଦେଇଛନ୍ତି।



ସମଲେଇ ପ୍ରକଳ୍ପର ନିମନ୍ତ୍ରଣ ଟିମ୍‌କୁ ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିରରେ ସ୍ୱାଗତ କରାଯାଉଛି।

# ଲଳିତ ଥିଲେ ଗରିବ, ନିଷ୍ପେଷିତଙ୍କ ପାଇଁ ଦେବଦୂତ

ବଲାଙ୍ଗୀର,୧୮।୧(ବୀରେନ୍ଦ୍ର କୁମାର ଝାଙ୍କର)

**ତୃତୀୟ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାଙ୍କ ମତ**

ବଲାଙ୍ଗୀର ଶ୍ରମିକ ମଙ୍ଗଳ ଭବନଠାରେ ଗୁରୁବାର ବିଶିଷ୍ଟ ସମାଜସେବୀ ଓ ଶ୍ରମିକ ନେତା ଲଳିତ କୁମାର ନାୟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପ୍ରଭାସ କୁମାର ପାଣିଗ୍ରାହୀଙ୍କ ପରିଚାଳନାକ୍ରମେ ଅନୁଷ୍ଠିତ ସଭାରେ ଲଳିତପ୍ରେମୀମାନେ ସ୍ମୃତିଚାରଣ କରିଥିଲେ। ଗରିବ, ନିଷ୍ପେଷିତ, ଖଟିଖିଆ, ମଜୁରିଆଙ୍କ ସମସ୍ୟା ସମାଧାନ କରିବା ଏବଂ ରକ୍ତଦାନ, ସମାଜସେବା କ୍ଷେତ୍ରରେ ସ୍ୱର୍ଗତ ନାୟକ ନିଜର ଜୀବନକୁ ଉତ୍ସର୍ଗ କରିଦେଇଥିଲେ। ଏଇ ଶ୍ରମିକ ମଙ୍ଗଳ ଭବନଠାରୁ ପ୍ରାୟ ଶହେ ମିଟର ଦୂରତାରେ ଜିଲାପାଳ ଓ ଏସ୍‌ପି ଅଫିସ ରହିଛି। ସେଠାକୁ ଅଭିଯୋଗ କରିବାକୁ ଆସିଥିବା ଲୋକେ ସ୍ୱତଃସ୍ଫୂର୍ତ୍ତଭାବେ ଲଳିତ ନାୟକଙ୍କ ଅଫିସକୁ ଆସି ଅଭିଯୋଗପତ୍ର ଦେଇଯାଉଥିଲେ। ବାସ୍ତବରେ କହିବାକୁ ଗଲେ ଲଳିତ ନାୟକ ଗରିବ ଅସହାୟଙ୍କ ପାଇଁ ଦେବଦୂତ ଏବଂ ଏକ ସମାନ୍ତରାଳ ସରକାର ଥିଲେ ବୋଲି ବକ୍ତାମାନେ କହିଥିଲେ। ତାଙ୍କ ଭଳି ଜଣେ ଯୋଗଜନ୍ମା ବ୍ୟକ୍ତିତ୍ୱଙ୍କ ସ୍ମୃତି ରକ୍ଷା କରିବା ସହ ତାଙ୍କର ପ୍ରେରଣାରେ ସମାଜସେବା କାର୍ଯ୍ୟକୁ ଜାରି ରଖାଯିବ ବୋଲି ଲଳିତପ୍ରେମୀମାନେ ନିଷ୍ପତ୍ତି କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଆଡ୍‌ଭୋକେଟ ରତନ ମହାରଣା, ଅଶୋକ ରାଉତ, ରବି ବହଦାର, ନାଗରିକ କମିଟି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଭାକର ମିଶ୍ର, ପ୍ରେସକ୍ଲବ୍ ସଭାପତି ଅରୁଣ ମିଶ୍ର, ମିଟୁଆ ମହାନ୍ତି, ସ୍ୱର୍ଗତ ନାୟକଙ୍କ ଜ୍ୟୋତିରଞ୍ଜନ ନାୟକ, ଦୀପକ ରଞ୍ଜନ ନାୟକ, ଲମ୍ବୋଦର ସାଏ, ବାବୁ ପୂଜାରୀ, ଅମୂଲ୍ୟ ସେଠ୍, ଗୋବିନ୍ଦ ଶତପଥୀ, ବିନୋଦ କାଲସାଏ, ପ୍ରତାପ ରଥ, ସଞ୍ଜୀବ ସାହୁ, ସୁନୀଲ ମହାନ୍ତି, କପିଳେଶ୍ୱର ଖମାରୀ, ବୀରେନ୍ଦ୍ର କୁମାର ଝାଙ୍କର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିଭୂକଲ୍ୟାଣ ଗଡତ୍ୟା, ଯୁଜେଷ୍ଠି ମେହେର, ଘନ ପଶାୟତ, ଗୁଲାବ ପଧାନ, ପଞ୍ଚାନନ ପଟ୍ଟନାୟକ, ଅନୀଲ ରଣା, ସ୍ୱାଧୀନ ପୁରୋହିତ ଓ ଅନ୍ୟମାନେ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ଶେଷରେ ବିଙ୍ଗ ହ୍ୟୁମନ୍ ସଙ୍ଗଠନ ସଭାପତି ସୋମନାଥ ମିଶ୍ର ଧନ୍ୟବାଦ ଦେଇଥିଲେ।




ଲଳିତ କୁମାର ନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।


ବରଗଡ଼ ଧନୁଯାତ୍ରାର ଗୁରୁବାର ଚତୁର୍ଥ ଦିବସରେ ଗୋପପୁରରେ ବକାସୁର ବଧ ଦୃଶ୍ୟାଭିନୟ ।


ଗୋପାଳ ବାଳକଙ୍କ ଗୋପଦାଣ୍ଡ ପରିକ୍ରମା ।


ମଥୁରାନଗରୀ ବାଣିଜ୍ୟକାରୀ ଅଧିକାରୀଙ୍କୁ କଂସ ମହାରାଜଙ୍କ ତାଗିଦା ।

# ଗୋପରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା

ମଥୁରାନଗରୀ/ଗୋପପୁର, ୧୮।୧
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରା ମହୋତ୍ସବର ଗୁରୁବାର ଚତୁର୍ଥ ଦିବସରେ ଗୋଟିଏ ପଟେ ମଥୁରାନଗରୀରେ ଶୂନ୍ୟବାଣୀ ପରେ କଂସ ଭୟଭୀତ ହୋଇ ପଡ଼ିବା ଏବଂ ଅନ୍ୟପଟେ ଗୋପପୁରରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଦୃଶ୍ୟାଭିନୟ ଚିତ୍ତାକର୍ଷକ ଥିଲା। କଂସ ପ୍ରେରିତ ରାକ୍ଷସୀ, ରାକ୍ଷସ ଗୋପପୁରରେ ବଧ ହେବା ଜାଣି କଂସ ପୂର୍ବାପେକ୍ଷା ଆହୁରି ବିଚଳିତ ହୋଇପଡ଼ିଥିଲେ। ଅନ୍ୟପଟେ ନନ୍ଦ ଭବନରେ ନନ୍ଦରାଣୀ, ନନ୍ଦରାଜା ମେଲାଣୀ ଦେବା ପରେ ଶ୍ରୀକୃଷ୍ଣ, ବଲରାମ ଗୋପାଳ ବାଳକଙ୍କ ଗହଣରେ ଗୋପଦାଣ୍ଡ ପରିକ୍ରମା କରିଥିଲେ। ସେହିପରି ଗୋପ ମଣ୍ଡପରେ ପହଞ୍ଚିଥିବା କଂସ ପ୍ରେରିତ ପୁତନା, ବକା, ଶକଟା, ତୃଣା, ଧେନୁ, ଷଣ୍ଢା, ଅଘାସୁର ଆଦି ରାକ୍ଷସୀ, ରାକ୍ଷସ ଜଣେ ପରେ ଜଣେ ଶ୍ରୀକୃଷ୍ଣଙ୍କ ସ୍ପର୍ଶରେ ନିଧନ ହୋଇଥିଲେ। ଅପରପକ୍ଷେ ମହାରାଜ କଂସ ମଥୁରା ଭ୍ରମଣରେ ବାହାରି ବାଣିଜ୍ୟକର ଅଧିକାରୀଙ୍କ କାର୍ଯ୍ୟାଳୟ(ସେଲ୍ସଟ୍ୟାକ୍ସ ଅଫିସ)କୁ ପହଞ୍ଚିଥିଲେ। ସେଠାରେ ମୁକ୍ତେଶ୍ୱର ମନ୍ଦିରକୁ ଯାଇ ରୁଦ୍ରାଭିଷେକ କରିଥିଲେ। ସେଠାରୁ ରଙ୍ଗମହଲକୁ ଯାଇ ନୃତ୍ୟଗୀତରେ ମସଗୁଲ ହୋଇଥିଲେ ଏବଂ ପରେ ରାଜ ଦରବାରକୁ ଯାଇ ମଥୁରାନଗରୀର ଖବର ବୁଝିଥିଲେ। ଗୁରୁବାର ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁ ନେପାକ ଏବଂ ପାରାଦୀପ ଇଫ୍‌କୋ ପ୍ଲାଣ୍ଟ ହେଡ୍ ଜେ. କେ. ପଟେଲ ରାଜ ଅତିଥି ଭାବେ ଯୋଗଦାନ କରିଥିଲେ ।

## ସଂକ୍ଷେପରେ

### ପାଣିପଞ୍ଚାୟତ ପକ୍ଷ ପାଳିତ

ବରପାଲି, ୧୮।୧ (ଚିତ୍ତରଞ୍ଜନ ସାହୁ)

ବରପାଲି କେନାଲ କଲୋନୀରେ ଗୁରୁବାର ବିଭାଜନସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଅଧୀକ୍ଷଣ ଯନ୍ତ୍ରୀ ମଦନ ମୋହନ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ବ୍ଲକ କୃଷି ଅଧିକାରୀ ଦିଲୀପ କୁମାର, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ରତ୍ନ କୁମାର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ପାଣି ପଞ୍ଚାୟତର ନିୟମକୁ ଗଣତାନ୍ତ୍ରିକ ପଦ୍ଧତିରେ ମାନିବା ପାଇଁ ଶପଥ ପାଠ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ନିବେଦିତା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବରପାଲି କେନାଲ ବିଭାଗ ଏସ୍‌ଡିଓ ଘନଶ୍ୟାମ ସେଠ୍ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରପାଲି ବ୍ଲକର ବହୁ ଚାଷୀ ଯୋଗ ଦେଇଥିଲେ।

### କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ପଦ୍ମପୁର, ୧୮।୧ (ପ୍ରଦୀପ୍ତ ଦାଶ): ପଦ୍ମପୁର ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଯୁବ ଓଡିଶା ନବିନ ଓଡ଼ିଶାର କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷା ପଦ୍ମିନୀ ଦାଶ ସଭାପତିତ୍ୱ କରିଥିଲେ। ବିଶିଷ୍ଟ କ୍ରୀଡାବିତ୍ ବେଣୁମାଧବ ଦୋରା ମୁଖ୍ୟ ଅତିଥି ଓ ଆଇନଜୀବୀ ଅଜିତ ଶତପଥି ମୁଖ୍ୟବକ୍ତା ଭାବେ ଯୋଗଦାନ କରି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ବିଭାଗ ନୋଡାଲ ଅଫିସର ବିଷ୍ଣୁ ପ୍ରସାଦ ଷଡଙ୍ଗୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ନୋଡାଲ ଅଫିସର ସସ୍ମିତା ସାହୁ, ସାମାଜିକ ନୋଡାଲ ଅଫିସର କୃଷ୍ଣଚରଣ ଦାଶ, ସାଂସ୍କୃତିକ ନୋଡାଲ ଅଫିସର ମମତା ସାହୁ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଅମିତା ପତି, ଆଭାମୟୀ ଶତପଥି, ସୁମତି ସାହୁ, ସସ୍ମିତା ନାୟକ, ଲିସାରାଣୀ ମିଶ୍ର ସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୁକୁମାରୀ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା ଯାତ୍ରୀଙ୍କୁ ମିଳିବ ୫୦ ପ୍ରତିଶତ ରିହାତି

## ବରଗଡ଼ରୁ ଶ୍ରୀକ୍ଷେତ୍ରକୁ ଗଡିଲା ସରକାରୀ ବସ୍

ମଥୁରା ନଗରୀ, ୧୮।୧ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଦର ମହକୁମାରୁ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ସରକାରୀ ବସ୍‌ସେବାର ଶୁଭାରମ୍ଭ ହୋଇଛି। ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଗନ୍ନାଥ ଏକ୍ସପ୍ରେସ ବସ୍‌ସେବାକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ, ପୌରାଧ୍ୟକ୍ଷ୍ୟ କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡାଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ରହିଥିଲେ। ତେବେ ଏହି ବସ୍‌ରେ ମହିଳା ଯାତ୍ରୀଙ୍କ ଟିକେଟରେ ୫୦ ପ୍ରତିଶତ ରିହାତି ମିଳିବ ବୋଲି ରାଜ୍ୟ ସରକାରଙ୍କ ତରଫରୁ ସୂଚନା ପ୍ରଦାନ କରାଯାଇଛି । ଏହି ବସ୍ ବରଗଡ଼ରୁ ସନ୍ଧ୍ୟାରେ ବାହାରି ସକାଳେ ପୁରୀରେ ପହଞ୍ଚିବ ଏବଂ ପୁରୀରୁ ସେହିଦିନ ସନ୍ଧ୍ୟାରେ ବାହାରି ତା ପରଦିନ ବରଗଡ଼ରେ ପହଞ୍ଚିବ ବୋଲି ଜଣାପଡ଼ିଛି। ବରଗଡ଼ରୁ ଶ୍ରୀକ୍ଷେତ୍ରକୁ ସିଧାସଳଖ ସରକାରୀ ବସ୍‌ସେବା ମିଳିବା ପରେ ଜନସାଧାରଣଙ୍କ ଦୀର୍ଘଦିନର ଦାବି ପୂରଣ ହେବା ସହ ଯାତ୍ରୀମାନେ ସିଧା ଓ ସହଜରେ ପୁରୀ ଯାଇପାରିବେ।


ବରଗଡ଼ରେ ଜଗନ୍ନାଥ ବସ୍‌ସେବାର ଶୁଭାରମ୍ଭ କରାଯାଉଛି।

# ଧନୁଯାତ୍ରା: କିଛି କଥା, କିଛି ବ୍ୟଥା

## ଧନୁଯାତ୍ରାରେ ଧୂଳିଝଡ଼

ବରଗଡ଼ ଧନୁଯାତ୍ରାକୁ ବିଶ୍ୱପ୍ରସିଦ୍ଧ କୁହାଯାଏ। ଏହା ସମଗ୍ର ବରଗଡ଼ବାସୀଙ୍କ ପାଇଁ ଗର୍ବ ଏବଂ ଗୌରବର ବିଷୟ। ହେଲେ ମହୋତ୍ସବର ସାଜସଜ୍ଜା, ପରିଚାଳନା, ଅଭିନୟ, ଦର୍ଶକଙ୍କ ମତାମତ ଆଦି କ୍ଷେତ୍ରକୁ ଦେଖିଲେ ଆମେ ବିଶ୍ୱର କେତେଦୂରକୁ ପହଞ୍ଚିପାରିଛୁ, ତାହା ଏବେଠାରୁ ଆତ୍ମଚିନ୍ତନର ବିଷୟ। କୁହାଯାଏ, ପୂର୍ବରୁ କେବଳ ବରଗଡ଼ବାସୀ ଏହି ମହୋତ୍ସବକୁ ଆୟୋଜନ କରିଆସୁଥିଲେ। ସୁରୁଖୁରୁରେ ବି ମହୋତ୍ସବ ଚାଲିଥିଲା। ସେତେବେଳଠୁ ବରଗଡ଼ ଧନୁଯାତ୍ରାକୁ ବିଶ୍ୱପ୍ରସିଦ୍ଧ କୁହାଯାଉଥିଲା। ମାତ୍ର ପରବର୍ତ୍ତୀ ସମୟରେ ପ୍ରଶାସନ ଏଥିରେ ସାମିଲ ହୋଇଥିଲା ଏବଂ ମହୋତ୍ସବକୁ ନିଜ ଅଧୀନକୁ ନେଇଥିଲା। ପ୍ରଶାସନ ଦାୟିତ୍ୱ ନେବା ପରେ ମହୋତ୍ସବ ଆୟୋଜନରେ କିଛି ସୁଧାର ଆସିବ। ପ୍ରଶାସନିକ ତଥା ସରକାରୀ ଅନୁଦାନ ସହିତ ମହୋତ୍ସବର ଆକର୍ଷଣ ବଢ଼ିବ ବୋଲି ସମସ୍ତଙ୍କ ଆଶା ରହିଥିଲା। ହେଲେ ତାହା କେତେଦୂର ସଫଳ ହୋଇଛି, ମଥୁରାବାସୀଙ୍କ ପାଖରେ ତାର ଉତ୍ତର ରହିଥିବାବେଳେ ଧନୁଯାତ୍ରା ସମୟରେ ସହରର ମୁଖ୍ୟରାସ୍ତା ଗୁଡ଼ିକରୁ ଧୂଳି ଉଠାଇବାକୁ ମଧ୍ୟ ପ୍ରଶାସନ ଅପାରଗ ସାବ୍ୟସ୍ତ ହୋଇଥିବା ସାଧାରଣରେ ଆଲୋଚନା ହେଉଛି। ପୂର୍ବରୁ ଧନୁଯାତ୍ରାବେଳେ ରାସ୍ତାରେ ପାଣି ସିଞ୍ଚନ ଗାଡ଼ି ବୁଲୁଥିଲା। ଧୂଳି ଉଠାଇବା ଗାଡ଼ି ମଧ୍ୟ ସହରର ପ୍ରମୁଖ ରାସ୍ତାରେ ଗଡୁଥିଲା। କିନ୍ତୁ ଏଥର ସେଭଳି କିଛି ପରିଲକ୍ଷିତ ହେଉନାହିଁ। ଯାହା ହେଉଛି, ତାହା କେବଳ ଧର୍ମକୁ ଆଖିଠାର ବୋଲି ସବୁଠି ଚର୍ଚ୍ଚା ଚାଲିଛି।

## ଆମିଷ ବନ୍ଦ, ମଦଭାଟି ଖୋଲା

ଗୋପପୁର ବିନା ଧନୁଯାତ୍ରା ମହୋତ୍ସବ ଅସମ୍ପୂର୍ଣ୍ଣ । ଧନୁଯାତ୍ରା ସମୟରେ କଂସ ମହାରାଜଙ୍କ ଅତ୍ୟାଚାର, ବ୍ୟଭିଚାରରେ ମଥୁରାନଗରୀ ଥରହର ହୋଇ ପଡ଼ିଥାଏ। ପୌରାଣିକ ଦୃଷ୍ଟିକୋଣରୁ କେବଳ ଏହା ନୁହେଁ, ଧନୁଯାତ୍ରାବେଳେ ଏହାର ବାସ୍ତବତା ଏଠାରେ ଆପେ ବାରି ହୋଇ ପଡ଼ିଥାଏ। ମୋବାଇଲ, ଗାଡ଼ି ଲୁଟ୍ ବଢ଼ିଥାଏ। ଧନୁଯାତ୍ରାକୁ ଆସୁଥିବା ଦର୍ଶକଙ୍କ ଉପରେ ମହଙ୍ଗା ମାଡ଼ ମଧ୍ୟ ପଡ଼ିଥାଏ। ଅନ୍ୟପଟେ ଗୋପପୁର ପାଲଟିଥିବା ଅମ୍ବାପାଲିରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଯୋଗୁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ଏହି ସମୟ ଅବଧିରେ ଗୋପପୁରରେ ଆମିଷ ଭୋଜନ ସହିତ ମାଛ, ମାଂସ ଭଳି ଆମିଷ ବିକ୍ରିବଟା ମଧ୍ୟ ବନ୍ଦ ରହିଥାଏ। ହେଲେ ଗୋପପୁର(ଅମ୍ବାପାଲି)ରେ ରହିଥିବା ଦେଶୀ ମଦଭାଟିରେ ମଦବିକ୍ରି ବନ୍ଦ ହୋଇ ନ ଥାଏ। ଗୋପପୁର ଯାତ୍ରାବେଳେ ଗୋପୀ, ଗୋପାଙ୍ଗନାଙ୍କ ଦହିବିକା ଦୃଶ୍ୟାଭିନୟ ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ସାଜିଥିବା ବେଳେ ଏହି ସମୟରେ ଗୋପପୁରରେ ମଦବିକ୍ରି ଉପରେ ମଧ୍ୟ କଟକଣା ରହିବା ଉଚିତ ବୋଲି ଅନେକ ସଚେତନ ନାଗରିକ ମତ ଦିଅନ୍ତି ।

## ବାପାଙ୍କୁ ପଛରେ ପକାଇଲେ ପୁଅ

ଧନୁଯାତ୍ରା ମହୋତ୍ସବରେ ମହାରାଜ ଉଗ୍ରସେନ ଏବଂ କଂସ ବାପପୁଅ। ଧନୁଯାତ୍ରାର ପ୍ରଥମ ଦିବସରେ ବାପା ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ପୁଅ ଯୁବରାଜ କଂସ ମଥୁରା ଶାସନ ନିଜ ହାତକୁ ନେଇଥାନ୍ତି। ତେବେ ପୁଅ ସିନା ବାପାଙ୍କ ହାତରୁ ଶାସନ ଭାର ଛଡ଼ାଇନେଲେ। ହେଲେ ବାପା ଉଗ୍ରସେନ ସମ୍ବଲପୁରୀ ସଂଳାପରେ ପ୍ରଥମ ଦିବସରୁ ଦୃଶ୍ୟାଭିନୟ ଆରମ୍ଭ କରି କେବଳ ସୋସିଆଲ ମିଡ଼ିଆ ନୁହେଁ, ସବୁଠି ଯେଭଳି ପ୍ରଶଂସା ସାଉଁଟିଲେ, ପୁଅ କଂସ ତାକୁ ପାଥେୟ କରି ତୃତୀୟ ଦିବସରେ ତାହାର ଝଲକ୍ ଦେଖାଇଲେ। କହିବା ବାହୁଲ୍ୟ, ସମ୍ବଲପୁରୀ ଭାଷାରେ ଏଥର ସମ୍ପୂର୍ଣ୍ଣ ଧନୁଯାତ୍ରା ମହୋତ୍ସବ କରିବା ପାଇଁ କୋଶଳପ୍ରେମୀଙ୍କ ଦାବି ଜୋର୍ ଧରିଥିଲା। ଏଭଳିସ୍ଥଳେ ଧନୁଯାତ୍ରା ମହୋତ୍ସବର ସଭାପତି ତଥା ଜିଲାପାଳ ମୋନିଷା ବାନାର୍ଜୀ କଳାକାରଙ୍କ ପାଇଁ ଭାଷା ନେଇ କିଛି କଟକଣା ନାହିଁ ଏବଂ ମାତ୍ର ମହୋତ୍ସବର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ସମ୍ବଲପୁରୀ ଭାଷା ପ୍ରୟୋଗ ପାଇଁ ପରାମର୍ଶ ଦେଇଥିଲେ। ତେବେ କଂସ ଅଭିନେତା ହୃଷୀକେଶ ଭୋଇ ସେତେବେଳେ ନିଜର ଅସହାୟତା ପ୍ରକାଶ କରିଥିଲେ ଏବଂ ସୋସିଆଲ ମିଡ଼ିଆରେ ଟ୍ରୋଲ ବି ହୋଇଥିଲେ। ମାତ୍ର ଏଥର ଦୃଶ୍ୟାଭିନୟରେ କିଛି ସମ୍ବଲପୁରୀ ଭାଷାର ଝଲକ୍ ଦେଖାଇ ଥିବାରୁ ବିଗତଦିନରେ ସମାଲୋଚନା କରୁଥିବା ଲୋକେ ଏବେ କଂସ ମହାରାଜଙ୍କୁ ସ୍ୱାଗତ କରିବାକୁ ଆଗେଇ ଆସିଛନ୍ତି ।

(ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ମଥୁରାନଗରୀ)

# ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

ବରପାଲି, ୧୮।୧ (ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ରେମତା ଗ୍ରାମରେ ବାବା ଚନ୍ଦ୍ରଶେଖର, ରଣେଶ୍ୱର ରାମଚଣ୍ଡୀ, ଗ୍ରାମପତି, ମା' ସମଲେଇ, ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ପୂଜା ମଣ୍ଡପରୁ ବିଭିନ୍ନ ସାଂସ୍କୃତିକ ସମାବେଶ ମଧ୍ୟରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ମହିଳା ପୁରୁଷ ନିକଟସ୍ଥ ପୋଖରୀରୁ ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଗ୍ରାମର ସରୋଜ ପଧାନ ଓ ସ୍ତ୍ରୀ ବାସନ୍ତୀ ପଧାନ, ଡୋଲାମଣି ପଧାନ ଓ କାଞ୍ଚନ ପଧାନ, ଚକ୍ରଯୁଦ୍ଧ ପଧାନ ଓ ବଲ୍ଲଭି ପଧାନ, କିଶୋର ପଧାନ ଓ ପଦ୍ମିନୀ ପଧାନ, ଗୁରୁ ପଟେଲ ଓ ସେବତୀ ପଟେଲ, ସୁଶାନ୍ତ ପଟେଲ ଓ ମନ୍ଦାକିନୀ ପଟେଲ, ଘନଶ୍ୟାମ ପଧାନ ଓ ସେବତୀ ପଧାନ, ଡୋଲାମଣି ପଟେଲ ଓ ଡିଲେଶ୍ୱରୀ ପଟେଲ, ଘନଶ୍ୟାମ ପଧାନ ଓ ସେବତୀ ପଧାନ, ଶତ୍ରୁଘ୍ନ ପଧାନ ଓ ପ୍ରଭାତୀ ପଧାନ, ବିଭୂତି ପଧାନ ଓ ସନ୍ଧ୍ୟାରାଣୀ ପଧାନ ପ୍ରମୁଖ କର୍ତ୍ତା ଦାୟିତ୍ୱ ତୁଲାଇବେ। ମୁଖ୍ୟ ପଣ୍ଡିତ ସୁରେଶ ଦେବତା, କୃଷ୍ଣଚନ୍ଦ୍ର ଦେବତା ଓ ସାଥୀମାନେ ପୂଜାକାର୍ଯ୍ୟ ସମ୍ପାଦନ କରିବେ। ସମସ୍ତ କାର୍ଯ୍ୟକ୍ରମ ତୁଲାଇବାକୁ କମିଟିର ସଭାପତି ଭାବେ ଧୀରୋଜ ପଧାନ, ସମ୍ପାଦକ ସତ୍ୟବାନ ସାହୁ, କାର୍ଯ୍ୟକାରୀ ସଭାପତି ତରଣୀ ଦେବତା ରହିଥିବା ବେଳେ ଜଳନ୍ଧର ଭୂମିକାରେ ଜମୁର୍ଡାର ବୃନ୍ଦାବନ ପଧାନ ଅଭିନୟ କରିବେ। କାର୍ଯ୍ୟକ୍ରମରେ ଡକ୍ଟର ସୁଶୀଲ ଶର୍ମା, ଡକ୍ଟର ପ୍ରଭାସ ସିଂ, ମନ୍ତ୍ରୀ ରୀତା ସାହୁ, ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରତିଦିନ ସକାଳ ୧୦ଟାରେ ଗୀତା ଜ୍ଞାନ ପ୍ରବଚନ ସହ ସନ୍ଧ୍ୟାରେ ଜଳନ୍ଧର ଦରବାର ହେବ ବୋଲି ସଭାପତି ସୂଚନା ଦେଇଛନ୍ତି ।

# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ପଦ୍ମପୁର, ୧୮।୧ (ପ୍ରଦୀପ୍ତ ଦାଶ)

ପଦ୍ମପୁର କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟରେ ଗୁରୁବାର ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି, ଲଉଡ଼ିଧରା ପାଣି ପଞ୍ଚାୟତ ସଭାପତି ଯୋଗେନ୍ଦ୍ର ଭୋଇ, କଣ୍ଟେଶ୍ୱରପୁର ପାଣି ପଞ୍ଚାୟତ ସଭାପତି ସୁରେଶ ଚାନ୍ଦ, ମାଣ୍ଡିଆଡ଼ିପା ପାଣି ପଞ୍ଚାୟତ ସଭାପତି ବଂଶୀଧର ସାହୁ ଅନ୍ୟତମ ଅତିଥି ଭାବେ ଯୋଗଦାନ କରିଥିଲେ। ବରଗଡ ସହକାରୀ ଯନ୍ତ୍ରୀ ସୁନୀଲ ମହାପାତ୍ର ସଭା ପରିଚାଳନା କରିଥିବା ବେଳେ ପଦ୍ମପୁର ସହକାରୀ ଯନ୍ତ୍ରୀ କଳ୍ପନା ପଧାନ, ହେମନ୍ତ କୁମାର ମାରାଣ୍ଡି ସହଯୋଗ କରିଥିଲେ ।

# ସେମିରେ ଭୁବନେଶ୍ୱର ବାପୁଜୀ କ୍ରିକେଟ କ୍ଲବ

## ବୋରାସମ୍ବର କ୍ରିକେଟ କପ୍ ଟୁର୍ଣ୍ଣାମେଣ୍ଟ

ପଦ୍ମପୁର, ୧୮।୧ (ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର ଖେଳପଡିଆରେ ବୋରାସମ୍ବର ସ୍ପୋର୍ଟିଂ ପକ୍ଷରୁ ଚାଲିଥିବା ୨୮ତମ ସର୍ବଭାରତୀୟ ବୋରାସମ୍ବର କ୍ରିକେଟ କପ୍‌ର ଗ୍ରୁପ୍ 'ବି'ର ଦ୍ୱିତୀୟ ମ୍ୟାଚ୍ ବାପୁଜୀ କ୍ରିକେଟ କ୍ଲବ ଭୁବନେଶ୍ୱର ଓ ଗୁଲବର୍ଗା ସିଟି ଇଲେଭେନ (କର୍ଣାଟକ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆରମ୍ଭରେ ଗୁଲବର୍ଗା ଦଳ ପ୍ରଥମେ ଟସ୍ ଜିତି ଫିଲ୍ଡିଂ କରିଥିଲା। ବାପୁଜୀ ଦଳ ବ୍ୟାଟିଂ କରି ୨୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୨୫୪ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଦେବାଂଶ ପଟ୍ଟନାୟକ ୮୮(୫୭) ରନ୍ କରିଥିବା ବେଳେ ଅୟଶ୍ରୀ ଡି. ଭଟ୍ଟ ୫୦ରନ କରିଥିଲେ। ଗୁଲବର୍ଗା ସିଟି ପକ୍ଷରୁ ନୀତିଶ ନିକ୍ୟାଲ ୩ଟି ଉଇକେଟ୍ ନେଇଥିଲେ। ୨୫୫ ରନ୍ ଲକ୍ଷ୍ୟ ନେଇ ଗୁଲବର୍ଗା ଦଳ ୧୮.୩ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୯୮ରନ ସଂଗ୍ରହ କରି ୧୫୬ ରନରେ ପରାଜିତ ହୋଇଥିଲା। ଦଳ ପକ୍ଷରୁ ଅଭିଷେକ ୨୪ ରନ୍ କରିଥିଲେ। ବାପୁଜୀ ଦଳ ପକ୍ଷରୁ ସାୟେଦ ଯକି ୩ ଓ ସତ୍ୟଜିତ ସବତ ୨ଟି ଉଇକେଟ୍ ନେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପଦ୍ମପୁର ଆର. ବି. ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲୋଭାଦିନୀ ସାହୁ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଦେବାଂଶ ପଟ୍ଟନାୟକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ଅମୀୟ ଭୂଷଣ ସାହୁ ଓ ବିଶ୍ୱମ୍ବର ମହାକୁଡ ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରର ଅମରେଶ ବେହେରା, ରିଙ୍କୁ ବରିହା ଓ ଦିବ୍ୟ ପଣ୍ଡା, ରୋହିଣୀ ପାଣ୍ଡେ, ଏସ୍. ଜୟକିଶନ, କୁମାର ଆନନ୍ଦ ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ। ଶୁକ୍ରବାର ଗ୍ରୁପ୍ 'ବି'ର ମ୍ୟାଚ୍ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ଓ ବିଳାସପୁର ସାଉଥ୍ ଇଷ୍ଟ ସେଣ୍ଟ୍ରାଲ ରେଲୱେ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।



ଟୁର୍ଣ୍ଣାମେଣ୍ଟରେ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

# ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ପରାମର୍ଶ ଶିବିର

ପାଇକମାଳ, ୧୮।୧ (ବଡ ଶତପଥୀ)

ବରଗଡ ଜିଲା ପାଇକମାଳସ୍ଥିତ ନବୋଦୟ ବିଦ୍ୟାଳୟରେ ଗୁରୁବାର ଛାତ୍ରୀଛାତ୍ରମାନଙ୍କ ପାଇଁ ଭବିଷ୍ୟତ ଗଠନ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବୋଦୟ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଯୁବ ବୈଜ୍ଞାନିକ ଡ. ଶେଷଦେବ କିଷାନ ଯୋଗଦାନ କରି ଛାତ୍ରୀଛାତ୍ରମାନଙ୍କୁ କୌଣସି ପରିସ୍ଥିତିରେ ଭାଙ୍ଗି ନ ଯାଇ ଦୃଢ଼ତାର ସହିତ ସମସ୍ୟାକୁ ମୁକାବିଲା କରିବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପୂର୍ବତନ ଛାତ୍ର ଯୁବ ବୈଜ୍ଞାନିକ ଡ. ଲିଙ୍ଗରାଜ ଦୀପ, ପ୍ରଧାନ ଶିକ୍ଷକ ଆଦିତ୍ୟ ମାଝି, ଶିକ୍ଷାବିତ୍ ପ୍ରକାଶ ଡାଙ୍ଗ, ଗୋଷ୍ଠୀ ମଙ୍ଗଳ ଅଧିକାରୀ ସୁନୀଲ ଭୁଏ ପ୍ରମୁଖ ଯୋଗଦେଇ ନବୋଦୟ ବିଦ୍ୟାଳୟ କିପରି ସେମାନଙ୍କ ଜୀବନ ଗଠନର ମୂଳଦୁଆ ହୋଇଛି ସେ ବିଷୟରେ ଆଲୋଚନା କରିଥିଲେ। ଏହାସହ ପିଲାମାନଙ୍କ ସୁଭବିଷ୍ୟତ ଗଠନ ପାଇଁ ନାନାବିଧ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ସୁରେଶ କୁମାର ମିଶ୍ର ପରିଚାଳନା କରିଥିବାବେଳେ ଉପାଧ୍ୟକ୍ଷ ଅରବିନ୍ଦ ପାତ୍ର ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ତହସିଲ ଅଫିସ ଘେରିଲା ଚାଷୀ ସଙ୍ଗଠନ

## ଇନ୍‌ପୁଟ ସବ୍‌ସିଡ଼ି, ଫସଲବୀମା ରାଶି ପ୍ରଦାନ ଦାବି

ଭେଡେନ, ୧୮।୧ (ସୁଦନ ମହାକୁର)

ଇନ୍‌ପୁଟ ସବ୍‌ସିଡ଼ି ଓ ଫସଲବୀମା ରାଶି ପ୍ରଦାନ ଦାବିରେ ବରଗଡ ଜଲା ଭେଡେନ ବ୍ଲକ ଅଧୀନ ୨୧ଟି ଗ୍ରାମପଞ୍ଚାୟତର ଚାଷୀମାନେ ଗୁରୁବାର ତହସିଲ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଏହି ପରିପ୍ରେକ୍ଷୀରେ ଚାଷୀନେତା ନରେନ୍ଦ୍ର ଭୋଇ ଓ ଉପନ୍ନ ଭୋଇଙ୍କ ନେତୃତ୍ୱରେ ଭେଡେନ ସ୍ଥିତ ବାବା ସିଦ୍ଧେଶ୍ୱର ମନ୍ଦିରରୁ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ଚାଷୀମାନେ ବାହାରି ତହସିଲ କାର୍ଯ୍ୟାଳୟ ରେ ପହଞ୍ଚିଥିଲେ। ସେଠାରେ ନରେନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଚାଷୀ ନେତା ରମେଶ ମହାପାତ୍ର ଯୋଗଦେଇ ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଗତ ସାମୁଦ୍ରିକ ଝଡ଼ ଯୋଗୁ ଭେଡେନ ଅଞ୍ଚଳର ଚାଷୀମାନଙ୍କ ଅମଳକ୍ଷମ ଧାନ କ୍ଷତି ହୋଇଥିଲା। ତେବେ ସରକାରଙ୍କ ବୈମାତୃକ ମନୋଭାବ ଯୋଗୁ ଅଞ୍ଚଳର ଚାଷୀମାନେ ଇନ୍‌ପୁଟ ସବ୍‌ସିଡ଼ି ଓ ଫସଲବୀମା ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରଶାସନିକ ସର୍ଭେ ଅନୁସାରେ ବରଗଡ ଜିଲାର ୪୧ହଜାର ୯୭ହେକ୍ଟର ଜମିରେ ଫସଲ କ୍ଷୟକ୍ଷତି ଆକଳନ ହୋଇଥିବା ବେଳେ ଭେଡେନ ବ୍ଲକରେ ୯୭୬୧ ହେକ୍ଟର ଜମିର କ୍ଷତି ଆକଳନ ରିପୋର୍ଟ ହୋଇଥିବା ଜଣାପଡ଼ିଛି ଯାହା ସମୁଦ୍ରକୁ ଶଙ୍ଖେ ଅଟେ। ସେତେବେଳେ ଚାଷୀମାନେ ଦରଖାସ୍ତ ଦେଇ କ୍ଷୟକ୍ଷତି ପ୍ରଦାନ କରିବାକୁ ଆବେଦନ କରିଥିଲେ। ପ୍ରଶାସନିକ ଅଧିକାରୀ ଓ ସରକାରଙ୍କ ଅବହେଳା ଯୋଗୁ ତାହା ପାଇବାରେ ଭେଡେନ ବ୍ଲକର ଚାଷୀମାନେ ବଞ୍ଚିତ ହୋଇଛନ୍ତି। ସରକାର ଏସ୍‌ଆର୍‌ସି ଆଧାରରେ ସମସ୍ତ ଚାଷୀଙ୍କୁ ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରିବାକୁ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ଦେବାନନ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।



ଚାଷୀମାନେ ତହସିଲ ଅଫିସ ଘେରାଉ କରିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ରାଉରକେଲା,୧୮।୧(ସଙ୍ଗୀତା ଜେନା): ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନି ଅଞ୍ଚଳରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଗୁରୁବାର ଜବତ କରାଯାଇଛି। ମୃତକ ହେଲେ ମନୋରଞ୍ଜନ ଦାସ(୨୨)। ଫ୍ୟାନରେ ଚୁନି ଲଗାଇ ଝୁଲୁଥିବା ଅବସ୍ଥାରେ ଦେଖି ପରିବାର ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା (ନଂ.୩/୨୪) ରୁଜୁ କରିଛି। ପାଠପଢ଼ା ଶେଷ ହେବା ପରେ ମନୋରଞ୍ଜନ ପ୍ରତିଯୋଗିତାମୂଳକ ଚାକିରି ପାଇଁ ପ୍ରସ୍ତୁତ ହେଉଥିଲେ। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି।

### ଏସ୍‌ବିଆଇ ଏଟିଏମ୍ ନିକଟରୁ ଉଦ୍ଧାର ବୃଦ୍ଧ ମୃତ

ରାଉରକେଲା,୧୮।୧(ସଙ୍ଗୀତା ଜେନା): ସେକ୍ଟର-୧୯ ଥାନା ଅନ୍ତର୍ଗତ ସେକ୍ଟର-୧୯ ଏସ୍‌ବିଆଇ ଏଟିଏମ୍ ନିକଟରୁ ୨ଦିନ ତଳେ ଉଦ୍ଧାର ହୋଇଥିବା ଜଣେ ବୃଦ୍ଧଙ୍କ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ହେଲେ ବଂଶୀଧର ବେହେରା(୭୫)। ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨/୨୪) ରୁଜୁ କରିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ତେବେ ବୃଦ୍ଧାବସ୍ଥା ଯୋଗୁ ତାଙ୍କ ମୃତ୍ୟୁ ହୋଇଛି ବୋଲି ପୋଲିସ କହିଛି।

### ଭାଜପା ମହିଳା ମୋର୍ଚ୍ଚା କମିଟି ଘୋଷଣା

ରାଉରକେଲା,୧୮।୧(ସଙ୍ଗୀତା ଜେନା) ପାନପୋଷ ସାଙ୍ଗଠନିକ ଜିଲା ମହିଳା ମୋର୍ଚ୍ଚା କମିଟିର ନାଁ ଘୋଷଣା କରାଯାଇଛି। ସଭାନେତ୍ରୀ ଭାବେ ସସ୍ମିତା ସାହୁ, ସାଧାରଣ ସମ୍ପାଦିକା ରିନା ମେହେର ଓ ବନ୍ଦିତା ମହତୋ, ଉପସଭାପତି ଭାବେ ଅନ୍ନପୂର୍ଣ୍ଣା ଧଳ, ଝରଣା ମହାରଣା, ବିଜୟିନୀ କିସପଟ୍ଟା, ପାନୀୟାନ ଟିଗା, ସମ୍ପାଦିକା ଭାବେ ସନ୍ତୋଷୀ ବାର୍ଲା, ପ୍ରଭାସିନୀ ଦୁଙ୍ଗୁରୀ, ସବିତା ମଣ୍ଡଳ, ଲିନା ନାଇଡୁ, କନକଲତା ଦାସ ଓ କୋଷାଧ୍ୟକ୍ଷ ଭାବେ ପୁଷ୍ପଲତା ସ୍ୱାଇଁଙ୍କ ନାଁ ଘୋଷଣା କରାଯାଇଛି। ସେହିପରି ଜିଲା ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ, ସ୍ୱାସ୍ଥ୍ୟ ସଂଯୋଜକ, ମିଡିଆ ସଂଯୋଜକଙ୍କ ନାମ ମଧ୍ୟ ଘୋଷଣା ହୋଇଛି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଥାନାରେ ମାମଲା ରୁଜୁ

ରାଉରକେଲା/ବେଦବ୍ୟାସ,୧୮।୧ (ସଙ୍ଗୀତା ଜେନା/ଆଲୋକ ସ୍ୱାଇଁ) : ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟିସିଆଇ ଛକରେ ଗୁରୁବାର ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଫଳରେ ଉକ୍ତ ଯୁବକ ଗୁରୁତର ହୋଇ ଜେପି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ ଶିବ ପ୍ରସାଦ ପ୍ରଧାନ( ୪୨)। ଏ ନେଇ ଅଭିଯୋଗ ହେବା ପରେ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଏକ ମାମଲା (ନଂ.୩୭/୨୪) ରୁଜୁ କରି ତଦନ୍ତ କରୁଛି। ଶିବ ଜଗଦା ସେଣ୍ଟମେରୀ ସ୍କୁଲ ସିଂହ ବିଲ୍ଡିଂରେ ରୁହନ୍ତି। ସେ ଆଇଟିସିକୁ କାମ କରିବାକୁ ବାଇକରେ ଯାଉଥିବାବେଳେ ଟିସିଆଇ ଛକରେ ହଠାତ୍ ଏକ କାରରୁ ୪ ଜଣ ଦୁର୍ବୃତ୍ତ ଓହ୍ଲାଇ ତାଙ୍କୁ ଲାଠି ଓ କାଠ ଫାଳିଆରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ।



ରାଉରକେଲା ସେକ୍ଟର-୯ସ୍ଥିତ କ୍ରିଷ୍ଣା ବିକାଶ ଇଣ୍ଡ୍ ଗ୍ଲୋବାଲ ସ୍କୁଲର ଦ୍ୱିତୀୟ ବାର୍ଷିକୋତ୍ସବରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି। (ଫଟୋ: ସଙ୍ଗୀତା ଜେନା)

# ବିଦ୍ୱାନ ବ୍ୟକ୍ତିଙ୍କ ପାଖରେ ବିନମ୍ରତା ରହିଥାଏ

**କ୍ରିଷ୍ଣା ବିକାଶ ଇଣ୍ଡ୍ ଗ୍ଲୋବାଲ ସ୍କୁଲର ବାର୍ଷିକୋତ୍ସବ ଉଦ୍‌ଯାପିତ**

ରାଉରକେଲା,୧୮।୧(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୯ ସ୍ଥିତ କ୍ରିଷ୍ଣା ବିକାଶ ଇଣ୍ଡ୍ ଗ୍ଲୋବାଲ ସ୍କୁଲର ଦ୍ୱିତୀୟ ବାର୍ଷିକୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ରାଉରକେଲା ମ୍ୟୁନିସିପାଲ କଲେଜର ପ୍ରଫେସର ଡ. ସନାତନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିକାଶ ଶବ୍ଦର ଅର୍ଥ ଉନ୍ନତି। ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରି କ୍ରିଷ୍ଣା ବିକାଶ ଇଣ୍ଡିଆ ଗ୍ଲୋବାଲ ସ୍କୁଲ ଯେଭଳି ଶିଖରରେ ପହଞ୍ଚିଛି ତାହା ଆମ ପାଇଁ ଚିରସ୍ମରଣୀୟ ବୋଲି ମୁଖ୍ୟ ଅତିଥି ପ୍ରଧାନ କହିଥିଲେ। ସ୍କୁଲର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦଶରୀ, ସୁଦର୍ଶନ ଗୋୟଲ, ସଞ୍ଜୟ ବଂଶଲ, ମନିଷ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସ୍କୁଲର ଫାଉଣ୍ଡର ତଥା ଅଧ୍ୟକ୍ଷ ଦଶରି ମୁରଲୀ କ୍ରିଷ୍ଣା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟା ଏକ ଏଭଳି ଧନ ଯାହା ଜଣେ ବ୍ୟକ୍ତିଙ୍କୁ ବିନମ୍ରତା, ଧୈର୍ଯ୍ୟବାନ କରିଥାଏ। ତେଣୁ ଗୁରୁ ଓ ଅଭିଭାବକମାନେ ବିଦ୍ୟାର୍ଥୀମାନଙ୍କ ଉପରେ ଚାପ ନ ପକାଇ ସେମାନଙ୍କ ଭିତରେ ଥିବା ଦକ୍ଷତାର ବିକାଶ କରିବା ଉପରେ ଗୁରୁତ୍ୱ ଦେବାକୁ ଅଧ୍ୟକ୍ଷ ଡି. ମୁରଲୀ କ୍ରିଷ୍ଣା ଆହ୍ୱାନ ଦେଇଥିଲେ। ନିର୍ଦ୍ଦେଶକ ଡ. ସମରେନ୍ଦ୍ର ନାଥ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଦେବଜାନୀ ଚାଟାର୍ଜୀ ବାର୍ଷିକ ବିବରଣୀ ସହ ସ୍କୁଲର ଉନ୍ନତୀକରଣ ବିଷୟରେ ମତ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ମିନାକ୍ଷୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

## ଶ୍ରୀଜଗନ୍ନାଥ ସଂସ୍କୃତି ଦୈନନ୍ଦିନ ଜୀବନକୁ ସୁଖମୟ କରେ

ରାଉରକେଲା,୧୮।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ସ୍ଥିତ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ 'ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିରେ ଶ୍ରୀ ଜଗନ୍ନାଥ' ପ୍ରସଙ୍ଗରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜର ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଚାରଣ ପଣ୍ଡିତ ପାର୍ଥସାରଥୀ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଓଡ଼ିଶାର ପ୍ରତେକ ବର୍ଗଙ୍କ ଜୀବନ ସହିତ ଜଡିତ। ଜଗନ୍ନାଥ ସଂସ୍କୃତିକୁ ଦୈନନ୍ଦିନ ଜୀବନରେ ଅନୁସରଣ କଲେ ଜୀବନ ଆନନ୍ଦ, ସୁଖମୟ ହେବ ବୋଲି କହିଥିଲେ। ଅଧ୍ୟାପକ ସୁଧାଂଶୁ ଶେଖର ମହାପାତ୍ର ଜଗନ୍ନାଥ ଅଷ୍ଟକମ ପାଠ କରିଥିଲେ। କଲେଜ ଅଧ୍ୟକ୍ଷା ଡ. ପଦ୍ମଜା ପଟ୍ଟନାୟକ ଜଗନ୍ନାଥଙ୍କ ସାନ୍ନିଧ୍ୟରେ ଜୀବନ ଅତିବାହିତ କଲେ ଜୀବନଯାତ୍ରା ସଫଳ ହେବ ବୋଲି କହିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ସହକାରୀ ପ୍ରାଧାପିକା ଲିପିକା କେରକେଟା ଓଡ଼ିଆ ଭାଷା ଏବଂ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଅଧାପିକା ମହାଶ୍ୱେତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଶ୍ରୀ ମୃଣ୍ମୟୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧାପିକା ଦୀପିକା ମାଝୀ, ଶ୍ରେୟସୀ ସାହୁ ଓ କୁପସିବା ଏକ୍କା ପ୍ରମୁଖ ମଞ୍ଚାସୀନ ଥିଲେ। ଅଧାପିକା ପୁନିତା ଲାକ୍ରା, ପ୍ରଗତି ପ୍ରଧାନ ଓ ଶୁଭସ୍ମିତା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

## ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

କୁଆଁରମୁଣ୍ଡା,୧୮।୧(ମହେନ୍ଦ୍ର କୁମାର ସାହୁ) ବୀରମିତ୍ରପୁରସ୍ଥିତ ଶ୍ରମଶକ୍ତି କଲେଜରେ ଗୁରୁବାର ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମୁଖ୍ୟଅତିଥି କଲେଜ ଅଧ୍ୟକ୍ଷ ଡ. ମୁନିନ୍ଦ୍ର ମହାଲିକ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ୮ଟି ଦଳରେ ବିଭକ୍ତ କରାଯାଇ ନୃତ୍ୟ ପ୍ରତିଯୋଗିତା କରି କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସୁନ୍ଦରଗଡ ନେହେରୁ ଯୁବ କେନ୍ଦ୍ର ଓ କୁଆଁରମୁଣ୍ଡାର ସଂସ୍କାର ସ୍ୱେଚ୍ଛାସେବୀ ସଂଗଠନ ଆନୁକୂଲ୍ୟରେ ହୋଇଥିଲା। ସଂଗଠନର ସମ୍ପାଦକ ଅମୂଲ୍ୟ କୁମାର ଜେନା ସଭା କାର୍ଯ୍ୟ ପରିଚାଳନା କରିଥିଲା ବେଳେ ଶ୍ରମଶକ୍ତି କଲେଜର ଅଧାପିକା ଅଧାପକମାନେ ଉପସ୍ଥିତ ରହି ସମସ୍ତ ପ୍ରକାରର ସହାୟତା କରିଥିଲେ।

### ନଦୀକୁ ଡେଇଁ ପଡିଲେ ସ୍କୁଲ ଛାତ୍ରୀ

ବେଦବ୍ୟାସ,୧୮।୧(ଆଲୋକ ସ୍ୱାଇଁ) ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ପାନପୋଷ ବ୍ରିଜ୍ ଉପରୁ ଜଣେ ସ୍କୁଲ ଛାତ୍ରୀ ବୁଧବାର ରାତି ସାଢ଼େ ୧ଟା ସମୟରେ ନଦୀକୁ ଡେଇଁ ପଡ଼ିଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉକ୍ତ ଛାତ୍ରୀଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଉକ୍ତ ଛାତ୍ରୀ ଜଣଙ୍କ ଦାଣ୍ଡିଆପାଲିର ଏକ ସ୍କୁଲର ୧୦ମ ଶ୍ରେଣୀରେ ପଢୁଛନ୍ତି। ତାଙ୍କ ମା' ପାଠ ପଢ଼ିବାକୁ କହିବାକୁ ଛାତ୍ରୀ ଜଣଙ୍କ ଉତ୍ତ୍ୟକ୍ତ ହୋଇ ବ୍ରିଜ୍ ଉପରୁ ନଦୀଗର୍ଭକୁ ଡେଇଁ ପଡ଼ିଥିଲେ। ତେବେ ତାଙ୍କର କିଛି କ୍ଷତି ହୋଇ ନ ଥିବା ଜଣାପଡିଛି।

## ଓଡ଼ିଆ ଭାଷା ସାହିତ୍ୟ ଉପରେ କର୍ମଶାଳା

ରାଉରକେଲା,୧୮।୧(ଦିନେଶ ମିଶ୍ର)

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ନୂଆ ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମର ତୃତୀୟ ଦିନରେ ବିଭିନ୍ନ ପ୍ରତିଯୋଗିତା ହୋଇଛି। ଓଡ଼ିଆ ସାହିତ୍ୟ ପଠନ କ୍ଲବ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। କର୍ମଶାଳାରେ ଏସ୍‌ଜି ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ତଥା ଲେଖିକା ଡ. ମହାଶ୍ୱେତା ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଓଡିଆ ବିଭାଗର ମୁଖ୍ୟ ଡ. ସୁଷମା ମୋଦି କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ କବିତା ପାଠ, ସ୍ଲୋଗାନ ଲିଖନ, ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ନେଇ ଫଟୋଚିତ୍ର ପ୍ରଦର୍ଶନୀ ଓ ଦଳଗତ ଆଲୋଚନା କରାଯାଇଥିଲା। ବିଭାଗୀୟ ଅଧ୍ୟାପିକା ରଜନୀ କିଷାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ନୂଆ ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମର ବରିଷ୍ଠ ବିଭାଗର ସଂଯୋଜକ ସୁରତ ଗିରି, ଅଧ୍ୟାପକ ମାୟାଧର ବାରିକ, ଦୀପ୍ତିମୟୀ ପ୍ରଧାନ, ବିଶ୍ୱରଞ୍ଜନ ଦାସ, ଶୁଭନାଥ ସା ପ୍ରମୁଖ ସହଯୋଗ କରିଥିଲେ।

# ଝିପିଝିପି ବର୍ଷା: ପରିବା, ଫୁଲ ଚାଷୀ ପ୍ରଭାବିତ

ରାଉରକେଲା,୧୮।୧(ଦିନେଶ ମିଶ୍ର)

ରାଉରକେଲା ସହରରେ ଶୀତ ଓ ଘନ କୁହୁଡିର ପ୍ରଭାବ ଜାରି ରହିଥିବାବେଳେ ଗୁରୁବାର ସକାଳେ କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ହୋଇଛି। ଫଳରେ ସହରରେ ଥଣ୍ଡାର ତାପମାତ୍ରା ବଢିଯାଇଛି। ସକାଳ ସାଢେ ୫ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ବର୍ଷା ହେବାରୁ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ସେହିପରି ବର୍ଷା ଯୋଗୁ ଡ୍ରେନେଜ୍‌ରେ ପାଣି ସୁଅ ଛୁଟିଥିବାବେଳେ ସହରର ମୁଖ୍ୟ ରାସ୍ତା ଶୂନ୍‌ଶାନ୍ ହୋଇପଡିଥିଲା। ବ୍ରିଜ ଓ ଗର୍ତ୍ତ ସ୍ଥାନରେ ପାଣି ଜମି ରହିଥିଲା। ଶୀତଦିନେ ଏଭଳି ବର୍ଷା ଯୋଗୁ ବିଶେଷ କରି ସହର ତଥା ତଳି ଅଞ୍ଚଳର ଚାଷୀମାନେ ପ୍ରଭାବିତ ହୋଇଛନ୍ତି। ପ୍ରଧାନପାଲ୍ଲୀ, ଡିଏଭି ପରିବା ବସ୍ତି, ବାଗୁଡି ବସ୍ତିରେ ଟମାଟୋ, ପିଆଜ, ବନ୍ଧାକୋବି ଜମିରେ ପାଣି ପଶିଯିବାରୁ ଫସଲ ନଷ୍ଟ ହୋଇଛି। ସେହିପରି ଜଲଦା ସି' ବ୍ଲକ, ବନ୍ଧମୁଣ୍ଡା ଓ ବିଶ୍ରା ଅଞ୍ଚଳରେ କ୍ଷେତରେ ପାଣି ପଶି ଗେଣ୍ଡୁ, ସେବତୀ ଓ ଗୋଲାପ ଭଳି ଫୁଲ ଗୁଡିକ ନଷ୍ଟ ହୋଇଛି। ଗତ ଦୁଇ ଦିନ ତଳେ ସହରରେ ତାପମାତ୍ର ୧୧.୮ ଡିଗ୍ରୀ ରହିଥିବାବେଳେ ବର୍ତ୍ତମାନ ପାରଦ ତଳକୁ ଆହୁରି ଖସିବ ବୋଲି ଆରଏସ୍‌ପି ପାଣିପାଗ ବିଭାଗ ଅନୁମାନ କରିଛି। ରାଉରକେଲା ଟାଉନଶିପ୍ ଅପେକ୍ଷା ସେକ୍ଟର ଅଞ୍ଚଳରେ ଅଧିକ ଥଣ୍ଡା ଅନୁଭୂତ ହେଉଛି। ଆଗାମୀ ଦିନରେ ପୁଣି ବର୍ଷା ହେଲେ ଥଣ୍ଡାର ପ୍ରକୋପ ବଢିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ



ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରାଯାଉଛି।

ରାଉରକେଲା,୧୮।୧(ଦିନେଶ ମିଶ୍ର)

ରାଉରକେଲା ମ୍ୟୁନିସିପାଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଗୁରୁବାର ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ନେଇ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଏହି ପ୍ରଶିକ୍ଷଣ ଶିବିରକୁ କଲେଜର ଅଧ୍ୟକ୍ଷ ଡକ୍ଟର ପ୍ରକାଶ କୁମାର କର ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୩୩୪ ଜଣ ଛାତ୍ରୀଛାତ୍ର ପ୍ରଶିକ୍ଷଣ ନେଇଥିଲେ। ୬ଜଣ ମାଷ୍ଟର ଟ୍ରେନର ନିକ୍କି କୁମାରୀ, କୁଶ୍ୱାହ, ସ୍ୱାଗତିକା ସାହୁ, ତୁଳସୀ ସାହୁ, ଗାୟତ୍ରୀ ସାହୁ, ଅଶ୍ୱିନୀ ମିଞ୍ଜ, ନସରିନ ଖାନ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଏହି ଶିବିର ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି କଲେଜର କୋ ଅର୍ଡିନେଟର କ୍ୟାପ୍‌ଟେନ ସତ୍ୟନାରାୟଣ ରାଉତ ଜଣାଇଛନ୍ତି।

## ରେଳ ଧାରଣା କଡ଼ରୁ ମହିଳାଙ୍କ ମୃତଦେହ ଜବତ

ରାଉରକେଲା,୧୮।୧(ଦିନେଶ ମିଶ୍ର)

ରାଉରକେଲା ଜିଆର୍‌ପି ପୋଲିସ ରେଳଧାରଣା କଡ଼ରୁ ଜଣେ ମହିଳାଙ୍କ ମୃତଦେହକୁ ଜବତ କରିଛି। ମୃତା ମହିଳା ହେଲେ ମୋହିନୀ ମହାନ୍ତି(୪୦)। ଜିଆର୍‌ପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪।୨୪) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ଗୁରୁବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ, ବେଦବ୍ୟାସ ସ୍ଥିତ ବୁଢୁଟୋଲା ବସ୍ତିର ମୋହିନୀ ମଙ୍ଗଳବାର ସନ୍ଧ୍ୟାରେ ଘର ପାଖ ସାଇମନ୍ଦିରରୁ ଘରକୁ ଫେରୁଥିବାବେଳେ ରେଳ ଲାଇନ ଅତିକ୍ରମ କରୁଥିଲେ। ଏହି ସମୟରେ ଏକ ମାଲବାହୀ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଖବର ପାଇ ଜିଆରପି ପୋଲିସ ଉକ୍ତ ମହିଳାଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମହିଳାଙ୍କ ପରିଚୟ ମିଳି ନ ଥିବାରୁ ପୋଲିସ ଆରଜିଏଚ ମର୍ଗରେ ମୃତଦେହ ରଖି ଘଟଣାର ତଦନ୍ତ ଚଳାଇଥିଲା। ଅନ୍ୟପକ୍ଷେ ମହିଳା ଜଣଙ୍କ ଘରେ ନ ପହଞ୍ଚିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଜିଆରପି ପୋଲିସ ସହ ଯୋଗାଯୋଗ କରିଥିଲେ।

## ୨୧ରେ ଦୀପ ପରିକ୍ରମା ଯାତ୍ରା

ରାଉରକେଲା,୧୮।୧(ବିପ୍ଳବ ରଞ୍ଜନ ଦାଶ)

ଆସନ୍ତା ୨୨ତାରିଖରେ ରାଉରକେଲାରେ ପାଳନ ହେବ ଭବ୍ୟ ଦୀପାବଳି। ସ୍ମାଇଲ ଫର ଏଭର ଫାଉଣ୍ଡେଶନ, ହନୁମାନ ବାଟିକା ଟ୍ରଷ୍ଟ ଓ ରାଉରକେଲା ସହରବାସୀଙ୍କ ମିଳିତ ସହଯୋଗରେ ଅଯୋଧ୍ୟାରେ ୨୨ ତାରିଖରେ ଶ୍ରୀରାମଚନ୍ଦ୍ରଙ୍କ ହେବାକୁ ଥିବା ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହିଦିନ ହନୁମାନ ବାଟିକା ଠାରେ ସର୍ବବୃହତ୍ ଦୀପ ପ୍ରଜ୍ୱଳିତ ହେବ ବୋଲି ଫାଉଣ୍ଡେଶନ ମୁଖ୍ୟ ସନ୍ତୋଷ ବିଶ୍ୱାଳ, ହନୁମାନ ବାଟିକା ମନ୍ଦିର ଟ୍ରଷ୍ଟ ସଚିବ ଶୁଭ ପଟ୍ଟନାୟକ ପ୍ରମୁଖ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି, ୨୧ତାରିଖରେ ୧୨ଫୁଟ ବ୍ୟାସାର୍ଦ୍ଧ ଓ ୫ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ଦୀପର ପରିକ୍ରମା ଯାତ୍ରା କରାଯିବ। ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲୀପ ରାୟ ଏହାର ନେତୃତ୍ୱ ନେବାର କାର୍ଯ୍ୟକ୍ରମ ରହିଛି। ୬୫୦୦ ଲିଟର ଘିଅ ଧାରଣ କ୍ଷମତା ବିଶିଷ୍ଟ ଏହି ବିଶାଳ ଦୀପ ୪୫ଦିନ ବ୍ୟାପୀ ପ୍ରଜ୍ୱଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ପଶ୍ଚିମବଙ୍ଗ କାରିଗରଙ୍କ ଦ୍ୱାରା ଦୀପ ନିର୍ମାଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ସୂଚନା ଦିଆଯାଇଥିଲା। ଏଥିରେ ଫାଉଣ୍ଡେଶନର ଉପାଧ୍ୟକ୍ଷ ରାଜା ରାୟ, ମାର୍ଗଦର୍ଶକ ହରି ରାଉତରାୟ ଉପସ୍ଥିତ ଥିଲେ। ହନୁମାନ ବାଟିକାର ସୂଚନା ଅଧିକାରୀ ପ୍ରମୋଦ କୁମାର ନତୁଲ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।




ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

# ଅସାମାଜିକଙ୍କ ଆଡ୍ଡାସ୍ଥଳୀ ଡିଏଭି ପଡ଼ିଆ

- ଚାରିଆଡେ ପଡିଛି ମଦ ବୋତଲ, ପ୍ଲାଷ୍ଟିକ ଗ୍ଲାସ୍
- ପାଟ୍ରୋଲିଂ ହେଉନି, କଲୋନିରେ ଅସନ୍ତୋଷ

ରାଉରକେଲା,୧୮।୧(ଦିନେଶ ମିଶ୍ର)

ରାଉରକେଲା ସହରର ବିଭିନ୍ନ ସ୍ଥାନରେ ଦିନକୁ ଦିନ ଆପରାଧିକ କାର୍ଯ୍ୟ ବଢିବାରେ ଲାଗିଛି। ଏ ନେଇ ପୋଲିସ ପ୍ରଶାସନ ପକ୍ଷରୁ ଠୋସ୍ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଫଳରେ ସହରରେ ଆପରାଧିକ କାର୍ଯ୍ୟ ଉପରେ ଅଙ୍କୁଶ ଲାଗିପାରୁନାହିଁ। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ରାଉରକେଲା ବାସନ୍ତୀ କଲୋନିସ୍ଥିତ ଏସ୍.କେ. ଡିଏଭି ପଲିଟେକ୍‌ନିକ୍ ପଛପଟ ଡିଏଭି ପଡିଆକୁ କଲୋନୀ ଅଞ୍ଚଳବାସୀ ପ୍ରାତଃଭ୍ରମଣ କରିବାକୁ ଯାଉଥିବା ବେଳେ ସ୍ଥାନୀୟ ପିଲାମାନେ ଖେଳକୁଦ କରିଥାନ୍ତି। କିନ୍ତୁ ଏହି ପଡିଆ ଭିତରେ ବିଭିନ୍ନ ସମୟରେ ଅସାମାଜିକ ଯୁବକମାନଙ୍କ ଆଡ୍ଡା ଜମୁଛି। ପଡିଆର ଶହେ ମିଟର ଦୂରରେ ଏକ ମଦ ଦୋକାନ ଥିବାରୁ ଅସାମାଜିକ ଯୁବକମାନେ ବସି ଖୁଲମଖୁଲା ମଦ୍ୟପାନ କରୁଥିବା ଦେଖିବାକୁ ମିଳିଛି। ରାତି ପାହିଲେ ଏଠାକୁ ପ୍ରାତଃ ଭ୍ରମଣ କରିବା ପାଇଁ ଆସୁଥିବା ଲୋକଙ୍କୁ ଅସାମାଜିକ ଯୁବକମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ କମେଣ୍ଟ ମାରିବାକୁ ପଛାଉନାହାନ୍ତି। ସେମାନେ ପଡିଆରେ ମଦ୍ୟପାନ କରି ସରକାରୀ ଏସ୍.କେ. ଡିଏଭି ପଲଟେକ୍‌ନିକ୍ ଓ ଡିଏଭି ସ୍କୁଲର ଛାତ୍ରୀମାନଙ୍କୁ ହଇରାଣ କରୁଛନ୍ତି। ପଡିଆ ନିକଟରେ ଡିଏଭି ସରୋବର ଥିବାରୁ ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ଗାଡିରୁ ତେଲ ଚୋରି ମଧ୍ୟ ହେଉଛି। ଏଭଳି ସ୍ଥିତିରେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କଲେ ଅସାମାଜିକ ଯୁବକମାନେ ଗାଳିଗୁଲଜ କରିବା ସହ ନାନା ଧମକଚମକ ଦେଉଛନ୍ତି।

ସେହିପରି ଡିଏଭି ପଡିଆ ଓପନ ବାର୍ ପ୍ଲେସ୍ ହୋଇଗଲାଣି। ପଡିଆର ବିଭିନ୍ନ ସ୍ଥାନରେ ପ୍ଲାଷ୍ଟିକ ଗ୍ଲାସ ସାଙ୍ଗକୁ ମଦ ବୋତଲ ପଡିଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷେ ଅସାମାଜିକ ଯୁବକମାନେ ମଦ୍ୟପାନ କରି ପଲିଟେକ୍‌ନିକ୍ କଲେଜର ଛାତ୍ରୀମାନଙ୍କ ପଡାକକ୍ଷକୁ ପଥରମାଡ କରିବା ଓ ରାତି ହେଲେ ହଷ୍ଟେଲ ପାଚେରି ଡେଇଁ ବହି ଚୋରି କରିବା ଭଳି ଅଭିଯୋଗ ହେଉଛି। ଏ ନେଇ ଏସ୍. କେ. ଡିଏଭି ପଲିଟେକ୍‌ନିକ୍‌ର ଅଧ୍ୟକ୍ଷ ଉପେନ୍ଦ୍ର କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ, ଡିଏଭି ପଡିଆରେ ଦିନକୁ ଦିନ ଅସାମାଜିକ ଯୁବକଙ୍କ ପ୍ରାଦୁର୍ଭାବ ବଢିଛି। ଏ ବିଷୟରେ ଆମେ ଗତ ୩ ମାସ ତଳେ ଉଦିତନଗର ଥାନାରେ ଲିଖିତ ଅଭିଯୋଗ କରିଥିଲୁ। ଏହାପରେ ପ୍ରାୟ ଦୁଇ ସପ୍ତାହ ପୋଲିସ ପକ୍ଷରୁ ଉକ୍ତ ପଡିଆରେ ପାଟ୍ରୋଲିଂ କରାଯାଇଥିଲା। ପରେ ପାଟ୍ରୋଲିଂ ବନ୍ଦ ହୋଇଯିବାରୁ ପୁଣି ଅସାମାଜିକଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ତେଣୁ ଏଠାରେ ଦିନକୁ ଦୁଇଥର ପାଟ୍ରୋଲିଂ ବ୍ୟବସ୍ଥା କରାଗଲେ କିଛିମାତ୍ରାରେ ଅସାମାଜିକଙ୍କ ଉପରେ ପ୍ରଭାବ ପଡନ୍ତା ବୋଲି ମଲ୍ଲିକ କହିଥିଲେ। ଏହି ଘଟଣାକୁ ନେଇ ଉଦିତନଗର ଥାନା ଅଧିକାରୀ ରାମପ୍ରାସାଦ ନାଗଙ୍କୁ ପଚାରିବାରୁ ସେ କହିଥିଲେ, ବାସନ୍ତୀ କଲୋନି ଡିଏଭି ପଡିଆରେ ବିଭିନ୍ନ ସମୟରେ ଅସାମାଜିକ ଯୁବକଙ୍କ ପ୍ରାଦୁର୍ଭାବ ବଢୁଥିବା ନେଇ ଆମ ପାଖରେ ଅଭିଯୋଗ ରହିଛି। ୪ ଦିନ ତଳେ ଉକ୍ତ ପଡିଆରେ ଆମେ ପାଟ୍ରୋଲିଂ କରି କିଛି ଅସାମାଜିକ ଯୁବକଙ୍କୁ କାବୁ କରିଥିଲୁ। ଉକ୍ତ ସ୍ଥାନରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯିବ ବୋଲି ନାଗ କହିଥିଲେ।

**ସଂକ୍ଷେପରେ**

## ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

ସମ୍ବଲପୁର,୧୮।୧ (ବି.ଶଙ୍କର)

ସମ୍ବଲପୁରସ୍ଥିତ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ସମ୍ବଲପୁର ଶିକ୍ଷାମଣ୍ଡଳାଧୀଶ ଡ. ଗିରିଧାରୀ ହୋତା ମୁଖ୍ୟଅତିଥି ଓ ଚକ୍ଷୁ ବିଶେଷଜ୍ଞ ଡା. ଗୁଣସାଗର ଦାସ ସମ୍ମାନିତ ବକ୍ତା ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମିତା ପତ୍ରୀ ସଭାପତିତ୍ୱ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୃଜନଶୀଳତା ବୃଦ୍ଧି ସକାଶେ ମୋ ବିଦ୍ୟାଳୟ ଅଭିଯାନ ମୋ କଥା ମୋ କାହାଣୀ, ପୁସ୍ତକ ସମୀକ୍ଷା, ପୁସ୍ତକ ରଚନା, ଗଳ୍ପ ପଠନ, କବିତା ଆବୃତ୍ତି, ଚିତ୍ରାଙ୍କନ ପ୍ରଭୃତି କାର୍ଯ୍ୟକ୍ରମ ହୋଇଥିଲା। ଜିଜ୍ଞାସା କ୍ଲବ ପକ୍ଷରୁ ପରିବେଶ, ଯୁବଗୋଷ୍ଠୀଙ୍କ ଖାଦ୍ୟାଭ୍ୟାସ, ସମନ୍ୱିତ କୃଷି ଉପରେ ଆଧାରିତ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ସୁଧାମୟୀ ପ୍ରଧାନ, ଅନୁବିନ୍ଦା ଦାଶ, ଜୟନ୍ତୀ ହୋତା, ଅନ୍ନପୂର୍ଣ୍ଣା ପୂଜାରୀ, ଶିକ୍ଷକ ତନୟ କୁମାର ପ୍ରଧାନ, ମଦନମୋହନ ମାଝି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ୨୧ରୁ ସମ୍ବଲପୁର ପୁସ୍ତକମେଳା

- ଉଦ୍‌ଘାଟନ କରିବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ
- ଶିକ୍ଷା, ସାହିତ୍ୟ ଓ ସଂସ୍କୃତି ସମନ୍ୱୟର ଝଲକ

ସମ୍ବଲପୁର,୧୮।୧(ପ୍ରମୋଦ ବହିଦାର): ସମ୍ବଲପୁର ପିଏଚ୍‌ଡି ପଡ଼ିଆରେ ଆସନ୍ତା ୨୧ରୁ ୨୯ ତାରିଖ ପର୍ଯ୍ୟନ୍ତ ପୁସ୍ତକମେଳା ଆୟୋଜିତ ହେବ। ସମ୍ବଲପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେତୁ' ସହଯୋଗିତାରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଜାତୀୟ ବୁକ୍ ଟ୍ରଷ୍ଟ ଇଣ୍ଡିଆ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ପୁସ୍ତକମେଳାର ୨୪ତମ ସଂସ୍କରଣକୁ ଆସନ୍ତା ୨୧ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିବେ। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ଜାତୀୟ ବୁକ୍ ଟ୍ରଷ୍ଟ (ଏନ୍‌ବିଟି) ଇଣ୍ଡିଆର ନିର୍ଦ୍ଦେଶକ କର୍ନେଲ ଯୁବରାଜ ମଲ୍ଲିକ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଏହା କେବଳ ପୁସ୍ତକ ମେଳାରେ ସିମୀତ ରହିବ ନାହିଁ। ଏଥିରେ ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ସମ୍ମିଶ୍ରଣ ଦେଖିବାକୁ ମିଳିବ। ପ୍ରତ୍ୟହ ତିନୋଟି ଅଧିବେଶନରେ ଶିକ୍ଷା, ସାହିତ୍ୟ ଚର୍ଚ୍ଚା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ସମ୍ବଲପୁରର ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ସହିତ ଜନସାଧାରଣଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜିଲ୍ଲା ପ୍ରଶାସନର ସହଯୋଗ ମଧ୍ୟ ନିଆଯିବ। ପୁସ୍ତକ ପ୍ରଦର୍ଶନୀରେ ଶିଶୁଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପୁସ୍ତକ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ। ଓଡ଼ିଆ ଭାଷା ସଂସ୍କୃତିକୁ ସ୍ୱତନ୍ତ୍ର ଭାବେ ପ୍ରୋତ୍ସାହନ ପ୍ରଦନା କରାଯିବ। ମେଳାରେ ୧୨୫ରୁ ଅଧିକ ଷ୍ଟଲ ରହିବ। ଏଥିରେ ଏନ୍‌ବିଟି ଇଣ୍ଡିଆ, ସାହିତ୍ୟ ଅକାଡେମୀ, ପବ୍ଲିକେସନ ଡିଭିଜନ, କେମ୍ବ୍ରିଜ ବୁକ୍ସ, ଗୀତା ପ୍ରକାଶନୀ, ବୁକ୍‌ମେଟ୍ ପବ୍ଲିସିଂ ଆଦି ଶହେରୁ ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ପୁସ୍ତକ ପ୍ରକାଶକ ଓ ବିକ୍ରେତା ଅଂଶଗ୍ରହଣ କରିବେ। ପ୍ରତିଦିନ ଅପରାହ୍ନରେ ଆଲୋଚନାଚକ୍ର ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇ ବିଜେତାଙ୍କୁ ପୁରସ୍କୃତ କରାଯିବ। ସାହିତ୍ୟ ଚର୍ଚ୍ଚାରେ ଭାଗ ନେବା ପାଇଁ ଜିଲା ଓ ଜିଲା ବାହାରୁ ଅନେକ ସାରସ୍ୱତ ସାଧକଙ୍କୁ ନିମନ୍ତ୍ରଣ ଦିଆଯାଇଛି ବୋଲି ଜାତୀୟ ବୁକ୍ ଟ୍ରଷ୍ଟ ଇଣ୍ଡିଆର ନିର୍ଦ୍ଦେଶକ କର୍ନେଲ ମଲ୍ଲିକ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସେତୁର ସଭାପତି ଡ. ମିନକେତନ ପାଠୀ, ସମ୍ପାଦକ ସୁକାନ୍ତ କର ମଞ୍ଚାସୀନ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## କୁନ୍ତରାକୁ ନୂତନ ବ୍ଲକ ଦାବିରେ ବୈଠକ


ବୈଠକରେ ଉପସ୍ଥିତ ନେତୃମଣ୍ଡଳୀ।

କୁଚିଣ୍ଡା,୧୮।୧(ବିରଞ୍ଚି ଦର୍କା) କୁଚିଣ୍ଡା ବ୍ଲକ ଜିଲା ପରିଷଦ ଜୋନ୍-୨ ଅଧୀନ କୁନ୍ତରାକୁ ନୂତନ ବ୍ଲକ କରିବା ଦାବିରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଠଗାଁ ଛକସ୍ଥିତ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ନରେଶ ଚନ୍ଦ୍ର ପଟେଲଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। କୁନ୍ତରା, ବାଙ୍କେ, ଗୋଛରା, ତେଲିତିଲେଇମାଲ, ଟାଇଁସର, (କୁ) ଜମନକିରା, ସାଲେଭାଡି, କୁସୁମୀ ଆଦି ପଞ୍ଚାୟତର କୁନ୍ତରା ହେଉଛି ମଧ୍ୟସ୍ଥଳୀ। ଏଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଡିଗ୍ରୀ କଲେଜ ଆଦି ରହିଥିବାରୁ ଜନସାଧାରଣ କୁନ୍ତରା ଉପରେ ନିର୍ଭର କରିଥାନ୍ତି। କୁଚିଣ୍ଡା ବ୍ଲକ ମୁଖ୍ୟାଳୟ ଏହିସବୁ ପଞ୍ଚାୟତଠାରୁ ପ୍ରାୟ ୨୨ କି.ମି. ଦୂର ହେବ। ତେଣୁ ଜନସାଧାରଣ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ଏହି ଦୃଷ୍ଟିରୁ କୁନ୍ତରାକୁ ବ୍ଲକ ମାନ୍ୟତା ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ରମଣୀକାନ୍ତ ପଟେଲ, ଅଯୋଧ୍ୟା ପଟେଲ, ଦିଲୀପ କିଷାନ, ସୁରେନ୍ଦ୍ର ପଟେଲ, ମନବୋଧ କଣ୍ଟା, ଭାଗୀରଥି ସାହୁ, ବିଜୟ ପଟେଲ, ନୀଳାଦ୍ରି ନାଏକ, ପ୍ରଶାନ୍ତ ପଟେଲ, ପ୍ରସନ୍ନ ନାଏକଙ୍କ ସମେତ ବିଭିନ୍ନ ପଞ୍ଚାୟତର ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

## ଟିପିଡବ୍ଲ୍ୟୁଓଡିଏଲ୍‌ର ବ୍ୟବସାୟିକ ସହଯୋଗୀ ସମ୍ମିଳନୀ

ସମ୍ବଲପୁର,୧୮।୧(ବି.ଶଙ୍କର) ଟିପିଡବ୍ଲ୍ୟୁଓଡିଏଲ୍‌ର ବ୍ୟବସାୟିକ ସହଯୋଗୀ ସମ୍ମିଳନୀ ସମ୍ବଲପୁର ବୁଢ଼ାରଜାସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବ୍ୟବସାୟିକ ସହଯୋଗୀଙ୍କ ସହିତ ସମ୍ପର୍କ ମଜବୁତ କରିବା ଓ ଦୀର୍ଘମିଆଦି ସହଭାଗିତା ଗଠନ ଲକ୍ଷ୍ୟ ନେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରାରମ୍ଭରେ କମ୍ପାନୀର ପ୍ରକ୍ୟୁରମେଣ୍ଟ ଆଣ୍ଡ ଷ୍ଟୋର ମୁଖ୍ୟ ରାହୁଲ କୁମାର ଉପସ୍ଥିତ ବ୍ୟବସାୟିକ ଆସୋସିଏଟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ବିଷଦ ବିବରଣୀ ବର୍ଣ୍ଣନା କରିଥିଲେ। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ. ଗଜାନନ କାଲେ ବ୍ୟବସାୟ ସହଯୋଗୀମାନଙ୍କୁ ବିଦ୍ୟୁତ୍ ବିତରଣ ବ୍ୟବସାୟ ସକାଶେ ଆବଶ୍ୟକ ବିଭିନ୍ନ ସାମଗ୍ରୀ ଯୋଗାଇବା ପାଇଁ ଓଡିଶାରେ ନୂତନ ଉତ୍ପାଦନ ୟୁନିଟ ସ୍ଥାପନ କରିବାକୁ ଅନୁରୋଧ କରିଥିଲେ। ଓଡିଶାରେ ନୂତନ ବ୍ୟବସାୟ ୟୁନିଟ ଗଠନ କରିବା ପାଇଁ ଏକକ ୱିଣ୍ଡୋ କ୍ଲିୟରାନ୍ସ ପାଇଁ ସମର୍ଥନ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ପ୍ରାୟ ୮୦ ଜଣ ବ୍ୟବସାୟିକ ସହଯୋଗୀ ଅଂଶଗ୍ରହଣ କରିଥିଲେ। କମ୍ପାନୀ ଉକ୍ତ ଅନୁଷ୍ଠାନଗୁଡିକୁ ୨୭୫ କୋଟି ଟଙ୍କାର ଅର୍ଡର ଦେବା ସହିତ ଓଡିଶାର ପ୍ରାୟ ୮ହଜାର ୫ଶହ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି। ବିଭିନ୍ନ ଅନୁଷ୍ଠାନରୁ ଆସିଥିବା ମୁଖ୍ୟ, ପରିଚାଳକମାନେ ସଂଗଠନର ଲକ୍ଷ ପୂରଣ କରିବା ପାଇଁ ସୁରକ୍ଷା ଓ ନୈତିକତା କାର୍ଯ୍ୟ କ୍ଷେତ୍ରରେ ଅଭିନବ ଚିନ୍ତାଧାରା ଉପରେ ମତବ୍ୟକ୍ତ କରିଥିଲେ । ଶେଷରେ ପ୍ରକ୍ୟୁରମେଣ୍ଟ ମୁଖ୍ୟ ସମ୍ବିତ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବଲପୁର ରେଳ ମଣ୍ଡଳ ପୁରସ୍କୃତ

ସମ୍ବଲପୁର,୧୮।୧(ପ୍ରମୋଦ ବହିଦାର): ଭୁବନେଶ୍ୱରଠାରେ ଅନୁଷ୍ଠିତ ବିଶିଷ୍ଟ ରେଳ ସେବା ପୁରସ୍କାର-୨୦୨୩ ସମାରୋହରେ ବିଭିନ୍ନ କ୍ଷେତ୍ରରେ ସମ୍ବଲପୁର ରେଳ ମଣ୍ଡଳ ୬ଟି ଦକ୍ଷତା ସିଲ୍ଡ ହାସଲ କରିବାରେ ସକ୍ଷମ ହୋଇଛି। ଗତ ୧୭ ତାରିଖରେ ଅନୁଷ୍ଠିତ ସମାରୋହରେ ନିରାପତ୍ତା, ସିଭିଲ୍ ଇଞ୍ଜିନିୟରିଂ, ମେକାନିକାଲ ଇଞ୍ଜିନିୟରିଂ, ସୁରକ୍ଷା, ରେଳ ସହଯୋଗ ଓ ସ୍ୱଚ୍ଛ ଷ୍ଟେଶନ (ବରଗଡ଼) ଆଦି ୬ଟି କ୍ଷେତ୍ରରେ ପରିଦର୍ଶିତା ପାଇଁ ସମ୍ବଲପୁର ରେଳ ମଣ୍ଡଳକୁ ପୁରସ୍କୃତ କରାଯାଇଛି। ପୂର୍ବତଟ ରେଳପଥ ମହା ପ୍ରବନ୍ଧକ ମନୋଜ ଶର୍ମାଙ୍କଠାରୁ ପୁରସ୍କାର ସ୍ୱରୂପ ସମ୍ବଲପୁର ମଣ୍ଡଳ ଶାଖା ଅଧିକାରୀଙ୍କ ସହିତ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ବିନୀତ ସିଂ ଦକ୍ଷତା ସିଲ୍ଡ ଗ୍ରହଣ କରିଥିଲେ। ମଣ୍ଡଳ ପ୍ରବନ୍ଧକ ସିଂ ରେଳବାଇର ବିକାଶରେ ବହୁମୂଲ୍ୟ ଅବଦାନ ପାଇଁ ଦକ୍ଷତା ସିଲ୍ଡ ପ୍ରାପ୍ତ କରିଥିବା ବିଭିନ୍ନ ବିଭାଗ ସହିତ ସମସ୍ତ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ଜିଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିବିର


ଶିବିରରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ନାକଟିଦେଉଳ,୧୮।୧(ବୈକୁଣ୍ଠ ନାଥ ସାହୁ): ନାକଟିଦେଉଳ ବ୍ଲକ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଜିଲା ଶିକ୍ଷାଧିକାରୀ ମିନାରାଣୀ ମଙ୍ଗଳଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଜିଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଭରତ ଦାଶ ମୁଖ୍ୟ ଅତିଥି ଓ ନାକଟିଦେଉଳ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ କୁମାର ପାତ୍ର, ଜିଲା ଶାରୀରିକ ଶିକ୍ଷାଧିକାରୀ ସୁଜାତା ପଟ୍ଟନାୟକ, ପୂର୍ବତନ ଜିଲା ଶାରୀରିକ ଶିକ୍ଷାଧିକାରୀ ଜଗବନ୍ଧୁ ବେହେରା, ସମ୍ବଲପୁର ଜିଲା ଜୁନିୟର ରେଡ଼କ୍ରସ ଅଧିକାରୀ ବିଶ୍ୱାମିତ୍ର ଦୀପ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଶିବିରର ଦ୍ୱିତୀୟ ଦିବସ ଉଇଞ୍ଜା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କଦ୍ୱାରା ଉଦ୍‌ଘାଟିତ ହୋଇଥିବା ବେଳେ ଛାତ୍ରୀଛାତ୍ରଙ୍କୁ ଫାଷ୍ଟଏଡ଼ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରିଥିଲେ ଶିକ୍ଷକ ପ୍ରତାପ ସେନାପତି ଓ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଅମୂଲ୍ୟରତ୍ନ ମହନ୍ତ। ଶେଷ ଦିନରେ ଛାତ୍ରୀଛାତ୍ରୀ ଗ୍ରାମ୍ୟ ପରିଭ୍ରମଣ କରି ସ୍ୱାସ୍ଥ୍ୟ ସେବା ଓ ବିଶ୍ୱବନ୍ଧୁତାର ବାର୍ତ୍ତା ପ୍ରଚାର କରିଥିଲେ। ପ୍ରତାପ ଚନ୍ଦ୍ର ସେନାପତି, ତ୍ରିବିକ୍ରମ ରଣା, ରମେଶ ଚନ୍ଦ୍ର ବେରିହା, ଆନନ୍ଦ ଡନସନା, ଖିରେଶ୍ୱର କର୍ଣ୍ଣ, ପଙ୍କଜିନି ନାଏକ,ସୁଜାତା ବାରିକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ୨୦ରେ ବ୍ୟାଙ୍କ୍ ଋଣ ସମ୍ପ୍ରସାରଣ କାର୍ଯ୍ୟକ୍ରମ

ସମ୍ବଲପୁର,୧୮।୧ (ଭବାନୀ ଶଙ୍କର ଭୋଇ):

ଆସନ୍ତା ୨୦ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ରେମେଡର ଜାଲାନ ପଡ଼ିଆରେ ବିଭିନ୍ନ ବ୍ୟାଙ୍କ ସହଯୋଗରେ ଋଣ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଆୟାଜିତ ହେବ। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ବିତ୍ତୀୟ ବିଭାଗ ମନ୍ତ୍ରୀ ପଙ୍କଜ ଚୌଧୁରୀ ମିଳିତ ଭାବେ ଉଦ୍‌ଘାଟନ କରିବେ। ଏଥିରେ ସମ୍ବଲପୁର ଜିଲାର ପ୍ରାୟ ୭୧୦୦୦ ଋଣ ଗ୍ରହୀତାଙ୍କୁ ୨୩୦୦ କୋଟିରୁ ଅଧିକ ଋଣ ମଞ୍ଜୁରପତ୍ର ପ୍ରଦାନ କରାଯିବ। ସରକାରଙ୍କ ବହୁମୁଖୀ ଯୋଜନା ଯଥା ପ୍ରଧାନମନ୍ତ୍ରୀ ମୁଦ୍ରା, ପ୍ରଧାନମନ୍ତ୍ରୀ ସ୍ୱନିଧି, ପିଏମ୍ ଇଜିପି, କେସିସି, ଶିକ୍ଷା ଓ ଗୃହ ପ୍ରଭୃତି ଋଣ ବ୍ୟାଙ୍କରେ ଗ୍ରହୀତାମାନଙ୍କୁ ପ୍ରଦାନ କରାଯିବ। ସରକାରଙ୍କ ଏହି ପଦକ୍ଷେପ ଜିଲାର ସାମଗ୍ରିକ ବିକାଶରେ ଅଗ୍ରଣୀ ଭୂମିକା ନିର୍ବାହ କରିବାରେ ସାହାଯ୍ୟ କରିବ। ଜିଲାର ଅଗ୍ରଣୀ ବ୍ୟାଙ୍କ ଏସ୍‌ବିଆଇ ଓ ଅନ୍ୟ ସମସ୍ତ ବ୍ୟାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି ବୋଲି ଷ୍ଟେଟବ୍ୟାଙ୍କ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏସ୍‌ଏମ୍‌ଇ) ବ୍ରାଞ୍ଚର ଏଜିଏମ୍ ସନ୍ତୋଷ କୁମାର ବେହେରା ସୂଚନା ଦେଇଛନ୍ତି।

## ଅନୁ ସମ୍ପ୍ରସାରଣ କର୍ମୀଙ୍କ ତାଲିମ ଶିବିର

ରେଢାଖୋଲ,୧୮।୧(ଅଚ୍ୟୁତାନନ୍ଦ ପୁରୋହିତ):

ରେଢ଼ାଖୋଲ ବ୍ଲକ କୃଷି ଜିଲା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଗୁରୁବାର ଉପଖଣ୍ଡସ୍ତରୀୟ ଅନୁ ସମ୍ପ୍ରସାରଣ କର୍ମୀଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଜିଲା କୃଷି ଅଧିକାରୀ ଗୌରୀ ଶଙ୍କର ସିଂହ ମୁଖ୍ୟଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କୃଷି ଜିଲା ଅଧିକାରୀ ପ୍ରଦୀପ କୁମାର ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ବଲପୁର କୃଷି ଜିଲା ଅଧିକାରୀ ଉମାଶଙ୍କର ମିଶ୍ର କୃଷି ବିଭାଗର ବିଭିନ୍ନ ଯୋଜନା ତଥା ଏହାର ସଫଳ ରୂପାୟନ ପାଇଁ ସମ୍ପ୍ରସାରଣ କର୍ମୀଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ନୋଡାଲ ଅଫିସର ବସନ୍ତ କୁମାର ଦେ ସମନ୍ୱିତ ସାର ପରିଚାଳନା ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଉଦ୍ୟାନ ନିର୍ଦ୍ଦେଶିକା ଦୀପ୍ତିପ୍ରଭା ଭିତ୍ରିଆ, ଅତିରିକ୍ତ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ସୌରଭ କୁମାର ସାହୁ, ସହକାରୀ କୃଷି ଯନ୍ତ୍ରୀ ମୋନାଲିସା ରାଉତ, ବ୍ଲକ କୃଷି ଅଧିକାରୀ ଅମିତ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ରେଢ଼ାଖୋଲ ଓ ନାକଟିଦେଉଳ ବ୍ଲକର ୨୮ଟି ଗ୍ରାମ ପଞ୍ଚାୟତର ଗ୍ରାମ କୃଷି ଅଧିକାରୀ, କୃଷି ଅଧିଦର୍ଶକ, ଉଦ୍ୟାନ ସାଥୀ, କୃଷକ ସାଥୀ, ପ୍ରାଣୀ ମିତ୍ର, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଅଂଶଗ୍ରହଣ କରିଥିଲେ। ଶେଷରେ ବ୍ଲକ କୃଷି ଅଧିକାରୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

## ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

ରେଙ୍ଗାଲି,୧୮।୧(ଦେବବ୍ରତ ପଣ୍ଡା): ସମ୍ବଲପୁର ଜିଲା ରେଙ୍ଗାଲି ମଡ଼ର୍ଣ୍ଣ ପବ୍ଲିକ ସ୍କୁଲର ୨୮ ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମା' ସମଲେଇଙ୍କ ସମ୍ମୁଖରେ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଡା. ଅର୍ଜୁନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କମିଟି ସଦସ୍ୟ ଅନ୍ତର୍ଯାମୀ ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡ଼ିଆ, ବିନୋଦ ନନ୍ଦ, ବିଶ୍ୱକେଶନ ବିଶ୍ୱାଳ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନୁଷ୍ଠାନ ତରଫରୁ ଅତିଥି ସୁବାସ ନାୟକଙ୍କୁ ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସ୍କୁଲ ଅଧ୍ୟକ୍ଷ ଅନ୍ତର୍ଯାମୀ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ବିଶ୍ୱନାଥ ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଯୁଯୁମୁରାରେ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି


ପ୍ରସ୍ତୁତି ବୈଠକରେ ଅଧିକାରୀଙ୍କ ସହ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା।

ଯୁଯୋମୁରା,୧୮।୧ (ରମେଶ ବିଶ୍ୱାଳ): ଯୁଯୁମୁରା ପଞ୍ଚାୟତ ସମିତି ପକ୍ଷରୁ ବିଡିଓ ବିଜୟ ସଏଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ଗଣତନ୍ତ୍ର ଦିବସ ପାଳନ ନେଇ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ନାଏକଙ୍କ ସହ ବ୍ଲକର ବିଭିନ୍ନ ସ୍କୁଲ ଓ ମହାବିଦ୍ୟାଳୟର ଶିକ୍ଷକ ଉପସ୍ଥିତ ରହିଥିଲେ। ପୂର୍ବରୁ ସ୍କୁଲଗୁଡିକରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜନ କରି କୃତୀ ପ୍ରତିଯୋଗୀଙ୍କୁ ଗଣତନ୍ତ୍ର ଦିବସରେ ସମ୍ମାନିତ କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଗଣତନ୍ତ୍ର ଦିବସ ପରେଡ ଆୟୋଜନ କରାଯାଇ କୃତିତ୍ୱ ହାସଲ କରିଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ପୁରସ୍କାର ପ୍ରଦାନ କରାଯିବାକୁ ଆଲୋଚନା ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ତୀରନ୍ଦାଜ ପ୍ରତିଯୋଗିତା ଆୟୋଜନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଯୁଯୁମୁରା ଅନ୍ନପୂର୍ଣ୍ଣା କ୍ଲବ, ଡଙ୍ଗାପାଳର ବୀର ବଜରଙ୍ଗ କ୍ଲବର ସଦସ୍ୟମାନଙ୍କ ସହ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାହିତ୍ୟ ଆଲୋଚନା

ପଡ଼ିଆବାହାଲ, ୧୮।୧(ରାଧାମୋହନ ଷଡ଼ଙ୍ଗୀ)

ଯୁଯୁମୁରା ବ୍ଲକ ପଡ଼ିଆବାହାଲସ୍ଥିତ ଜୟଦୁର୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ନୂଆ-ଓ କାର୍ଯ୍ୟକ୍ରମରେ ଓଡ଼ିଆ ସାହିତ୍ୟ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। 'ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି' ଶୀର୍ଷକରେ ଆଲୋଚନା ହୋଇଥିଲା। ଅଧ୍ୟକ୍ଷ ଅକ୍ଷୟ କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଘେଁସ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟରେ ଜଗନ୍ନାଥ ସଂସ୍କୃତି ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ଅଧାପିକା ଦ୍ରୌପଦୀ ପ୍ରଧାନ ଜଗନ୍ନାଥ ସଂସ୍କୃତିରେ ପ୍ରକୃତି ଓ ବ୍ୟବହାରିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କ ସହ ଅଧାପକ ଅଧାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ରୀଡ଼ା ଶିକ୍ଷକ ପ୍ରଦୀପ ନାୟକ, ପ୍ରଦୀପ ଡନସେନା, ଅଧାପକ ଉମେଶ ଶତପଥୀ ସହଯୋଗ କରିଥିଲେ। ଅଧାପିକା ଦ୍ରୌପଦୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସମଲେଇ ପ୍ରକଳ୍ପ ଉଦ୍‌ଘାଟନ ପ୍ରସ୍ତୁତି ନେଇ ଆଲୋଚନା

**ବିଜେଡି କୋର୍ କମିଟି ବୈଠକ**

ସମ୍ବଲପୁର,୧୮।୧(ପ୍ରମୋଦ ବହିଦାର): ସମ୍ବଲପୁର ସର୍କିଟ୍ ହାଉସ୍‌ରେ ଗୁରୁବାର ସମଲେଇ ପ୍ରକଳ୍ପ ପାଇଁ ବିଜେଡି କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରେ ସମଲେଇ ପ୍ରକଳ୍ପ ହେଉଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଡ୍ରିମ୍ ପୋଜେକ୍ଟ ମଧ୍ୟରୁ ଅନ୍ୟତମ। ଆସନ୍ତା ୨୭ରେ ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ବିଶେଷ କରି ସମଲେଇ ପ୍ରକଳ୍ପ ଉଦ୍‌ଘାଟନୀ ଉତ୍ସବ ଆୟୋଜନ ଓ ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତକୁ ସାଫଲ୍ୟ ମଣ୍ଡିତ କରିବାକୁ ଆଲୋଚନା ହୋଇଥିବା ଜଣାପଡ଼ିଛି। ଭବ୍ୟ ଉତ୍ସବରେ ପଶ୍ଚିମ ଓଡ଼ିଶାର ପ୍ରାୟ ୩୫ ନିର୍ବାଚନ ମଣ୍ଡଳୀରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ସମ୍ଭାବନା ରହିଛି। ସେମାନଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ହେଉଥିବା ବିଭିନ୍ନ ପ୍ରକାର ପ୍ରସ୍ତୁତିରେ ସହାୟତା ଯୋଗାଇ ଦେବାକୁ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିଜେଡି ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକଶ ଦାସ (ବବି), ସମ୍ବଲପୁର ସଂସଦୀୟ କ୍ଷେତ୍ର ପର୍ଯ୍ୟବେକ୍ଷକ ମାନସ ମଙ୍ଗରାଜ, ସମ୍ବଲପୁର ଓ ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ବିଧାୟକ ସୁଶାନ୍ତ ସିଂ, ସମଲେଶ୍ୱରୀ ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ, ପୂର୍ବତନ ସାଂସଦ ପ୍ରମିଳା ବହିଦାର, ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ଓଡ଼ିଶା ରାଜ୍ୟ କେନ୍ଦୁପତ୍ର କଲ୍ୟାଣ ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



# ହୀରାକୁଦ କଲେଜ ପରୀକ୍ଷାରେ ଅନିୟମିତତା

**ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଡେପୁଟି ସେକ୍ରେଟାରୀ**

ସମ୍ବଲପୁର,୧୮।୧ (ଭବାନୀ ଶଙ୍କର ଭୋଇ):

ହୀରାକୁଦ ଡିଗ୍ରୀ କଲେଜର ବାଣିଜ୍ୟ ବିଭାଗ ଯୁକ୍ତ ୨ ପ୍ରାକ୍ଟିକାଲ ପରୀକ୍ଷାରେ ହୋଇଥିବା ଅନିୟମିତତାର ତଦନ୍ତ କରାଯିବା ନେଇ ଗୁରୁବାର ସମ୍ବଲପୁର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ସି)ର ଡେପୁଟି ସେକ୍ରେଟାରୀ ଡ. ମହେନ୍ଦ୍ର ପ୍ରସାଦ ବେହେରା ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ଘଟଣାର ତଦନ୍ତ ପରେ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇ ଉପରିସ୍ତ ଅଧିକାରୀଙ୍କୁ ପ୍ରଦାନ କରାଯିବ। ଯେ କେହି ଘଟଣାରେ ସମ୍ପୃକ୍ତ ଥିବେ ସେମାନଙ୍କ ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ।

ସମ୍ବଲପୁର ଜୋନର ଡେପୁଟି ସେକ୍ରେଟାରୀ ବେହେରା ଆହୁରି କହିଛନ୍ତି, ବାଣିଜ୍ୟ ବିଭାଗର ପ୍ରାକ୍ଟିକାଲ ପରୀକ୍ଷା ଜାନୁଆରୀ ୨ରୁ ୧୨ ତାରିଖ ମଧ୍ୟରେ ହେବାକୁ ନିର୍ଦ୍ଧାରିତ ହୋଇଥିଲା। ଏହି ସମୟ ମଧ୍ୟରେ ପରୀକ୍ଷାର୍ଥୀ ଯେ କୌଣସି ଦିନ ପରୀକ୍ଷା ଦେବାକଥା। ପୁଣି କୌଣସି ଛାତ୍ରୀଛାତ୍ରଙ୍କ ଖାତା ପରୀକ୍ଷା କେନ୍ଦ୍ରରୁ ବାହାରକୁ ଯିବା ବେଆଇନ। ଏଭଳି ଅନିୟମିତତାରେ ଲିପ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ନିୟମ ମୁତାବକ କାର୍ଯ୍ୟାନୁଷ୍ଠାନ ନିଆଯିବ। କୌଣସି ପରୀକ୍ଷାର୍ଥୀଙ୍କ ଖାତା ପରୀକ୍ଷା କେନ୍ଦ୍ର ବାହାରକୁ ଯାଇଥିବା ପ୍ରମାଣିତ ହେଲେ ସେମାନଙ୍କୁ ପରୀକ୍ଷାରେ ଅନୁପସ୍ଥିତ ଥିଲେ ବୋଲି ଗଣନା କରାଯିବ। ତଦନ୍ତ ସମୟରେ ଯେଉଁମାନେ ଇଣ୍ଟରନାଲ, ଏକ୍ସଟରନାଲ ତଥା ପରୀକ୍ଷା ପରିଚାଳକ ଥିଲେ ତାଙ୍କଠାରୁ ଜବାବ ତଲବ କରାଯାଇ ତା'ର ରିପୋର୍ଟ ଉପରିସ୍ତ ଅଧିକାରୀଙ୍କୁ ପଠାଯିବ ବୋଲି ବେହେରା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ହୀରାକୁଦ ଡିଗ୍ରୀ କଲେଜରେ ଗତ ଜାନୁଆରୀ ୩ ଓ ୪ରେ ବାଣିଜ୍ୟ ପାଠ୍ୟକ୍ରମର ବିଏସ୍‌ଏମ୍ ବିଷୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ତେବେ ପରୀକ୍ଷାରେ ବସି ନ ଥିବା କେତେଜଣ ଛାତ୍ରୀଛାତ୍ରଙ୍କ ଖାତା ଝାରସୁଗୁଡାରେ ରହୁଥିବା ବାହ୍ୟ ପରୀକ୍ଷକ (ଏକ୍ସଟରନାଲ)ଙ୍କ ଘରକୁ ଖାତା ପଠାଯାଇଥିବା ଅଭିଯୋଗ ହୋଇଥିଲା। କଲେଜ ଅଧ୍ୟକ୍ଷାଙ୍କ ଜ୍ଞାତସାରରେ ଏହା ହୋଇଥିବା ନେଇ କଲେଜର ଅଧ୍ୟାପିକା ସରିତା ଷଡ଼ଙ୍ଗୀ ଅଭିଯୋଗ କରିଥିଲେ। ସମ୍ପୃକ୍ତ ଏକ୍ସଟରନାଲ ଜଣକ ଏଭଳି ଅନିୟମିତତା କରି ପ୍ରାୟ ୧୦ରୁ ୧୫ ଜଣ ଛାତ୍ରୀଛାତ୍ରଙ୍କୁ ମାର୍କ ଦେଇଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷା ସୁମିତ୍ରା ପଣ୍ଡା କହିଛନ୍ତି, ତାଙ୍କ ଜ୍ଞାତସାରରେ ଏମିତି କୌଣସି ଘଟଣା ଘଟି ନାହିଁ। ଯାହାକିଛି ହୋଇଛି ସବୁ କିଛି ନିୟମ ମୁତାବକ ହୋଇଛି। ପରୀକ୍ଷା ପରିଚାଳନାକୁ ସେ ପ୍ରତ୍ୟକ୍ଷ ଭାବରେ ତଦାରଖ କରିଛନ୍ତି। କଲେଜ ଅଧ୍ୟକ୍ଷ ପଦବୀ ପାଇଁ ଅଧ୍ୟାପକ ଅଧ୍ୟାପିକାମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗିରହିଥବାରୁ ଏଭଳି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ସେ ପରୋକ୍ଷରେ ଅଭିଯୋଗ କରିଛନ୍ତି। ତେବେ ଘଟଣାର ତଦନ୍ତ କରାଯାଇ ପ୍ରକୃତ ତଥ୍ୟ ଲୋକ ଲୋଚନକୁ ଆଣିବାକୁ ସାଧାରଣରେ ଦାବି ହେଉଛି।

# ଖଣିରୁ ଆଦାୟ, ବାହାରେ ବିନିଯୋଗ

ଯାଜପୁର,୧୮।୧
(ହର୍ଷବର୍ଦ୍ଧନ ବେହେରା)

ଖଣି ଅଞ୍ଚଳର ପ୍ରଭାବିତ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇଦେବା ସହ ପ୍ରଦୂଷଣଜନିତ କ୍ଷୟକ୍ଷତିର ଭରଣା ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍ଏଫ୍) ପାଣ୍ଠି ଗଠନ ହୋଇଛି। ଏହି ପାଣ୍ଠି ଖଣି ପ୍ରଭାବିତ ଓ କ୍ଷତିଗ୍ରସ୍ତ ଅଞ୍ଚଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ବିନିଯୋଗ କରାଯିବାର ବ୍ୟବସ୍ଥା ରହିଛି। ତେବେ ଯାଜପୁର ଜିଲା ସୁକିନ୍ଦା ଖଣି ଓ ଦାନଗଦୀ ଶିଳ୍ପାଞ୍ଚଳରେ ଡିଏମ୍ଏଫ୍ ପାଣ୍ଠିର ବିନିଯୋଗ ନୈରାଶ୍ୟଜନକ ରହିଛି। ଏପରିକି ଏକାଧିକ ଉନ୍ନୟନ ପ୍ରକଳ୍ପ କରିବାକୁ ଦିଆଯାଇଥିବା ପ୍ରତିଶ୍ରୁତି ମଧ ଫେଲ୍ ମାରିଛି। ଅନ୍ୟପକ୍ଷେ ଏହି ଅଞ୍ଚଳରୁ ଆଦାୟ ହେଉଥିବା ଡିଏମ୍ଏଫ୍ ପାଣ୍ଠିରୁ କୋଟି କୋଟି ଟଙ୍କା ଅଣଖଣି ଅଞ୍ଚଳରେ ସମ୍ମିଳନୀ, ଡାକ୍ତରଖାନା ପାଇଁ ଜମି କିଣା, ଆଦର୍ଶ ବିଦ୍ୟାଳୟ, ପର୍ଯ୍ୟଟନ, ଶିକ୍ଷା ଆଦି କ୍ଷେତ୍ରରେ ଖର୍ଚ୍ଚ କରାଯାଉଛି। ଫଳରେ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ମତପ୍ରକାଶ ପାଇଛି।

କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଖଣିଜକ୍ଷେତ୍ର କଲ୍ୟାଣ ଯୋଜନାକୁ ଆଧାରକରି ୨୦୧୫ ଜାନୁଆରୀ ୧୨ରେ ରାଜ୍ୟ ସରକାର ଡିଏମ୍ଏଫ୍ ପାଣ୍ଠି ଆରମ୍ଭ କରିଥିଲେ। ମୁଖ୍ୟତଃ ଡିଏମ୍ଏଫ୍ ଅର୍ଥରାଶି ଖଣି ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ଖଣି ମାଲିକ ସରକାରଙ୍କୁ ଦେଉଥିବା ରାଜସ୍ୱର ୩୦ ପ୍ରତିଶତ ଅର୍ଥ ଡିଏମ୍ଏଫ୍ ପାଣ୍ଠିକୁ ଯାଇଥାଏ। ମିଳିଥିବା ସୂଚନାନୁସାରେ





ଭିତ୍ତିପ୍ରସ୍ତର ସ୍ଥାପନର ୩ ମାସ ପରେ ବି ଟମ୍କା-ମଙ୍ଗଳପୁର ୪ ଥାକିଆ ରାସ୍ତା କାମ ଆରମ୍ଭ ହୋଇପାରିନାହିଁ।

## ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି

୨୦୨୩ ଜୁଲାଇ ସୁଦ୍ଧା ଯାଜପୁର ଜିଲାରେ ୧,୮୯୭.୮୭ କୋଟି ଟଙ୍କା ପ୍ରୋଗ୍ରେସିଭ ଆଦାୟ ହୋଇଛି। ଏଥିରେ ୪,୧୦୧ଟି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ସେଥିରୁ ୨,୯୮୧ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏଥିପାଇଁ ମାତ୍ର ୧୦୩୫.୫୬କୋଟି (୪୦.୮୯%) ଟଙ୍କା ଖର୍ଚ୍ଚ ହୋଇପାରିଛି। ଅନ୍ୟପକ୍ଷେ ୨୦୨୧-୨୨ ବର୍ଷର ରିପୋର୍ଟ ଅନୁସାରେ ଜିଲାରେ ୧୫୦୦ କୋଟି ଆଦାୟ ହୋଇଥିବାବେଳେ ସେଥିରୁ ସୁକିନ୍ଦା ଓ ଦାନଗଦୀ ବ୍ଲକ ଅଞ୍ଚଳରେ ଥିବା ୧୬ଟି ଖଣି ଓ ଶିଳ୍ପ ସଂସ୍ଥା ୧୪୯୪.୨୫ (୯୯%) କୋଟି ଟଙ୍କା ଡିଏମ୍ଏଫ୍ ପାଣ୍ଠିକୁ ମିଳିଥିଲା। ହେଲେ ଏହି ଅଞ୍ଚଳରେ ଦୀର୍ଘ ୭ ବର୍ଷ ହେବ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବିତ ଟମ୍କା-ମଙ୍ଗଳପୁର ୪ ଥାକିଆ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ଏନେଇ ବିଭିନ୍ନ ସ୍ତରରେ ଅଭିଯୋଗ ହେବାପରେ ୧୯।୧୦।୨୦୨୩ରେ ଡିଏମ୍ଏଫ୍ ପାଣ୍ଠିରୁ କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ହେଲେ ତୁମୁଣି ଓ ଗୁହିଆଶାଳାକୁ ଏଯାଏ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ସେହିପରି ନଗଡ଼ାରେ ଶିଶୁ ମୃତ୍ୟୁ ଘଟଣା ପରେ କାଳିଆପାଣିରେ ଏକ ସରକାରୀ ଡାକ୍ତରଖାନା ପ୍ରତିଷ୍ଠା କରିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ। ତଦନୁସାରେ ଟାଟା ଷ୍ଟିଲ୍ ହସ୍ପିଟାଲ ଗୃହ ସରକାରଙ୍କୁ ହସ୍ତାନ୍ତର ହୋଇଥିଲା। ହେଲେ ଦୁର୍ଭାଗ୍ୟ ଯେ, ସେଠାରେ ଜଣେ ମାତ୍ର ଡାକ୍ତର ଡେପୁଟେଶନରେ ସପ୍ତାହରେ ୨ଦିନ ଆସୁଥିବାବେଳେ ଜଣେ ଲେଖାଏଁ ନର୍ସ ଓ କମ୍ପାଉଣ୍ଡର ଅଛନ୍ତି। ଏମାନେ ସମସ୍ତେ ଡିଏମ୍ଏଫ୍ ପାଣ୍ଠିରୁ ଦରମା ପାଉଥିବା ଜଣାପଡ଼ିଛି। ସେହିପରି ଓମ୍‌ବାଡାକ୍ ପାଣ୍ଠିରୁ ୨୨୩କୋଟି ଟଙ୍କାରେ ସୁକିନ୍ଦା ଅଞ୍ଚଳର ୨୫ଟି ପଞ୍ଚାୟତବାସୀଙ୍କ ପାଇଁ ୩ଟି ମେଗା ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଛି। ହେଲେ ଏବେ ବି କାଙ୍କଡପାଳ, ରାହାଁସୋଲ, ଚିଙ୍ଗୁଡିପାଳ, କାଳିଆପାଣି, ଦୁଧୁଯୋରୀ, କଅଁସ, ପିମ୍ପୁଡିଆ, କୁହିକା ଆଦି ପଞ୍ଚାୟତର ଶତାଧିକ ପରିବାର ପାଇପ ଜଳରୁ ବଞ୍ଚିତ ରହିଛନ୍ତି। କାଳିଆପାଣି ହାଇସ୍କୁଲରେ ଏକ ସରକାର ଡିଗ୍ରୀ କଲେଜ ଖୋଲିବାକୁ ହୋଇଥିବା ପ୍ରଶାସନିକ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ସୁକିନ୍ଦା ଖଣି ଅଞ୍ଚଳରେ ଏଯାଏ ଗୋଟିଏ ବି ଆଦର୍ଶ ବିଦ୍ୟାଳୟ ହୋଇ ନ ଥିବାବେଳେ ଏହି ଡିଏମ୍ଏଫ୍ ପାଣ୍ଠିରୁ ଜିଲାର ଅନ୍ୟ ବ୍ଲକଗୁଡିକରେ ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ ହୋଇଛି। ସୁକିନ୍ଦା ଅଞ୍ଚଳରେ ଖଣି ସଂସ୍ଥା ଦ୍ୱାରା ଛାତ୍ରୀଛାତ୍ରଙ୍କ ପାଇଁ କିଛି ବସ୍ ଚାଲୁଛି, ହେଲେ ଏଥିରେ ଅଯଥାରେ ସମୟ ଯାଉଥିବାରୁ ଛାତ୍ରୀଛାତ୍ରମାନେ ନିକଟସ୍ଥ ଅଞ୍ଚଳରେ ଶିକ୍ଷାର ଭିତ୍ତିଭୂମି ନିର୍ମାଣ କରିବାକୁ ଦାବି କରୁଛନ୍ତି। କାଳିଆପାଣି ଅଞ୍ଚଳରେ ଏକ ଷ୍ଟାଡିୟମ ନିର୍ମାଣ କରିବାକୁ ଦାବି ହେଉଥିଲେ ହେଁ ତାହା କେହି ଶୁଣୁନାହାନ୍ତି। ଖଣି ଅଞ୍ଚଳରେ ଏଭଳି ଅନେକ ସମସ୍ୟା ଲାଗି ରହିଥିଲେ ହେ ଡିଏମ୍ଏଫ୍ ପାଣ୍ଠିକୁ ଜିଲାର ଅନ୍ୟ ବ୍ଲକଗୁଡିକରେ ବିନିଯୋଗ କରି ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କୁ ପ୍ରତାରଣା କରାଯାଉଥିବା ଚର୍ଚ୍ଚା ହେଉଛି। ଇତିମଧ୍ୟରେ ଯାଜପୁର ଜିଲା ସଦର ଡାକ୍ତରଖାନାର ସମ୍ପ୍ରସାରଣ କରିବାକୁ ଆବଶ୍ୟକ ଜମି କିଣିବାକୁ ଡିଏମ୍ଏଫ୍ ପାଣ୍ଠିରୁ ୪୩.୪୩ କୋଟି ଟଙ୍କା ମଞ୍ଜୁର ହୋଇଛି। ଜିଲା ଡାକ୍ତରଖାନାର ବିକାଶ ଜରୁରୀ ସତ, କିନ୍ତୁ ବିପୁଳ ଡିଏମ୍ଏଫ୍ ପାଣ୍ଠି ମହଜୁଦ ଥାଇ ବି ଖଣି ପ୍ରଭାବିତ ଅଞ୍ଚଳବାସୀ ଉପଯୁକ୍ତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବାରୁ ତାହା ବୁଦ୍ଧିଜୀବୀ ମହଲରେ ଆଲୋଡ଼ନ ସୃଷ୍ଟି କରିଛି। ଏନେଇ ଜିଲାପାଳ ତଥା ଡିଏମ୍ଏଫ୍ ଅଧ୍ୟକ୍ଷ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଚାରିବାରେ ସେ କହିଛନ୍ତି, ଏପର୍ଯ୍ୟନ୍ତ ଜିଲାରେ ୬୦%ରୁ ଅଧିକ ପାଣ୍ଠି ଖର୍ଚ୍ଚ ହୋଇସାରିଛି। ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଅନୁସାରେ ପାଣ୍ଠି ବିନିଯୋଗ କରାଯାଉଛି। ଏଥିସହିତ ଖଣି ଅଞ୍ଚଳର ବିକାଶ ପାଇଁ ଡିଏମ୍ଏଫ୍ ପାଣ୍ଠିକୁ ଆମେ ଅଧିକ ଗୁରୁତ୍ୱ ଦେଉଛୁ।

# ଗଛରେ ପିଟିହେଲା ଆମ୍ବୁଲାନ୍ସ: ଶିଶୁ ମୃତ, ୪ ଗୁରୁତର



ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ

## ଆମ୍ବୁଲାନ୍ସରେ ତାରିଣୀ ଦର୍ଶନରେ ଯାଇଥିଲେ ପୂର୍ବତନ ବ୍ଲକ୍ ଉପାଧକ୍ଷାଙ୍କ ପରିବାର

ପାଟଣା,୧୮।୧(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କଣ୍ଟିଆପଡ଼ା ପଞ୍ଚାୟତ ଜଡ଼ିଚାତର ପୁରୁଣାପାଣି ରାସ୍ତାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଘରୋଇ ଆମ୍ବୁଲାନ୍ସ ଆକାଶିଆ ଗଛରେ ପିଟିହେବା ଫଳରେ ଜଣେ ଶିଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି। ମୃତ ଶିଶୁ ପୂତ୍ର ହେଲେ ପୂର୍ବତନ ପାଟଣା ବ୍ଲକ୍ ଉପାଧକ୍ଷା ଏବଂ ପୂର୍ବତନ କଣ୍ଟିଆପଡ଼ା ସରପଞ୍ଚ କନକଲତା ମହାନ୍ତ(୬୦)ଙ୍କ ନାତି ତଥା ଗଗନ ବିହାରୀ ମହାନ୍ତ ଓ ରିତାଙ୍କ ଦେଢ଼ବର୍ଷର ପୁଅ ରିୟାନ୍ସ ମହାନ୍ତ।

ସୂଚନା ଅନୁଯାୟୀ, କଣ୍ଟିଆପଡ଼ା ପଞ୍ଚାୟତ ପାଟ ଧନୁର୍ଜୟପୁର ଗ୍ରାମର ଗଗନ, ତାଙ୍କ ମା' କନକଲତା, ସ୍ତ୍ରୀ ରୀତା ଓ ଦାଦା ପୁଅ ଭାଇ ବିଷ୍ଣୁପ୍ରସାଦ ରିୟାନ୍ସଙ୍କ ଚୁଟି ପକାଇବାକୁ ବୁଧବାର ଏକ ଘରୋଇ ଆମ୍ବୁଲାନ୍ସ (ଓଡି ୦୨ ବି ଏକ୍ସ ୧୯୨୫) ଯୋଗେ ଘଟଗାଁ ତାରିଣୀ ମନ୍ଦିରକୁ ଯାଇଥିଲେ। ପୁଅର ମାନସିକ ପୂରଣ ସାରି ବିଳମ୍ବିତ ରାତିରେ ଫେରୁଥିବା ବେଳେ ପୁରୁଣାପାଣି ନିକଟରେ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ଦେଢ଼ବର୍ଷର ଶିଶୁ ପୁତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଗଗନ ଓ ତାଙ୍କ ମା' କନକଲତା, ସ୍ତ୍ରୀ ରୀତା, ଦାଦା ପୁଅ ଭାଇ ଓ ଆମ୍ବୁଲାନ୍ସ ଚାଳକ ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ସମସ୍ତଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଏ ସଂକ୍ରାନ୍ତରେ ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ.୫୭/୨୪)ରୁଜୁ ହୋଇଛି। ଆମ୍ବୁଲାନ୍ସକୁ ଜବତ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି। ଏନେଇ ଏସ୍‌ପି ନୀତିନ କୁଶଲକର କହିଛନ୍ତି, ଆମ୍ବୁଲାନ୍ସଟି କେଉଁ ମେଡିକାଲରେ ନିୟୋଜିତ ହୋଇଛି। କେଉଁ ପରିସ୍ଥିତିରେ ଆମ୍ବୁଲାନ୍ସରେ ତାରିଣୀ ଦର୍ଶନ ପାଇଁ ନିଆଯାଇଥିଲା, ତାହାର ତଦନ୍ତ ଜାରି ରହିଛି। ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଲକ୍ଷ୍ୟ ହାସଲ ଲାଗି ଉଦ୍ୟମ ଅବଶ୍ୟକ




ସଭାରେ ମଞ୍ଚାସୀନ ଅତିଥି।

## ଓଡ଼ିଆ ସାହିତ୍ୟ ସମ୍ମିଳନୀ ଉଦଘାଟିତ

ଲୋଇସିଂହା,୧୮।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଛି । ପ୍ରତିଯୋଗିତାକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଉଦ୍‌ଘାଟନ କରିଥିଲେ । କଲେଜର ଯୁକ୍ତ ୨ ଓ ଯୁକ୍ତ୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡିଆ କ୍ଷୁଦ୍ରଗଳ୍ପ, ରଚନା, ଓଡ଼ିଆ ହସ୍ତାକ୍ଷର, ଓଡ଼ିଆ କବିତା ଆବୃତ୍ତି, ବିତର୍କ, ପ୍ରବନ୍ଧ ଓ ବ୍ୟାକରଣ ଦକ୍ଷତା ବୃଦ୍ଧି ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷ ଗୋବିନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ସାହୁ କାର୍ଯ୍ୟସିଦ୍ଧ ପାଇଁ ଉଦ୍ୟମ ଅବଶ୍ୟକ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ବିଶିଷ୍ଟ କବି, ପ୍ରାକ୍ତନ ପ୍ରଧ୍ୟାପକ ପ୍ରହ୍ଲାଦ ଶତପଥୀ କହିଥିଲେ ଯେ, ସାହିତ୍ୟ ମନୁଷ୍ୟ ଜୀବନର ମାର୍ଗଦର୍ଶନ କରେ। ଅନ୍ୟତମ ସମ୍ମାନୀତ ଅତିଥି ସାହିତ୍ୟିକ ଭାଗରତୀ ମିଶ୍ର ମାତୃଭାଷା ଓ ମାତୃଭୂମି ଆମର ଗୌରବ ବୋଲି କହିଥିଲେ। ଅଧ୍ୟାପକ ହିମାଂଶୁ ମହାକୁର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଧ୍ୟାପକ ବିବେକେନନ୍ଦ ମିଶ୍ର ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଜଗମୋହନ ଦର୍ଜି ସଭା ସଂଯୋଜନା, ପ୍ରଧ୍ୟାପକ ସନ୍ତୋଷ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# କଳାହାଣ୍ଡି ଜିଲା: ସମୂହ ଛୁଟିରେ ଗଲେ ପ୍ରାଣୀ ଚିକିତ୍ସକ

ଭବାନୀପାଟଣା,୧୮।୧(ଉତ୍ତମ କୁମାର ଦାଶ)

ପ୍ରାଣୀ ଚିକିତ୍ସା ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣର ଆବଶ୍ୟକତା ସମ୍ପର୍କରେ ଓଡିଶା ପ୍ରାଣୀ ଚିକିତ୍ସା ସେବା ସଂଘ ନିଷ୍ପତ୍ତିକ୍ରମେ ଗୁରୁବାରଠାରୁ କଳାହାଣ୍ଡି ଜିଲାରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକମାନେ ସମୂହ ଛୁଟିରେ ଯାଇଛନ୍ତି। ଏଥିପୂର୍ବରୁ ସେମାନେ କଳାହାଣ୍ଡି ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ପ୍ରାଣୀ ଚିକିତ୍ସା ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣ ଯଥା-୨୪ ଘଣ୍ଟା ସେବା ବ୍ୟବସ୍ଥା, ବିଶେଷଜ୍ଞ ବ୍ୟବସ୍ଥା, ଜଟିଳ ରୋଗାକ୍ରାନ୍ତ ପ୍ରାଣୀଙ୍କ ସ୍ଥାନାନ୍ତରଣ ସୁବିଧା, ନିଶୁଳ୍କ ସେବା ପ୍ରଭୃତି ଦାବି ରହିଛି। ସେହିପରି ଓଡିଶାର ପ୍ରାଣୀଚିକିତ୍ସକମାନଙ୍କୁ କେନ୍ଦ୍ର ସରକାରଙ୍କ ଅଧିନରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକମାନଙ୍କ ସହ ସମାନ ପଦୋନ୍ନତି (ଡି.ଏ.ସି.ପି) ସୁବିଧା ଓ ଉକ୍ତ ହାରରେ ଏନପିଏ ପ୍ରଦାନ ସମେତ ରାଜ୍ୟରେ ପ୍ରାଣୀ ଗଣନା ଓ ଜନସାଧାରଣଙ୍କ ଆବଶ୍ୟକତା ଆଧାରରେ ଡାକ୍ତର ପଦବୀ ସୃଷ୍ଟି କରିବା ସହ ଡାକ୍ତର ନିଯୁକ୍ତି ଓ କ୍ୟାଡ଼ର ପର୍ନଗଠନ ଆଦି ଦାବି କରାଯାଇଛି। ଦାବିପତ୍ରର ଏକକୀତା ନକଲ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ବିଭାଗୀୟ ପ୍ରମୁଖ ଶାସନ ସଚିବ, ୫-ଟି ଅଧ୍ୟକ୍ଷ, ମୁଖ୍ୟ ଶାସନ ସଚିବ, କଳାହାଣ୍ଡି ଜିଲାପାଳ ଓ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ପ୍ରେରଣ କରାଯାଇଛି। ଜିଲା ସଭାପତି ଡାକ୍ତର ଅଶୋକ ଚନ୍ଦ୍ର ପଣ୍ଡା ଓ ସାଧାରଣ ସମ୍ପାଦକ ଡାକ୍ତର କେଦାର ନାଥଙ୍କ ଖମାରୀଙ୍କ ନେତୃତ୍ୱରେ ଏହି ଦାବି ପତ୍ର ପ୍ରଦାନ କରାଯାଇଥିଲା। ପ୍ରାଣୀ ଚିକିତ୍ସକଙ୍କ ଏହି ସମୂହ ଛୁଟି ଯୋଗୁ ଜିଲାରେ ୧୩ଟି ବ୍ଲକର ୨୧ଟି ଚିକିତ୍ସାଳୟରେ କାର୍ଯ୍ୟ ସମ୍ପାଦନା ପ୍ରଭାବିତ ହେବ ବୋଲି ଆଶାଙ୍କା କରାଯାଉଛି।



ପ୍ରାଣୀ ଚିକିତ୍ସକମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ୭ ହଜାର ମେଟ୍ରିକ୍ ଟନ୍ ଲମ୍ପ୍‌ସ ଜବତ

## ଖଣି ବିଭାଗ ପକ୍ଷରୁ ଯାଞ୍ଚ

ଯୋଡ଼ା,୧୮।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ାସ୍ଥିତ ଓଏମ୍‌ଡିସି ଖଣି(ଓଡ଼ିଶା ମିନେରାଲ୍ସ ଡେଭଲପମେଣ୍ଟ କମ୍ପାନୀ)ରେ ଖଣି ବିଭାଗ ଗୁରୁବାର ଯାଞ୍ଚ କରିଛି। ଏହି ସମୟରେ ବିଭାଗ ୭ ହଜାର ମେଟ୍ରିକ ଟନ୍ ଲମ୍ପ୍‌ସ ଜବତ କରିଥିବା ଜଣାପଡ଼ିଛି। ଚଞ୍ଚକତା‌କରି ଲୁହାପଥର ପରିବହନ ପୂର୍ବରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଓଏମ୍‌ଡିସି ଖଣିରୁ ଗୁଣ୍ଡ ଲୁହାପଥର ପରିବହନ ଅନୁମୋଦନ ପାଇଁ ପ୍ରସ୍ତୁତି କରୁଥିଲା। ମାତ୍ର ବଡ଼ଖଣ୍ଡ ଲୁହାପଥର (ଲମ୍ପ୍‌ସ) ପରିବହନ ପାଇଁ ଚଞ୍ଚକତା କରାଯାଉଥିଲା। ଏହାକୁ ଦୃଷ୍ଟିରେ ରଖି ଖଣି ବିଭାଗ ଉକ୍ତ ଖଣି ଉପରେ ତୀକ୍ଷ୍ଣ ନଜର ରଖିଥିଲା। ଗୁରୁବାର ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟର ଇଣ୍ଟରନାଲ ସ୍କାଡ୍ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଖଣିଜ ଷ୍ଟକ୍‌କୁ ଦେଖି ସନ୍ଦେହ ହେବାରୁ ଷ୍ଟକ୍‌କୁ ଖୋଳି ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଗୁଣ୍ଡ ଲୁହାପଥର ଭିତରେ ବଡ଼ ଲୁହାପଥର ଥିବା ଯାଞ୍ଚକାରୀ ଦଳ ଦେଖିବାକୁ ପାଇଥିଲେ। ପରେ ବିଭାଗ ନଥିପତ୍ର ଓ ଷ୍ଟକ୍ ବୁକ୍‌କୁ ଯାଞ୍ଚ କରିଥିଲା। ଷ୍ଟକ୍ ବୁକ୍‌ରେ ବଡ଼ ଲୁହାପଥର ଦର୍ଶାଯାଇ ନ ଥିବା ଦେଖି ଖଣିରୁ ୭ ହଜାର ମେଟ୍ରିକ ଟନ୍ ବଡ଼ ଲୁହାପଥରକୁ ଜବତ କରିଥିଲା। ଏହାର ସମ୍ପୂର୍ଣ୍ଣ କାଗଜପତ୍ର ଖଣି କର୍ତ୍ତୃପକ୍ଷଙ୍କୁ ବିଭାଗ ମାଗିଥିବା ଜଣାପଡ଼ିଛି। ସ୍ଥାନୀୟ ଗ୍ରାମବାସୀ କହିଛନ୍ତି, କେତେଜଣ ପରିବହନ ଠିକାଦାର ଓ ସମ୍ପୃକ୍ତ ଖଣିର କେତେଜଣ ଅସାଧୁ କର୍ମଚାରୀଙ୍କ ଜ୍ଞାତସାରରେ ଏହି କାରବାର ହେଉଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ରାଜ୍ୟ ସରକାର କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ପାକ୍ସରେ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ

ଗୁଡ଼୍‌ଭେଲା,୧୮।୧
(ମନୋଜ କୁମାର ଜୈନ)

## କଟ୍‌ନିକୁ ବିରୋଧ

- ଦୁଇଦିନ ତଳେ ବଡ଼ଭାଇଙ୍କ ଟୋକନ ଲାପ୍‌ସ ହୋଇଥିଲା
- ପ୍ରତିବାଦରେ ପାକ୍ସ ଘେରିଲେ ଚାଷୀ

ବଲାଙ୍ଗୀର ଜିଲା ଗୁଡ଼୍‌ଭେଲା ବ୍ଲକ ଅନ୍ତର୍ଗତ ନୂଆପଡ଼ା ପାକ୍ସରେ ଗୁରୁବାର ଅଭାବନୀୟ ଘଟଣା ଘଟିଛି। ବିନା କଟ୍‌ନୀରେ ଧାନ ଉଠି ପାରିବନି ଜାଣିବା ପରେ ନୂଆପଡ଼ା ଗ୍ରାମର ଅଶୋକ ମେହେର(୩୫) ବିଷ ପିଇବାକୁ ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ଅନ୍ୟ ଚାଷୀମାନେ କୌଣସିମତେ ତାଙ୍କୁ ଏଥିରୁ ନିବୃତ୍ତ କରିଥିଲେ। ଏହାପରେ ଚାଷୀମାନେ ବିନା କଟ୍‌ନୀରେ ଧାନ ଉଠାଇବା ଦାବି କରି ପାକ୍ସ କାର୍ଯ୍ୟାଳୟ ଘେରାଉ କରିଥିଲେ। ଖବର ପାଇ କୋଅପରେଟିଭ ସୋସାଇଟି ଇନ୍ସପେକ୍ଟର ସୁମଜିତ ପ୍ରଧାନ ଓ ଆନାଲିସିସ ଟିମ୍‌ର ଜିଲା ଅଧିକାରୀ ସୁରେନ୍ଦ୍ର ଜେନା ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଉତ୍ତେଜନାମୂଳକ ପରିସ୍ଥିତିକୁ ଆଖି ଆଗରେ ରଖି ପାକ୍ସ ପରିସରରେ ପୋଲିସ ମୁତୟନ କରାଯାଇଛି। ସୂଚନା ମୁତାବକ ନୂଆପଡ଼ା ଗ୍ରାମର ଚାଷୀ ଅଶୋକ ମେହେରଙ୍କର ୨୨କୁଇଣ୍ଟାଲ ଧାନ ଗୁରୁବାର ଉକ୍ତ ମଣ୍ଡିରୁ ଉଠିବାର ଥିଲା। ଅପରାହ୍ନ ପ୍ରାୟ ୨ଟାରେ ସମ୍ପାଦିକା ମଣ୍ଡିକୁ ଆସିଥିଲେ। ଧାନରେ କଟ୍‌ନୀକୁ ନେଇ ଅଶୋକଙ୍କ ସହ ତାଙ୍କର ବଚସା ହୋଇଥିଲା। ଏଥିରେ ବ୍ୟଥିତ ହୋଇ ଅଶୋକ ସାଙ୍ଗରେ ଆଣିଥିବା ବିଷ ବୋତଲ ଖୋଲି ପିଇବାକୁ ଉଦ୍ୟମ



ବିଷପାନ କରିବାକୁ ଉଦ୍ୟମ କରୁଥିବା ଚାଷୀଙ୍କଠାରୁ ବିଷ ବୋତଲ ଛଡାଇ ନିଆଯାଉଛି।

କରିଥିଲେ। ସେଠାରେ ଉପସ୍ଥିତ ଅନ୍ୟ ଚାଷୀମାନେ ତାଙ୍କଠାରୁ ବିଷ(କୀଟନାଶକ) ବୋତଲ ଛଡାଇ ନେଇଥିଲେ। ଅନ୍ୟ ଏକ ଘଟଣାକ୍ରମରେ ଅଶୋକଙ୍କ ବଡ଼ଭାଇ ଅଜିତ ମେହେର ସମାନ ପ୍ରସଙ୍ଗକୁ ନେଇ ଗତ ୭ତାରିଖରେ ମଣ୍ଡିକୁ ଆଣିଥିବା ପ୍ରାୟ ୧୮କୁଇଣ୍ଟାଲ ଧାନ ମଙ୍ଗଳବାର ଧାର୍ଯ୍ୟ ତାରିଖରେ ଉଠି ପାରି ନ ଥିଲା। ଆନାଲିସିସ ଟିମ୍ ଧାନର ମାନ ଯାଞ୍ଚ କରି କୁଇଣ୍ଟାଲ ପିଛା ୨କେଜି କଟ୍‌ନୀ କରିବାକୁ କହିଥିବା ବେଳେ ପାକ୍ସ ସମ୍ପାଦିକା ମାନିନୀ ପ୍ରଧାନ କୁଆଡେ ୫କେଜି କଟ୍‌ନୀ କରିବାକୁ କହିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଥିଲା। ଏଥିଯୋଗୁ ତାଙ୍କର ଟୋକନ ଲାପ୍‌ସ ହୋଇଯାଇଥିଲା। ଏଥିରେ ଅଜିତ ମାନସିକଭାବେ ଆଘାତପ୍ରାପ୍ତ ହୋଇ ଅସୁସ୍ଥ ହୋଇ ପଡିଥିଲେ। ବୁଧବାର ରାତିରେ ପୁଅକୁ ଚିକିତ୍ସା ପାଇଁ ଭୁବନେଶ୍ୱର ନିଆଯାଇଥିବା ଅଜିତଙ୍କ ବାପା ଶଙ୍କର ମେହେର କହିଛନ୍ତି। ବଡଭାଇଙ୍କର ଟୋକନ ଲାପ୍‌ସ ହେବା ଓ ସାନ ଭାଇ ଅଶୋକ ଧାନ ବିକ୍ରି କରି ନ ପାରି ଆତ୍ମହତ୍ୟା ଉଦ୍ୟମ କରିବା ଚାଷୀ ମହଲରେ ଉଦ୍‌ବେଗ ସୃଷ୍ଟି କରିଛି।

ଚାଷୀ ଅଶୋକ ମେହେର କହିଛନ୍ତି ମୋ ଧାନର ମାନ ଠିକ୍ ଅଛି। ଏହାସତ୍ତ୍ୱେ ଧାନ ଉଠୁନାହିଁ। ଗୁରୁବାର ରାତି ୧୨ଟାରେ ତାଙ୍କର ଟୋକନ ଅବଧି ସରିଯିବ। ଏହି ସମୟରେ ଯଦି ତାଙ୍କର ଧାନ ନ ଉଠେ ତେବେ ସେ ନିଶ୍ଚିତଭାବେ ଆତ୍ମହତ୍ୟା କରିବେ ବୋଲି କହିଛନ୍ତି। ପାକ୍ସ ସମ୍ପାଦିକା ପ୍ରଧାନ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସମ୍ପୃକ୍ତ ଚାଷୀଙ୍କ ଧାନର ମାନ ଠିକ୍ ନ ଥିବାରୁ ଏପରି ସମସ୍ୟା ହୋଇଥିବା କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ହାତୀ ବନ୍ଦ କଲା...

ପ୍ରବେଶ କରିଥାନ୍ତି। ମାତ୍ର କିଛି ବର୍ଷ ହେଲା ହାତୀ ଆସିବା ପରେ ଫେରିବାର ନାଁ ଧରୁନାହାନ୍ତି। ଫଳରେ ହାତୀଙ୍କ ସଂଖ୍ୟା ବହୁଗୁଣରେ କମିଯାଇଛି ବୋଲି ପ୍ରାକ୍ତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ତେବେ ଶିମିଳିପାଳ ଅଭୟାରଣ୍ୟ କେବଳ ମହାବଳ ବାଘ ପାଇଁ ନୁହେଁ ଏହା ମଧ୍ୟ ହସ୍ତୀ ଅଭୟାରଣ୍ୟ ଭାବେ ବିଶ୍ୱ ଦରବାରରେ ପରିଚିତ। ଏମାନଙ୍କ ସୁରକ୍ଷା ପ୍ରତି ଉପରିସ୍ଥ ଅଧିକାରୀମାନେ କୌଣସିପଦକ୍ଷେପ ନେଉ ନ ଥିବା ବେଳେ ବାରମ୍ବାର ଅଫିସର ବଦଳି ଏହା ଏକ ବଡ଼ ସମସ୍ୟା ବୋଲି ମତବ୍ୟକ୍ତ କରିଛନ୍ତି। ଏପରିକି ଜଙ୍ଗଲରେ ହାତୀର ମଳ ମିଳୁ ନ ଥିବା ବେଳେ ଏମାନଙ୍କ ସୁରକ୍ଷା ପ୍ରତି ଆବଶ୍ୟକ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ ବୋଲି ପ୍ରାଣୀପ୍ରେମୀମାନେ ମତପ୍ରକାଶ କରିଛନ୍ତି।

### ୧୬ ବର୍ଷରୁ କମ୍...

କର୍ତ୍ତୃପକ୍ଷ ପଦକ୍ଷେପ ନେବେ। ଉକ୍ତ କାଉନସେଲିଂ ବ୍ୟବସ୍ଥା ଛାତ୍ରୀଛାତ୍ର ଓ ସେମାନଙ୍କ ମାଆବାପାଙ୍କ ପାଇଁ ସହଜରେ ଉପଲବ୍ଧ ହେବ। ଏଥିପାଇଁ ନିୟୋଜିତ ମନସ୍ତତ୍ତ୍ୱବିତ୍, କାଉନ୍‌ସେଲର ଏବଂ ସେମାନେ କେତେ ସମୟ ସେବା ଦେବେ, ତାହା ପିଲାମାନଙ୍କୁ ଓ ସେମାନଙ୍କ ଅଭିଭାବକଙ୍କୁ ଜଣାଇଦିଆଯିବ। ଶିକ୍ଷକମାନଙ୍କୁ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରଶିକ୍ଷଣ ପାଇଁ ପଠାଯାଇପାରେ ବୋଲି ଗାଇଡ୍‌ଲାଇନରେ କୁହାଯାଇଛି। କୋଚିଂ ହବ୍ କୁହାଯାଉଥିବା କୋଟାରେ ଗତବର୍ଷ ବହୁସଂଖ୍ୟାରେ ଛାତ୍ର ଆତ୍ମହତ୍ୟା କରିବା ପରେ ସରକାର ଗାଇଡ୍‌ଲାଇନରେ ମାନସିକ ସୁସ୍ଥତା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ସେହିପରି ବିଭିନ୍ନ ପାଠ୍ୟକ୍ରମ ପାଇଁ ନିଆଯାଉଥିବା ଦେୟରେ ସ୍ୱଚ୍ଛତା ରହିବା ଆବଶ୍ୟକ। ଯଦି କେହି ଛାତ୍ରୀଛାତ୍ର ସମ୍ପୂର୍ଣ୍ଣ ଦେୟ ପୈଠ କରିବା ପରେ କୌଣସି କାରଣରୁ ଅଧାରୁ ପାଠପଢ଼ା ଛାଡ଼ନ୍ତି, ତେବେ ତାଙ୍କୁ ଅବଶିଷ୍ଟ ୧୦ ଦିନ ମଧ୍ୟରେ ଦେୟ ଫେରସ୍ତ କରିବାକୁ ହେବ। ଉକ୍ତ ଛାତ୍ର ଯଦି ହଷ୍ଟେଲରେ ରହୁଥିବେ ଏବଂ ଏଥିପାଇଁ ଦେୟ ଦେଇଥିବେ, ତାହା ମଧ ଫେରାଇବାକୁ ପଡ଼ିବ ବୋଲି ଗାଇଡ୍‌ଲାଇନରେ ଉଲ୍ଲେଖ ରହିଛି। କୋଚିଂ ସେଣ୍ଟର ଅତ୍ୟଧିକ ଦେୟ ଆଦାୟ କରୁଥିଲେ, ସେଥିପାଇଁ ଲକ୍ଷେ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯିବା ସହ ଏହାର ପଞ୍ଜୀକରଣକୁ ବାତିଲ କରାଯିବ। କାରଣ ଅତ୍ୟଧିକ ଦେୟ କାରଣରୁ ଅନେକ ସମୟରେ ଅହେତୁକ ଚାପର ବଶବର୍ତ୍ତୀ ହୋଇ ପିଲା ଆତ୍ମହତ୍ୟା କରୁଥିବା ଜଣାପଡ଼ିଛି। ଗାଇଡଲାଇନ କାର୍ଯ୍ୟକାରୀ ହେବାର ୩ ମାସ ମଧ୍ୟରେ ନୂଆ ଓ ପୁରୁଣା କୋଚିଂ ସେଣ୍ଟରଗୁଡ଼ିକର ପଞ୍ଜୀକରଣ ପାଇଁ ସରକାର ପ୍ରସ୍ତାବ ଦେଇଛନ୍ତି। କୋଚିଂ ସେଣ୍ଟରଗୁଡ଼ିକ ଆବଶ୍ୟକ ପଞ୍ଜୀକରଣ ଯୋଗ୍ୟତା ପୂରଣ କରୁଛନ୍ତି କି ନାହିଁ ଏବଂ ସନ୍ତୋଷଜନକ କାର୍ଯ୍ୟ କରୁଛନ୍ତି କି ନାହିଁ, ତାହା ଅନୁଧ୍ୟାନ କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ ରହିବ।

### ମିଶ୍ର ପ୍ରତିକ୍ରିୟା...

କୋଚିଂ ସେଣ୍ଟର ମୁଖ୍ୟ ସଂଯୁକ୍ତା ଷଡ଼ଙ୍ଗୀ କହିଛନ୍ତି, ପିଲାମାନେ ନିଜ ଶିକ୍ଷାନୁଷ୍ଠାନରେ ପାଠ ବୁଝିବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ତେଣୁ ସେମାନେ ତାହାକୁ ଦୂରକରିବା ପାଇଁ କୋଚିଂ ସେଣ୍ଟରକୁ ଯିବାକୁ ଗୁରୁତ୍ୱ ଦିଅନ୍ତି। କେନ୍ଦ୍ର ସରକାର ପ୍ରଥମେ ସବୁ ଶିକ୍ଷାନୁଷ୍ଠାନରେ ଭଲ ଶିକ୍ଷକ ଅଛନ୍ତି କି ନାହିଁ ଦେଖନ୍ତୁ। ୧୬ବର୍ଷ ପୂର୍ବରୁ ଯଦି ପିଲାଟିଏ କୋଚିଂ ସେଣ୍ଟର ନ ଯିବ, ତା'ହେଲେ ସେ ଆଗକୁ ଆଉ ଯାଇପାରିବ ନାହିଁ। ଏସବୁ ଦେଖିଲେ ଏହି ଗାଇଡ୍‌ଲାଇନ ଯୁକ୍ତିଯୁକ୍ତ ନୁହେଁ ବୋଲି ସଂଯୁକ୍ତା କହିଛନ୍ତି। ଶହୀଦନଗରସ୍ଥିତ କ୍ୟାରିଅର ଆଙ୍କର କୋଚିଂ ସେଣ୍ଟର ମୁଖ୍ୟ ଗୀତଗୋବିନ୍ଦ ବେହେରା କହିଛନ୍ତି, କେନ୍ଦ୍ର ସରକାର ଜାରି କରିଥିବା ଗାଇଡ୍‌ଲାଇନ କିଛିମାତ୍ରାରେ ସ୍ୱାଗତଯୋଗ୍ୟ। ଅନେକ କୋଚିଂ ସେଣ୍ଟର ଭଲ ମାର୍କ ରଖିବାର ପ୍ରଲୋଭନ ଦେଖାଇ ଅଭିଭାବକଙ୍କୁ ଲୁଟିଥାନ୍ତି। ସେହିଭଳି ବିଜ୍ଞାପନ ମାଧ୍ୟମରେ ସଫଳ ଛାତ୍ରୀଛାତ୍ରଙ୍କ ମିଛ ଫଟୋକୁ ଦେଇ ପ୍ରଚାର କରନ୍ତି। ଏହି ଗାଇଡ୍‌ଲାଇନ ଆସିବା ପରେ ଏସବୁ ବନ୍ଦ ହୋଇଯିବ ବୋଲି ଆଶା କରୁଛି।

ଜଣେ ଛାତ୍ରୀ ମାମାଲି ପାତ୍ର କହିଛନ୍ତି, ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। କୋଚିଂ ସେଣ୍ଟରଗୁଡ଼ିକ ଯେଉଁ ପ୍ରଲୋଭନ ଦେଖାଇ ଅଭିଭାବକଙ୍କଠାରୁ ଲୁଟିଥାନ୍ତି ତାହା ବନ୍ଦ ହୋଇଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୧୬ବର୍ଷରୁ କମ୍ ବୟସ୍କ ପିଲାଙ୍କୁ କୋଚିଂ ସେଣ୍ଟର ମନା ହୋଇଛି। ବହୁ ଘରୋଇ ସ୍କୁଲର ପ୍ରାୟ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବି କୋଚିଂ ସେଣ୍ଟରଗୁଡ଼ିକ ପ୍ରବର୍ତ୍ତାଇ ଆଣିଥାନ୍ତି। ଏହା ଏବେ ବନ୍ଦ ହୋଇଯିବ।

ଶିକ୍ଷାବିତ୍ ଶରତ କର କହିଛନ୍ତି, କେନ୍ଦ୍ର ସରକାରଙ୍କ ଏପରି ଗାଇଡ୍‌ଲାଇନ୍ ପୂର୍ବରୁ କରିବାର ଥିଲା। କୋଚିଂ ସେଣ୍ଟର ପ୍ରଲୋଭନରେ ଯାଇ ଅଭିଭାବକମାନେ ପିଲାମାନଙ୍କୁ ଶିକ୍ଷାର ମେଶିନ ଭିତରେ ଭର୍ତ୍ତି କରିଦେଉଛନ୍ତି। ଏହାଦ୍ୱାରା ପିଲାର ମାନସିକତା ମରିଯାଉଛି। ସେହିଭଳି ସଫଳ ପିଲାଙ୍କୁ ଟଙ୍କାର ପ୍ରଲୋଭନ ଦେଖାଇ ନିଜ ଶିକ୍ଷାନୁଷ୍ଠାନର ପିଲା ବୋଲି କହି ଯେଉଁ ବିଜ୍ଞାପନ କରୁଥିଲେ, ତାହା ମଧ୍ୟ ବନ୍ଦ ହୋଇଯିବ। ତେବେ ରାଜ୍ୟ ସରକାର ଏହାକୁ କିପରି ଗ୍ରହଣ କରି କୋଚିଂ ସେଣ୍ଟର ପ୍ରତି କାର୍ଯ୍ୟାନୁଷ୍ଠାନ ନେବେ ତାହା ଉପରେ ଏବେ ନଜର ରହିବ।

### ୨୨ରେ ଅଧାଛୁଟି...

ନିର୍ବାଚନମଣ୍ଡଳୀର ଲୋକଙ୍କ ପାଇଁ ଅଯୋଧ୍ୟା ଭ୍ରମଣ ବ୍ୟବସ୍ଥା କରାଇବେ ବୋଲି କୁହାଯାଇଛି। ଏଠାରେ ସୂଚନାଯୋଗ୍ୟ, ଜାନୁୟାରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅବସରରେ ରାଜ୍ୟ ସରକାର ସରକାରୀ ଛୁଟି ଘୋଷଣା କରିଥିଲେ। ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଜାନୁୟାରୀ ୨୨ ତାରିଖକୁ ଛୁଟି ଘୋଷଣା କରିବାକୁ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଥିଲେ। ତେବେ କେନ୍ଦ୍ର ସରକାର ଅଧାଦିନ ଛୁଟି ଘୋଷଣା କରିବା ପରେ ରାଜ୍ୟ ସରକାର ମଧ୍ୟ ଅନୁରୂପ ଛୁଟି ଘୋଷଣା କରିଛନ୍ତି।

# ଆଶା ସୃଷ୍ଟିକଲେ ଶୁଭ୍ରାଂଶୁ

**ଶୁଭ୍ରାଂଶୁ ଏପରି ଏକ ସମୟରେ ୨୭୭ ରନ୍‌ର ଇନିଂସ ଖେଳିଛନ୍ତି ଯେତେବେଳେକି ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପ୍ରତିଷ୍ଠିତ କ୍ରିକେଟର ଶିବ ସୁନ୍ଦର ଦାସ ଜାତୀୟ ଚୟନକର୍ତ୍ତା ଅଛନ୍ତି। ତେଣୁ ଚଳିତ ସିଜନରେ ଯଦି ତାଙ୍କ ବ୍ୟାଟ୍‌ରୁ ଏପରି ଆଉ କିଛି ଇନିଂସ ଆସିବ ତେବେ ନିଶ୍ଚିତ ତାଙ୍କ ନାମ ଉପର ସ୍ତରରେ ଆଲୋଚନା ହେବ ଏଥିରେ ଦ୍ୱିମତ ନାହିଁ।**

ପ୍ରସ୍ତୁତି: ତପନ କୁମାର ସ୍ୱାଇଁ

ଅନ୍ତର୍ଜାତୀୟ ସ୍ତରରେ କ୍ରିକେଟରେ ଓଡ଼ିଶାର ପ୍ରତିନିଧିତ୍ୱ ପ୍ରସଙ୍ଗ ଉଠିଲେ ପୁରୁଷ ଖେଳାଳିଭାବେ ସାମ୍ନାକୁ ଆସନ୍ତି ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ ଓ ସଞ୍ଜୟ ରାଉଳ। ସେହିପରି ମହିଳା ବର୍ଗରେ ମାଧୁରୀ ମେହେଟ୍ଟା, ରସନାରା ପରବିନ ଓ ସ୍ୱାଗତିକା ରଥ ଏହି ସ୍ତରରେ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିଛନ୍ତି। ଏହି ୬ ଖେଳାଳିଙ୍କ ପରେ ଏବେ ୭ମ ଖେଳାଳିଙ୍କ ପ୍ରତୀକ୍ଷାରେ ରହିଛନ୍ତି ଓଡ଼ିଶା କ୍ରିକେଟ ପ୍ରେମୀ ଓ ଓଡ଼ିଶା କ୍ରିକେଟ ଆସୋସିଏଶନ। ଜାତୀୟ ଦଳରେ ଓଡ଼ିଶା ପୁରୁଷ ଖେଳାଳିଙ୍କ ଉପସ୍ଥିତିକୁ ଇତି ମଧ୍ୟରେ ଦୁଇ ଦଶନ୍ଧି ପାର୍ ହୋଇଯାଇଛି। ସେହିପରି ମହିଳା କ୍ରିକେଟରେ ଦଶନ୍ଧି ଅତିକ୍ରମ ହୋଇଛି ମାତ୍ର ଆଉ ଜଣେ ଖେଳାଳି ସେ ସୁଯୋଗ ପାଇପାରି ନାହାନ୍ତି। ଅନେକ କଥା, ବ୍ୟଥା, ଆଲୋଚନା, ପର୍ଯ୍ୟାଲୋଚନା, ତର୍କ ଓ ବିତର୍କ ଏହା ମଧ୍ୟରେ ହୋଇଯାଇଛି। ଗତ ସିଜନଗୁଡ଼ିକରେ ଯେ କୌଣସି ଖେଳାଳି



ମ୍ୟାଚ ରେଫରି କଲୋନେଲ ସଞ୍ଜୟ ବର୍ମାଙ୍କଠାରୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ ଅବସରରେ ଶୁଭ୍ରାଂଶୁ ସେନାପତି।

ବଡ଼ ଇନିଂସ ଖେଳି ନାହାନ୍ତି, ତା' ନୁହେଁ, ମାତ୍ର ଏହା ଗୋଟିଏ କିମ୍ବା ୨ଟି ଇନିଂସ ମଧ୍ୟରେ ସୀମିତ ରହି ଯାଇଛି। ଫଳରେ ଦୌଡ଼ରେ ଅନ୍ୟ ରାଜ୍ୟ ଖେଳାଳିଙ୍କ ତୁଳନାରେ ଓଡ଼ିଶା ଖେଳାଳିମାନେ ବହୁ ପଛରେ ରହି ଯାଇଛନ୍ତି। ୨୦୧୯ରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଆରମ୍ଭ ହୋଇଥିଲା ଭିଜନ-୨୦୨୪। ଏହା ଏବେ ଅନ୍ତିମ ବର୍ଷରେ ପହଞ୍ଚିଛି। ଏହା ମଧ୍ୟରେ ଓସିଏ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି, ମାତ୍ର ସେଥିରୁ ବିଶେଷ ସୁଫଳ ମିଳି ପାରିନାହିଁ। ଭିଜନ-୨୦୨୪ର ଅନ୍ତିମ ବର୍ଷରେ ଏହି ଯୋଜନା ସଫଳ ହେବ ବୋଲି ଆମେ ନିଶ୍ଚିତ ଆଶା ରଖିବା। ଗତ କିଛି ସିଜନରେ ଓଡ଼ିଶା ପୁରୁଷ କ୍ରିକେଟରେ ଯେଉଁ କେତେଜଣ ଖେଳାଳି ଚର୍ଚ୍ଚାରେ ରହିଛନ୍ତି ତା' ମଧ୍ୟରେ ସର୍ବାଗ୍ରେ ରହିଛନ୍ତି ଶୁଭ୍ରାଂଶୁ ସେନାପତି। ଓସିଏ କିମ୍ବା ଓଡ଼ିଶା କ୍ରିକେଟପ୍ରେମୀ ଯେଉଁ ପ୍ରତୀକ୍ଷାରେ ଅଛନ୍ତି ତା'ର ଶୂନ୍ୟସ୍ଥାନ ଭରିବାର ଦକ୍ଷତା ମଧ୍ୟ ଏହି ଖେଳାଳିଙ୍କ ନିକଟରେ ରହିଛି।

ଚଳିତ ରଣଜୀ ଟ୍ରଫି ସିଜନରେ ଶୁଭ୍ରାଂଶୁ ବରୋଦା ବିପକ୍ଷ ନିଜ ପ୍ରଥମ ମ୍ୟାଚରେ ଦୁଇ ଇନିଂସରେ ଯଥାକ୍ରମେ ୪ ଓ ୧ ରନରେ ଆଉଟ ହୋଇଥିଲେ। ଏଥିରେ ସେ ନିଜେ ନିରାଶ ହୋଇଥିଲେ ଏବଂ ତାଙ୍କ ପ୍ରଶଂସକଙ୍କୁ ମଧ୍ୟ ନିରାଶ କରିଥିଲେ। ମାତ୍ର ଦ୍ୱିତୀୟ ମ୍ୟାଚରେ ମଧ୍ୟପ୍ରଦେଶ ବିପକ୍ଷ ପ୍ରଥମ ଇନିଂସରେ ସେ ଯେପରି ସଫଳ ପ୍ରତ୍ୟାବର୍ତ୍ତନ କରି କ୍ୟାରିୟରର ଶ୍ରେଷ୍ଠ ୨୭୭ ରନର ଇନିଂସ ଖେଳିଲେ ତାହା ପ୍ରଣିଧାନଯୋଗ୍ୟ। ତାଙ୍କର ଏହି ଇନିଂସକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନଜର ମଧ୍ୟ ଶୁଭ୍ରାଂଶୁଙ୍କ ଉପରକୁ ଆସିଛି। ଜାନୁୟାରୀ ୧୫ରେ ସୋସିଆଲ ମିଡିଆ ହ୍ୟାଣ୍ଡେଲ 'ଏକ୍ସ'ରେ କରାଯାଇଥିବା ପୋଷ୍ଟରୁ ଏହାର ପ୍ରମାଣ ମିଳିଛି। ପୂରା ୨ ଦିନ ବ୍ୟାଟିଂ କରିଥିବା ଶୁଭ୍ରାଂଶୁ ତୃତୀୟ ଦିବସରେ ଓଡ଼ିଶା ପକ୍ଷରୁ ଗୋଟିଏ ଇନିଂସରେ ସର୍ବାଧିକ ୩୦୦* ରନ ସ୍କୋର କରିଥିବା ଶିବସୁନ୍ଦର ଦାସଙ୍କ ରେକର୍ଡ ଭାଙ୍ଗିବେ ବୋଲି ଆଶା କରାଯାଉଥିଲା। ଏହା ଯଦିଓ ସମ୍ଭବ ହୋଇ ନ ଥିଲା ତେବେ ଏହି ଇନିଂସ ତାଙ୍କ ମନବଳକୁ ବହୁ ପରିମାଣରେ ବଢ଼ାଇ ଦେଇଥିଲା। ଶୁଭ୍ରାଂଶୁ ଏପରି ଏକ ସମୟରେ ୨୭୭ ରନର ଇନିଂସ ଖେଳିଛନ୍ତି ଯେତେବେଳେ କି ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପ୍ରତିଷ୍ଠିତ କ୍ରିକେଟର ଶିବ ସୁନ୍ଦର ଦାସ ଜାତୀୟ ଚୟନକର୍ତ୍ତା ଅଛନ୍ତି। ତେଣୁ ଚଳିତ ସିଜନରେ ଯଦି ତାଙ୍କ ବ୍ୟାଟ୍‌ରୁ ଏପରି ଆଉ କିଛି ଇନିଂସ ଆସିବ ତେବେ ନିଶ୍ଚିତ ତାଙ୍କ ନାମ ଉପର ମହଲରେ ଆଲୋଚନା ପରିସରକୁ ଆସିବ ଏଥିରେ ଦ୍ୱିମତ ନାହିଁ। ଗୋଟିଏ କିମ୍ବା ୨ଟି ଇନିଂସରେ ସନ୍ତୁଷ୍ଟ ହେଲେ ହେବ ନାହିଁ, ପ୍ରଦର୍ଶନରେ ସ୍ଥିରତା ରହିବା ଆବଶ୍ୟକ।

ଓଡ଼ିଶାର ଅଳ୍ପ ଖେଳାଳି ଦ୍ୱିଶତକ କିମ୍ବା ତଦୂର୍ଦ୍ଧ୍ୱ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଛନ୍ତି। ଏହି ବିରଳ କ୍ଲବରେ ସାମିଲ ହୋଇଯାଇଛନ୍ତି ଶୁଭ୍ରାଂଶୁ। ଓଡ଼ିଶା ପାଇଁ ପ୍ରଥମଶ୍ରେଣୀ କ୍ରିକେଟରେ ୧୪ଶ ଦ୍ୱିଶତକର ଅଧିକାରୀ ହୋଇଥିଲେ ଶୁଭ୍ରାଂଶୁ। ୧୯୪୯-୫୦ରୁ ଏପର୍ଯ୍ୟନ୍ତ ୧୦ ଜଣ ଓଡ଼ିଶା ଖେଳାଳି ଏହି ୧୪ଟି ଦ୍ୱିଶତକର ଅଧିକାରୀ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଭଞ୍ଜନ ମଲିକ ସର୍ବାଧିକ ୩ଟି ଓ ଶିବସୁନ୍ଦର ଦାସ ଓ ନଟରାଜ ବେହେରା ୨ ଥର ଲେଖାଏ ଦ୍ୱିଶତକ ଅର୍ଜନ କରିଛନ୍ତି। ଅନ୍ୟ ୭ ଜଣ ଗୋଟିଏ ଲେଖାଏ ଦ୍ୱିଶତକ ହାସଲ କରିଛନ୍ତି। ଏବେ ଶୁଭ୍ରାଂଶୁଙ୍କ ନିକଟରେ ଆଗକୁ ବଢ଼ିବାର ସୁଯୋଗ ଆସିଛି। ଏହା ହୋଇପାରିଲେ ବ୍ୟକ୍ତିଗତଭାବେ ସେ ଫାଇଦାରେ ରହିବା ସହ ଓଡ଼ିଶା କ୍ରିକେଟ ଉପକୃତ ହୋଇପାରିବ।



## ଓଡ଼ିଶା ଖେଳାଳିଙ୍କ ସର୍ବାଧିକ ସ୍କୋର

| ରନ | ଖେଳାଳି | ବିପକ୍ଷ ଦଳ | ଭେନ୍ୟୁ |
|---|---|---|---|
| ୩୦୦* | ଶିବସୁନ୍ଦର ଦାସ | ଜମ୍ମୁ-କଶ୍ମୀର | ବାରବାଟୀ |
| ୨୭୭ | ଶୁଭ୍ରାଂଶୁ ସେନାପତି | ମଧ୍ୟ ପ୍ରଦେଶ | ଇନ୍ଦୋର |
| ୨୫୫* | ନଟରାଜ ବେହେରା | ହରିୟାଣା | ଲାହଲି |
| ୨୫୩ | ଶିବସୁନ୍ଦର ଦାସ | ବେଙ୍ଗଲ | ବାରିପଦା |
| ୨୨୫ | ଗୋବିନ୍ଦ ପୋଦ୍ଦାର | ଆସାମ | ହାଇଦ୍ରାବାଦ |
| ୨୨୦ | ରଶ୍ମିରଞ୍ଜନ ପରିଡ଼ା | ଜମ୍ମୁ-କଶ୍ମୀର | ବାରବାଟୀ |
| ୨୧୦ | ସଞ୍ଜୟ ରାଉଳ | ବେଙ୍ଗଲ | ବାରିପଦା |
| ୨୦୯ | ନଟରାଜ ବେହେରା | ସୌରାଷ୍ଟ୍ର | ବାରବାଟୀ |
| ୨୦୮* | ଅସଜିତ ଜୟପ୍ରକାଶମ୍ | ରାଜସ୍ଥାନ | ରାଉରକେଲା |
| ୨୦୭* | ପ୍ରଭଞ୍ଜନ ମଲିକ | ବିହାର | ବାରିପଦା |
| ୨୦୨* | ପ୍ରଭଞ୍ଜନ ମଲିକ | ହିମାଚଳ ପ୍ରଦେଶ | ବାରବାଟୀ |
| ୨୦୧ | ରଣଜିତ ସିକ୍‌ଦାର | ଆସାମ | ରାଉରକେଲା |
| ୨୦୧ | ପ୍ରଭଞ୍ଜନ ମଲିକ | ତ୍ରିପୁରା | ବାରବାଟୀ |
| ୨୦୦* | ଶାନ୍ତନୁ ମିଶ୍ର | ନାଗାଲାଣ୍ଡ | ଡ୍ରିମ୍ସ, ଟାଙ୍ଗୀ |

## ପ୍ରଭଞ୍ଜନ ୩, ଶିବସୁନ୍ଦର ଓ ନଟରାଜ ୨

- ମଧ୍ୟପ୍ରଦେଶ ବିପକ୍ଷରେ ଶୁଭ୍ରାଂଶୁ ସେନାପତି କ୍ୟାରିୟରର ଶ୍ରେଷ୍ଠ ୨୭୭ ରନ ସ୍କୋର କରିଥିଲେ। ଏହି ମ୍ୟାଚ ଇନ୍ଦୋରସ୍ଥିତ ଇମରଲାଣ୍ଡ ହାଇଟ୍ସ ଇଣ୍ଟରନ୍ୟାଶନାଲ ସ୍କୁଲ ଗ୍ରାଉଣ୍ଡରେ ଜାନୁୟାରୀ ୧୨ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହାଥିଲା ଶୁଭ୍ରାଂଶୁଙ୍କ ପ୍ରଥମ ଏବଂ ଓଡ଼ିଶା ପାଇଁ ୧୪ଶ ଦ୍ୱିଶତକ।
- ୧୯୪୯-୫୦ରୁ ୯ ଜଣ ଓଡ଼ିଶା ଖେଳାଳି ଏହି ୧୪ଟି ଦ୍ୱିଶତକର ଅଧିକାରୀ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଭଞ୍ଜନ ମଲିକ ସର୍ବାଧିକ ୩ଟି ଓ ଶିବସୁନ୍ଦର ଦାସ ଓ ନଟରାଜ ବେହେରା ୨ ଥର ଲେଖାଏ ଦ୍ୱିଶତକ ଅର୍ଜନ କରିଛନ୍ତି। ଅନ୍ୟ ୭ ଜଣ ଗୋଟିଏ ଲେଖାଏ ଦ୍ୱିଶତକର ଅଧିକାରୀ ଅଛନ୍ତି।
- ୨୦୦୬-୦୭ ପ୍ଲେଟ୍ ଲିଗ୍‌ରେ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଜମ୍ମୁ-କଶ୍ମୀର ବିପକ୍ଷ ମ୍ୟାଚରେ ଶିବସୁନ୍ଦର ୩୦୦ ରନକରି ଅପରାଜିତ ରହିଥିଲେ। ଏହା ଏପର୍ଯ୍ୟନ୍ତ ଓଡ଼ିଶା ପ୍ରଥମଶ୍ରେଣୀ କ୍ରିକେଟରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର ହୋଇରହିଛି।

## ପ୍ରଥମ ଶ୍ରେଣୀ କ୍ରିକେଟରେ ଶୁଭ୍ରାଂଶୁଙ୍କ ଶତକ

**୧୩୭:** ବନାମ ରାଜସ୍ଥାନ, ପଟିଆଲା, ୨୦୧୬ ନଭେମ୍ବର ୫ରୁ ୮ (ଦ୍ୱିତୀୟ ଇନିଂସ)

**୧୭୩:** ବନାମ ବରୋଦା, ଭଦୋଦରା, ୨୦୧୭ ନଭେମ୍ବର ୧୭ରୁ ୨୦ (ପ୍ରଥମ ଇନିଂସ)

**୧୨୫:** ବନାମ ମଧ୍ୟ ପ୍ରଦେଶ, ଇନ୍ଦୋର, ୨୦୧୭ ନଭେମ୍ବର ୨୫ରୁ ୨୮ (ଦ୍ୱିତୀୟ ଇନିଂସ)

**୧୫୭*:** ବନାମ ଝାଡ଼ଖଣ୍ଡ, ରାଞ୍ଚି, ୨୦୧୮ ଡିସେମ୍ବର ୬ରୁ ୯ (ଦ୍ୱିତୀୟ ଇନିଂସ)

**୧୦୦*:** ବନାମ ଝାଡ଼ଖଣ୍ଡ, କଟକ, ୨୦୨୦ ଫେବୃଆରୀ ୧୨ରୁ ୧୫ (ଦ୍ୱିତୀୟ ଇନିଂସ)

**୧୪୫:** ବନାମ ଉତ୍ତର ପ୍ରଦେଶ, ମେରୁଟ୍, ଜାନୁଆରୀ ୧୭ରୁ ୨୦ (ଦ୍ୱିତୀୟ ଇନିଂସ)

**୨୭୭:** ବନାମ ମଧ୍ୟ ପ୍ରଦେଶ, ଇନ୍ଦୋର, ଜାନୁଆରୀ ୧୨ରୁ ୧୫ (ପ୍ରଥମ ଇନିଂସ)

(ପ୍ରଥମ ଶ୍ରେଣୀ କ୍ରିକେଟରେ ବର୍ତ୍ତମାନ (୨୦୨୪ ଜାନୁଆରୀ ୧୮ ସୁଦ୍ଧା) ଶୁଭ୍ରାଂଶୁଙ୍କ ରେକର୍ଡ: ମ୍ୟାଚ: ୪୬, ଇନିଂସ: ୭୭, ଅପରାଜିତ: ୮, ରନ: ୨୭୪୭, ସର୍ବାଧିକ: ୨୭୭, ଆଭରେଜ: ୩୯.୮୧, ଷ୍ଟ୍ରାଇକ୍ ହାର: ୫୦.୭୨, ଶତକ: ୭, ଅର୍ଦ୍ଧଶତକ: ୧୧, ଚୌକା: ୩୩୪, ଛକା-୩୬, କ୍ୟାଚ: ୧୫। ୪୬ ମ୍ୟାଚର ୭ଟି ଇନିଂସରେ ବୋଲିଂ ସୁଯୋଗ ପାଇ ୧୬୨ଟି ବଲ୍ ବୋଲିଂ ଏବଂ ୯୦ ରନ ବିନିମୟରେ ଗୋଟିଏ ଉଇକେଟ)।

# ଲକ୍ଷ୍ୟ ପଥରେ ନୀରଜ



ରମେଶ ସାହୁ



**ଗତ ସିଜନରେ ଭାରତୀୟ ଜାଭେଲିନ ତାରକା ନୀରଜ ଚୋପ୍ରା ଯଦିଓ କେତେକ ଟୁର୍ଣ୍ଣାମେଣ୍ଟରେ ସଫଳତା ପାଇଥିଲେ ତେବେ ନିଜ ପ୍ରଦର୍ଶନକୁ ନେଇ ସନ୍ତୁଷ୍ଟ ନ ଥିଲେ। ଚଳିତ ସିଜନରେ ସେ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ଆଶା ରଖିଛନ୍ତି...**

ଟୋକିଓ ଅଲିମ୍ପିକ୍ ଜାଭେଲିନ୍ ଥ୍ରୋ ଚାମ୍ପିୟନ ନୀରଜ ଚୋପ୍ରା ଗତ ସିଜନରେ ତାଙ୍କ ପ୍ରଦର୍ଶନକୁ ନେଇ ସନ୍ତୁଷ୍ଟ ନୁହନ୍ତି। ଗତବର୍ଷ ସେ ବିଶ୍ୱ ଚାମ୍ପିୟନ ହେବା ସହ ହାଙ୍ଗଝୋ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବଜାୟ ରଖିଥିଲେ। ଡାଇମଣ୍ଡ ଲିଗ୍ ଫାଇନାଲ୍ସରେ ନୀରଜ ରୌପ୍ୟ ପଦକ ଜିଣିଥିଲେ। ହାଙ୍ଗ୍‌ଝୋ ଏସୀୟ କ୍ରୀଡ଼ାରେ ସେ ୮୬. ୭୭ମିଟର ଦୂରତା ହାସଲ କରିଥିଲେ। ବୁଦାପେଷ୍ଟ ବିଶ୍ୱ ଆଥଲେଟିକ୍ ଚାମ୍ପିୟନଶିପ୍ ଜାଭେଲିନ୍ ଥ୍ରୋରେ ସେ ୮୮. ୧୭ମିଟର ଦୂରତା ହାସଲ କରି ଚାମ୍ପିୟନ ହୋଇଥିଲେ। ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରେ କିନ୍ତୁ ୮୮. ୭୭ମିଟର ଦୂରତା ହାସଲ କରିଥିଲେ। ହାଙ୍ଗ୍‌ଝୋରେ ନୀରଜ ପାଇଥିବା ଦୂରତା ମଧ୍ୟ ଉତ୍ସାହଜନକ ନ ଥିଲା। ତାଙ୍କ ଦୂରତା ଥିଲା ୮୬. ୭୭ମିଟର। ଏହା ନୀରଜଙ୍କ ଶ୍ରେଷ୍ଠ ପ୍ରଦର୍ଶନଠାରୁ ବେଶ୍ ପଛରେ। ଜୁରିଚ୍ ଡାଇମଣ୍ଡ ଲିଗ୍ ମିଟ୍‌ରେ ମଧ୍ୟ ନୀରଜ ପୂର୍ଣ୍ଣ ଦକ୍ଷତା ପ୍ରଦର୍ଶନରେ ବିଫଳ ହୋଇଥିଲେ। ତାଙ୍କ ଥ୍ରୋ ଦୂରତା ଥିଲା ୮୫. ୭୧ମିଟର। ସେଠାରେ ସେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ମିଟ୍ ଚାମ୍ପିୟନ୍ ହୋଇଥିଲେ ଚେକ୍ ରିପବ୍ଲିକ୍‌ର ଜାକ୍ୟୁବ୍ ଭାଦଲେକ୍। ସେ ମଧ୍ୟ ତାଙ୍କ ଶ୍ରେଷ୍ଠ ଦୂରତାରୁ ପଛରେ ରହି ୮୫. ୮୬ମିଟର ହାସଲ କରିଥିଲେ। ଭାରତରେ ନୀରଜଙ୍କର ଜାତୀୟ ରେକର୍ଡ ଥିଲା ୮୯. ୩୦ମିଟର। ଏହାକୁ ସେ ୨୦୨୨ ଷ୍ଟକହାମ୍ ଡାଇମଣ୍ଡ ଲିଗ୍‌ରେ ଅତିକ୍ରମ କରିଥିଲେ। ଷ୍ଟକ୍‌ହାମ୍‌ରେ ନୀରଜ କ୍ୟାରିୟରର ସର୍ବାଧିକ ୮୯. ୯୪ମିଟର ଦୂରକୁ ଜାଭେଲିନ୍ ଫିଙ୍ଗି ବିଜେତା ହୋଇଥିଲେ। ୯୦ମିଟର ଛୁଇଁବା ତାଙ୍କ ପାଇଁ ଏକ ଚ୍ୟାଲେଞ୍ଜ ହୋଇପଡ଼ିଛି। ଗତବର୍ଷ ଏହି ଦୂରତା ହାସଲ କରିବେ ବୋଲି ଆଶା କରାଯାଉଥିଲା, ହେଲେ ତାହା ସମ୍ଭବ ହୋଇ ନ ଥିଲା। ୨୦୨୪ସିଜନ୍‌ରେ ଏହା ହାସଲ କରିବେ ବୋଲି ଲକ୍ଷ୍ୟ ରଖିଛନ୍ତି ନୀରଜ।

ନୀରଜ ତାଙ୍କ ପ୍ରସ୍ତୁତି ପ୍ରକ୍ରିୟାରେ ପରିବର୍ତ୍ତନ ଆଣିଛନ୍ତି। ଜର୍ମାନୀ ପ୍ରଶିକ୍ଷକ କ୍ଲଜ୍ ବାର୍ତ୍ତୋନିଜ୍‌ଙ୍କ ପରାମର୍ଶ ଅନୁସାରେ ସେ ଗତି କରୁଛନ୍ତି। ନୀରଜଙ୍କ ଟାର୍ଗେଟ୍ କେବଳ ପ୍ୟାରିସ ଅଲିମ୍ପିକ୍। ୨୦୨୪ଡାଇମଣ୍ଡ ଲିଗ୍ ପେସାଦାର ସର୍କିଟ୍ ମଧ୍ୟ ତାଙ୍କର ଲକ୍ଷ୍ୟ। ନୀରଜ ଜୁନିୟର ବିଶ୍ୱକପ୍, ଅଲିମ୍ପିକ୍ ଓ ବିଶ୍ୱ ଚାମ୍ପିୟନ ହୋଇ ଗୋଲଡେନ୍ ଗ୍ରାଣ୍ଡସ୍ଲାମ୍ ହାସଲ କରିବାରେ ଭାରତ ସମେତ ଏସିଆ ମହାଦେଶର ପ୍ରଥମ ଖେଳାଳି। ତଥାପି ପୂର୍ବ ବିଶ୍ୱ ଚାମ୍ପିୟନମାନେ ଯେଉଁ ଦୂରତା ହାସଲ କରିଥିଲେ ତାହା ନିଶ୍ଚିତ ଭାବେ ସ୍ତମ୍ଭକାରୀ। ଜାଭେଲିନ୍ ଇଭେଣ୍ଟର ୩ଜଣ ଜଣେ ଜଣେ କିମ୍ବଦନ୍ତୀ ଖେଳାଳି। ଶୀର୍ଷରେ ଅଛନ୍ତି ଜର୍ମାନୀର ଜନାଥନ୍ ଭିଟର୍। ତାଙ୍କ ଥ୍ରୋ ଦୂରତା ୯୭. ୭୬ମିଟର। ଏହି ବିଶ୍ୱ ରେକର୍ଡ ଅଦ୍ୟାବଧି କାଏମ ରହିଛି। ଜର୍ମାନୀର ଥୋମାସ ରୋଲର ଓ ଫ୍ରାନ୍ସର ଜାନ୍ ଜାଲେନୀ ଯଥାକ୍ରମେ ୯୩. ୯୦ମିଟର ଓ ୯୪. ୭୪ମିଟର ଦୂରକୁ ଜାଭେଲିନ୍ ଫିଙ୍ଗିବାକୁ ସକ୍ଷମ ହୋଇଥିଲେ। ଥୋମାସ ରୋଲର ୨୦୧୭ ଦୋହା ଡାଇମଣ୍ଡ ଲିଗ୍‌ରେ ୯୩. ୯୦ମିଟର ସହ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଜାନ୍ ଜାଲେନୀ ୧୯୯୨ ବାର୍ସେଲୋନା ଅଲିମ୍ପିକ୍‌ରେ ୯୪. ୭୪ମିଟର ଦୂରତା ପାଇ ଚାମ୍ପିୟନ୍ ହୋଇଥିଲେ। ନୀରଜ ଭାରତର ମିଶନ ଅଲିମ୍ପିକ୍ ସେଲ୍ ଅଧୀନରେ ଅଛନ୍ତି। ବଳିଷ୍ଠ ପ୍ରଦର୍ଶନ ପାଇଁ ତାଙ୍କୁ ୨୦୧୮ରେ ଅର୍ଜୁନ ଓ ୨୦୨୨ରେ ଖେଳରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଛି। ନୀରଜଙ୍କର ପ୍ରଶିକ୍ଷକ କ୍ଲଜ୍ ବାର୍ତ୍ତୋନିଜ୍ ହେଉଛନ୍ତି ଜଣେ ଶରୀର ବିଶେଷଜ୍ଞ। ୨୦୧୯ରେ ଅନ୍ୟତମ ଜର୍ମାନୀ ପ୍ରଶିକ୍ଷକ ୱେ ହନ୍‌ଙ୍କୁ ବିଦାୟ ଦେଇ ବାର୍ତ୍ତୋନିଜ୍‌ଙ୍କୁ ଗ୍ରହଣ କରିଥିଲେ। ୱେ ହନ୍ ମଧ୍ୟ ଜଣେ ବିଶ୍ୱ ଶ୍ରେଷ୍ଠ ଜାଭେଲିନ୍ ଥ୍ରୋୟର୍। ତାଙ୍କ ଅଧୀନରେ ରହି ନୀରଜ ଜୁନିୟର ବିଶ୍ୱକପ୍ ଚାମ୍ପିୟନ ହୋଇଥିଲେ। ତେବେ ବାର୍ତ୍ତୋନିଜ୍ ନୀରଜଙ୍କ କ୍ୟାରିୟରର ପ୍ରକୃତ ବିଦ୍ଧାଣୀ ସାବ୍ୟସ୍ତ ହୋଇଛନ୍ତି।

*(ଶ୍ରୀ ଗୌର କୁଟିର, ବଡ଼ବଜାର, ବାରିପଦା, ମୟୂରଭଞ୍ଜ)*

## ବେଷ୍ଟ୍

ଦୁଇ ହାତ ନାହିଁ ତଥାପି କଶ୍ମୀର
ଦିବ୍ୟାଙ୍ଗ ଆମିର ବେଷ୍ଟ
କାନ୍ଧରେ ବ୍ୟାଟିଂ ଗୋଡ଼ରେ ବୋଲିଂ
କ୍ରିକେଟରେ କରେ ନାଟ
ଜୀବନୀକୁ ନେଇ ନଟ
ବାୟୋପିକ୍ ଫିଲ୍ମ ନିର୍ଦ୍ଦେଶନା ଦେବେ
ପ୍ରଦ୍ୟୁମ୍ନସର ମହେଶ ଭଟ୍ଟ।



ଆମିର

ଦୃଷ୍ଟିବାଧିତ ଲେଡି କ୍ରିକେଟରେ ଆମ
ରାଇଜର ଝିଅ ଝିଲି
କର୍ନାଟକଠାରେ ଏମ୍‌ପି ବିରୋଧରେ
ଛପନ ବାଡ଼େଇ ନାଲି
ଅଲ୍ ରାଉଣ୍ଡର ବୋଲି
ପ୍ଲେୟର ଅଫ୍ ଦି ମ୍ୟାଚ
ପୁରସ୍କାର ନେଇ
ବେଷ୍ଟ ହୋଇଥିଲା କାଲି।

କଳିଙ୍ଗ ସୁପର କପ୍ ଫୁଟବଲ
ଭୁବନେଶ୍ୱରକୁ ଚାଲ
କଳିଙ୍ଗର କ୍ରୀଡ଼ା ଭିତ୍ତିଭୂମି ବେଷ୍ଟ
ଏନ୍‌ଭାଇରନ୍‌ମେଣ୍ଟ ଭଲ
ବେଷ୍ଟ ଟା'ଜଙ୍ଗଲ, ବିଲ
ସିଏମ୍ ନବୀନ ବେଷ୍ଟ ବୋଲି ଆଜି
କ୍ରୀଡ଼ା ସୋର୍ସ ମାଲାମାଲ।

-ସୁବାସ ଚନ୍ଦ୍ର ପ୍ରଧାନ

# ଇରାନରେ ପାକିସ୍ତାନର ଜବାବୀ ଷ୍ଟ୍ରାଇକ୍

**ବେଲୁଚ୍ ଆତଙ୍କବାଦୀ ଗୋଷ୍ଠୀକୁ ଟାର୍ଗେଟ**

- ଡ୍ରୋନ୍, ମିଶାଇଲ୍ ମାଡ଼ରେ ୯ ମୃତ
- ସ୍ପଷ୍ଟୀକରଣ ମାଗିଲା ତେହରାନ

**ଇସ୍‌ଲାମାବାଦ/ତେହରାନ,୧୮।୧**

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶସ୍ଥିତ ଆତଙ୍କବାଦୀ ସଙ୍ଗଠନ ଜୈଶ୍ ଅଲ୍-ଅଦଲର ୨ଟି ଶିବିରରେ ମଙ୍ଗଳବାର ଇରାନ ଆକ୍ରମଣ କରିବା ଫଳରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଯେସାକୁ ତେସା ନୀତିରେ ପାକିସ୍ତାନ ଗୁରୁବାର ଭୋର ସମୟରେ ଇରାନରେ ସକ୍ରିୟ ଥିବା ବେଲୁଚ୍ ବିଚ୍ଛିନ୍ନତାବାଦୀ ଗୋଷ୍ଠୀକୁ ଟାର୍ଗେଟ୍ କରି ପାଲଟା ଆକ୍ରମଣ କରିଛି। ଇସ୍‌ଲାମାବାଦର ଏୟାରଷ୍ଟ୍ରାଇକ୍ ଫଳରେ ୯ ଜଣଙ୍କ ମୃତ୍ୟୁ ଘଟିଛି। ଇରାନର ସିଏସ୍ତାନ-ଓ-ବେଲୁଚିସ୍ତାନ ପ୍ରଦେଶରେ ଥିବା ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳକୁ ଟାର୍ଗେଟ କରି ପାକ୍ ସେନା ପକ୍ଷରୁ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସିଏସ୍ତାନ-ଓ-ବେଲୁଚିସ୍ତାନ ପ୍ରଦେଶର ସୀମାନ୍ତ ଗ୍ରାମ ଉପରେ ପାକସ୍ତାନର ଏକାଧିକ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ଗୋଟିଏ ବିସ୍ଫୋରଣରେ ୪ ପିଲା ଓ ୩ ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣେ ସ୍ଥାନୀୟ ସୁରକ୍ଷା ଅଧିକାରୀ କହିଛନ୍ତି।

ପାକିସ୍ତାନର ଜବାବୀ ମିଶାଇଲ୍ ଆକ୍ରମଣକୁ ନେଇ ତେହରାନ୍ ସ୍ପଷ୍ଟୀକରଣ ମାଗିଛି। ତେହରାନରେ ଥିବା ପାକିସ୍ତାନର ସର୍ବବରିଷ୍ଠ କୂଟନୀତିଜ୍ଞଙ୍କୁ ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ସମନ ଜାରି କରି ସ୍ପଷ୍ଟୀକରଣ ମାଗିଥିବା ଏହାର ମୁଖପାତ୍ର କହିଛନ୍ତି। ଇସ୍‌ଲାମାବାଦରେ ଅବସ୍ଥାପିତ ଇରାନୀୟ ରାଷ୍ଟ୍ରଦୂତଙ୍କୁ ବୁଧବାର ପାକିସ୍ତାନ ବହିଷ୍କାର କରିବା ସହ ତେହରାନ୍‌ରେ ଥିବା ନିଜ ଶୀର୍ଷ କୂଟନୀତିଜ୍ଞଙ୍କୁ ଫେରାଇ ଆଣିଥିଲା। ଆକ୍ରମଣ ଯୋଗୁ ପାକିସ୍ତାନର କାମଚଳା ପ୍ରଧାନମନ୍ତ୍ରୀ ଅନୱାର-ଉଲ୍-ହକ୍ କକର ଡାଭୋସ୍‌ରେ ହେଉଥିବା ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ ଗସ୍ତକୁ କାଟଛାଣ୍ଟ କରିଥିବା ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି।

ଦୁଇ ବେଲୁଚ୍ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ବେଲୁଚିସ୍ତାନ ଲିବରେଶନ ଫ୍ରଣ୍ଟ ଏବଂ ବେଲୁଚିସ୍ତାନ ଲିବରେଶନ ଆର୍ମିର ଅଧିକୃତ ଅଞ୍ଚଳକୁ ଟାର୍ଗେଟ କରି ପାକିସ୍ତାନ ଏୟାରଷ୍ଟ୍ରାଇକ୍ କରିଛି। ଇରାନରେ ଉକ୍ତ ଆତଙ୍କବାଦୀ ସଂଗଠନଗୁଡ଼ିକର ସୁରକ୍ଷିତ ଭୂସ୍ୱର୍ଗକୁ ନେଇ ପାକିସ୍ତାନ ଦୀର୍ଘଦିନ ହେଲା ଚିନ୍ତା ପ୍ରକଟ କରିଆସୁଥିଲା। ସେମାନେ ମୂଳତଃ ପାକିସ୍ତାନୀ ଆତଙ୍କବାଦୀ ଏବଂ ସର୍ମାଚାର ଭାବେ ନିଜକୁ ପରିଚିତ କରାଇଥାନ୍ତି। ସେମାନଙ୍କ ଉପସ୍ଥିତି ସମ୍ପର୍କରେ ଇସ୍‌ଲାମାବାଦ ବାରମ୍ବାର ଇରାନକୁ ତଥ୍ୟ ପ୍ରମାଣ ଯୋଗାଇବା ସହ ଉଦ୍‌ବେଗ ପ୍ରକାଶ କରିଆସୁଥିଲେ ମଧ୍ୟ, ତେହରାନ୍ କୌଣସି ପଦକ୍ଷେପ ନେଉ ନ ଥିଲା। ସେଠାରୁ ଆତଙ୍କବାଦୀମାନେ ପାକିସ୍ତାନୀ ନାଗରିକଙ୍କ ଉପରେ କ୍ରମାଗତ ଆକ୍ରମଣ ଜାରି ରଖିଥିଲେ। ଗୋଇନ୍ଦା ତଥ୍ୟ ଆଧାରରେ ଗୁରୁବାର ସକାଳେ ପାକ୍ ଟାର୍ଗେଟେଡ୍ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଏକ ବିବୃତିରେ କହିଛି।



ପାକିସ୍ତାନ ଭିତରେ ଇରାନର ଏୟାରଷ୍ଟ୍ରାଇକ୍ ଓ ଏହାର ଗୋଟିଏ ଦିନ ପରେ ଇସ୍‌ଲାମାବାଦ ପ୍ରତି ଆକ୍ରମଣ କରିବା ଘଟଣାକୁ ନେଇ ଅନ୍ତର୍ଜାତୀୟ ସମ୍ପର୍କ ବିଶେଷଜ୍ଞ ତଥା ପୂର୍ବତନ କୂଟନୀତିଜ୍ଞମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ପାକିସ୍ତାନର ପୂର୍ବତନ ବହିର୍ବ୍ୟାପାର ସଚିବ ଐଜଜ ଅହମଦ ଚୌଧରୀ କହିଛନ୍ତି, ଇସ୍‌ଲାମାବାଦ ଦାୟିତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟ କରିଛ। ଆମେ ଆକ୍ରମଣ କରିବାକୁ ଚାହୁଁନାହୁଁ, କିନ୍ତୁ କରିପାରିବୁ, ଏହା ପାକିସ୍ତାନ ପ୍ରମାଣ କରିଦେଇଥିବା ସେ କହିଛନ୍ତି। ପାକିସ୍ତାନ ଓ ଇରାନର ସର୍ବୋଚ୍ଚ କର୍ତ୍ତୃପକ୍ଷ ଦ୍ୱିପାକ୍ଷିକ ଯୋଗାଯୋଗ ଏବଂ ଚାଇନା ସହାୟତାରେ ଆଲୋଚନା କରି ସମସ୍ୟାର ସମାଧାନ କରିବା ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଛନ୍ତି। ଘଟଣାର କୂଟନୈତିକ ସମାଧାନ ହେବା ଆବଶ୍ୟକ ବୋଲି ଭାରତରେ ପାକିସ୍ତାନର ପୂର୍ବତନ ଉଚ୍ଚାୟୁକ୍ତ ଥିବା ଅବଦୁଲ ବସିତ୍ କହିଛନ୍ତି। ପାକିସ୍ତାନ ଇରାନ୍‌କୁ ଭାରତ ସହ ସମାନ ବର୍ଗରେ ସାମିଲ କରିପାରିବ ନାହିଁ ବୋଲି ସେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନ ଓ ଇରାନ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନା ଅତ୍ୟନ୍ତ ବିପଜ୍ଜନକ ଓ ଅପ୍ରତ୍ୟାଶିତ ସ୍ଥିତି ସୃଷ୍ଟି କରିବ ବୋଲି ରାଜନୈତିକ ବିଶ୍ଲେଷକ ମୋଶାରଫ୍ ଜାଇଦି ସତର୍କ କରାଇଛନ୍ତି। ଇରାନ ଭାରତ ସହ ମିଶି ପାକିସ୍ତାନର ସୁରକ୍ଷାକୁ ଅଣଦେଖା କରିବାକୁ ଉଦ୍ୟମ କରୁଛି, ଯାହା ସବୁଠୁ ଖରାପ ବୋଲି ଜାଇଦି ଏକ୍ସ'ରେ ପୋଷ୍ଟ କରିଛନ୍ତି।

## ସଂକ୍ଷେପରେ

### ଦ୍ୱାଦଶ ଶ୍ରେଣୀ ପିଲାଙ୍କୁ ହରଣ ଜଣାନାହିଁ

**ନୂଆଦିଲ୍ଲୀ,୧୮।୧:** ବାର୍ଷିକ ଶିକ୍ଷା ସ୍ଥିତି ରିପୋର୍ଟ (ଏଏସ୍ଇଆର୍) ବୁଧବାର ପ୍ରକାଶ ପାଇଛି, ଯେଉଁଥିରେ ଭାରତରେ ଛାତ୍ରୀଛାତ୍ରଙ୍କ ଗାଣିତିକ ଦକ୍ଷତା ଓ ପଠନ ସାମର୍ଥ୍ୟକୁ ନେଇ ପ୍ରଶ୍ନ ଉଠିଛି। ଉକ୍ତ ରିପୋର୍ଟ ଅନୁଯାୟୀ ଗ୍ରାମାଞ୍ଚଳରେ ପଢୁଥିବା ୧୪ରୁ ୧୮ ବର୍ଷ ବୟସର ଅର୍ଦ୍ଧାଧିକ ପିଲା ୩ ଅଙ୍କ ବିଶିଷ୍ଟ ସଂଖ୍ୟାକୁ ହରଣ କରିପାରୁ ନାହାନ୍ତି, ଯାହାକି ତୃତୀୟ ଶ୍ରେଣୀରେ ପଢ଼ାଯାଇଥାଏ। ସେହିପରି ୧୪ରୁ ୧୮ ବର୍ଷ ବୟସର ୨୬ ପ୍ରତିଶତରୁ ଅଧିକ ଗ୍ରାମାଞ୍ଚଳ ପିଲା ଆଞ୍ଚଳିକ ଭାଷାରେ ଲିଖିତ ଦ୍ୱିତୀୟ ଶ୍ରେଣୀ ପାଠ୍ୟପୁସ୍ତକ ମଧ୍ୟ ପଢ଼ିପାରୁ ନାହାନ୍ତି। ସେହିପରି ୪୨.୭ ପ୍ରତିଶତ ଇଂଲିଶ ପଢ଼ିପାରୁ ନ ଥିବା ଜଣାଯାଇଛି। ଦୈନନ୍ଦିନ ଜୀବନରେ ମୌଳିକ ହିସାବ କିତାବ ପାଇଁ ଆବଶ୍ୟକ ଗାଣିତିକ ଦକ୍ଷତା ଦଶମ ଏବଂ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ପିଲାଙ୍କଠାରେ ନ ଥିବା ରିପୋର୍ଟରେ କୁହାଯାଇଛି।

### ଗୁଜରାଟରେ ଡଙ୍ଗା ବୁଡ଼ି ୧୬ ମୃତ

**ବଡ଼ୋଦରା,୧୮।୧:** ଗୁଜରାଟର ବଡ଼ୋଦରା ଜିଲା ଅନ୍ତର୍ଗତ ହାରନି ହ୍ରଦରେ ଗୁରୁବାର ଅପରାହ୍ନରେ ଏକ ଡଙ୍ଗା ଓଲଟିପଡ଼ି ବୁଡ଼ିଯିବାରୁ ୧୪ ଛାତ୍ରୀଛାତ୍ର ଓ ୨ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ୧୦ ଜଣ ପିଲାଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ଏବଂ ଅଗ୍ନିଶମ ବାହିନୀ ସାମିଲ ହୋଇଥିଲେ। ସେମାନଙ୍କ ପୂର୍ବରୁ ସ୍ଥାନୀୟ ଲୋକେ ମଧ୍ୟ କେତେଜଣ ପିଲାଙ୍କୁ ଉଦ୍ଧାର କରିଥିଲେ। ଏକ ଘରୋଇ ସ୍କୁଲ୍‌ର ୨୭ ଜଣ ଛାତ୍ରୀଛାତ୍ର ବଣଭୋଜି କରିବାକୁ ଡଙ୍ଗାରେ ଯାଇଥିଲେ। ସେମାନଙ୍କ ମଧ୍ୟରୁ କେହି ଲାଇଫ୍ ଜାକେଟ ପିନ୍ଧି ନ ଥିଲେ।

### କୋଚିଂ କ୍ଲାସ୍‌ରେ ଛାତ୍ରଙ୍କ ମୃତ୍ୟୁ

**ଇନ୍ଦୋର,୧୮।୧:** ମଧ୍ୟପ୍ରଦେଶର ଇନ୍ଦୋରରେ ବୁଧବାର ସନ୍ଧ୍ୟାରେ ଏକ କୋଚିଂ କ୍ଲାସ୍ ଚାଲିଥିବାବେଳେ ଜଣେ ୧୮ ବର୍ଷୀୟ କଲେଜ ଛାତ୍ର ହୃଦ୍‌ଘାତରେ ଟଳିପଡ଼ି ପ୍ରାଣ ହରାଇଛନ୍ତି। ଇନ୍ଦୋର ଭନୱରକୁଆଁ ଅଞ୍ଚଳର ମାଧବ ମଧ୍ୟପ୍ରଦେଶ ଜନସେବା ଆୟୋଗ ପ୍ରବେଶିକା ପରୀକ୍ଷା ପାଇଁ କୋଚିଂ ନେଉଥିଲେ। ଶ୍ରେଣୀଗୃହରେ ବସିଥିବାବେଳେ ସେ ଛାତିରେ ଯନ୍ତ୍ରଣା ହେବାରୁ ଡେସ୍କରେ ହାମୁଡ଼େଇ ରହିଥିବା ଦେଖି ତାଙ୍କ ପାଖ ପିଲା ଉଠାଇବାକୁ ଚେଷ୍ଟା କରିଥିଲେ। ସେ ନ ଉଠିବାରୁ ସହପାଠୀ ଜଣଙ୍କ ଶିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର କିଛି ସମୟ ପରେ ମାଧବ ତଳେ ପଡ଼ିଯାଇଥିଲେ। ଏହି ଦୃଶ୍ୟ ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ସଙ୍ଗେ ସଙ୍ଗେ ମାଧବଙ୍କୁ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଥିଲା।

# ମନ୍ଦିରରେ ସ୍ଥାପନହେଲା ରାମଲାଲାଙ୍କ ମୂର୍ତ୍ତି

**ଅଯୋଧ୍ୟା,୧୮।୧**

ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ପୂର୍ବରୁ ଗୁରୁବାର ମନ୍ଦିରରେ ରାମଲାଲାଙ୍କ ମୂର୍ତ୍ତି ସ୍ଥାପନ ହୋଇଛି। ଦୀର୍ଘ ୪ ଘଣ୍ଟାର ରୀତିନୀତି ଓ ମନ୍ତ୍ରପାଠ ପରେ ୫୧ ଇଞ୍ଚ ଉଚ୍ଚତା ବିଶିଷ୍ଟ ୫ ବର୍ଷୀୟ ବାଲୁତ ରାମଙ୍କ ମୂର୍ତ୍ତିକୁ ସ୍ଥାପନ କରାଯାଇଥିଲା। ଏକ ବିସ୍ତୃତ ପ୍ରକ୍ରିୟାରେ ମୂର୍ତ୍ତି ଚୟନ କରାଯାଇଥିଲା। ରାମ ଜନ୍ମଭୂମି ତୀର୍ଥକ୍ଷେତ୍ରର ଟ୍ରଷ୍ଟି ବିମଳେନ୍ଦ୍ର ମୋହନ ପ୍ରତାପ ମିଶ୍ରାଙ୍କ ତତ୍ତ୍ୱାବଧାନରେ ଏହି ଚୟନ ପ୍ରକ୍ରିୟା ଚାଲିଥିଲା। ବୁଧବାର ରାତିରେ ସ୍ୱତନ୍ତ୍ର ପୂଜା ପରେ ରାମଲାଲାଙ୍କ ମୂର୍ତ୍ତିକୁ ମନ୍ଦିର ମଧ୍ୟକୁ ନିଆଯାଇଥିଲା। ୨୨ ତାରିଖ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ବହୁ ବିଶିଷ୍ଟ ବ୍ୟକ୍ତି, ସାଧୁସନ୍ଥ, ସେଲିବ୍ରିଟି, ଶିଳ୍ପପତିଙ୍କ ସମେତ ୭,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିମନ୍ତ୍ରଣ କରାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଅଯୋଧ୍ୟା ରାମମନ୍ଦିର ଉପରେ ଏକ ଡାକଟିକେଟ ଉନ୍ମୋଚନ କରିଛନ୍ତି। ସାରା ବିଶ୍ୱରେ ରାମଲାଲାଙ୍କ ଉପରେ ଇସ୍ୟୁ ଷ୍ଟାମ୍ପଗୁଡ଼ିକର ଏକ ପୁସ୍ତକ ମଧ୍ୟ ପ୍ରଧାନମନ୍ତ୍ରୀ ଉନ୍ମୋଚନ କରିଛନ୍ତି। ଏଗୁଡ଼ିକ କେବଳ କାଗଜ ଟୁକୁଡ଼ା ନୁହେଁ ଏକ ଐତିହାସିକ ଉତ୍ସବକୁ ଭବିଷ୍ୟତ ପିଢ଼ିଗୁଡ଼ିକ ନିକଟରେ ପହଞ୍ଚାଇବାର ଏକ ମାଧ୍ୟମ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଟିକେଟଗୁଡ଼ିକ ଇତିହାସ ବହି ଓ କାଳକୃତିର କ୍ଷୁଦ୍ର ରୂପ, ଧର୍ମଗ୍ରନ୍ଥଗୁଡ଼ିକର ସଂକ୍ଷିପ୍ତ ରୂପ ବୋଲି ପ୍ରଧାନମନ୍ତ୍ରୀ ଭିଡିଓ ବାର୍ତ୍ତାରେ କହିଥିଲେ।



ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଶ୍ରୀରାମ ଜନ୍ମଭୂମି ମନ୍ଦିରର ସ୍ମାରକୀ ଡାକଟିକେଟ୍ ଏବଂ ବିଶ୍ୱରେ ଭଗବାନ ରାମଙ୍କ ଉପରେ ଜାରି ଷ୍ଟାମ୍ପଗୁଡ଼ିକର ଏକ ପୁସ୍ତକ ଉନ୍ମୋଚନ କରୁଛନ୍ତି।

### ମୋଦି ତଳେ ଶୋଉଛନ୍ତି, ପଇଡ଼ପାଣି ପିଉଛନ୍ତି

**ନୂଆଦିଲ୍ଲୀ,୧୮।୧**

ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୧ ଦିନ ପୂର୍ବରୁ ସ୍ୱତନ୍ତ୍ର ରୀତିନୀତି ପାଳନ କରୁଛନ୍ତି। ଏଥିପାଇଁ ସେ ତଳେ ଶୋଇବା ସହ କେବଳ ପଇଡ଼ପାଣି ପିଉଛନ୍ତି। ଆସନ୍ତା ୨୨ ତାରିଖରେ ରାମମନ୍ଦିର ପ୍ରାଣପ୍ରତିଷ୍ଠା ହେବାକୁ ଯାଉଥିବାବେଳେ ୧୨ ତାରିଖରୁ ପ୍ରଧାନମନ୍ତ୍ରୀ ୧୧ ଦିନିଆ ରୀତିନୀତି ଆରମ୍ଭ କରିଥିବା ଘୋଷଣା କରିଥିଲେ। ଶାସ୍ତ୍ରରେ ବର୍ଣ୍ଣିତ ସମସ୍ତ ନିୟମ ସେ କଡ଼ାକଡ଼ି ପାଳନ କରିବେ ବୋଲି କହିଥିଲେ। ଏହି ସମୟରେ ଯୋଗ, ତପସ୍ୟା ଓ ବିଭିନ୍ନ ଶୃଙ୍ଖଳା ଅବଲମ୍ବନ କରିବାକୁ ହେବ। ପ୍ରଧାନମନ୍ତ୍ରୀ ତାଙ୍କ ଦୈନନ୍ଦିନ ଜୀବନରେ ସୂର୍ଯ୍ୟୋଦୟ ପୂର୍ବରୁ ବ୍ରହ୍ମମୁହୂର୍ତ୍ତରେ ଶଯ୍ୟାତ୍ୟାଗ କରି ତପସ୍ୟାରେ ବସିବା ସହ ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିଥାନ୍ତି।

# ୯ ଭାରତୀୟ ଥିବା ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ

**ସୁରକ୍ଷା ଯୋଗାଇଲା ଭାରତୀୟ ନୌସେନା**

**ନୂଆଦିଲ୍ଲୀ,୧୮।୧**

ଆଡେନ୍ ଉପସାଗରରେ ଏକ ପଣ୍ୟବାହୀ ଜାହାଜ ଉପରେ ଆଉ ଏକ ଡ୍ରୋନ୍ ଆକ୍ରମଣ ହୋଇଛି। ୯ ଭାରତୀୟଙ୍କ ସମେତ ୨୨ ନାବିକ ଥିବା ମାର୍ଶାଲ ଦ୍ୱୀପର ଉକ୍ତ ଜାହାଜ ଉପରେ ବୁଧବାର ରାତିରେ ଡ୍ରୋନ୍ ମାଡ଼ ହୋଇଥିଲା। ଭାରତୀୟ ନୌସେନା ଜାହାଜ ତୁରନ୍ତ ଆକ୍ରମଣର ଜବାବ ଦେଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ଏମ୍‌ଭି ଗେନ୍‌କୋ ପିକାର୍ଡି ଜାହାଜ ବିପଦରେ ପଡ଼ିଥିବା ଖବର ପାଇବା ମାତ୍ରେ ଜଳଦସ୍ୟୁ ଆକ୍ରମଣକୁ ପ୍ରତିହତ କରିବା ଲାଗି ଆଡେନ୍ ଉପସାଗରରେ ନିୟୋଜିତ ଭାରତୀୟ ନୌସେନା ଯୁଦ୍ଧଜାହାଜ ଆଇଏନ୍‌ଏସ୍ ବିଶାଖାପଟନମ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଜାହାଜର କୌଣସି କର୍ମଚାରୀ କ୍ଷତିଗ୍ରସ୍ତ ହୋଇ ନ ଥିବାବେଳେ ଲାଗିଥିବା ନିଆଁକୁ ନିୟନ୍ତ୍ରଣ କରାଯାଇଛି। ଆଡେନ୍ ବନ୍ଦରର ଦକ୍ଷିଣରେ ୬୦ ନଟିକାଲ ମାଇଲ୍ ଦୂରରେ ଏହି ଆକ୍ରମଣ ହୋଇଥିଲା।

ଆଡେନ ଉପସାଗରରେ ମାଲ୍‌ବାହୀ ଜାହାଜଗୁଡ଼ିକୁ କ୍ରମାଗତ ଭାବେ ହୋଉଥି ବିଦ୍ରୋହୀ ଟାର୍ଗେଟ କରିଆସୁଛନ୍ତି। ଗତ ୫ ତାରିଖରେ ଲାଇବେରିଆର ଏକ କାର୍ଗୋ ଜାହାଜ ଏମ୍‌ଭି ଲିଲା ନରଫୋକ୍‌କୁ ସଶସ୍ତ୍ର ଜଳଦସ୍ୟୁମାନେ ସୋମାଲିଆ ଉପକୂଳରୁ ଅପହରଣ କରିନେଇଥିଲେ। ସେଥିରେ ୧୫ ଭାରତୀୟଙ୍କ ସମେତ ୨୧ ଜଣ ନାବିକ ଥିଲେ। ଏମ୍‌ଭି ରୁଏନ୍ ଏବଂ ଏମ୍‌ଭି ଚେମ୍ ପ୍ଲୁଟୋ ମଧ୍ୟ ଆରବ ସାଗରରେ ଡ୍ରୋନ୍ ଆକ୍ରମଣର ସମ୍ମୁଖୀନ ହୋଇଥିଲା। ତେଲ, ସାରଠାରୁ ଆରମ୍ଭକରି ଭାରତର ଅଧିକାଂଶ ଆମଦାନୀ ରପ୍ତାନି ଆଡେନ୍ ଉପସାଗର ଦେଇ ହୋଇଥାଏ।



ଆଡେନ୍ ଉପସାଗରରେ ନିୟୋଜିତ ଯୁଦ୍ଧ ଜାହାଜ ଆଇଏନ୍‌ଏସ୍ ବିଶାଖାପଟନମ୍।

# ବିଲ୍‌କିସ୍ ମାମଲା: ଆତ୍ମସମର୍ପଣ ପାଇଁ ସମୟ ମାଗିଲେ ୫ ଦୋଷୀ

**ନୂଆଦିଲ୍ଲୀ,୧୮।୧**

୨୦୦୨ ଗୁଜରାଟ ଦଙ୍ଗା ବେଳେ ବିଲ୍‌କିସ୍ ବାନୋଙ୍କୁ ଗଣବଳାତ୍କାର ଓ ତାଙ୍କ ପରିବାରର ୭ ଜଣଙ୍କୁ ହତ୍ୟା ମାମଲାର ୫ ଦୋଷୀ ଗୁରୁବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଆତ୍ମସମର୍ପଣ ଲାଗି ଅଧିକ ସମୟ ମାଗିଛନ୍ତି। ବୁଧବାର ଗୋବିନ୍ଦଭାଇ ନାଇ ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ ନିମନ୍ତେ ୪ ସପ୍ତାହ ସମୟ ବଢ଼ାଇବାକୁ ନିବେଦନ କରିଥିଲେ। ଗୁରୁବାର ପ୍ରଦୀପ, ବିପିନ, ରମେଶ ଏବଂ ମିତେଶ ଅନୁରୂପ ନିବେଦନ କରିଛନ୍ତି। ଆଜୀବନ କାରାଦଣ୍ଡ ଭୋଗୁଥିବା ୧୧ ଅପରାଧୀଙ୍କୁ କ୍ଷମା ପ୍ରଦାନ କରି ଗୁଜରାଟ ସରକାର ସେମାନଙ୍କୁ ୨୦୨୨ ଅଗଷ୍ଟ ୧୫ରେ ମୁକ୍ତ କରିଦେଇଥିଲେ। ଗତ ୮ ତାରିଖରେ ସୁପ୍ରିମକୋର୍ଟ ଗୁଜରାଟ ସରକାରଙ୍କ ନିଷ୍ପତ୍ତିକୁ ଖାରଜ କରିଦେବା ସହ ଅପରାଧୀମାନଙ୍କୁ ୨ ସପ୍ତାହ ମଧ୍ୟରେ ଜେଲ୍ ଫେରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଫୁର୍‌ସତ

# ଭୟଭୀତ ନ ହୋଇ ବିପର୍ଯ୍ୟୟର ମୁକାବିଲା

**ଏନ୍‌ଡିଆର୍‌ଏଫ୍ ରାଇଜିଂ ଡେ**

ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ (ଏନ୍‌ଡିଆର୍‌ଏଫ୍) ବିଭିନ୍ନ ବିପର୍ଯ୍ୟୟ ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ପହଞ୍ଚି ଆବଶ୍ୟକ ସେବା ଯୋଗାଇ ଦେଇଥାନ୍ତି। ବନ୍ୟା, ବାତ୍ୟା, ଭୂକମ୍ପ ଅବା ଅନ୍ୟ ଯେ କୌଣସି ବିପର୍ଯ୍ୟୟ ହେଉ ଏନ୍‌ଡିଆର୍‌ଏଫ୍ ବିପର୍ଯ୍ୟୟ ସମୟରେ ବିପନ୍ନଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେଇଥାନ୍ତି। ଏନ୍‌ଡିଆର୍‌ଏଫ୍‌ର କାର୍ଯ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଏବଂ ଏହାର ମହାନ୍ ମାନବିକ କାର୍ଯ୍ୟ ପ୍ରତି ସମ୍ମାନ ପ୍ରଦର୍ଶନ ପାଇଁ ପ୍ରତିବର୍ଷ ଜାନୁଆରୀ ୧୯ରେ ଭାରତରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ ଦ୍ୱାରା ଏନ୍‌ଡିଆର୍‌ଏଫ୍ ରାଇଜିଂ ଡେ ପାଳନ କରାଯାଇଥାଏ। ଏନ୍‌ଡିଆର୍‌ଏଫ୍ ଦଳ ପୀଡ଼ିତଙ୍କୁ ଭୟଭୀତ ନ ହୋଇ ପରିସ୍ଥିତିର ମୁକାବିଲା କରିବାକୁ ସାହସ ଦେଇଥାନ୍ତି।

ବିପର୍ଯ୍ୟୟ ପରିଚାଳନା ଅଧିନିୟମ, ୨୦୦୫ ବିଭାଗ ୪୪-୪୫ ଅନୁଯାୟୀ ବିପଦପୂର୍ଣ୍ଣ ବିପର୍ଯ୍ୟୟ ପରିସ୍ଥିତିର ଏକ ବିଶେଷ ପ୍ରତିକ୍ରିୟା ଉଦ୍ଦେଶ୍ୟରେ ୨୦୦୬ ଜାନୁଆରୀ ୧୯ରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ ଗଠନ କରାଯାଇଥିଲା। ପୀଡିତଙ୍କ ଉଦ୍ଧାର କାର୍ଯ୍ୟ, ରିଲିଫ ଯୋଗାଣରେ ଏନ୍‌ଡିଆର୍‌ଏଫ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

ଏହି ଦିବସ ପାଳନ ଅବସରରେ ସରକାରୀ ତଥା ବେସରକାରୀ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।



# ବିଯୁକ୍ତ ୧ ଡିଗ୍ରୀରେ ପହଁରିଲେ ସୁସ୍ମିତା



ସୁସ୍ମିତା ସେନ୍

**ମୁମ୍ବାଇ:** ଅଭିନେତ୍ରୀ ସୁସ୍ମିତା ସେନ୍ କିଛିଦିନ ହେବ ଆଜରବୈଜାନରେ ଛୁଟି କଟାଉଛନ୍ତି। ଏନେଇ ସେ କିଛି ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସେଥିରେ ସେ ଏକ ପୁଲ୍‌ରେ ପହଁରୁଥିବାର ନଜରକୁ ଆସିଛନ୍ତି। ସୁସ୍ମିତା ଯେଉଁ ପାଣିରେ ପହଁରୁଛନ୍ତି, ସେହି ପାଣିର ତାପମାତ୍ରା ବିଯୁକ୍ତ ୧ ଡିଗ୍ରୀ। ଏ ବାବଦରେ ସେ ନିଜେ ତାଙ୍କ କ୍ୟାପ୍‌ସନରେ ଲେଖିଛନ୍ତି। ଅଭିନେତ୍ରୀ କ୍ୟାପ୍‌ସନରେ ଲେଖିଛନ୍ତି, ''ବରଫାବୃତ ପାହାଡ଼, ବିଯୁକ୍ତ ୧ ଡିଗ୍ରୀ ତାପମାତ୍ରା, ଏକ ଗରମ ଆଉଟଡୋର ପୁଲ୍ ଏବଂ ଏଥିରେ ପହଁରିବାର ଇଚ୍ଛା... ସତରେ ମଜା ଆସିଗଲା।'' ନିକଟରେ ସୁସ୍ମିତା ସେନ୍ ଅଭିନେତା ଆମିର ଖାନ୍‌ଙ୍କ ଝିଅ ଇରା ଖାନ୍‌ଙ୍କ ବିବାହ ରିସେପଶନ ପାର୍ଟିରେ ନଜରକୁ ଆସିଥିଲେ। ବଲିଉଡ୍‌ର ପ୍ରସିଦ୍ଧ ଅଭିନେତ୍ରୀଙ୍କ ମଧ୍ୟରୁ ସେ ଜଣେ। ସେ ୯୦ ଦଶକରେ ବହୁତ ହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ଫିଲ୍ମ ପରେ ଏବେ ସେ ଓଟିଟି ଦୁନିଆରେ ତାଙ୍କ କମାଲ ଦେଖାଉଛନ୍ତି। ୧୯୯୬ରୁ ସେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଶେଷଥର ପାଇଁ ସେ ୨୦୧୫ରେ ଏକ ବଙ୍ଗାଳି ଫିଲ୍ମ 'ନିର୍ବାକ'ରେ ନଜରକୁ ଆସିଥିଲେ। ତାଙ୍କୁ ଶେଷ ଥର ପାଇଁ ଓଟିଟି ସିରିଜ୍ 'ତାଲି'ରେ ଜଣେ ଟ୍ରାନ୍ସଜେଣ୍ଡର ଭୂମିକାରେ ଦେଖିବାକୁ ମିଳିଥିଲା।

# ତାପମାତ୍ରା ନିୟନ୍ତ୍ରଣକରେ ଗୋଲାପି କବଚ

**ୱାଶିଂଟନ:** ପିଙ୍କ୍ ଫ୍ୟାରି ଆର୍ମାଡିଲୋ ଦେଖିବାକୁ ବହୁତ ସୁନ୍ଦର ଜୀବ। ଏହି ଜୀବର ଶରୀରରେ ଅଜବ ପ୍ରକାରର ତ୍ୱଚା ରହିଛି, ଯାହା ତାକୁ ସମସ୍ତଙ୍କଠାରୁ ଖାସ୍ ପ୍ରମାଣିତ କରୁଛି। ଏହା ଆର୍ମାଡିଲୋର ସବୁଠୁ ଛୋଟ ପ୍ରଜାତି। ଏହି ଜୀବ ପିଚିସିଏଗୋ ନାମରେ ମଧ୍ୟ ଜଣାଶୁଣା। ଆର୍ମାଡିଲୋ ମରୁଭୂମିରେ ମଧ୍ୟ ରହିପାରେ। ଜୀବର ଆକାର ଛୋଟ ହୋଇଥିବାରୁ ସେ ହାତମୁଠାରେ ମଧ୍ୟ ଜାଗା ହୋଇଯିବ। ରିପୋର୍ଟ ମୁତାବକ, ଆମେରିକା ଅଞ୍ଚଳରେ ଦେଖାଯାଉଥିବା ପିଙ୍କ୍ ଫ୍ୟାରି ଆର୍ମାଡିଲୋ ଆକାରରେ କେବଳ ୬ ଇଞ୍ଚ ଲମ୍ବା ହୋଇପାରେ। ଏମାନଙ୍କ ଓଜନ ୧୦୦ ଗ୍ରାମ ହୋଇଥାଏ। ଏହି ଜୀବ ଶରୀରରେ ଦୁଇଟି ତ୍ୱଚା ଦେଖିବାକୁ ମିଳେ, ଯାହାକୁ ସେ ସୁରକ୍ଷାକବଚ ରୂପେ ବ୍ୟବହାର କରେ। ପିଙ୍କ୍ ଫ୍ୟାରି ଆର୍ମାଡିଲୋ ବାଲି, ଘାସ, ମାଟି ଅଞ୍ଚଳରେ ରହିଥାଏ। ଅଧିକାଂଶ ସମୟ ଏମାନେ ଅଣ୍ଡରଗ୍ରାଉଣ୍ଡରେ ରୁହନ୍ତି। ମରୁଭୂମିର ବାଲି ଭିତରେ ପଶିଯାଇ ଲୁଚିପାରନ୍ତି। ବାଲିରେ ପହଁରୁଥିବା ଜୀବ ଭାବେ ମଧ୍ୟ ଏମାନେ ଜଣାଶୁଣା। ଶରୀରରେ ଥିବା ଗୋଲାପି ରଙ୍ଗର କବଚ ସେମାନଙ୍କ ତାପମାତ୍ରା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଏମାନେ ସର୍ବହାରି ହୋଇଥିବାବେଳେ ପୋଷା ଜୀବ ଭାବେ ବଞ୍ଚିବା ଏମାନଙ୍କ ପାଖେ ସମ୍ଭବ ହୋଇ ନ ଥାଏ। ୫ରୁ ୧୦ ବର୍ଷ ପର୍ଯ୍ୟନ୍ତ ଏମାନେ ବଞ୍ଚିପାରନ୍ତି।



# ରାଜ୍ୟରେ ଶୂନ୍ୟ ମୃତ୍ୟୁ ମୁଖ୍ୟ ଲକ୍ଷ୍ୟ–ମନ୍ତ୍ରୀ

## ଆଇସିସି ପକ୍ଷରୁ ଶିଳ୍ପ ସୁରକ୍ଷା ବୃତ୍ତିଗତ ସ୍ୱାସ୍ଥ୍ୟ ସମ୍ମିଳନୀ

ଭୁବନେଶ୍ୱର,୧୮।୧ (ଅଭୟ ଦାଶ)




ଇଣ୍ଡିଆନ ଚ୍ୟାମ୍ବର ଅଫ୍ କମର୍ସ (ଆଇସିସି) ଓ ଓଡ଼ିଶା ସରକାରଙ୍କ ଫ୍ୟାକ୍ଟ୍ରିଆଣ୍ଡ ବଏଲର ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଗୁରୁବାର ଶିଳ୍ପ ସୁରକ୍ଷା ଓ ବୃତ୍ତିଗତ ସ୍ୱାସ୍ଥ୍ୟ ସମ୍ମିଳନୀ ଭୁବନେଶ୍ୱରର ଏକ ତାରକା ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଆଇସିସି ରାଜ୍ୟ ପରିଷଦର ଚେୟାରମ୍ୟାନ ଜେ.ବି.ପାଣିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପାଣି କହିଥିଲେ, ଓଡ଼ିଶାରେ ଶିଳ୍ପ (ଇଣ୍ଡଷ୍ଟ୍ରିଜ) ର ଅନେକ ଉନ୍ନତି ହୋଇଛି। ଏପରିକି 'ଦୁର୍ଘଟଣା କିପରି ରୋକାଯାଇପାରିବ' ଶୀର୍ଷକ ଆଲୋଚନାଚକ୍ରର ମୁଖ୍ୟ ଉଦ୍ଦେଶ୍ୟ, କିପରି ସମସ୍ତେ ସଚେତନ ହେବେ,ତାହା ଉପରେ ସେ ବିସ୍ତୃତ ଭାବେ ମତ ଉପସ୍ଥାପନ କରିଥିଲେ। ସେହିଭଳି ମୁଖ୍ୟ ଅତିଥି ଭାବେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଉକ୍ତ ସମ୍ମିଳନୀକୁ ଉଦ୍‌ଘାଟନକରି କହିଥିଲେ, ଗତ ୨୦ବର୍ଷଭିତରେ ରାପିଡ୍‌ଇଣ୍ଡଷ୍ଟ୍ରିଜ୍‌ର ପ୍ରତ୍ୟେକ ସେକ୍ଟରରେ ବୃଦ୍ଧି ହୋଇଛି। ପ୍ରତ୍ୟେକ ଜୀବନ ଆମ ପାଇଁ ମୂଲ୍ୟବାନ୍ ହୋଇଥିବାବେଳେ ରାଜ୍ୟରେ ଶୂନ୍ୟ ମୃତ୍ୟୁ ଆମର ମୁଖ୍ୟ ଲକ୍ଷ୍ୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେଥିପାଇଁ ସବୁବେଳେ ଗୁରୁତ୍ୱ ଦେଇ ଆସୁଛନ୍ତି।

# ଏଚ୍‌ଡିଏଫ୍‌ସି ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୧୮।୧

ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍‌ର ନୂତନ ଶାଖା (ପାରାଦୀପ ପୋର୍ଟ ଶାଖା) ପାରାଦୀପ ପୋର୍ଟଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପାରାଦୀପ ପୋର୍ଟର ଚେୟାରମ୍ୟାନ ପି.ଏଲ୍. ହାରାନ୍ଧ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ବିବିଏଚ୍ (ଇଷ୍ଟ) ସନ୍ଦୀପ ଏସ୍. କୁମାର, ବ୍ୟାଙ୍କର କ୍ଲଷ୍ଟର ହେଡ୍ ସଂଗ୍ରାମ ଅଜିତାଭ ଦାସଙ୍କ ସମେତ ପାରାଦୀପ ପୋର୍ଟ ଶାଖାର ଶାଖା ପରିଚାଳକ ରାକେଶ ପାତ୍ର ଏବଂ ଇଫ୍‌କୋ ଛକ ଶାଖାର ଶାଖା ପରିଚାଳକ ଜ୍ୟୋତିରଞ୍ଜନ ବିଶ୍ୱାଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ବ୍ୟାଙ୍କର ସମସ୍ତ ସୁବିଧା ଓ ସେବା ଉକ୍ତ ଶାଖା ଜରିଆରେ ସବୁ ବର୍ଗର ଲୋକ ଓ ବ୍ୟାବସାୟୀଙ୍କୁ ଯୋଗାଇ ଦିଆଯିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏଠାରେ ଉଭୟ ସାଧାରଣ ବ୍ୟାଙ୍କିଙ୍ଗ୍ ସେବା ସହିତ ବ୍ୟବସାୟିକ ସୁବିଧା ମଧ୍ୟ ଗ୍ରାହକଙ୍କୁ ପ୍ରଦାନ କରାଯିବ ବୋଲି ଶାଖା ପରିଚାଳକ ପାତ୍ର ମତପ୍ରକାଶ କରିଛନ୍ତି।

# ଜେଏସ୍‌ଏଲ୍‌ର ତ୍ରୈମାସିକ ଫଳାଫଳ

JSL JINDAL STAINLESS

ଭୁବନେଶ୍ୱର,୧୮।୧

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ନିର୍ଦ୍ଦେଶକ ମଣ୍ଡଳୀ (ବୋର୍ଡ ଅଫ୍ ଡିରେକ୍ଟର୍ସ) ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ପାନୀ ୨୦୨୩–୨୪ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ (ତୃତୀୟ କ୍ୱାର୍ଟର) ର ଆର୍ଥିକ ଫଳାଫଳ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି। ବିଶେଷକରି ଘରୋଇ ବଜାରରେ ଭଲ ଚାହିଦା ଯୋଗୁ ୩ୟ ତ୍ରୈମାସିକ (ତୃତୀୟ କ୍ୱାର୍ଟର) ପାଇଁ କମ୍ପାନୀର ସ୍ୱତନ୍ତ୍ର ସେଲ୍ସ ଭଲ୍ୟୁମ ୯% ବାର୍ଷିକ ଅଭିବୃଦ୍ଧି ସହ ୫,୧୨,୦୧୫ ମେଟ୍ରିକ୍ ଟନ୍‌ରେ ରହିଛି। କିନ୍ତୁ ପରିମାଣରେ ଦ୍ରୁତ ବୃଦ୍ଧି ସହ ବର୍ଦ୍ଧିତ ଉତ୍ପାଦ ମିଶ୍ରଣ ପାଇଁ ଆଉଟପୁଟ୍‌ର ଉନ୍ନତି ସକାଶେ ପ୍ଲାଣ୍ଟଗୁଡ଼ିକର ଯୋଜନାବଦ୍ଧ ରକ୍ଷଣାବେକ୍ଷଣ କରାଯିବା ଯୋଗୁ କ୍ୱାର୍ଟର ଆଧାରରେ ୬% ଅବନତି ହୋଇଛି।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଚଳିତ ଆର୍ଥିକ ବର୍ଷର ତୃତୀୟ କ୍ୱାର୍ଟର ଆମ ପାଇଁ ଘଟଣାବହୁଳ ଥିଲା। ଏପରିକି ସିଓପି–୨୮ ସମ୍ମିଳନୀରେ ଆମର ପ୍ରଥମ ଉପସ୍ଥିତି ସହ ଏକ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟୀ ଭାବେ ଆମେ ଆମର ଡିକାର୍ବୋନାଇଜେଶନ ପ୍ରୟାସକୁ ଉପସ୍ଥାପନ କରିଛୁ। ବିଶେଷ କରି ସବୁଜ ଉତ୍ପାଦନ, ଅପରେଶନରେ ଉତ୍କର୍ଷ, ବ୍ୟବସାୟ ବିକାଶ ଏବଂ ରାଷ୍ଟ୍ର ନିର୍ମାଣ ଉପରେ ଆମେ ଧ୍ୟାନଦେବା ଜାରି ରଖିବୁ ବୋଲି ସେ ମତପ୍ରକାଶ କରିଛନ୍ତି।

ଏହି ଅବଧିରେ କମ୍ପାନୀର ମୋଟ ଷ୍ଟାଣ୍ଡ ଆଲୋନ ରେଭେନ୍ୟୁ ବାର୍ଷିକ ୧% ଅଭିବୃଦ୍ଧି ସହ ୯,୦୮୮ କୋଟି ଟଙ୍କାରେ ରହିଛି। ଷ୍ଟାଣ୍ଡ ଆଲୋନ ଇବିଆଇଟିଡିଏ ୧୦୨୧ କୋଟି ଟଙ୍କା ରହିଥିବା ବେଳେ ଟିକସ ପରବର୍ତ୍ତୀ ଲାଭ ୭୭୯ କୋଟି ଟଙ୍କା ରହିଛି। ଚଳିତ କ୍ୱାର୍ଟରରେ ନେଟ୍ ଋଣ ୩,୦୮୫ କୋଟି ଟଙ୍କା ରେକର୍ଡ କରାଯାଇଥିବା ବେଳେ ମୋଟ ଋଣ– ଇକ୍ୟୁଟି ଅନୁପାତ ୦.୨୩% ରହିଛି। ପ୍ରକୃତ ଋଣ ଓ ଇବିଆଇଟିଡିଏ ଅନୁପାତରେ ୦.୭୨% ରହିଛି। ଏହି ସମୟ ମଧ୍ୟରେ ସମ୍ମିଳିତ ପ୍ରକୃତ ରେଭେନ୍ୟୁ ୯୧୨୭ କୋଟି ଟଙ୍କାରେ ପହଞ୍ଚିଛି। ସମ୍ମିଳିତ ଇବିଆଇଟିଡିଏ ଏବଂ ପାଟ୍ ଯଥାକ୍ରମେ ୧୨୪୬ କୋଟି ଟଙ୍କା ଏବଂ ୬୯୧ କୋଟି ଟଙ୍କା ରହିଛି।

# ଋଣ ପ୍ରଦାନ କ୍ଷେତ୍ରରେ ଓଜିବି ପୁରସ୍କୃତ



ଭୁବନେଶ୍ୱର,୧୮।୧

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି)କୁ ଜାତୀୟସ୍ତରରେ ସମ୍ମାନିତ ସହ ପୁରସ୍କୃତ ମଧ୍ୟ କରାଯାଇଛି। ବିଶେଷକରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ଓଜିବି ପୁରସ୍କୃତ ହୋଇଛି। ଏପରିକି ପୂର୍ବ ଭାରତରେ ବ୍ୟାଙ୍କ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସର୍ବାଧିକ ଋଣ ବଣ୍ଟନକରି ପୂର୍ବ ଭାରତର ଶ୍ରେଷ୍ଠ ବ୍ୟାଙ୍କ ଭାବେ ନିକଟରେ ସମ୍ମାନିତ ହୋଇଛି। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ବ୍ୟାଙ୍କର ଅଧ୍ୟକ୍ଷ ଋଷି ସିଂହ ଅତିରିକ୍ତ ସଚିବ (ସେକ୍ରେଟାରି) ଡେ.ଏନ୍.ଆର.ଏଲ୍.ଏମ୍. ଚରଣଜିତ ସିଂହଙ୍କ ଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ।

ଉଲ୍ଲେଖଯୋଗ୍ୟ,୨୦୨୨–୨୩ ଆର୍ଥିକ ବର୍ଷରେ ବ୍ୟାଙ୍କ ୮୧,୦୦୦ ରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରାୟ ୨,୩୨୦ କୋଟି ଟଙ୍କାର ଋଣ ପ୍ରଦାନ କରିଥିଲାବେଳେ ୮ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ବ୍ୟାଙ୍କ ସହଯୋଗ (ଉପକୃତ) କରିପାରିଛି। ସେହିଭଳି ୨୦୨୩–୨୪ ଆର୍ଥିକ ବର୍ଷରେ ବ୍ୟାଙ୍କ ୫୪,୦୦୦ରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ପ୍ରାୟ ୧,୬୯୬କୋଟି ଟଙ୍କାର ଋଣ ପ୍ରଦାନ କରିଛି।

ଅପରପକ୍ଷରେ ଓଜିବି କିଛିଦିନ ତଳେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ ନିମନ୍ତେ ଓଡ଼ିଶାରେ ଶ୍ରେଷ୍ଠ ବ୍ୟାଙ୍କ ଭାବେ ବିବେଚିତ ହୋଇ ମୁଖ୍ୟମନ୍ତ୍ରୀଙ୍କଠାରୁ ମଧ୍ୟ ପୁରସ୍କାର ଗ୍ରହଣ କରିଥିଲା।

# ଜିଓ ଭାରତର ସବୁଠାରୁ ଶକ୍ତିଶାଳୀ ବ୍ରାଣ୍ଡ୍

ଭୁବନେଶ୍ୱର,୧୮।୧

ଦେଶର ପ୍ରମୁଖ ଘରୋଇ କମ୍ପାନୀ ତଥା ରିଲାଏନ୍ସ ଗ୍ରୁପ୍‌ର ଅଗ୍ରଣୀ ସଂସ୍ଥା ଜିଓ ପୁଣି ଥରେ ଭାରତର ସବୁଠାରୁ ଶକ୍ତିଶାଳୀ ବ୍ରାଣ୍ଡ୍ ଭାବେ ମାନ୍ୟତା ଲାଭ କରିଛି। ଉଲ୍ଲେଖଯୋଗ୍ୟ, ବ୍ରାଣ୍ଡ୍ ଫାଇନାନ୍ସ ଦ୍ୱାରା ପ୍ରକାଶିତ ସଦ୍ୟତମ ରିପୋର୍ଟ ଗ୍ଲୋବାଲ ୫୦୦–୨୦୨୪ ରେ ଏଲ୍‌ଆଇସି ଏବଂ ଏସ୍‌ବିଆଇ ଭଳି ବହୁ ଦଶନ୍ଧି ପୁରୁଣା ଭାରତୀୟ ବ୍ରାଣ୍ଡକୁ ପଛରେ ପକାଇ ଅପେକ୍ଷାକୃତ ନବାଗତ ବ୍ରାଣ୍ଡ୍ ଜିଓ ଭାରତର ସବୁଠାରୁ ଶକ୍ତିଶାଳୀ ବ୍ରାଣ୍ଡ୍ ଭାବେ ସ୍ୱୀକୃତି ପାଇଛି। ସେହିଭଳି ୨୦୨୩ ବ୍ରାଣ୍ଡ୍ ଫାଇନାନ୍ସ ମାନ୍ୟତାରେ ମଧ୍ୟ ଜିଓ ଭାରତର ଶକ୍ତିଶାଳୀ ବ୍ରାଣ୍ଡ୍ ତାଲିକାର ଶୀର୍ଷରେ ରହିଥିଲା।

ସେହିପରି ଚଳିତ ବର୍ଷ (୨୦୨୪ ବର୍ଷ) ପାଇଁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ବ୍ରାଣ୍ଡ୍ ମଧ୍ୟରେ ଜିଓ ୧୭ ତମ ସ୍ଥାନରେ ରହିଥିଲାବେଳେ ଏହାର ବ୍ରାଣ୍ଡ୍ ଦୃଢ଼ତା ସୂଚୀ ୮୮.୯ ପଏଣ୍ଟ ରହିଛି। ଉକ୍ତ ତାଲିକାରେ ୱି–ଚାଟ୍, ଗୁଗଲ୍, ୟୁଟ୍ୟୁବ୍, ଡେଲଏଟ୍, କୋକାକୋଲା ଏବଂ ନେଟ୍‌ଫ୍ଲିକ୍ସ ଭଳି ବ୍ରାଣ୍ଡ ସାମିଲ ରହିଛି ଏବଂ ଇ–ୱାଇ, ଏଲ୍‌ଆଇସି, ଏସ୍‌ବିଆଇ ଏବଂ ଇନ୍‌ଷ୍ଟାଗ୍ରାମ୍ ଭଳି ବ୍ରାଣ୍ଡଠାରୁ ଜିଓ ବହୁ ଆଗରେ ରହିଛି।

# ଓମିକ୍ରନ୍ ଜେଏନ୍–୧ ଉପରେ ଗବେଷଣା କରିବ ପତଞ୍ଜଳି

ଭୁବନେଶ୍ୱର,୧୮।୧(ଅନୁରାଧା ମହାରଣା)

କରୋନା ମହାମାରୀ ସମୟରେ ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେଶନର ବୈଜ୍ଞାନିକମାନେ ବ୍ୟାପକ ଗବେଷଣା ପୂର୍ବକ କରୋନିଲ ଆବିଷ୍କାରକରି ଚିକିତ୍ସା ଓ ସ୍ୱାସ୍ଥ୍ୟସେବାରେ ଆୟୁର୍ବେଦର ସଫଳତାକୁ ପ୍ରଦର୍ଶିତ କରିଥିଲେ। ବର୍ତ୍ତମାନ କରୋନାର ନୂଆ ଭାରିଆଣ୍ଟ ଉପରେ ଗବେଷଣା କରିବାକୁ ଚାଇନାର ସାଇନୋ ବାୟୋଲୋଜିକାଲ ଲାବ୍‌ରୁ ସ୍ପାଇକ୍ ପ୍ରୋଟିନ୍ ମଗାଯାଇଛି। ଏହ ଉପରେ ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନର ବୈଜ୍ଞାନିକମାନେ ଗବେଷଣା କରିବେ। କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ଜେଏନ୍–୧ ସଂକ୍ରମଣ ବଢ଼ିବାରେ ଲାଗିଛି। କରୋନା ଚିକିତ୍ସା କ୍ଷେତ୍ରରେ ନିଜର ଗବେଷଣା କାର୍ଯ୍ୟକୁ ଆଗକୁ ବଢ଼ାଇବା କ୍ରମରେ ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନ ଦ୍ୱାରା ସାଇନୋ ବାୟୋଲୋଜିକାଲ ଲାବ୍‌ରୁ ମଗାଯାଇଥିବା ସ୍ପାଇକ୍ ପ୍ରୋଟିନ୍ ଉପରେ ନୂତନ ଗବେଷଣା ଆରମ୍ଭ କରାଯାଇଛି। ଏହି ଅବସରରେ ପତଞ୍ଜଳି ଯୋଗପୀଠର ମହାସଚିବ ଆଚାର୍ଯ୍ୟ ବାଳକୃଷ୍ଣ କହିଛନ୍ତି, କରୋନା ମହାମାରୀ ସାରା ବିଶ୍ୱରେ ଆତଙ୍କ ଖେଳାଇ ଦେଇଥିଲା ଏବଂ ଜନସାଧାରଣଙ୍କୁ ଅସହ୍ୟ ଯନ୍ତ୍ରଣା ଦେଇଥିଲା। ଏବେ ଜେଏନ୍.–୧ ସଂକ୍ରମଣ ବ୍ୟାପିବାରେ ଲାଗିଛି। ଏହି ଭୂତାଣୁ ଦ୍ୱାରା ହେଉଥିବା ରୋଗର ଚିକିତ୍ସା ପାଇଁ ଗବେଷଣା କରିବାକୁ ସ୍ପାଇକ୍ ପ୍ରୋଟିନ୍‌ର ଆବଶ୍ୟକତା ରହିଛି। ପତଞ୍ଜଳିକିଭଳି ଆୟୁର୍ବେଦିକ ଔଷଧ ଉପରେ ଗବେଷଣା କରି ତାହାର ପ୍ରସ୍ତୁତି କରୁଛି ଏବଂ ଆଧୁନିକ ଚିକିତ୍ସା ବିଜ୍ଞାନର ଯେଉଁ ମାନକ ତଥା ପାରାମିଟର୍ସ ରହିଛି ସେ ସମ୍ପର୍କରେ ସମଗ୍ର ବିଶ୍ୱକୁ ପତଞ୍ଜଳି ଅବଗତ କରାଇବାକୁ ଚାହିଁଛି। ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନର ପ୍ରମୁଖ ବୈଜ୍ଞାନିକ ଡା. ଅନୁରାଗ କହିଛନ୍ତି, ଓମିକ୍ରନ୍ ଜେଏନ୍.–୧ ଭୂତାଣୁରୁ ସ୍ପାଇକ୍ ପ୍ରୋଟିନ୍ ଉପରେ କରୋନିଲର ପ୍ରୟୋଗ ଦ୍ୱାରା ସଂକ୍ରମଣ ନିୟନ୍ତ୍ରଣ ସମ୍ପର୍କରେ ଟ୍ରାଏଲ କରାଯିବ। ଏହାର ପରିଣାମ ଭୂତାଣୁ ନିୟନ୍ତ୍ରଣ ଦିଗରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ଇଭୋସ୍ ଦେବ 'ଗୋଲ୍ଡ କ୍ଲାସ୍ ଲିଭିଂ' ସୁଯୋଗ

ଭୁବନେଶ୍ୱର,୧୮।୧

## ୪୨ ମହଲା ବିଶିଷ୍ଟ ୪ ଟାୱାରରେ ଅତ୍ୟାଧୁନିକ ସୁବିଧା

ରିୟଲ ଇଷ୍ଟେଟ୍ ଡେଭେଲପର 'ଇଭୋସ୍' ବିଲ୍ଡକନ୍ ଗ୍ରାହକଙ୍କୁ 'ଗୋଲ୍ଡ କ୍ଲାସ୍ ଲିଭିଂ'ର ଅନୁଭୂତି ପ୍ରଦାନ କରିବାକୁ ଯାଉଛି। ଇଭୋସ୍ ଏହାର ସର୍ବୋଚ୍ଚ ଟାୱାର ପଟିଆ ରଘୁନାଥପୁରରେ ନିର୍ମାଣ କରୁଥିବାବେଳେ ଏଠାରେ ଉପଲବ୍ଧ ହେବାକୁ ଥିବା ଅତ୍ୟାଧୁନିକ ସେବା ଓ ସୁବିଧା ସମ୍ପର୍କରେ ଗୁରୁବାର ଆୟୋଜିତ ପ୍ରିଲଞ୍ଚ ସେରେମନି ତଥା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ପ୍ରସିଦ୍ଧ ଆର୍କିଟେକ୍ଟ ସଞ୍ଜୟ ପୁରୀ ଏହାର ଡିଜାଇନ ପ୍ରସ୍ତୁତ କରିଛନ୍ତି। ପ୍ରସ୍ତୁତ ଡିଜାଇନ ଅନୁସାରେ ଏଠାରେ ୪୨ ମହଲା ବିଶିଷ୍ଟ ୪ଟି ଟାୱାର ରହିବ। ୬.୯ ଏକର ଜମିରେ ଏହାର ନିର୍ମାଣ କରାଯାଇଥିବାବେଳେ ଏଠାରେ ଗ୍ରାଉଣ୍ଡ ଆଣ୍ଡ କ୍ଲାଉଡ୍ ଆମେନିଟି ଜୋନ୍ ସହ ୭୦ ପ୍ରତିଶତ ଖୋଲା ସ୍ଥାନ ରହିବ ବୋଲି ଖବରଦାତା ସମ୍ମିଳନୀରେ ଇଭୋସ୍‌ର ମ୍ୟାନେଜିଂ ଡାଇରେକ୍ଟର କଳିଙ୍ଗ କେଶରୀ ରଥ, ଦୁଷ୍ମନ୍ତ ପାତ୍ର ଏବଂ ଆର୍କିଟେକ୍ଟ ଉମାଶଙ୍କର ପରିଡ଼ା ଏନେଇ ବିସ୍ତୃତ ସୂଚନା ଦେଇଛନ୍ତି। ତେବେ ଏହି ଟାୱାର ନାମ ଘୋଷଣା ସହ ଏହାର ମୂଲ୍ୟ ସମ୍ପର୍କରେ ଫେବୃଆରୀ ୮ରେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ସୂଚନା ଦିଆଯିବ ବୋଲି ଇଭୋସ୍ ପକ୍ଷରୁ କୁହାଯାଇଛି। ଏଠାରେ ୱେଲବିଙ୍ଗ୍ ପୁଲ୍, ଗାର୍ଡେନ୍, ଯୋଗ ଡେକ୍, ଚେସ୍ କୋର୍ଟ, ପୁଲ୍ ଟେରେସ୍, ଲାଇଫ୍ ଷ୍ଟାଇଲ ପୁଲ୍, ଥେରାପି ପୁଲ୍ ସହ ଅନ୍ୟାନ୍ୟ ସୁବିଧା ମିଳିବ। ଏହା ସହ ସ୍କାଏ ଲାଉଞ୍ଜ, ଲାଉଞ୍ଜ କାଫେ, ଇନ୍‌ଡୋର ପ୍ଲେ ଏରିଆ, ସ୍ପା, କ୍ଲାଉଡ୍ ୱାକ୍ ୱେ, ଥିଏଟର, କିଡ୍ସ ପ୍ଲେ ରୁମ୍, ଲାଇବ୍ରେରି, ଫିଟ୍‌ନେସ୍ ସେଣ୍ଟର ଆଦି ରହିବ।


ଭାରତ ସରକାର

**ପୂର୍ବ ତଟ ରେଳପଥ**

ଉପ-ମୁଖ୍ୟଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ

**ବିଜ୍ଞପ୍ତି**

ପତ୍ର ସଂଖ୍ୟା: ୧୭୦୬ ତା. ୦୫/୦୧/୨୦୧୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଅନୁଗୁଳ ଜିଲ୍ଲାର ତାଳଚେର ଠାରୁ ସୁନ୍ଦରଗଡ ଜିଲ୍ଲାର ବିମଳାଗଡ ପର୍ଯ୍ୟନ୍ତ ପ୍ରସ୍ତାବିତ ରେଳ ପ୍ରକଳ୍ପ ପାଇଁ ନିମ୍ନବର୍ଣ୍ଣିତ ତହସିଲ ଅନ୍ତର୍ଗତ ମୌଜା-ସତ୍ୟବନ୍ଧ, ଥାନା-ଖମାର, ଥାନା ନମ୍ବର-୭୨ ରୁ ଏକର ୦.୨୨୦ ପରିମିତ ପ୍ରଜା ଭୂମି ଆବଶ୍ୟକ ଅଛି। ଏହି ନିମ୍ନବର୍ଣ୍ଣିତ ପ୍ରଜାଙ୍କ ଜମିକୁ ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨) ପୂର୍ବ ତଟ ରେଳପଥ, ଅନୁଗୁଳ, ଜମି ମାଲିକଙ୍କ ଠାରୁ ସିଧାସଳଖ କ୍ରୟ କରିବାକୁ ସିଦ୍ଧାନ୍ତ ଗ୍ରହଣ କରି ଏହି ବାବଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଛି ଯେ, ନିମ୍ନ ପ୍ରଦତ୍ତ କୌଣସି ଜମିର ଖାତା, ରୟତ ଏବଂ ତଦବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କର ସ୍ୱାର୍ଥ କିମ୍ବା ଆଗ୍ରହ ରହିଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେହି ପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ।

**୧-ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨)ଙ୍କ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ଅନୁଗୁଳ (ରେଲୱେ ଷ୍ଟେସନ ନିକଟ) ଅନୁଗୁଳ-୭୫୯୧୨୩**

**ତାଳଚେର-ବିମଳାଗଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର**

ଜିଲ୍ଲା: ଅନୁଗୁଳ, ଥାନା: ଖମାର, ଥାନା ନଂ.୭୨, ତହସିଲ: ପାଲହଡ଼ା, ମୌଜା: ସତ୍ୟବନ୍ଧ

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟ ନାମ, ବାସସ୍ଥାନ ଓ ଠିକଣା | ପ୍ଲଟ ମୋଟ ରକବା (ଏକରରେ) | ପ୍ଲଟ ପାଇଁ ଆବଶ୍ୟକ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୮୯/୮ | ୧୦୧/୧୦୧୫ | ଜଳାଶୟ-୩ | ହାଡ଼ି ଦାସ, ପି.ପୀତବାସ ଦାସ ଜା. ଭାଟ, ବା. ଜେନାପଡା | ୦.୭୨୦ | ୦.୨୨୦ | |
| | | | | ମୋଟ | | ୦.୨୨୦ | |

ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨),
ପୂର୍ବ ତଟ ରେଳପଥ, ଅନୁଗୁଳ

PR-109/CG/23-24



**झारखण्ड सरकार, ग्रामीण कार्य विभाग**

कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, जमशेदपुर

**ई-अति अल्पकालीन पुनर्निविदा आमंत्रण सूचना**

ई–अति अल्पकालीन पुनर्निविदा संख्या:- RWD/EE/JSR/STPKG/01/RIV/2023-24 दिनांक :- 17.01.2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र. सं. | आईडेन्टीफिकेशन संख्या / पैकेज संख्या | कार्य का नाम | प्राक्कलित राशि (रुपये में) अंक में | प्राक्कलित राशि (रुपये में) अक्षर में | कार्य समाप्ति की अवधि | टेण्डर कॉल सं0 |
|---|---|---|---|---|---|---|
| 1. | RWD/EE/JSR/STPKG/01/2023-24 | देबंकी चौक से धिरोल तक पथ का विशेष मरम्मति कार्य। (लं–4.000 कि0मी0) | 1,26,68,500.00 | एक करोड़ छब्बीस लाख अड़सठ हजार पाँच सौ रू0 मात्र | 9 माह | पंचम |
| | | गोविन्दपुर जादुगोड़ा रोड से कुलडीहा तक पथ का विशेष मरम्मति कार्य। (लं–1.450 कि0मी0) | 79,30,500.00 | उनासी लाख तीस हजार पाँच सौ रू0 मात्र | | |
| | | पोराडीह बारमपुट घाट (धुसुरडिपा) से तलसाई पी.सी.सी. रोड भाया नवागाँव पोड़ा भालकी तक पथ का विशेष मरम्मति कार्य। (लं–1.720 कि0मी0) | 1,16,44,800.00 | एक करोड़ सोलह लाख चौवालीस हजार आठ सौ रू0 मात्र | | |
| | | नारदा बलिया माँझी के घर से रीचू हांसदा काशियाबेड़ा तक पथ का विशेष मरम्मति कार्य। (लं–1.520 कि0मी0) | 1,18,85,000.00 | एक करोड़ अठारह लाख पचासी हजार रू0 मात्र | | |
| | | T07 से सिलिंग तक पथ का विशेष मरम्मति कार्य। (लं–5.700 कि0मी0) | 2,77,54,500.00 | दो करोड़ सतहतर लाख चौवन हजार पाँच सौ रू0 मात्र | | |
| | | पोटका प्रखण्ड अन्तर्गत उलनसाई L054 PMGSY Road से बारेटोला तक पथ का विशेष मरम्मति कार्य। (लं–1.270 कि0मी0) | 82,73,000.00 | बिरासी लाख तिहतर हजार रू0 मात्र | | |
| | | आर.ई.ओ. रोड से मानिकपुर तक पथ का विशेष मरम्मति कार्य। (लं–2.150 कि0मी0) | 1,31,47,500.00 | एक करोड़ एकतीस लाख सैंतालीस हजार पाँच सौ रू0 मात्र | | |
| | | जायाडीह से बनकाटी तक पथ का विशेष मरम्मति कार्य। (लं–2.600 कि0मी0) | 1,55,53,500.00 | एक करोड़ पचपन लाख तिरपन हजार पाँच सौ रू0 मात्र | | |
| | | कुल | **10,88,57,300.00** | दस करोड़ अठ्ठासी लाख सन्तावन हजार तीन सौ रू0 मात्र | | |

2. वेबसाईट में निविदा प्रकाशन की तिथि:– 19.01.2024।
3. ई–निविदा प्राप्ति की अंतिम तिथि एवं समय:– 26.01.2024 अपराह्न 5.00 बजे तक।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से ऑनलाइन मोड में स्वीकार की जाएगी।
5. निविदा खोलने की तिथि एवं समय :– 27.01.2024 अपराह्न 11.00 बजे।
6. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर, ब्लॉक–करनडीह, थाना–परसुडीह, जमशेदपुर, झारखण्ड, पिन–831002।
7. ई–निविदा प्रकोष्ठ का दूरभाष सं0– 0657–2298902।
8. विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल, जमशेदपुर

PR 316368 REO (23-24)_D



**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**

କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨ ପଶ୍ଚିମ, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭,
ଫୋନ୍: ୦୬୭୪-୨୫୪୧୪୦୬/୨୫୪୦୦୩୨/୨୫୪୬୧୬୮

**ସୁନା ନିଲାମ ବିକ୍ରୟ ବିଜ୍ଞପ୍ତି**

ନିମ୍ନଲିଖିତ ଋଣଗ୍ରହୀତା, ସେମାନଙ୍କର ଉତ୍ତରାଧିକାରୀ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ନିମ୍ନଲିଖିତ ଋଣଗ୍ରହୀତାମାନେ ସ୍ୱର୍ଣ୍ଣ ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି। ବ୍ୟାଙ୍କ ବାରମ୍ବାର ନୋଟିସ ଦେବା ସତ୍ତ୍ୱେ ଋଣଗ୍ରହୀତାମାନେ ଯଥା ସମୟରେ ସେମାନଙ୍କର ସୁନା ଋଣ ପରିଶୋଧ କରୁନାହାନ୍ତି। ଯଦି ସେମାନେ ନିଲାମ ତାରିଖ ସୁଦ୍ଧା ସେମାନଙ୍କର ବକେୟା ଋଣ ସହିତ ତତପରବର୍ତ୍ତୀ ସୁଧ ଓ ଆନୁସଙ୍ଗିକ ସମସ୍ତ ଖର୍ଚ୍ଚ ସହିତ ପରିଶୋଧ ନ କରନ୍ତି ତେବେ ସେମାନେ ବନ୍ଧକ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ ସ୍ଥିର କରାଯାଇଥିବା ନିମ୍ନ ଦର୍ଶିତ ତାରିଖରେ ସର୍ବସାଧାରଣରେ ନିଲାମ କରାଯିବ ଏବଂ ବ୍ୟାଙ୍କ ଏ ସମ୍ବନ୍ଧୀୟ କୌଣସି ଅସୁବିଧା, ଆପତ୍ତି, ଅଭିଯୋଗ ବା କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବନାହିଁ ଏବଂ ଯଦି କିଛି ବକେୟା ରହିଯାଏ ତାହା ଆଇନ ଅନୁସାରେ ଋଣଗ୍ରହୀତାଙ୍କ ଠାରୁ ଆଦାୟ କରାଯିବ।

| କ୍ର. ନଂ. | ସ୍ୱର୍ଣ୍ଣ ଋଣ ଆକାଉଣ୍ଟ ନଂ. | ଏନ୍‌ପିଏ ତାରିଖ | ଋଣଗ୍ରହୀତାମାନଙ୍କ ନାମ | ବର୍ତ୍ତମାନ ବକେୟା ରାଶି | ସୁନା ମୋଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|---|---|
| **୧. ଯାଜପୁର ରୋଡ୍ ଶାଖା, ଫୋନ୍: ୮୨୭୦୦୬୩୦୮୦** | | | | | |
| ୧. | ୧୨୮୬୦୩୨୧୪୦୦୦୨୧୨ | ୨୦.୦୯.୨୦୨୩ | ଅରବିନ୍ଦ ଲାହା | ଟ.୫୨,୦୦୦/- | ୨୧.୩୦୦ |
| **୨. ଚଣ୍ଡେଶ୍ୱର ଶାଖା, ଫୋନ୍: ୮୦୭୪୧୯୫୩୩୨** | | | | | |
| ୧. | ୩୧୪୨୩୨୦୦୦୦୦୦୦୭୦ | ୨୪.୦୭.୨୦୨୨ | ତପନ କୁମାର ମହାପାତ୍ର | ଟ.୩,୪୧,୭୧୩/- | ୮୮.୯୦୦ |
| **୩. ଯୋଡା ଶାଖା, ଫୋନ୍: ୯୯୬୭୧୨୭୯୬୯** | | | | | |
| ୧. | ୨୬୨୧୦୩୧୩୨୦୦୦୦୮୮ | ୦୨.୦୬.୨୦୨୩ | ଲିପୁ ଦାସ | ଟ.୯,୦୯୬/- | ୨.୮୫୦ |
| ୨. | ୨୬୨୧୦୩୧୩୨୦୦୦୧୯୦ | ୩୦.୧୧.୨୦୨୩ | ସୁନିତା କରୁଆ | ଟ.୧୦,୦୧୧/- | ୪.୧୬୦ |
| **୪. ଭୀମପଡ଼ା ଶାଖା, ଫୋନ୍: ୯୪୮୧୬୮୩୧୨୫** | | | | | |
| ୧. | ୧୨୪୦୦୩୧୩୨୦୦୨୧୨୩ | ୦୫.୧୦.୨୦୨୩ | ନିରଞ୍ଜନ ମହାପାତ୍ର | ଟ.୧୫,୨୧୦/- | ୪.୩୦୦ |
| ୨. | ୧୨୪୦୦୩୧୩୨୦୦୨୧୨୪ | ୦୫.୧୦.୨୦୨୩ | ନିରଞ୍ଜନ ମହାପାତ୍ର | ଟ.୨୬,୯୦୮/- | ୭.୦୦୦ |
| ୩. | ୧୨୪୦୦୩୧୩୨୦୦୨୧୨୫ | ୦୫.୧୦.୨୦୨୩ | ନିରଞ୍ଜନ ମହାପାତ୍ର | ଟ.୩୦,୪୨୦/- | ୯.୪୦୦ |
| ୪. | ୧୨୪୦୦୩୧୩୨୦୦୨୧୨୬ | ୦୫.୧୦.୨୦୨୩ | ନିରଞ୍ଜନ ମହାପାତ୍ର | ଟ.୯,୩୬୧/- | ୩.୦୦୦ |
| ୫. | ୧୨୪୦୩୨୦୦୦୦୦୧୫୧୪ | ୦୫.୧୦.୨୦୨୩ | ନିରଞ୍ଜନ ମହାପାତ୍ର | ଟ.୪୪,୫୫୨/- | ୧୨.୨୦୦ |
| ୬. | ୧୨୪୦୩୨୦୦୦୦୦୧୫୧୫ | ୦୫.୧୦.୨୦୨୩ | ନିରଞ୍ଜନ ମହାପାତ୍ର | ଟ.୯୩,୫୫୯/- | ୨୫.୫୦୦ |
| ୭. | ୧୨୪୦୦୩୧୩୨୦୦୨୨୦୯ | ୨୭.୧୦.୨୦୨୩ | ଭାଷ ଦେଇ | ଟ.୧୦,୨୨୬/- | ୯.୧୦୦ |
| ୮. | ୧୨୪୦୦୩୧୩୨୦୦୩୪୮୩ | ୦୮.୧୦.୨୦୨୩ | ମମତା ମଲ୍ଲିକ | ଟ.୧,୦୦,୦୪୬/- | ୩୭.୧୦୦ |
| **୫. ଗୁଜିଦରଡା ଶାଖା, ଫୋନ୍: ୯୦୯୨୪୧୬୦୮୮** | | | | | |
| ୧. | ୦୯୩୭୩୨୦୦୦୦୦୦୦୮୭ | ୩୧.୦୩.୨୦୨୨ | ନିଶିକାନ୍ତ ରାଉତ | ଟ.୧,୩୦,୨୩୭/- | ୩୬.୦୦୦ |
| **୬. ଉଦଳା ଶାଖା, ଫୋନ୍: ୯୭୪୨୩୩୨୮୭୦** | | | | | |
| ୧. | ୨୬୩୧୦୩୨୧୪୦୦୦୦୨୬ | ୧୭.୧୨.୨୦୨୩ | ରାଜେନ୍ଦ୍ର ନାରାୟଣ ସାହୁ | ଟ.୪୯,୩୬୭/- | ୧୨.୦୦୦ |
| ୨. | ୨୬୩୧୦୩୨୧୪୦୦୦୦୨୭ | ୧୭.୧୨.୨୦୨୩ | ରାଜେନ୍ଦ୍ର ନାରାୟଣ ସାହୁ | ଟ.୩୦,୭୪୯/- | ୬.୭୦୦ |
| ୩. | ୨୬୩୧୦୩୧୩୨୦୦୧୦୭୧ | ୦୫.୦୮.୨୦୨୩ | ହେମନ୍ତ କୁମାର ବେହେରା | ଟ.୪୭,୯୦୫/- | ୧୩.୫୦୦ |
| ୪. | ୨୬୩୧୦୩୧୩୨୦୦୦୧୩୨ | ୩୦.୦୫.୨୦୨୨ | ସାଗର କୁମାର ବେହେରା | ଟ.୨,୦୩,୬୭୮/- | ୩୬.୭୫୦ |
| **୭. ବରମୁଣ୍ଡା ଶାଖା, ଫୋନ୍: ୯୪୩୯୨୬୪୭୭୯** | | | | | |
| ୧. | ୩୬୧୭୦୩୪୬୨୦୦୦୫୧୨ | ୦୩.୦୯.୨୦୨୩ | ଦାଶରଥି ଡାକୁଆ | ଟ.୫୪,୭୧୮/- | ୨୦.୦୦୦ |
| ୨. | ୩୬୧୭୦୩୪୬୨୦୦୦୫୮୩ | ୧୩.୧୧.୨୦୨୩ | ଜ୍ୟୋତ୍ସ୍ନାରାଣୀ ରତ୍ନା | ଟ.୩୫,୮୬୬/- | ୧୦.୦୦୦ |
| **୮. ଦଶରଥପୁର ଶାଖା, ଫୋନ୍: ୭୦୪୪୨୮୩୩୯୨** | | | | | |
| ୧. | ୨୬୩୦୦୩୨୪୬୦୦୦୦୦୨ | ୨୧.୦୭.୨୦୨୩ | କିରଣ କୁମାର ମିଶ୍ର | ଟ.୧,୭୭,୦୦୦/- | ୪୨.୨୦୦ |
| ୨. | ୨୬୩୦୩୨୦୦୦୦୦୧୦୫୪ | ୨୨.୦୩.୨୦୨୩ | କିରଣ କୁମାର ମିଶ୍ର | ଟ.୧,୮୨,୮୦୯/- | ୪୭.୯୦୦ |
| **୯. କନ୍ଷ୍ଟୋଲ ଶାଖା, ଫୋନ୍: ୭୦୦୮୩୨୪୭୨୦** | | | | | |
| ୧. | ୧୦୯୫୩୨୦୦୦୦୦୦୪୩୧ | ୧୯.୧୧.୨୦୨୩ | ସନ୍ଧ୍ୟାରାଣୀ ନାଏକ | ଟ.୩୧,୫୦୦/- | ୬.୯୮୦ |
| ୨. | ୧୦୯୫୩୨୦୦୦୦୦୦୨୨୪ | ୨୧.୦୯.୨୦୨୩ | ସୂର୍ଯ୍ୟ କେ ମଲ୍ଲିକ | ଟ.୨,୧୭,୫୭୭/- | ୫୬.୦୦୦ |
| ୩. | ୧୦୯୫୩୨୦୦୦୦୦୦୨୨୫ | ୨୧.୦୯.୨୦୨୩ | ସୁଶାନ୍ତ କୁମାର ସ୍ୱାଇଁ | ଟ.୬୩,୨୨୧/- | ୧୩.୫୦୦ |
| ୪. | ୧୦୯୫୩୨୦୦୦୦୦୦୫୦୪ | ୨୧.୧୧.୨୦୨୩ | ସୁଶାନ୍ତ ମଲ୍ଲିକ | ଟ.୧୭,୮୧୫/- | ୩.୯୦୦ |
| ୫. | ୧୦୯୫୩୨୦୦୦୦୦୦୪୩୪ | ୨୧.୧୧.୨୦୨୩ | ସୁଶାନ୍ତ ମଲ୍ଲିକ | ଟ.୪୫,୫୫୨/- | ୧୦.୨୦୦ |
| **୧୦. ଭଦ୍ରକ ଶାଖା, ଫୋନ୍: ୮୭୯୦୭୦୧୯୦୪** | | | | | |
| ୧. | ୦୭୯୩୦୩୧୩୨୦୦୦୫୭୨ | ୨୯.୧୧.୨୦୨୨ | ଚିତ୍ତରଞ୍ଜନ ସୁତାର | ଟ.୪୮,୭୬୦/- | ୧୪.୦୦୦ |
| ୨. | ୦୭୯୩୦୩୧୩୨୦୦୦୮୫୪ | ୧୩.୧୧.୨୦୨୩ | ସୁମିତ୍ରା ପାଢ଼ୀ | ଟ.୧୮,୮୧୩/- | ୫.୭୮୦ |
| ୩. | ୦୭୯୩୦୩୧୩୨୦୦୦୯୦୪ | ୨୪.୧୨.୨୦୨୩ | ମନୋରଞ୍ଜନ ପୁହାଣ | ଟ.୧୬,୮୩୮/- | ୪.୭୦୦ |
| **୧୧. ଚଟୁରିଖୁଣ୍ଟା ଶାଖା, ଫୋନ୍: ୯୪୩୮୩୨୩୦୬୩** | | | | | |
| ୧. | ୩୫୧୩୦୩୧୩୨୦୦୦୭୨୦ | ୦୭.୧୧.୨୦୨୩ | ରାଜେଶ କୁମାର ଦାସ | ଟ.୨୯,୦୦୦/- | ୮.୯୨୦ |
| ୨. | ୩୫୧୩୦୩୧୩୨୦୦୦୭୩୫ | ୦୭.୧୧.୨୦୨୩ | ରାଜେଶ କୁମାର ଦାସ | ଟ.୧,୦୫,୦୦୦/- | ୨୮.୦୦୦ |
| ୩. | ୩୫୧୩୦୩୪୬୨୦୦୦୧୮୧ | ୨୨.୦୭.୨୦୨୨ | କିଶୋର ଚନ୍ଦ୍ର ସ୍ୱାଇଁ | ଟ.୬୬,୦୬୪/- | ୩୪.୭୫୦ |

**ନିଲାମ ତାରିଖ: ୦୭.୦୨.୨୦୨୪**

**ନିଲାମ ସ୍ଥାନ: ସମ୍ପୃକ୍ତ ଶାଖା ପରିସରରେ । ସମୟ: ଅପରାହ୍ନ ୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା**

୧. ଇଚ୍ଛୁକ ନିଲାମଧାରୀମାନେ ଉପରଦର୍ଶିତ ନିଲାମ ତାରିଖ ଦିନ ଉପରୋକ୍ତ ଶାଖାରେ ସେମାନଙ୍କର ପାନ୍ କାର୍ଡ ଏବଂ ଆଧାର କାର୍ଡ ସହିତ ଫଟୋଗ୍ରାଫ, ବୈଧ ଫଟୋ ପରିଚୟ ପତ୍ର ଏବଂ ଠିକଣା ପ୍ରମାଣ ପତ୍ର ସହିତ ଉପସ୍ଥିତ ରହିବେ। ୨. ନିଲାମଧାରୀମାନେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ଅଳଙ୍କାର ଗୁଡ଼ିକର ଓଜନ ଏବଂ ବିଶୁଦ୍ଧତା ଇତ୍ୟାଦି ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍ ଏବଂ ଏ ବିଷୟରେ କୌଣସି ଆପତ୍ତି/ ଅଭିଯୋଗ/ ଦାବି ନିଲାମ ପରେ ପ୍ରଶ୍ରୟ ଦିଆଯିବ ନାହିଁ। ୩. ଇଚ୍ଛୁକ ନିଲାମଧାରୀ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ନିମନ୍ତେ ଅମାନତ ରାଶି **ଟ.୧,୦୦୦/- (ଏକ ହଜାର ଟଙ୍କା)** କ୍ୟାସ୍ / ବ୍ୟାଙ୍କ ଡ୍ରାଫ୍ଟ / ବ୍ୟାଙ୍କର୍ସ ଚେକ୍ ଆକାରରେ ଶାଖା ପ୍ରବନ୍ଧକଙ୍କ ନିକଟରେ ଦାଖଲ କରିବା ଆବଶ୍ୟକ। ୪. ଯଦି କୌଣସି ଏକ ନିର୍ଦ୍ଦିଷ୍ଟ ଅଳଙ୍କାର ନିମନ୍ତେ ଏକରୁ ଅଧିକ ନିଲାମଧାରୀ ଅଂଶଗ୍ରହଣ କରନ୍ତି ତେବେ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ। ୫. ସଫଳ ନିଲାମଧାରୀମାନେ ସେମାନଙ୍କ ସପକ୍ଷରେ ନିଲାମ ଚୂଡ଼ାନ୍ତ ହେବା ପରେ ଉକ୍ତ ଦିନ କିମ୍ବା ପରବର୍ତ୍ତୀ କାର୍ଯ୍ୟ ଦିବସ ଦିନ ସମସ୍ତ ନିଲାମ ରାଶି ବ୍ୟାଙ୍କ ଡ୍ରାଫ୍ଟ / ବ୍ୟାଙ୍କର୍ସ ଚେକ୍ / କ୍ୟାସ୍ ଆକାରରେ ସମ୍ପୃକ୍ତ ଶାଖାରେ ଦାଖଲ କରିବେ। ୬. ଯଦି ସଫଳ ନିଲାମଧାରୀ ଧାର୍ଯ୍ୟ ୨୪ ଘଣ୍ଟା ମଧ୍ୟରେ ନିଲାମ ରାଶି ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କୁ କୌଣସି ସୂଚନା ନ ଦେଇ ଅମାନତ ରାଶି ସହିତ ଦାଖଲ ରାଶି ବାଜ୍ୟାପ୍ତି କରାଯିବ। ୭. ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ କରିବା ପରେ ସର୍ବୋଚ୍ଚ ନିଲାମଧାରୀଙ୍କୁ **୭ ଦିନ** ମଧ୍ୟରେ ଅଳଙ୍କାର ହସ୍ତାନ୍ତରିତ କରାଯିବ। ୮. ସଫଳ ନିଲାମଧାରୀଙ୍କୁ ଅଳଙ୍କାର ଥରେ ବିକ୍ରି ହୋଇଯିବା ପରେ କୌଣସି ପରିସ୍ଥିତିରେ ବ୍ୟାଙ୍କ ଦ୍ୱାରା ତାହା ଫେରସ୍ତ ଦିଆଯିବ ନାହିଁ ଏବଂ ଏ ବାବଦରେ କୌଣସି ଦାବି / ଅଭିଯୋଗ / ବିବାଦକୁ ପ୍ରଶ୍ରୟ ଦିଆଯିବ ନାହିଁ। ୯. ଅସଫଳ ନିଲାମଧାରୀଙ୍କୁ ନିଲାମ ପରେ ଅମାନତ ରାଶି ସଙ୍ଗେ ସଙ୍ଗେ ଫେରସ୍ତ କରାଯିବ। ୧୦. ବିଳମ୍ବିତ ତାରିଖରେ ନିଲାମ ରାଶି ଗ୍ରହଣ କରିବା ବ୍ୟାଙ୍କର ସ୍ୱତନ୍ତ୍ର କ୍ଷମତା ଅଟେ। ୧୧. ବ୍ୟାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ। ୧୨. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ କୌଣସି କିମ୍ବା ସମସ୍ତ ଅଳଙ୍କାରର ନିଲାମକୁ ଗ୍ରହଣ / ବାତିଲ / ସ୍ଥଗିତ / ରଦ୍ଦ / ବନ୍ଦ କରିବାର ଅଧିକାରୀ ସଂରକ୍ଷିତ ରଖିଛି ଏବଂ ବ୍ୟାଙ୍କ ଏ ବାବଦରେ କାହା ନିକଟରେ ଉତ୍ତରଦାୟୀ ନୁହନ୍ତି ଏବଂ ଅମାନତ ରାଶି ନିଲାମଧାରୀଙ୍କୁ ଫେରସ୍ତ କରାଯିବ। ୧୩. ଦ୍ରଷ୍ଟବ୍ୟ ଏହି କି ଯେ ଋଣଗ୍ରହୀତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନ ଦେଇ ନିଲାମ ହୋଇନଥିବା ଅଳଙ୍କାରଗୁଡ଼ିକ ଅନ୍ୟ କୌଣସି ତାରିଖରେ ନିଲାମ କରାଯିବ। ୧୪. ବ୍ୟାଙ୍କ ଅଳଙ୍କାର / କଏନ୍‌ର ବିଶୁଦ୍ଧତା / ଓଜନର କୌଣସି ଗ୍ୟାରେଣ୍ଟି ଦିଏନାହିଁ। ୧୫. ଆଗ୍ରହୀ ନିଲାମଧାରୀମାନେ ସବିଶେଷ ବିବରଣୀ ନିମନ୍ତେ **ସମ୍ପୃକ୍ତ ଶାଖା କିମ୍ବା କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଯୋଗାଯୋଗ କରିପାରିବେ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୮.୦୧.୨୦୨୪

କ୍ଷମତାପ୍ରାପ୍ତ ଅଧିକାରୀ,
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


# ହିମନ୍ତ ସବୁଠୁ ଦୁର୍ନୀତିଗ୍ରସ୍ତ ମୁଖ୍ୟମନ୍ତ୍ରୀ: ରାହୁଲ

ଗୁଆହାଟୀ,୧୮।୧

କଂଗ୍ରେସର 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା' ଗୁରୁବାର ପଞ୍ଚମ ଦିବସରେ ଆସାମରେ ପହଞ୍ଚିଥିବାବେଳେ ସେଠାକାର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସରକାର ଉପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବର୍ଷିଛନ୍ତି। ହିମନ୍ତ ଦେଶର ସବୁଠୁ ଦୁର୍ନୀତିଗ୍ରସ୍ତ ମୁଖ୍ୟମନ୍ତ୍ରୀ ବୋଲି ରାହୁଲ ନ୍ୟାୟ ଯାତ୍ରାରେ ଉଦ୍‌ବୋଧନ ଦେଇ କହିଛନ୍ତି। କେବଳ ହିମନ୍ତ ନୁହନ୍ତି, ତାଙ୍କ ସ୍ତ୍ରୀ ଓ ପରିବାରର ଅନ୍ୟ ସଦସ୍ୟ ମଧ୍ୟ ଦୁର୍ନୀତିରେ ଜଡ଼ିତ। ସେ ଆସାମର ଲୋକମାନଙ୍କୁ କିଣିପାରିବେ ବୋଲ ଭାବୁଛନ୍ତି। ତାଙ୍କର ଏଭଳି ଚିନ୍ତାଧାରା ଭୁଲ୍ ବୋଲି ୱାୟନାଡ ଏମ୍‌ପି ରାହୁଲ କହିବା ସହ ପୁଣିଥରେ ଭାଜପା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘକୁ ଟାର୍ଗେଟ କରିଛନ୍ତି। ସେମାନେ ଦେଶରେ ଘୃଣାର ପ୍ରସାର କରାଇବା ସହ ଗୋଟିଏ ଧର୍ମର ଅନୁଗାମୀ ହୋଇ ଅନ୍ୟମାନଙ୍କ ବିରୋଧରେ ଲଢ଼େଇ କରିବାକୁ ପ୍ରବର୍ତ୍ତାଉଛନ୍ତି ବୋଲି ରାହୁଲ କହିଥିଲେ।

ଗୁରୁବାର ନାଗାଲାଣ୍ଡର ତୁଲିଅଞ୍ଚଳରୁ ଯାତ୍ରା ଆରମ୍ଭ ହୋଇ ସକାଳ ୯ଟା ସମୟରେ ଶିବସାଗର ଜିଲାର ହଲୌଟିଙ୍ଗ ଦେଇ ଆସାମରେ ପ୍ରବେଶ କରିଥିଲା। ପରେ ଏହି ଯାତ୍ରା ଜୋରହାଟ ଜିଲାରେ ପହଞ୍ଚିବା ପରେ ରାହୁଲ ଓ ଅନ୍ୟମାନେ ସେଠାରେ ରାତ୍ରିଯାପନ କରିଛନ୍ତି। ଶୁକ୍ରବାର ସକାଳେ ସେମାନେ ମଜୁଲି ଜିଲା ଅଭିମୁଖେ ବାହାରିବେ। ଗୁରୁବାର ମଧ୍ୟାହ୍ନରେ ଆସାମ ଜୋରହାଟରେ ନ୍ୟାୟ ଯାତ୍ରା ପହଞ୍ଚିବା ପରେ ସେଠାରେ ସରକାରଙ୍କ ନୂଆ ଯୋଜନାର ଫର୍ମ ନେବା ପାଇଁ ରୁଣ୍ଡ ହୋଇଥିବା ଗ୍ରାମାଞ୍ଚଳ ମହିଳାମାନେ ରାହୁଲଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଧାଡ଼ି ଛାଡ଼ି ପଳାଇଆସିଥିଲେ। ନ୍ୟାୟ ଯାତ୍ରା ବସ୍ ଅଟକିବା ପରେ ରାହୁଲ ବାହାରିଆସିଥିଲେ। କେତେଜଣ ମହିଳା ତାଙ୍କ ପାଦ ଛୁଇଁବାରୁ ରାହୁଲ ସେମାନଙ୍କୁ ବାରଣ କରିଥିଲେ। ପରେ ମହିଳାମାନେ ତାଙ୍କ ସହ ଫଟୋ ଉଠାଇଥିଲେ।



ଆସାମର ଜୋରହାଟରେଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସ୍ଥାନୀୟ ମହିଳାଙ୍କ ସହ ହାତ ମିଳାଉଛନ୍ତି।

# ଆଶାୟୀ ପ୍ରାର୍ଥୀଙ୍କୁ ପଚରାଗଲା କାହାକୁ ଦେବେ ଭୋଟ

## କଲ୍ ସେଣ୍ଟର ମାଧ୍ୟମରେ ମତାମତ ସଂଗ୍ରହ

ରାୟଗଡ଼ା,୧୮।୧(ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଶାର ଖ୍ୟାତନାମା ଗାୟକ ଅକ୍ଷୟ ମହାନ୍ତିଙ୍କ ଏକ ସଙ୍ଗୀତ ମନେପଡ଼େ- କାହାକୁ ଦେବ ଭୋଟ। ସାହିର ପିଲେ ସକାଳୁ ଅଜା ଓ ଆଈକୁ ଯାଇ ପଚାରୁଛନ୍ତି, ସେମାନେ କାହାକୁ ଦେବେ ଭୋଟ୍। ପରେ ଅଜା ଯାଇ ଆଈକୁ କହୁଛନ୍ତି- କାହାକୁ ଦେବୁ ଭୋଟ। ଶେଷରେ ଆଈ କହୁଛନ୍ତି- ତୁମେ ମୋତେ ଦିଅ ଭୋଟ ଆଉ ମୁଁ ତୁମକୁ ଦେବି ଭୋଟ।

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ରାଜନୈତିକ ଦଳ କଲ୍‌ସେଣ୍ଟର ପଦ୍ଧତି ଆପଣେଇଥିବା ଦେଖାଯାଉଛି। ସେଠାରୁ ଭୋଟରଙ୍କ ପାଖକୁ ଯାଉଛି କଲ୍। କୌତୂହଳ ବିଷୟ ଯେ, ନିର୍ବାଚନ ପାଇଁ ଆଶାୟୀ ପ୍ରାର୍ଥୀଙ୍କୁ ମଧ୍ୟ ପଚରାଯାଉଛି ସେ କାହାକୁ ଦେବେ ଭୋଟ୍। ଅର୍ଥାତ୍ ଫୋନ୍ ନମ୍ବର ସଂଗ୍ରହ କରାଯାଇ କଲ୍ କରାଯାଉଛି। ଏହିଭଳି କଲ୍ ସେଣ୍ଟରରୁ ଫୋନ୍ ଆସିଥିବା ନଜରକୁ ଆସିଛି ଗୁଣପୁର ନିର୍ବାଚନମଣ୍ଡଳୀରେ। ଗୁଣପୁର କଂଗ୍ରେସର ଆଶାୟୀ ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗଙ୍କୁ ଜଣେ ଫୋନ୍ କରି ସେ କାହାକୁ ଦେବେ ଭୋଟ ବୋଲି ପଚାରିଥିଲେ। ଭୋଟରଙ୍କ ଦ୍ୱାରା ଦିଆଯାଉଥିବା ତଥ୍ୟର ଗୋପନୀୟତା ବଜାୟ ରହିବା ପ୍ରତିଶ୍ରୁତି ଦେଇ ପ୍ରଥମ ପ୍ରଶ୍ନରେ ନାମ ଓ କେଉଁ ବିଧାନସଭା ଆସନର ଭୋଟର ବୋଲି ପରିଚୟ ମଗାଯାଉଛି। ଏହାପରେ ଦ୍ୱିତୀୟ ପ୍ରଶ୍ନରେ ଗତ ନିର୍ବାଚନରେ କାହାକୁ ଭୋଟ ଦେଇଥିଲେ ଏବଂ ଆଗାମୀ ସାଧାରଣ ନିର୍ବାଚନରେ କାହାକୁ ଭୋଟ ଦେବେ ବୋଲି ପଚରାଯାଉଛି। ଉତ୍ତରରେ ଭୋଟର କାହାକୁ ପସନ୍ଦ କରିବେ ତାହା ପ୍ରକାଶ କରିବା ପାଇଁ ବାଧ୍ୟ ନୁହନ୍ତି କହିବା ପରେ ନିଜକୁ ଭୁବନେଶ୍ୱର ନିର୍ବାଚନ ଅଫିସରୁ ବୋଲି ପରିଚୟ ଦେଇ ତଥ୍ୟର ଗୋପନୀୟତା ବଜାୟ ରହିବ ବୋଲି କଲ୍ ସେଣ୍ଟର କର୍ମଚାରୀ ଦୋହରାଉଥିବା ଶୁଣିବାକୁ ମିଳୁଛି। ଆହୁରି ରୋଚକ କଥା ହେଉଛି, ସତ୍ୟଜିତଙ୍କୁ ଆସିଥିବା ଫୋନ୍ କଲ୍‌ରେ ଆପଣ ଗୁଣପୁର ବିଧାନସଭା ଆସନ ପାଇଁ ସତ୍ୟଜିତ ଗମାଙ୍ଗ, ବିଜୟ ଗମାଙ୍ଗ, ଭାସ୍କର ଜାଗେରାଙ୍ଗା ଏବଂ ବିଜେଡିର ରଘୁନାଥ ଗମାଙ୍ଗଙ୍କ ମଧ୍ୟରୁ କାହାକୁ ଭୋଟ ଦେବେ ଏବଂ କୋରାପୁଟ ଲୋକ ସଭା ଆଶାୟୀ ପ୍ରାର୍ଥୀ ସପ୍ତଗିରି ଉଲାକା, ଝିନ୍ନ ହିକକା ଓ କୌଶଲ୍ୟା ହିକକାଙ୍କ ମଧ୍ୟରୁ କାହାକୁ ଭୋଟ ଦେବେ ବୋଲି ପଚରାଯାଇଥିବା ସତ୍ୟଜିତ ପ୍ରକାଶ କରିଛନ୍ତି। ଶେଷରେ ଯେତେବେଳେ ଗୁଣପୁରରେ କଂଗ୍ରେସର ଆଶାୟୀ ପ୍ରାର୍ଥୀ ସେ ନିଜେ ବୋଲି ପରିଚୟ ଦେଇଥିଲେ, କର୍ମଚାରୀ ଜଣକ ହସି ଦେଇ ଫୋନ୍ କାଟି ଦେଇଥିଲେ ବୋଲି ସତ୍ୟଜିତ କହିଛନ୍ତି।

କେବଳ ସତ୍ୟଜିତ ନୁହନ୍ତି, ଏହିଭଳି ଫୋନ କଲ୍ ଆସୁଥିବା ନେଇ ତାଙ୍କ ସମର୍ଥକମାନେ କହିଛନ୍ତି। ଉକ୍ତ ଫୋନ୍ କଲ୍ ମାଧ୍ୟମରେ ରାଜନୈତିକ ଦଳ କରୁଥିବା ସର୍ଭେ ଓ ସିଧାସଳଖ ଭୋଟରଙ୍କ ନିକଟକୁ ଯିବା ବଦଳରେ ସୋସିଆଲ ମିଡ଼ିଆ ଏବଂ କଲ୍‌ସେଣ୍ଟର ପଦ୍ଧତି ଏଥର ନିର୍ବାଚନକୁ ବେଶ ସରଗରମ କରୁଥିବା ଦେଖିବାକୁ ମିଳିଛି।

# ବିଜେଡିରେ ମିଶିଲେ ଭାଜପା, କଂଗ୍ରେସ କର୍ମୀ

ନବରଙ୍ଗପୁର,୧୮।୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ବାସଭବନରେ ଗୁରୁବାର ଏକ ମିଶ୍ରଣ ପର୍ବ କରାଯାଇଛି। ନବରଙ୍ଗପୁର ବ୍ଲକ ଚୋଟାହାଣ୍ଡି ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ମନ୍ଦର ମାଝି, ବକ୍ସାଗୁଡ଼ା ଗ୍ରାମର ୱାର୍ଡ ମେମ୍ବର କୃତ୍ତିବାସ ତନ୍ତୀ ଓ ହରି ଜାନୀ, ସୁନ୍ଦର ସିଂହ ମାଝି, ଜଗନ୍ନାଥ ମାଝି, କୃଷ୍ଣ ଗୌଡ଼ଙ୍କ ସମେତ କେତେଜଣ କଂଗ୍ରେସ ଓ ଭାଜପା କର୍ମୀ ଦଳ ଛାଡ଼ି ବିଜେଡିରେ ମିଶିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ରାଜ୍ୟରେ ବିଜେଡି ପକ୍ଷରୁ କରାଯାଉଥିବା ବିକାଶ ଧାରାରେ ଅନୁପ୍ରାଣିତ ହେବା ସହ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ଦୃଢ଼ ନେତୃତ୍ୱକୁ ସମର୍ଥନ ଜଣାଇ ବିଜେଡିରେ ମିଶିଥିବା ନୂତନ କର୍ମୀମାନେ କହିଛନ୍ତି। ବିଧାୟକ ପ୍ରଧାନୀ ସେମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏଥିରେ ଜିଲା ସହପର୍ଯ୍ୟବେକ୍ଷକ ଦେବାଶିଷ ପାତ୍ର, କୋରାପୁଟ ଜୋନ୍ ସଭାପତି ତାପସ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷ ଶରତ ଭତ୍ରା, ବ୍ଲକ ସଭାପତି ଲକି ଭତ୍ରା, ଚଟାହାଣ୍ଡି ସରପଞ୍ଚ, ନନ୍ଦାହାଣ୍ଡି ବ୍ଲକ ଜିଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ଅବିନାଶ ମହାପାତ୍ର, ବସନ୍ତ ପଟ୍ଟନାୟକ, ଦେବରାଜ ନାୟକ ଉପସ୍ଥିତ ଥିଲେ।

# ପ୍ରଶାନ୍ତ ହେଲେ ସୁହାଇବ, ଅମରେନ୍ଦ୍ର ଅଡୁଆ

## ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ | ବିଜେଡି ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନେଇ ଭାଜପା, କଂଗ୍ରେସର ଆକଳନ

ଜଗତ୍‌ସିଂହପୁର, ୧୮।୧
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ଆବହାଓ୍ୱା ବେଶ୍ ପରିଲକ୍ଷିତ ହେଲାଣି। ବିଶେଷକରି ବିଜେଡି ରାଜନୀତି ବିଭିନ୍ନ ପ୍ରକାର ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଏହି ଆସନରୁ ଗତ ନିର୍ବାଚନରେ ବିଜେଡି ଟିକେଟ୍ ପାଇ ବିଧାୟକ ହୋଇଥିବା ପ୍ରଶାନ୍ତ ମୁଦୁଲିଙ୍କୁ ଦଳର ପୂର୍ବତନ ଜିଲା ସଭାପତି ତଥା ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ କଡ଼ା ଟକ୍କର ଦେଉଥିବା ନେଇ ଆଲୋଚନା ହେଉଛି। ଏହାର ଦୃଷ୍ଟାନ୍ତ ଅମରେନ୍ଦ୍ର ଏକାଧିକ ସମାବେଶରେ ପ୍ରତିପାଦିତ କରିଛନ୍ତି। ଗତ ୧୦ ତାରିଖରେ ଜଗତ୍‌ସିଂହପୁର ସହରରେ ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମୀ ସମାବେଶ କରି ସେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ଏଭଳି ସ୍ଥିତିରେ ଜଗତ୍‌ସିଂହପୁର ବିଜେଡି ଏକପ୍ରକାର ଦୁଇ ଫାଳ ହୋଇ ଯାଇଥିବା ଲକ୍ଷ୍ୟ କରାଯାଉଥିବା ବେଳେ କଂଗ୍ରେସ ଓ ଭାଜପା ଉଭୟ ନେତାଙ୍କ କାର୍ଯ୍ୟକ୍ରମ ଉପରେ ତୀକ୍ଷ୍ଣ ନଜର ରଖିବା ସହ ସମ୍ଭାବ୍ୟ ସ୍ଥିତିକୁ ନେଇ ଅନୁମାନ ଲଗାଇଛନ୍ତି। ବିଜେଡିରୁ କିଏ ପ୍ରାର୍ଥୀ ହେଲେ ସେମାନଙ୍କ ଦଳକୁ ଲାଭ କିମ୍ବା କ୍ଷତି ହେବ, ତା' ଉପରେ ଅଙ୍କକଷା ଆରମ୍ଭ କରିଦେଇଛି।

ଜଗତ୍‌ସିଂହପୁର କଂଗ୍ରେସ ଜିଲା ସଭାପତି ନଟବର ବାରିକ ପ୍ରତିକ୍ରିୟାରେ କହିଛନ୍ତି, ଅମରେନ୍ଦ୍ର ପ୍ରାର୍ଥୀ ହେଲେ କେତେକାଂଶରେ କଂଗ୍ରେସ କ୍ଷତିରେ ପଡ଼ିପାରେ। କାରଣ ସେ ଜଗତ୍‌ସିଂହପୁର ମାଟିର ପୁଅ। ନିର୍ବାଚନମଣ୍ଡଳୀର ଭୋଟର ବିଶେଷକରି ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ଲାଗି ଦଳୀୟ କାର୍ଯ୍ୟକ୍ରମ ମାଧ୍ୟମରେ ସେ ଶକ୍ତି ବୃଦ୍ଧି କରୁଥିବାରୁ ତାହା କଂଗ୍ରେସ ପ୍ରତି ଆହ୍ୱାନ ସୃଷ୍ଟି କରିପାରେ। କିନ୍ତୁ କଂଗ୍ରେସର ସେଭଳି ପ୍ରାର୍ଥୀ ହେଲେ କିଛି ପ୍ରଭାବ ପଡ଼ିବ ନାହିଁ। ପ୍ରଶାନ୍ତଙ୍କ ଉପରେ କହିଥିଲେ, ସେ ଜଣେ ବରିଷ୍ଠ ନେତା। ୩ ଥର ବିଧାୟକ ହେଲେଣି। କିନ୍ତୁ ବିକାଶ ନୁହେଁ, ମୁଖ୍ୟମନ୍ତ୍ରୀ ଓ ଶଙ୍ଖ ଚିହ୍ନଙ୍କୁ ସେ ସମ୍ବଳ କରିଛନ୍ତି। ଜଗତ୍‌ସିଂହପୁର ବିଧାନସଭା ଆସନ ପାଇଁ ବିଜେଡିରୁ କିଏ ଟିକେଟ ପାଇବେ ଆଗାମୀ ଦିନରେ ଜଣାପଡ଼ିବ। କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ପ୍ରଶାନ୍ତ ପ୍ରାର୍ଥୀ ହେଲେ କଂଗ୍ରେସ ଉପରେ ବିଶେଷ କିଛି ଫରକ ପଡ଼ିବ ନାହିଁ। କିନ୍ତୁ ଯଦି ଚିରଞ୍ଜୀବ ବିଶ୍ୱାଳଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇ ତାଙ୍କୁ ପୁଣି ଥରେ କଂଗ୍ରେସ ପ୍ରାର୍ଥୀ କରେ, ତେବେ ବିଜେଡିର ଯିଏ ପ୍ରାର୍ଥୀ ହେଲେ ବି କିଛି ଫରକ ପଡ଼ିବ ନାହିଁ। ଏବେ ଯାହାସବୁ ଦେଖିବାକୁ ମିଳୁଛି ସମସ୍ତ ଆଗଧାଡ଼ିଆ ନେତା ଛକାପଞ୍ଝାରେ ଅଛନ୍ତି। ଭାଜପା-ବିଜେଡି ଭାଇଭାଇ ପରି କାମ କରୁଛନ୍ତି। ନିର୍ବାଚନ ସମୟରେ ଅନେକେ ଦଳବଦଳ କରିଥାନ୍ତି। ତେଣୁ ଆଗକୁ ରାଜନୈତିକ ଚିତ୍ରପଟ କ'ଣ ରହିବ ତାହା ସମୟ କହିବ ବୋଲି ବାରିକ କହିଛନ୍ତି।

ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର ମଧ୍ୟ ଅନୁରୂପ ମତ ରଖିଛନ୍ତି। ସେ କହିଛନ୍ତି, ବିଜେଡିର ଦୁଇ ନେତା ଟିକେଟ୍ ପାଇଁ ଲବି ଜାରି ରଖିଛନ୍ତି। ଅମରେନ୍ଦ୍ର ମାଟିର ପୁଅ ଓ ଯୁବଗୋଷ୍ଠୀଙ୍କୁ ସମ୍ବଳ କରିଛନ୍ତି। ଗତ ନିର୍ବାଚନରେ ସେ ବିଜେଡି ଟିକେଟ୍ ପାଇଁ ଦାବିଦାର ଥିଲେ। କିନ୍ତୁ ପାଇ ନ ଥିଲେ। ସେବେଠାରୁ ସେ ସାଙ୍ଗଠନିକ କାର୍ଯ୍ୟକୁ କ୍ରିୟାଶୀଳ କରୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ପ୍ରଶାନ୍ତ ବାଲିକୁଦା-ଏରସମା ବିଧାନସଭା ଆସନରୁ ଆସି ପ୍ରଥମ ଥର ଜଗତ୍‌ସିଂହପୁରରେ ଲଢ଼େଇ କରି ବିଧାୟକ ହୋଇଛନ୍ତି। ଦଳ ଜିଲା ସଭାପତି ସହିତ ସରକାରୀ ମୁଖ୍ୟ ସଚେତକ ପଦବୀ ଅଳଙ୍କୃତ କରିଛନ୍ତି। କ୍ଷମତା ବଳରେ ବିଶେଷ ଲାଭବାନ ହେଉଛନ୍ତି। ଦଳୀୟ କର୍ମୀଙ୍କୁ ରୋଜଗାର ଦେଇଛନ୍ତି। କିନ୍ତୁ ଲୋକଙ୍କୁ ଲାଭ ମିଳୁନାହିଁ। ନିର୍ବାଚନମଣ୍ଡଳୀରେ ଆଞ୍ଚଳିକ ଓ ବାହାର ନେତା ପ୍ରସଙ୍ଗ ତୀବ୍ର ହେବାରେ ଲାଗିଛି। ପ୍ରଶାନ୍ତ ଟିକେଟ୍ ପାଇଲେ ଭାଜପା ବିଶେଷ ଲାଭବାନ ହେବ। ମୋଟାମୋଟି କହିବାକୁ ଗଲେ ବିଜେଡିରୁ ଯିଏ ପ୍ରାର୍ଥୀ ହେଲେ ଭାଜପାର କ୍ଷତି ହେବନାହିଁ ବୋଲି ମହାପାତ୍ର ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ନିର୍ବାଚନ ପରେ କଂଗ୍ରେସ ନେତା ଚିରଞ୍ଜୀବ ବିଜେଡିରେ ମିଶିବେ ବୋଲି ମଝିରେ ମଝିରେ ଚର୍ଚ୍ଚା ଚାଲିଛି। ଏବେ ବି ଏହା ଉପରେ ପୂର୍ଣ୍ଣଚ୍ଛେଦ ପଡ଼ିନାହିଁ। ଏଭଳି ସ୍ଥିତିରେ ବିଜେଡି କେଉଁ ନେତାଙ୍କୁ ଦଳୀୟ ଟିକେଟ ଦେଉଛି ତା' ଉପରେ ସମସ୍ତଙ୍କ ନଜର।



ପ୍ରଶାନ୍ତ ମୁଦୁଲିଙ୍କ



ଅମରେନ୍ଦ୍ର ଦାସ

# ଶିକ୍ଷାକୁ ଘରୋଇକରଣ କରି ଶୋଷଣ କରୁଛନ୍ତି ରାଜ୍ୟ ସରକାର: ମୋହନ

ଭୁବନେଶ୍ୱର,୧୮।୧(ଅନିଲଦାସ)

ସରକାରୀ ବୈଷୟିକ କଲେଜକୁ ଘରୋଇକରଣ କରିବା ପାଇଁ ରାଜ୍ୟ ସରକାର ଚକ୍ରାନ୍ତ କରିଛନ୍ତି। ୨୪ ବର୍ଷର ବିଜେଡି ସରକାର ବିଭିନ୍ନ ସମୟରେ ୫-ଟି ନାଁକୁ ନେଇ ସ୍କୁଲ ରୂପାନ୍ତରଣ ଓ ପ୍ରତିଷ୍ଠା ନାଁରେ ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ବୈଷୟିକ ଶିକ୍ଷା ବ୍ୟବସ୍ଥାରେ ରାଜ୍ୟ ସରକାର ବହୁ ଚଞ୍ଚକତା କରି ଶିକ୍ଷାନୁଷ୍ଠାନଗୁଡ଼ିକୁ ଘରୋଇକରଣ କରିବା ଓ ରୂପାନ୍ତରଣ ନାଁରେ ବାହାର ରାଜ୍ୟର ଠିକାଦାରଙ୍କ ଜରିଆରେ ଶହ ଶହ କୋଟି ଟଙ୍କାର କାମ କରାଇ ଶାସକ ଦଳର ନେତା, ଅସାଧୁ ସରକାରୀ ଅଫିସରମାନେ ମୁନାଫା କମାଉଛନ୍ତି ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି। ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ,ରାଜ୍ୟ ସରକାର ୫-ଟି ମାଧ୍ୟମରେ ପ୍ରତ୍ୟେକ ପ୍ରତିଷ୍ଠାନ ଓ ଶିକ୍ଷାନୁଷ୍ଠାନକୁ ବିଶ୍ୱସ୍ତରୀୟ ପାଇଁ ଯୋଜନା କରିବା ସହ ବିଜ୍ଞାପନ ମାଧ୍ୟମରେ ପ୍ରଚାର ପ୍ରସାର କରୁଛନ୍ତି।

ଅନ୍ୟପକ୍ଷରେ ରାଜ୍ୟର ୩ଟି ବୈଷୟିକ ସରକାରୀ କଲେଜ ଯଥା- ଜିସିଇ କେନ୍ଦୁଝର, ସିଆଇଟିଇ ଭୁବନେଶ୍ୱର, ଢେଙ୍କାନାଳସ୍ଥିତ ଆଇଜିଆଇଟି ସରାଙ୍ଗର ପଲିଟେକ୍‌ନିକ୍ ବିଭାଗକୁ ଘରୋଇକରଣ କରିବା ପାଇଁ ରାଜ୍ୟ ସରକାର ଚକ୍ରାନ୍ତ କରିଛନ୍ତି ବୋଲି ମାଝି କହିଛନ୍ତି। ଆଗାମୀ ନିର୍ବାଚନ ପାଇଁ ରାଜ୍ୟ ସରକାର ସରକାରୀ ମହାବିଦ୍ୟାଳୟକୁ ଘରୋଇକରଣ କରି ଯେଉଁ ମୋଟା ଅଙ୍କର ଟଙ୍କା ଆଣିବାର ପ୍ରୟାସ କରୁଛି ତାହାକୁ ଭାଜପା ସଫଳ କରିବାକୁ ଦେବ ନାହିଁ। ରାଜ୍ୟ ସରକାର ଓଡ଼ିଶାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ବୋଲି ମୋହନ କହିଛନ୍ତି।


# Classified Everyday 0674-2580101, 2549949




**SALE**

Duplex project at Retang Medical, Station, Market, CV Raman, Tamando, Bhubaneswar. 9777553622. D-75296

Duplex sale at Bhubaneswar @ 57 lakhs only. Contact: 9777433701. D-75294

ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-75292

**Ready to move luxurious flat for sale at Acharya Vihar. Contact- 9437307086, 7978209277.** D-2286




**MIG-I-94, total building 3rd floor (4000 sqft.), Mukunda Prasad Housing Board Colony, Jemadeipur near Industrial Police Station, Bypass Road, Khordha. Only Govt. Office, Bank & Company. Mob.: 6371234011, 7608824414.** D-2295

**ACCOMMODATION**

Required Building for Office: Independent duplex building is required on rent for Office for a TRUST at Kalinganagar, Ghatikia. Interested landlord may contact to Mob: 9937786833 for price and term of agreement. D-75702




Newly health benefited SPA expert therapist at Mastercanteen. Contact: 7749034655. D-75185

**Relax, Refresh your Body, Mind at Saikrupa Spa with best therapies. 8984068077.** D-2209

Newly open health benefits SPA special offer @ 799 Bapuji Nagar. 8018429809. D-75183

Newly open health benefits SPA special offer @ 999 Bapujinagar. 8018429809. D-75189

Spa Kerala body Massage best Therapist @699/- Bhubaneswar. kajal-9337672475. D-2252

Newly open Jyoti SPA positively health benefits (expert therapist). 8458067955. D-75182

**AFFIDAVIT**

I, Debajani Pradhan, W/o- Jalandhar Pradhan, resident of At-Plot No. 853/1240/1894, Chandimata Colony, Rasulgarh, BBSR, P.O./P.S.- Mancheswar, Dist.-Khordha, PIN- 751010, Odisha declare by this affidavit No.- 9/2024 dtd.- 18.01.2024 that now onwards I shall be known as DEBAJANI ROUTRAY for all future purposes. D-2304

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Pranati Das, W/o- Subrata Kumar Das, At- Akatpur, Mandalbagicha, P.O- Sunhat, Dist.- Balasore declare that in my Passport my husband's name has been mentioned as Subrata Das instead of Subrata Kumar Das. But both the names of my husband is one and same person. D-2305

By virtue of an affidavit before Notary Public dtd. 18 Jan. 2024 has been changed from Kristo Nayak to Krushna Chandra Nayak, S/o- Shatrughna Nayak, At- Guhaldihi, P.S.- Soro, Dist.- Balasore for all purposes. D-2302

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରଘୁନାଥ ଚୌଧୁରୀ
ଶାଳେଶ୍ୱର, ପାହାଳ
ମାଘ କୃଷ୍ଣପକ୍ଷ ତୃତୀୟା
ଆପଣଙ୍କ ଅମର ଆତ୍ମା ଶାନ୍ତିଲାଭ କରୁ, ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଆମର ଏତିକି ପ୍ରାର୍ଥନା।
ଇତି ଆପଣଙ୍କର ପୁତ୍ର: ଅଶୋକ, ଅଜିତ୍, ବନ୍ଧୁ ଓ ପରିବାରବର୍ଗ ।
ଧ-୨୩୦୩

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

#HOCKEYINVITES

ENROUTETOPARIS

FIH HOCKEY OLYMPIC QUALIFIERS 2024 RANCHI

HOCKEY INDIA

FREE ENTRY

# FIH HOCKEY OLYMPIC QUALIFIERS RANCHI 2024

## MARANG GOMKE JAIPAL SINGH ASTROTURF HOCKEY STADIUM, RANCHI

### TODAY'S MATCHES

**TIME: 10:30**
Loser Match 13 VS Loser Match 14

**TIME: 13:30**
Winner Match 13 VS Winner Match 14

**TIME: 16:30**
Loser Match 15 VS Loser Match 16

**TIME: 19:30**
Winner Match 15 VS Winner Match 16

### 19 JANUARY 2024

# FINAL

19:30 ONWARDS

INDIA

WATCH LIVE ON

sports 18 JioCinema

STADIUM ENTRY (FOR SPECTATORS) 08:30 am Onwards



HEMANT SOREN
Chief Minister, Jharkhand

GLOBAL PARTNERS: ODISHA INDIA'S BEST KEPT SECRET. Watch Hockey

NATIONAL PARTNERS: ODISHA INDIA'S BEST KEPT SECRET.

GLOBAL SUPPLIER: polytan

NATIONAL SUPPLIERS: SHALBY DIVINE, Limca Sportz

INFORMATION & PUBLIC RELATIONS DEPARTMENT, JHARKHAND

PR- 316480 (IPRD) 2023-24

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୯/୨୦୨୪ Bhubaneswar, Friday, January 19/ 2024

# ତୃତୀୟ ରାଉଣ୍ଡରେ ସ୍ୱିଟେକ୍

**ମେଲବର୍ନ,୧୮।୧(ପି.ଟି.)**

ଟେନିସ୍ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ଟପ୍ ସିଡ୍ ଇଗା ସ୍ୱିଟେକ୍। ୨୦୨୨ ରନର ଅପ୍ ଡାନିଏଲ୍ କଲିନ୍ସଙ୍କ ବିପକ୍ଷ ମ୍ୟାଚ୍‌କୁ ୬-୪, ୩-୬ ଓ ୬-୪ରେ ଜିତି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ସ୍ୱିଟେକ୍। ଅନ୍ତିମ ରାଉଣ୍ଡରେ ୧-୪ରେ ପଛୁଆ ରହିଥିବା ବେଳେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ସେ ଏହି ମ୍ୟାଚକୁ ଜିତି ନେଇଥିଲେ। ମ୍ୟାଚ୍ ପରେ ଏହି ବିଜୟକୁ ଏକ ଚମତ୍କାର ବୋଲି କହିଥିଲେ ସ୍ୱିଟେକ୍। ସମ୍ଭବତଃ ମୁଁ ଏୟାରପୋର୍ଟରେ ପହଞ୍ଚି ଯାଇଥିଲି। ତେବେ ଶେଷ ପର୍ଯ୍ୟନ୍ତ ଲଢେଇ ଜାରି ରଖିବାକୁ ନିଷ୍ପତ୍ତି ନେବା ସହ ସହ ବିଜୟୀ ହୋଇଥିଲି ବୋଲି କହିଛନ୍ତି ସ୍ୱିଟେକ୍। ଏହି ମ୍ୟାଚ୍‌ଟି ୩ ଘଣ୍ଟା ୧୪ ମିନିଟ ଧରି ଚାଲିଥିଲା। ଅନ୍ୟ ମହିଳା ଖେଳାଳିଙ୍କ ମଧ୍ୟ ସ୍ଲୋନ୍ ଷ୍ଟିଫେନ୍ସ୪-୬, ୬-୩, ୬-୩ରେ ଦାରିଆ କାସାଟକିନାଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ମହିଳା ଖେଳାଳିଙ୍କ ମଧ୍ୟରେ ତୃତୀୟ ସିଡ୍‌ର ମାନ୍ୟତା ପାଇଥିବା ଏଲିନା ରିବାକିନାଙ୍କୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇଛନ୍ତି ଅଣସିଡେଡ୍ ଆନ୍ନା ବ୍ଲିଙ୍କୋଭା। ୬-୪, ୪-୬ ଓ ୭-୬(୨୨-୨୦)ରେ ଏହି ମ୍ୟାଚ୍‌କୁ ଜିତି ନେଇଥିଲେ ବ୍ଲିଙ୍କୋଭା। ପ୍ରଥମ ସେଟ ଆନ୍ନା ଜିତିବା ପରେ ଦ୍ୱିତୀୟ ସେଟରେ ପ୍ରତ୍ୟାବର୍ତ୍ତନ କରିଥିଲେ ରିବାକିନା। ଅନ୍ତିମ ସେଟ୍‌ରେ ଉଭୟ ଖେଳାଳି ବିଜୟ ପାଇଁ କଡା ସଂଘର୍ଷ କରିଥିବା ବେଳେ ଟାଇବ୍ରେକରକୁ ୨୨-୨୦ରେ ଜିତି ନେଇଥିଲେ ବ୍ଲିଙ୍କୋଭା। ସେହିପରି ଜସ୍ମିନ୍ ପାଓଲିନ୬-୨, ୬-୩ ସେଟ୍‌ରେ ଟାଟଜାନା ମାରିଆଙ୍କୁ,ଅଣ ସିଡେଡ୍ କ୍ଲାରା ବୁରେଲ୍ ୬-୪, ୬-୨ରେ ୫ ନମ୍ବର ସିଡ୍ ଜେସିକା ପେଗୁଲାଙ୍କୁ, କ୍ୱିନୱେନ ଝେଙ୍ଗ ୬-୩, ୬-୩ ସେଟ୍‌ରେ କେଟି ବୋଲ୍ଟରଙ୍କୁ, ୱାଙ୍ଗ ୟାଫାନ ୬-୪, ୪-୬ ଓ ୬-୪ ସେଟରେ ଏମା ରାଡୁକାନୁଙ୍କୁ, ଏଲିନା ସ୍ୱିତୋଲିନା ୬-୧, ୬-୩ରେ ଭିକ୍ଟୋରିଆ ଟୋମୋଭାଙ୍କୁ, ଭିକ୍ଟୋରିଜା ଗୁଲ୍‌ବିକ୍ ୬-୩, ୨-୬, ୬-୪ ସେଟ୍‌ରେ କାଟାରିନା ସିନିଆକୋଭାଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ।

ପୁରୁଷ ଖେଳାଳିଙ୍କ ମଧ୍ୟରେ ୬ ନମ୍ବର ସିଡ୍ ଜର୍ମାନୀର ଆଲେକଜାଣ୍ଡାର ଜେଭରେଭ୍ ସଂଘର୍ଷପୂର୍ଣ୍ଣ ବିଜୟ ସହ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଲୁକାସ୍ କ୍ଲେନ୍‌ଙ୍କୁ ୭-୫, ୩-୬, ୪-୬, ୭-୬(୭-୫) ଓ ୭-୬(୧୦-୭)ରେ ପରାସ୍ତ କରିଥିଲେ ଜେଭ୍‌ରେଭ୍। ପ୍ରଥମ ସେଟ୍‌କୁ ଜିତିଥିଲେ ମଧ୍ୟ ପରବର୍ତ୍ତୀ ୨ ସେଟ୍‌ରେ ପରାଜିତ ହୋଇଥିଲେ। ତେବେ ଅନ୍ତିମ ୨ ସେଟ୍‌କୁ ଟାଇବ୍ରେକରରେ ଜିତି ନେଇଥିଲେ ଜେଭରେଭ୍। ଅନ୍ୟ ଖେଳାଳିଙ୍କ ମଧ୍ୟରେ ଆଲେକ୍ସ ମିଚେଲସେନ୍ ୪-୬, ୬-୩, ୬-୪ ଓ ୬-୪ ରେ ଜିରି ଲେହେକାଙ୍କୁ କାମେରନ୍ ନୋରି ୩-୬, ୬-୭, ୬-୨, ୬-୪ ଓ ୬-୪ ରେ ଗିଉଲିଓ ଜେପେଇରୀଙ୍କୁ, କାସ୍ପର ରୁଡ୍ ୬-୩, ୭-୬(୭), ୬-୩, ୩-୬ ଓ ୭-୬(୧୦)ରେ ମ୍ୟାକ୍ସ ପର୍ସେଲଙ୍କୁ, ଟମି ପଲ୍ ୬-୨, ୩-୬, ୬-୩ ଓ ୭-୫ ସେଟ୍‌ରେ ଜ୍ୟାକ୍ ଡ୍ରେପରଙ୍କୁ , କାର୍ଲୋସ୍ ଅଲକାରାଜ ଗାର୍ଫିଆ ୬-୪, ୭-୬(୭), ୬-୩ ଓ ୭-୬(୭)ରେ ଲରେଞ୍ଜୋ ସୋନେଗୋଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ।


କ୍ଲାରା ବୁରେଲ୍

## ନାଗାଲ ପରାସ୍ତ: ବୋପାନ୍ନା-ଇବ୍‌ଡେନ୍ ଦ୍ୱିତୀୟ ରାଉଣ୍ଡରେ

ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାରେ ସୁମିତ୍ ନାଗାଲଙ୍କ ଚ୍ୟାଲେଞ୍ଜ ଶେଷ ହୋଇଛି। ପୁରୁଷ ସିଙ୍ଗଲ୍ସର ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଚାଇନିଜ ପ୍ରତିଭା ଜୁନ୍‌ଚେଙ୍ଗ ଶାଙ୍ଗ୍ ତାଙ୍କୁ ୨-୬, ୬-୩, ୭-୫, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ସୂଚନାଯୋଗ୍ୟ, ହରିୟାଣା ରାଜ୍ୟର ଝାଜାର ବାସିନ୍ଦା ୨୬ ବର୍ଷୀୟ ନାଗାଲ କ୍ୱାଲିଫାୟର୍ସରେ ବିଶ୍ୱର ୨୭ ନମ୍ବର ଖେଳାଳି ଆଲେଜାଣ୍ଡର ବବ୍‌ଲିକ୍‌ଙ୍କୁ ହରାଇ ମୁଖ୍ୟ ଡ୍ର’ରେ ପ୍ରବେଶ କରିଥିଲେ। ମେଲବୋର୍ନ ପାର୍କରେ ନାଡାଲ ତାଙ୍କ ପ୍ରଦର୍ଶନକୁ ନେଇ ୧୮୦, ୦୦୦ ଅଷ୍ଟ୍ରେଲୀୟ ଡଲାର ପକେଟସ୍ଥ କରିଛନ୍ତି। ଏହା ଦ୍ୱାରା ତାଙ୍କ ୨୦୨୪ ଟୁର୍ ବଜେଟର ଅଧିକାଂଶ ଭରଣା ହୋଇ ପାରିବ। ଅନ୍ୟପକ୍ଷରେ ଦୁଇଥର ବିଶ୍ୱ ଚାମ୍ପିୟନ ଅକାନେ ୟାମାଗୁଚି ଏବଂ ବର୍ତ୍ତମାନର ଅଲ୍ ଇଂଲଣ୍ଡ ଚାମ୍ପିୟନ ଲି ଶି’ ଫେଙ୍ଗ୍ ମଧ୍ୟ ସେମାନଙ୍କ ମ୍ୟାଚ ହାରିଯାଇଛନ୍ତି। ବିଶ୍ୱର ୪ ନମ୍ବର ଖେଳାଳି ୟାମାଗୁଚିଙ୍କୁ ଥାଇଲାଣ୍ଡର ବିଶ୍ୱର ୧୮ ନମ୍ବର ଖେଳାଳି ବୁସ୍‌ନାନ ଅଙ୍ଗବାମ୍ରଙ୍ଗଫାନ୍‌ଙ୍କଠାରୁ ୧୧-୨୧, ୧୯-୨୧ରେ ପରାଜିତ ହୋଇଛନ୍ତି। ଅଣସିଡ୍ ଜାପାନିଜ ଖେଳାଳି କୋକି ୱାତାନାବେ ତୃତୀୟ ସିଡ୍ ଚାଇନାର ଲି ଶି ଫେଙ୍ଗଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ ୭୧ ମିନିଟ୍‌ରେ ଶେଷ ହୋଇଥିଲା। ପରେ ଅନ୍ୟ ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ମାଲେସିଆର ଲି ଜି ଜିଆ ୨୧-୧୫, ୨୧-୧୩ରେ ୫ମ ସିଡ୍ ଜୋନାଥନ କ୍ରିଷ୍ଟିଙ୍କୁ ପରାସ୍ତ କରିଛନ୍ତି।

## ଗାୟତ୍ରୀଙ୍କୁ ରୌପ୍ୟ ପଦକ



**ଭୁବନେଶ୍ୱର, ୧୮।୧ (ବିଜୟ ରଣା)**

ରାଜସ୍ଥାନର ଶ୍ରୀ ଗଙ୍ଗାନଗରଠାରେ ଅନୁଷ୍ଠିତ ୬୭ତମ ଜାତୀୟ ସ୍କୁଲ କ୍ରୀଡ଼ା ୧୯ ବର୍ଷରୁ କମ୍ ଜୁଡୋ ପ୍ରତିଯୋଗିତାରେ କିସ୍ ଛାତ୍ରୀ ଗାୟତ୍ରୀ ସବର ରୌପ୍ୟ ପଦକ ହାସଲ କରିଛନ୍ତି। ଗାୟତ୍ରୀ କାଉନ୍‌ସିଲ ଅଫ୍ ହାୟର ସେକେଣ୍ଡାରୀ ଏଜୁକେଶନ (ସିଏଚ୍‌ଏସ୍‌ଇ), ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ। ସେ ୩୫କେଜି ଶ୍ରେଣୀ ଜୁଡୋରେ ରୌପ୍ୟ ଜିତିଛନ୍ତି। ସିଏଚ୍‌ଏସ୍‌ଇ ଟିମ୍ ସହ କୋଚ୍ ଭାବେ କନ୍ଦନ ମୁର୍ମୁ ଓ ଅଶାରହିଲ୍ କିସ୍‌ପଟା ମ୍ୟାନେଜର ଭାବେ ଯାଇଥିଲେ। ରାଜ୍ୟ ପାଇଁ ରୌପ୍ୟ ଜିତିଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ସମେତ ଓଡ଼ିଶା ରାଜ୍ୟ ଜୁଡୋ ଆସୋସିଏଶନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ସିଏଚ୍‌ଏସ୍‌ଇର ଚେୟାରମ୍ୟାନ ଓ ସମ୍ପାଦକ ପ୍ରମୁଖ ଗାୟତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଭାରତ ତୀର୍ଥସାଥୀ ପ୍ୟାକେଜ୍ ଟୁର୍
ପରିଚାଳକ : ରାମଚନ୍ଦ୍ର ପଣ୍ଡା, ଯାଜପୁର, ମୋ-୯୪୩୭୭୫୩୫୮୮/୯୦୯୦୭୧୮୪୩୭
୧ମ ଯାତ୍ରା (ଆଣ୍ଡାମାନ୍ ନିକୋବର ଦ୍ୱୀପପୁଞ୍ଜ) ବିମାନଯାତ୍ରା : ତା.୧୫.୦୪.୨୪ ଭୁବନେଶ୍ୱରରୁ ଯାତ୍ରାକରି କଲିକତା ହୋଇ ଆଣ୍ଡାମାନ୍ ପହଞ୍ଚିବେ, ୪ ରାତି ୫ ଦିନ ରହଣୀ + ଚାହା ଜଳଖିଆ ଓ ଦୁଇବେଳା ଆମିଷ ନିରାମିଷ ଭୋଜନ ସହ ଜଣ ପ୍ରତି ୪୦୫୦୦, ୨୧.୦୪.୨୪ରିଖରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ। ୨ୟ ଯାତ୍ରା (ନେପାଳ, କାଠମାଣ୍ଡୁ) : ତା.୦୭.୦୫.୨୪ରିଖ ନେପାଳ, କାଠମାଣ୍ଡୁ, ଜନକପୁର, ପୋଖରା, ଦାର୍ଜିଲିଂ, ଗ୍ୟାଙ୍ଗଟକ୍, (ସିକିମ୍ ରାଜଧାନୀ), ଗୌହାଟି, କାମାକ୍ଷା, ସିଲଂ-ଚେରାପୁଞ୍ଜି ହୋଇ ତା.୨୦.୦୫.୨୪ ପୁରୀରେ ପହଞ୍ଚିବେ। ୩ୟ ଯାତ୍ରା (ଉତ୍ତର ଭାରତ) : ତା.୨୫.୦୫.୨୪ ଭୁବନେଶ୍ୱରରୁ ଯାତ୍ରା କରି ଏଲ୍ଲାବାଦ୍ (ତ୍ରିବେଣୀ), ଆଗ୍ରା, ମଥୁରା, ଗୋପ, ବୃନ୍ଦାବନ, ଦିଲ୍ଲୀ, ଜାମ୍ମୁ-ବୈଷ୍ଣୋଦେବୀ, ଅମୃତସର, ସ୍ୱର୍ଣ୍ଣମନ୍ଦିର, ୱାଘାବର୍ଡ଼ର (ପାକିସ୍ତାନ ସୀମା), ହରିଦ୍ୱାର ଋଷିକେଶ, ଲକ୍ଷ୍ମଣଝୁଲା, ଡେରାଡୁନ୍, ମସୌରୀ, ବଦ୍ରିନାଥ ଧାମ୍, କେଦାରନାଥ (ଜ୍ୟୋତିର୍ଲିଙ୍ଗ) ଅଯୋଧ୍ୟା, କାଶି, ଗୟା ହୋଇ ୧୧.୦୬.୨୪ରେ ପୁରୀ ପହଞ୍ଚିବେ। ୪ର୍ଥ ଯାତ୍ରା (ଉତ୍ତରାଖଣ୍ଡ ଚାରିଧାମ) : ତା.୨୬.୦୫.୨୪ ଭୁବନେଶ୍ୱରରୁ ଯାତ୍ରା କରି ତା୨୮ରେ ହରିଦ୍ୱାର ପହଞ୍ଚିବେ। ତା୨୯ ହରିଦ୍ୱାରରୁ ଯାତ୍ରା ଆରମ୍ଭ କରି ବଦ୍ରିନାଥଧାମ, କେଦାରନାଥ, ଗଙ୍ଗୋତ୍ରୀ, ଜମୁନେତ୍ରୀ, ଡେରାଡୁନ୍ ମସୌରୀ, ଅଯୋଧ୍ୟା, କାଶୀ, ଗୟା, ହୋଇ ତା.୧୧.୦୬.୨୪ରେ ପୁରୀ ପହଞ୍ଚିବେ। ଟିକେଟ୍‌ର ମୂଲ୍ୟ ପ୍ରଥମଯାତ୍ରା ଟ.୪୦,୫୦୦/-, ୨ୟ ଯାତ୍ରା-ତ୍ରିତଳ ଶୟନଯାନ ରେଳଗାଡ଼ି + ଦୁଇବେଳା ଖାଦ୍ୟ + ଧର୍ମଶାଳା / ଲଜିଂ ରହଣୀ + ଦର୍ଶନୀୟ ସ୍ଥାନ ଯାନବାହାନ ଖର୍ଚ୍ଚ ସହ ଜଣ ପ୍ରତି ୨୫,୫୦୦/-, ୩ୟ ଯାତ୍ରା-୧୮,୫୦୦/-, ୪ର୍ଥ ଯାତ୍ରା-୧୬,୫୦୦/-।
ଯୋଗାଯୋଗ : ଭୁବନେଶ୍ୱର-୯୭୭୮୮୯୬୫୪୦, ପୁରୀ-୯୨୩୮୯୯୦୧୬୬, କଟକ-୯୯୩୭୫୮୪୪୨୪, ରାଉରକେଲା-୯୪୩୭୬୮୪୫୪୪, ନିମାପଡା-୭୯୭୮୭୯୪୬୨୯, ଖୋର୍ଦ୍ଧା-୯୯୩୭୨୭୫୨୫୮, ଚଉଦ୍ୱାର-୬୩୭୦୨୫୨୮୧୧, ଢେଙ୍କାନାଳ-୯୩୩୭୧୬୩୫୫୧, ବାଲେଶ୍ୱର-୯୮୬୧୦୭୫୩୨୮, ସମ୍ବଲପୁର-୯୭୭୭୪୭୨୪୪୧
ବି.ଦ୍ର : ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଉପରଲିଖିତ ପରିଚାଳକଙ୍କୁ ଫୋନ୍ କରନ୍ତୁ।
ବ୍ୟବସ୍ଥା : ରୁଚିକର ଖାଦ୍ୟ, ଭଲ ଗାଇଡ୍, ଉତ୍ତମ ବ୍ୟବହାର

# ସଡନ୍ ଡେଥ୍‌ରେ ହାରିଲା ଭାରତ

## ଜର୍ମାନୀକୁ ଅଲିମ୍ପିକ୍ସ ଯୋଗ୍ୟତା

**ରାଞ୍ଚି,୧୮।୧:** ରାଞ୍ଚିରେ ଅନୁଷ୍ଠିତ ମହିଳା ହକି ଅଲିମ୍ପିକ୍ସ କ୍ୱାଲିଫାୟର୍ସ ସେମି ଫାଇନାଲରେ ଜର୍ମାନୀ ନିକଟରୁ ସଡନ ଡେଥ୍‌ରେ ପରାଜିତ ହୋଇଛି ଭାରତ। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୨-୨ରେ ରହିବା ପରେ ପେନାଲ୍ଟି ଶୁଟ୍‌ଆଉଟ୍‌କୁ ଖେଳ ଯାଇଥିଲା। ପେନାଲ୍ଟି ଶୁଟ ଆଉଟରେ ମଧ୍ୟ ମ୍ୟାଚ୍ ୩-୩ରେ ରହିଥିଲା। ପରେ ସଡନ୍ ଡେଥ୍‌ରେ ଭାରତ ୧-୦ରେ ପରାଜିତ ହୋଇଥିଲା। ଏହି ବିଜୟ ସହ ଜର୍ମାନୀ ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ବେଳେ ଭାରତ ନିକଟରେ ଆଉ ଏକ ସୁଯୋଗ ରହିଛି। ତୃତୀୟ ସ୍ଥାନ ପ୍ଲେ ଅଫ୍ ମ୍ୟାଚ୍ ଜିତିଲେ ଭାରତ ଯୋଗ୍ୟତା ଅର୍ଜନ କରିବ।

ଭାରତ ପକ୍ଷରୁ ଦୁଇଟି ଯାକ ଗୋଲ ପେନାଲ୍ଟି କର୍ନରରୁ ସ୍କୋର ହୋଇଥିଲା। ପ୍ରଥମ କ୍ୱାର୍ଟରରେ ଦୀପିକା ୧୫ତମ ମିନିଟରେ ପ୍ରଥମ ଗୋଲ ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରର ୨୭ ତମ ମିନିଟରେ ଜର୍ମାନୀ ପକ୍ଷରୁ ଚାର୍ଲୋଟ ଷ୍ଟାପେନହର୍ଷ୍ଟ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ତୃତୀୟ କ୍ୱାର୍ଟର ଗୋଲ ଶୂନ୍ୟ ରହିବା ପରେ ଚତୁର୍ଥ କ୍ୱାର୍ଟରରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚ୍ ଶେଷ ହେବାକୁ ୩ ମିନିଟ ରହିଥିବା ବେଳେ ଚାର୍ଲୋଟ ଷ୍ଟାପେନହର୍ଷ୍ଟ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିଲେ। ଏହାର ୧ ମିନିଟ ମଧ୍ୟରେ ଭାରତ ପକ୍ଷରୁ ଇଶିକା ଚୌଧାରୀ ପେନାଲ୍ଟି କର୍ନରରୁ ଗୋଲ ସ୍କୋର କରି ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ପେନାଲ୍ଟି ଶୁଟଆଉଟରେ ଭାରତ ପକ୍ଷରୁ ସଙ୍ଗୀତା, ସୋନିକା ଓ ଲାଲରେମସିଆମି ସ୍କୋର କରିଥିବା ବେଳେ ନବନୀତ କୌର ଓ ନେହା ମିସ୍ କରିଥିଲେ। ତେବେ ସଡନଡେଥ୍ ଟାଇବ୍ରେକରେ ଉଭୟ ସଙ୍ଗୀତା ଓ ସୋନିକା ମିସ୍ କରିଥିବା ବେଳେ ଜର୍ମାନୀ ପକ୍ଷରୁ ନୋଲ୍‌ଟେ ବିଜୟ ସୂଚକ ଗୋଲଟି ଦେଇଥିଲେ।


ଭାରତ ଓ ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଓଏଫ୍‌ସିର କ୍ରମାଗତ ପଞ୍ଚମ ବିଜୟ

**ଭୁବନେଶ୍ୱର,୧୮।୧(ସରୋଜ ଜେନା)**

ଇଣ୍ଡିଆନ୍ ଓମେନ୍ସ ଲିଗ୍‌ରେ ନିଜର ଚମତ୍କାର ଫର୍ମ ବଜାୟ ରଖିବା ସହ କ୍ରମାଗତ ପଞ୍ଚମ ବିଜୟ ହାସଲ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଗୁରୁବାର ଦଳ ଇଷ୍ଟବେଙ୍ଗଲକୁ ୪-୧ରେ ହରାଇବା ସହ ପଏଣ୍ଟ ଟେବୁଲରେ ପ୍ରଥମ ସ୍ଥାନ ହାସଲ କରିଛି। ଓଏଫ୍‌ସି ପକ୍ଷରୁ ଜୁଲି କିଶାନ(୬), ପ୍ୟାରୀ ଖାଖା(୨୨), ୱିନ୍(୨୬) ଓ ମାଳତୀ ମୁଣ୍ଡା(୯୦+୪) ମିନିଟରେ ଗୋଟିଏ ଲେଖାଏ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ଇଷ୍ଟ ବେଙ୍ଗଲ ଗ୍ରାଉଣ୍ଡରେ ଖେଳା ଯାଇଥିବା ମ୍ୟାଚରେ ପ୍ରଥମ ମିନିଟରୁ ଘରୋଇ ଦଳ ଆକ୍ରମଣ କରିଥିଲା। ପଞ୍ଚମ ମିନିଟରେ ଗୋଲ ସ୍କୋରିଂ ସୁଯୋଗ ସୃଷ୍ଟି ହୋଇଥିଲେ ମଧ୍ୟ ମିଚେଲ ଏହାକୁ ବିଫଳ କରିଥିଲେ। ଷଷ୍ଠ ମିନିଟରେ ଅସ୍ତାମ ଓରାଓଁଙ୍କ କର୍ନର କିକ୍‌କୁ ଗୋଲରେ ପରିଣତ କରି ଜୁଲି କିଶାନ୍ ଓଏଫ୍‌ସିକୁ ୧-୦ରେ ଆଗୁଆ କରିଥିଲେ। ୨୨ ତମ ମିନିଟରେ ୱିନଙ୍କ ପାସ୍‌ରୁ ପ୍ୟାରୀ ଖାଖା ସ୍କୋର କରି ଅଗ୍ରଣୀକୁ ୨-୦ରେ ପହଞ୍ଚାଇଥିଲେ। ଏହାର ୪ ମିନିଟ ପରେ ଲିଣ୍ଡା କୋମଙ୍କ ପାସ୍‌ରୁ ୱିନ୍ ଗୋଲ ଦେଇ ଅଗ୍ରଣୀକୁ ୩-୦ରେ ପହଞ୍ଚାଇ ଥିଲେ। ପ୍ରଥମାର୍ଦ୍ଧରେ ଓଏଫ୍‌ସି ୩-୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧର ୬୫ ତମ ମିନିଟରେ ଶିବାନୀ ଇଷ୍ଟ ବେଙ୍ଗଲ ପକ୍ଷରୁ ଗୋଟିଏ ଗୋଲ୍ ପରିଶୋଧ କରିଥିଲେ। ମ୍ୟାଚ୍‌ର ଶେଷ ମୁହୂର୍ତ୍ତରେ ମାଳତୀ ମୁଣ୍ଡା ୯୦+୪ ମିନିଟରେ ଏକ ଗୋଲ ଦେଇ ଦଳକୁ ୪-୧ରେ ବିଜୟୀ କରିଥିଲେ।

# ଟାଟା ଷ୍ଟିଲ୍ ହାଫ୍ ମାରାଥନ୍‌କୁ ଅନ୍ତର୍ଜାତୀୟ ମାନ୍ୟତା

**ଭୁବନେଶ୍ୱର,୧୮।୧(ସରୋଜ ଜେନା):** ଢେଙ୍କାନାଳ ଜିଲ୍ଲା ପ୍ରଶାସନ ସହଯୋଗରେ ଆୟୋଜିତ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ହାଫ୍ ମାରାଥନ୍‌କୁ ଆସୋସିଏଶନ ଅଫ ଇଣ୍ଟରନ୍ୟାଶନାଲ୍ ମାରାଥନ୍ସ ଆଣ୍ଡ ଡିଷ୍ଟାନ୍ସ ରେସେସ୍ (ଏଆଇଏମ୍‌ଏସ୍)ର ମାନ୍ୟତା ମିଳିଛି। ହାଇଦ୍ରାବାଦର ଏଆଇଏମ୍‌ଏସ୍‌ର ଆମ୍ରି ସେନେଦ୍ୱିଆନ ଟାଟା ଷ୍ଟିଲ୍‌ର କ୍ରୀଡ଼ା ଟିମ୍ ଓ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ସହଯୋଗରେ ହାଫ୍ ମାରାଥନ୍ ରୁଟ୍‌କୁ ଅନୁଶୀଳନ କରି 1କୃତି ପାଇଁ ସୁପାରିସ କରିଥିଲେ। ମୋନାକୋ ସ୍ଥିତ ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନ ଏଆଇଏମ୍‌ଏସ୍ ସାରା ବିଶ୍ୱରେ ମାରାଥନ୍ ଓ ଦୂରଦୌଡ଼ର ପ୍ରତିନିଧିତ୍ୱ କରୁଛି। ଏହି ଅନୁଷ୍ଠାନ ଦ୍ୱାରା ଉକ୍ତ ହାଫ୍ ମାରାଥନ୍ ପଥ ଯାଞ୍ଚ କରି ମାନ୍ୟତା ପ୍ରଦାନ କରାଯାଇଛି। ଏହି ପ୍ରତିଯୋଗିତା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ। ଏଠାରେ ଅଂଶଗ୍ରହଣ କରୁଥିବା ପ୍ରତିଯୋଗୀମାନେ ଭବିଷ୍ୟତରେ ଯେକୌଣସି ଅନ୍ତର୍ଜାତୀୟ ମାରାଥନରେ ଅଂଶଗ୍ରହଣ କରିପାରିବେ।

ଟାଟା ଷ୍ଟିଲ୍ ମେରାମଣ୍ଡଳୀ ହାଫ୍ ମାରାଥନ୍ ଫେବ୍ରୁଆରି ୪ରେ ଅନୁଷ୍ଠିତ ହେବାକୁ ଯାଉଛି। ଢେଙ୍କାନାଳ ସହର ନିକଟସ୍ଥ କପିଳାସ ବନ୍ୟପ୍ରାଣୀ ଅଭୟାରଣ୍ୟ ନିକଟରେ ଏହାର ଆୟୋଜନ କରାଯିବ। ଏହି ହାଫ୍ ମାରାଥନ୍‌ରେ ତିନିଟି ଦୌଡ଼ ବର୍ଗ ରହିବ।

# ରଣଜୀ ଟ୍ରଫି: ଆଜିଠୁ ଓଡ଼ିଶା ବନାମ ଜମ୍ମୁ-କଶ୍ମୀର

**ଭୁବନେଶ୍ୱର, ୧୮।୧ (ତପନ ସ୍ୱାଇଁ)**

ଚଳିତ ରଣଜୀ ଟ୍ରଫି ସିଜନରେ ଓଡ଼ିଶା ଏହାର ତୃତୀୟ ମ୍ୟାଚ ଶୁକ୍ରବାରଠାରୁ ଜମ୍ମୁ-କଶ୍ମୀର ବିପକ୍ଷରେ ଖେଳିବ। କଟକସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଏହି ମ୍ୟାଚ ଖେଳାଯିବ। ଏହାପରେ ଘରୋଇ ଗ୍ରାଉଣ୍ଡରେ ଓଡ଼ିଶା ଆଉ ୩ଟି ମ୍ୟାଚ ଖେଳିବ। ପରବର୍ତ୍ତୀ ମ୍ୟାଚ ସେହି ଡ୍ରିମ୍ସରେ ୨୬ରୁ ୨୯ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶ ବିପକ୍ଷରେ ଅନୁଷ୍ଠିତ ହେବ। ଏହାପରେ କଟକର ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ଓ ପଣ୍ଡିଚେରୀ ମଧ୍ୟରେ ମ୍ୟାଚ ଫେବୃୟାରୀ ୨ରୁ ୫ ପର୍ଯ୍ୟନ୍ତ ଖେଳାଯିବ। ଘରୋଇ ପରିବେଶରେ ଓଡ଼ିଶା ଏହାର ଚତୁର୍ଥ ମ୍ୟାଚ ଫେବୃୟାରୀ ୯ରୁ ୧୨ ପର୍ଯ୍ୟନ୍ତ ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଶାନ୍ତନୁ ମିଶ୍ରଙ୍କ ନେତୃତ୍ୱରେ ଓଡ଼ିଶା ଏପର୍ଯ୍ୟନ୍ତ ବାହାର ପରିବେଶରେ ୨ଟି ମ୍ୟାଚ ଖେଳି ସାରିଛି। ଭଦୋଦରାର ମୋତିବାଗ ଷ୍ଟାଡିୟମରେ ବରୋଦାଠାରୁ ୧୪୭ ରନରେ ପରାସ୍ତ ହୋଇ ଅଭିଯାନ କରିଥିବା ଓଡ଼ିଶା ଇନ୍ଦୋରର ଇମିରାଲ୍ଡ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚକୁ ମଧ୍ୟ ପ୍ରଦେଶ ବିପକ୍ଷରେ ଡ୍ର ରଖିଛି। ତେବେ ଏହି ମ୍ୟାଚରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଦଳ ୩ ପଏଣ୍ଟ ପାଇଛି। ଏହି ମ୍ୟାଚରେ ଶୁଭ୍ରାଂଶୁ ସେନାପତି ୨୭୭ ରନର ଇନିଂସ ଖେଳି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି।

ଜମ୍ମୁ କଶ୍ମୀର ଦଳ ଇତିମଧ୍ୟରେ କଟକରେ ପହଞ୍ଚି ଡ୍ରିମ୍ସ ଗ୍ରାଉଣ୍ଡରେ ଅଭ୍ୟାସ କରିଛି। ଏହି ଦଳ ଜମ୍ମୁଠାରେ ସିଜନର ପ୍ରଥମ ମ୍ୟାଚକୁ ହିମାଚଳ ପ୍ରଦେଶ ବିପକ୍ଷରେ ଡ୍ର ରଖି ଅଭିଯାନ ଆରମ୍ଭ କରିଛି। ବର୍ଷା ଓ ପଡ଼ିଆ ଓଦା ଜନିତ ପରିବେଶ ଯୋଗୁ ୨ଟି ଲେଖାଏ ଇନିଂସ ଖେଳ ସମ୍ଭବ ହୋଇ ନ ଥିଲା। ଜମ୍ମୁଠାରେ ଅନୁଷ୍ଠିତ ଦିଲ୍ଲୀ ବିପକ୍ଷ ଦ୍ୱିତୀୟ ମ୍ୟାଚ ମଧ୍ୟ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଥିଲା। ଦିଲ୍ଲୀ ଗୋଟିଏ ଇନିଂସ ଖେଳି ୬ ଉଇକେଟରେ ୧୩୪ ରନ କରିବା ସମ୍ଭବ ହୋଇଥିଲା। ଏହି ମ୍ୟାଚ ମଧ୍ୟ ଡ୍ର ରହିଥିଲା। ଫଳରେ ୨ ମ୍ୟାଚରୁ ଜମ୍ମୁ-କଶ୍ମୀର ୨ ପଏଣ୍ଟ ପାଇବାକୁ ସକ୍ଷମ ହୋଇଛି।








ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜିରେ ପୂର୍ବ ଭାରତର ବିରଳ ଏଣ୍ଡୋସ୍କୋପିକ୍ ସର୍ଜରୀ

ଜଣେ ୭୪ ବର୍ଷ ବ୍ୟକ୍ତିଙ୍କର ମଳଦ୍ୱାରରେ ଏକ (Tumor) ଟ୍ୟୁମର ହୋଇଥିଲା। Pathologist (ପାଥୋଲୋଜିଷ୍ଟ) ଏହାକୁ Villous Adenoma (ଭିଲସ୍ ଆଡ଼ିନୋମା) ବୋଲି କହିଥିଲେ। ଏହି Tumorର Size 10cm ଥିଲା (ଦଶ ସେଣ୍ଟିମିଟର ଥିଲା), ଯାହାକୁ (ସର୍ଜରୀର) ଆବଶ୍ୟକତା ଥିଲା। କିନ୍ତୁ ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜିରେ ଯୋଗଦାନ କରିଥିବା ଡାକ୍ତର ଶୋନମୁନ ମହାପାତ୍ର ଏହାକୁ ନୂତନ ଏଣ୍ଡୋସ୍କୋପି ପଦ୍ଧତି ମାଧ୍ୟମରେ ବାହାର କରିବା ସମ୍ଭବ ବୋଲି କହିଥିଲେ। ଡାକ୍ତର ଶୋନମୁନ ମହାପାତ୍ର ତାଙ୍କର ଅଦମ୍ୟ ଚେଷ୍ଟା ଓ ପାରଦର୍ଶିତା ଯୋଗୁ ସମ୍ପୂର୍ଣ୍ଣ ଭାବରେ ଏହି ମଳଦ୍ୱାରର Tumor ବାହାର କରିଥିଲେ। ଏଥିପାଇଁ ଦୀର୍ଘ 8 Hrs. (ଆଠ ଘଣ୍ଟା) ଲାଗିଥିଲା। ଏଥିରେ ନୂତନ କରି Speed Boat (Knife) ସ୍ପିଡବୋଟ୍ ନାଇଫ୍ ବ୍ୟବହାର କରାଯାଇଥିଲା। ଏଥିରେ ପେଟ ଓ ଲିଭର ରୋଗ ବିଶେଷଜ୍ଞ ଡାକ୍ତର ଆଶୁତୋଷ ମହାପାତ୍ର, ନିଶ୍ଚେତକ ବିଶେଷଜ୍ଞ ଡାକ୍ତର ସାନ୍ତନୁ ଦାଶ ଏବଂ ଡାକ୍ତର ସୁମିତ ଅଗ୍ରୱାଲ, ଅଲମ୍ପସ୍ କମ୍ପାନୀର ଶ୍ରୀ ସିଦ୍ଧାର୍ଥ ପାଢ଼ୀ, Crew Medicalର Narayanan Elumalai, ଅରବି କମ୍ପାନୀର ଶ୍ରୀ ବିଷ୍ଣୁ ପ୍ରସାଦ ଦେ ସହଯୋଗ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଡାକ୍ତର ଶୋନମୁନ ମହାପାତ୍ର ପୃଥିବୀ ପ୍ରସିଦ୍ଧ ଆମେରିକାର ମାୟୋ କ୍ଲିନିକ୍‌ରୁ ଆଡ୍‌ଭାନ୍ସଡ୍ ଏଣ୍ଡୋସ୍କୋପିରେ ପୂର୍ଣ୍ଣ ପ୍ରଶିକ୍ଷଣ ନେଇ ଭୁବନେଶ୍ୱରରେ ଅବସ୍ଥିତ ଡାକ୍ତର ଆଶୁତୋଷ ମହାପାତ୍ରଙ୍କ ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜିରେ କାର୍ଯ୍ୟରତ। ଡାକ୍ତର ଆଶୁତୋଷ ମହାପାତ୍ର କହନ୍ତି, ଏହା ଏକ ବିରଳ Endoscopic Surgery। ଡାକ୍ତର ଆଶୁତୋଷ ମହାପାତ୍ର ଜାପାନସ୍ଥିତ ଓସାକା ଇଣ୍ଟରନ୍ୟାସନାଲ କ୍ୟାନ୍‌ସର ସେଣ୍ଟର ଏବଂ ଟୋକିଓସ୍ଥିତ ନ୍ୟାସନାଲ ସେଣ୍ଟରରୁ ଆଡ୍‌ଭାନ୍ସଡ୍ ଏଣ୍ଡୋସ୍କୋପି ଇମେଜିଂରେ ଟ୍ରେନିଂ ନେଇଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ